# ଧରିତ୍ରୀ
DHARITRI

ଭୁବନେଶ୍ୱର,ବୁଧବାର, ଜୁନ୍ ୧୯/୨୦୧୯ (୨୦ପୃଷ୍ଠା) | Bhubaneswar, Wednesday, June 19/2019 | ★★★★★★

୪୫ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଗୁରଜିତ୍‌ଙ୍କ ୪ ଗୋଲ୍

ଗୁରଜିତ୍ କୌରଙ୍କ ୪ ଗୋଲ ସହାୟତାରେ ଫିଜିକୁ ୧୧-୦ରେ ପରାସ୍ତ କରି ଭାରତ ଏଫ୍ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ହକି ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛି ।

୧୯ | ୦୨

## 'ଜୱାନି ଜାନେମନ୍'ରେ ସୈଫ୍

ସୈଫ୍ ଅଲି ଖାନ୍ ଅଭିନୀତ କମେଡି ଫିଲ୍ମ 'ଜୱାନି ଜାନେମନ୍' ଲଣ୍ଡନରେ ଶୁଟିଂ ଚାଲିଛି।



### ସଂକ୍ଷେପରେ

■ ବଢ଼ିଲା ସ୍କୁଲ ଛୁଟି ଅବଧି

## ୨୬ରେ ଖୋଲିବ

ଭୁବନେଶ୍ୱର,୧୮।୬(ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସ୍କୁଲ ଛୁଟି ଅବଧି ବଢ଼ିଛି। ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ ଛୁଟି ରହିବ। ୨୬ତାରିଖରେ ସ୍କୁଲଗୁଡ଼ିକ ଖୋଲିବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ବୁଧବାର ଅର୍ଥାତ୍ ୧୯ତାରିଖରେ ସବୁ ସ୍କୁଲ ଖୋଲିବାର ଥିଲା। କିନ୍ତୁ ବର୍ତ୍ତମାନ ଯେଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିଛି, ପିଲାମାନେ ସ୍କୁଲ ଯିବା ନିରାପଦ ନୁହେଁ। ଯଦିଓ କେତେକ ଜିଲାରେ ତାପମାତ୍ରା କମ୍ ରହୁଛି, ହେଲେ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଉଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅନ୍ୟପଟେ ସୋମବାର ଓ ମଙ୍ଗଳବାର ରାଜ୍ୟର ବିଭିନ୍ନ ଘରୋଇ ସ୍କୁଲ ଖୋଲିଯାଇଛି। ସୂଚନାଯୋଗ୍ୟ, ଗତ ମେ ୬ରୁ ସ୍କୁଲଗୁଡ଼ିକରେ ଗ୍ରୀଷ୍ମ ଛୁଟି ହେବାର ଥିଲା। କିନ୍ତୁ ରାଜ୍ୟର ବିଭିନ୍ନ ସହରର ତାପମାତ୍ରା ୪୦ଡିଗ୍ରୀ ଟପିଯିବାରୁ ଏପ୍ରିଲ ୧୮ରୁ ସ୍କୁଲ ଛୁଟି କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି) ବିଷ୍ଣୁପଦ ସେଠୀ ଘୋଷଣା କରିଥିଲେ।

## ଅଟୋରିକ୍ସାକୁ ଧକ୍କା ଦେଲା ବସ୍, ୪ ମୃତ



ଜୟପୁର/ନବରଙ୍ଗପୁର,୧୮।୬(ନି.ପ୍ର): କୋରାପୁଟ ଜିଲା ବୋରିଗୁମ୍ମା-ନବରଙ୍ଗପୁର ୨୬ ନମ୍ବର ଜାତୀୟ ରାଜପଥର ମଝିଆ ଛକ ନିକଟରେ ମଙ୍ଗଳବାର ଏକ ବସ୍ ଅଟୋରିକ୍ସାକୁ ଧକ୍କା ଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ୨ ଜଣ ଗୁରୁତର ନବରଙ୍ଗପୁର ଗାନ୍ଧୀଛକର ଲକ୍ଷ୍ମୀ ମାଝି ଓ ଲବ ମାଝିଙ୍କୁ ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଲକ୍ଷ୍ମୀଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ବେଳେ ଲବଙ୍କୁ ଜୟପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉମରକୋଟରୁ କାମଧେନୁ (ଓଡି ୩୨ ବି୨୫୯୯) ନାମକ ବସ୍ ବ୍ରହ୍ମପୁର ଯାଉଥିଲା। ଆଉଲି ଛକ ନିକଟରେ ତାହା ଏକ ଅଟୋରିକ୍ସା (ଓଡି୨୪ଡି୪୫୪୬)କୁ ଓଭରଟେକ କରିବା ସମୟରେ ଦୁର୍ଘଟଣା ଘଟିଥିଲା। ଫଳରେ ଅଟୋରିକ୍ସା ଚାଳକ ନବରଙ୍ଗପୁର ଚାଉଁରିଆଗୁଡ଼ା ଅଞ୍ଚଳର ବଳରାମ ହରିଜନଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୩ ଜଣଙ୍କର ପରିଚୟ ମିଳିନାହିଁ ।

### ଆଜିର ମନ୍ତବ୍ୟ

"ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଲୋକଙ୍କୁ ପ୍ରତ୍ୟର୍ପଣ ଅଭିଯାନ ଆସନ୍ତା ସପ୍ତାହରେ ଆରମ୍ଭ ହେବା

–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE | 18.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 103 | 162 | 172 |
| BLS | 103 | 162 | 172 |
| ANG | 104 | 163 | 173 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers


# ଓମ୍ ବିର୍ଲା ହେବେ ଲୋକ ସଭା ବାଚସ୍ପତି

ନୂଆଦିଲ୍ଲୀ,୧୮।୬ (ପି.ଟି./ଆଇଏଏନ୍ଏସ୍)

ରାଜସ୍ଥାନର କୋଟା ଏମ୍‌ପି ଓମ୍ ବିର୍ଲା ସପ୍ତଦଶ ଲୋକ ସଭାର ବାଚସ୍ପତି ହେବେ। ବୁଧବାର ବାଚସ୍ପତି ନିର୍ବାଚନ ହେବାକୁ ଥିବାବେଳେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ନ ଥିବାରୁ ବିର୍ଲା ବାଚସ୍ପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ମଙ୍ଗଳବାର ବାଚସ୍ପତି ପଦ ପାଇଁ ୫୬ ବର୍ଷୀୟ ବିର୍ଲାଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ଏନ୍‌ଡିଏର ଅକାଳୀ ଦଳ, ଶିବସେନା, ଜେଡିୟୁ, ଏଲ୍‌ଜେପି, ଏଆଇଏଡିଏମ୍‌କେ, ଅପ୍‌ନା ଦଳ, ଏନ୍‌ପିପି ଏବଂ ଏମ୍ଏନ୍ଏଫ୍ ସମେତ ୧୦ ଦଳ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଛନ୍ତି। ଏନ୍‌ଡିଏ ବାହାରେ ଥିବା ଓଡ଼ିଶାର ଶାସକ ଦଳ ବିଜେଡି ଏବଂ ଆନ୍ଧ୍ରପ୍ରଦେଶର ୱାଇଏସ୍ଆର୍‌ସିପି ମଧ୍ୟ ବିର୍ଲାଙ୍କୁ ବାଚସ୍ପତି ପଦ ପାଇଁ ସମର୍ଥନ ଘୋଷଣା କରିଛନ୍ତି। ଏନ୍‌ଡିଏର ଲୋକ ସଭା ବାଚସ୍ପତି ପ୍ରାର୍ଥୀଙ୍କୁ



ଓମ୍ ବିର୍ଲା

■ ସମର୍ଥନ ଘୋଷଣା କଲା ବିଜେଡି

■ ଆଜି ନିର୍ବାଚନ, କଂଗ୍ରେସ ଦେବନି ପ୍ରାର୍ଥୀ

କଂଗ୍ରେସ ବିରୋଧ କରିବ ନାହିଁ ବୋଲି ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ପୂର୍ବରୁ ଘୋଷଣା କରିସାରିଛନ୍ତି। ନିମ୍ନ ସଦନରେ ବିଜେଡିର ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି, ଲୋକ ସଭାରେ ଭାଜପାର ସ୍ପଷ୍ଟ ବହୁମତ ରହିଛି। ତେଣୁ ଭାଜପା ପକ୍ଷରୁ ବାଚସ୍ପତି ପଦ ପାଇଁ ବିର୍ଲାଙ୍କୁ ବଛାଯିବା ପରେ ବିଜେଡିର ସମର୍ଥନ ଲୋଡ଼ାଯାଇଥିଲା। ବିଜେଡି କେନ୍ଦ୍ରକୁ ଗଠନମୂଳକ ସହଯୋଗ ଯୋଗାଇଆସୁଥିବାରୁ ଏହି ପ୍ରସ୍ତାବକୁ ସମର୍ଥନ କରାଯିବ ବୋଲି ପିନାକୀ ସ୍ପଷ୍ଟ କରିଛନ୍ତି।

# କଳାଧନ ମାମଲା ପାଇଁ ସ୍ୱତନ୍ତ୍ର କୋର୍ଟ

କଟକ ଅଫିସ, ୧୮।୬

କଳାଧନ ଗଚ୍ଛିତ ପ୍ରମାଣ ମିଳିବା ପରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ମାମଲା ପରିଚାଳନା ପାଇଁ ସ୍ୱତନ୍ତ୍ର କୋର୍ଟର ଆବଶ୍ୟକତା ରହିଛି। କାରଣ ବର୍ତ୍ତମାନ ସ୍ଥିତିରେ ଦେଶରେ ଅନେକ ପ୍ରତିବନ୍ଧକ ରହିଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଯେତେ ପ୍ରଭାବଶାଳୀ କାର୍ଯ୍ୟ କଲେ ମଧ୍ୟ ଆଇନଗତ ପ୍ରକ୍ରିୟାରେ ବିଳମ୍ବ ପରିଲକ୍ଷିତ ହେଉଛି। କଳାଧନ ସମ୍ପର୍କିତ ୧୫ରୁ ୧୬ ହଜାର ମାମଲା ୧୦ ବର୍ଷ ହେବ ପଡ଼ି ରହିଛି। ତେଣୁ ଏହି ସବୁ ମାମଲାଗୁଡ଼ିକର ଦ୍ରୁତ ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟର ଆବଶ୍ୟକତା ରହିଛି। କଳାଧନ ପ୍ରସଙ୍ଗରେ ଗଠିତ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଟିମ୍ (ଏସ୍ଆଇଟି) ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ ଏହି କଥା କହିଛନ୍ତି।

ମଙ୍ଗଳବାର ଜଷ୍ଟିସ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ



ଏସ୍ଆଇଟି ବୈଠକକୁ ଆସିଥିବା ପଦାଧିକାରୀମାନେ ।

### କଟକରେ ଏସ୍ଆଇଟି ବୈଠକ

■ ଗତ ନିର୍ବାଚନରେ ଜବତ ହୋଇଛି ୩୮୦୦ କୋଟି ଟଙ୍କା

■ ଇଡି ତଦନ୍ତ ପରିସରଭୁକ୍ତ କରାଯିବା ପାଇଁ ଆଲୋଚନା

■ ଆୟ ବହିର୍ଭୂତ ସମ୍ପତ୍ତି ଉପରେ ଟିକସ ଲାଗୁ କରିବାକୁ ମସୁଧା

କଳାଧନ ସମ୍ପର୍କରେ ଏସ୍ଆଇଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଓଡ଼ିଶାରେ ମାଇକ୍ରୋ ଫାଇନାନ୍ସରେ ବିନିଯୋଗ ହୋଇଥିବା ୯୦ ଲକ୍ଷ କଳାଟଙ୍କାକୁ ଠାବ କରିବାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସଫଳତା ହାସଲ କରିଥିବା ଆଲୋଚନା ହୋଇଥିଲା। ମୁଖ୍ୟତଃ ଯାହାଙ୍କ ପାଖରୁ ଏହି ଟଙ୍କା ମିଳିଛି ତାହା କେଉଁଠୁ ଆସିଲା ଏବଂ କାହା ପାଇଁ ଯାଉଥିଲା ତାହା ଉପରେ ଆଇନଗତ ତର୍ଜମା କରାଯାଇଛି। କିଭଳି ଏହି ଟଙ୍କାକୁ ଇଡି ତଦନ୍ତ ପରିସରଭୁକ୍ତ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ☞ପୃଷ୍ଠା-୧୬

### ଆଜିର ସମ୍ପାଦକୀୟ

ଶିଶୁଙ୍କ ଶୋ'ରେ ବୟସ୍କ

### କିଛି ତଥ୍ୟ

୨୦୧୮ରେ ଦେଶ ମଧ୍ୟରେ ଫ୍ଲେକ୍ସି ୱାର୍କ ଫୋର୍ସ (ଠିକା ସୂତ୍ରରେ ନିଯୁକ୍ତି) ୧୬.୩% ବୃଦ୍ଧି ଘଟି ୩.୩ ନିୟୁତ ଛୁଇଁଛି।

– ଇଣ୍ଡିଆ ଷ୍ଟାଫିଙ୍ଗ ଫେଡେରେଶନ

■ ବିହାର ଘଟଣା ପରେ ରାଜ୍ୟ ସରକାରଙ୍କ ଚେତା ପଶିଲା

# ଲିଚୁର ମାନ ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୬(ବ୍ୟୁରୋ) ବିହାରରେ ମସ୍ତିଷ୍କ ଜ୍ୱରରେ ଶହେରୁ ଅଧିକ ଶିଶୁଙ୍କ ଜୀବନ ଗଲାଣି। ଏହା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ଲିଚୁରେ ଥିବା ଟକ୍ସିକ୍ ଏଲିମେଣ୍ଟକୁ ଅନେକ ବିଶେଷଜ୍ଞ ଦାୟୀ କରୁଛନ୍ତି। ଏନ୍‌ସେଫାଲାଇଟିସ୍ ଲିଚୁରେ ବ୍ୟାପିଥିବା କୁହାଯାଉଛି। ତେଣୁ ଏହି ଘଟଣା କେବଳ ବିହାର ନୁହେଁ, ସାରା ଦେଶରେ ଚିନ୍ତା ବଢ଼ାଇଦେଇଛି। ଏହି ଘଟଣା ପରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଚେତା ପଶିଛି। ରାଜ୍ୟରେ ବିକ୍ରି ହେଉଥିବା ଲିଚୁର ମାନ ପରୀକ୍ଷା



କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ନମୁନା ଆଣି ତୁରନ୍ତ ତାହାର ମାନ ପରୀକ୍ଷା କରିବାକୁ ମନ୍ତ୍ରୀ ଖାଦ୍ୟ ନିରାପତ୍ତା କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ରାଉରକେଲା ସହରରେ ଲିଚୁ ବିକ୍ରି ଉପରେ ଜିଲା ପ୍ରଶାସନ କଟକଣା ଲଗାଇଛି। ସୁନ୍ଦରଗଡ଼ ଜିଲା ପ୍ରଶାସନ ଏ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେ ପର୍ଯ୍ୟନ୍ତ ଏହି ଘଟଣାର ସତ୍ୟାସତ୍ୟ ଆସି ନ ଥିବ, ସେ ପର୍ଯ୍ୟନ୍ତ ଆମଦାନୀ ହୋଇପାରିବ ନାହିଁ ବୋଲି କଟକଣା ଜାରି କରାଯାଇଛି। ତେବେ ଅନ୍ୟ ସହରରେ ବେଧଡ଼କ ଭାବେ ଲିଚୁ ବିକ୍ରି ଚାଲିଛି। ଭୁବନେଶ୍ୱରରେ ବିହାର ଲିଚୁର ସବୁଠୁ ଅଧିକ ବିକ୍ରି ଚାଲିଛି। ଓଡ଼ିଶାରୁ ୭୦ଭାଗ ଲିଚୁ ବିହାରରୁ ହିଁ ଆସିଥାଏ। ସେପଟେ ଲିଚୁକୁ ନେଇ ଉଭୟ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଲାଣି।

■ ରାଜ୍ୟ ବିଦ୍ୟୁତ୍ କଣ୍ଟ୍ରାକ୍ଟରଙ୍କ କ୍ଷୋଭ

# ବିପଦ ବେଳେ ଆମେ...

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ବାତ୍ୟା 'ଫନୀ'କୁ ଦେଢମାସ ପୂରିଗଲାଣି। ଏବେ ବି ପୁରୀ ଜିଲାର ଅନେକ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ସହରାଞ୍ଚଳକୁ ବାଦ୍ ଦେଲେ ଗାଁ ଗଣ୍ଡା ଅବସ୍ଥା କହିଲେ ନ ସରେ । ପୁରୀ ଜିଲାକୁ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରିବାକୁ ଆହୁରି ୬ ମାସ ଲାଗିଯିବ ବୋଲି କାର୍ଯ୍ୟରେ ନିୟୋଜିତ କଣ୍ଟ୍ରାକ୍ଟରମାନେ କହୁଛନ୍ତି। ରାଜ୍ୟର କଣ୍ଟ୍ରାକ୍ଟରମାନଙ୍କୁ ଡରାଇ ଧମକାଇ ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ଲାଇସେନ୍ସ ଚାଲିଯିବା ଭୟରେ ସେମାନେ ଅଣକୁଶଳୀ ଶ୍ରମିକମାନଙ୍କୁ ନେଇ କାମରେ ଲଗାଉଛନ୍ତି। ଫଳରେ ଉତ୍ତମ ବିଦ୍ୟୁତ୍ କାର୍ଯ୍ୟ ହୋଇପାରୁନାହିଁ। ଏଥିସହିତ ଅନେକ ଦୁର୍ଘଟଣା ଘଟି ପ୍ରାଣହାନି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ



■ ବିଦ୍ୟୁତ୍ ପୁନରୁଦ୍ଧାର ଆଉ ୬ ମାସ ଲାଗିବ

■ ଉପକରଣ ମିଳୁ ନ ଥିବା ଅଭିଯୋଗ

ରାଜ୍ୟରେ ପ୍ରାୟ ୩୩୦୦ ଲାଇସେନ୍ସପ୍ରାପ୍ତ ବିଦ୍ୟୁତ୍ କଣ୍ଟ୍ରାକ୍ଟର ଅଛନ୍ତି। ସେଥିରୁ ୮୮୦ ହାଇ ଟେନସନ(ଏଚଟି) ଲାଇସେନ୍ସପ୍ରାପ୍ତ କଣ୍ଟ୍ରାକ୍ଟର ଥିବା ବେଳେ ୫୦୦ ମିଡିୟମ ଭୋଲଟେଜ(ଏମ୍‌ଭି), ୧୦୦ରୁ ଊର୍ଦ୍ଧ୍ୱ ଏକ୍ସଟ୍ରା ହାଇ ଟେନସନ(ଇଏଚ୍‌ଟି) ଏବଂ ଅନ୍ୟାନ୍ୟ କଣ୍ଟ୍ରାକ୍ଟର ଅଛନ୍ତି। ଏହି କଣ୍ଟ୍ରାକ୍ଟରମାନଙ୍କୁ ସରକାରୀ ସହଯୋଗ ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ କଣ୍ଟ୍ରାକ୍ଟରଙ୍କ ଲାଇସେନ୍ସ ରଦ୍ଦ ହୋଇ ଗଲାଣି। ରାଜ୍ୟରେ କାମଧନ୍ଦା ମିଳୁ ନ ଥିବାରୁ ଆର୍ଥିକ ଦୁରବସ୍ଥା ଯୋଗୁ ଅନେକ କଣ୍ଟ୍ରାକ୍ଟର ସେମାନଙ୍କର ବେଉସା ହରାଇ ସାରିଲେଣି। ଆଉ ଯେଉଁ କେତେକ ଅଛନ୍ତି ସେମାନେ ଭୟଙ୍କର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ନିୟମିତ କାମ ନ ମିଳିବା ଯୋଗୁ କଣ୍ଟ୍ରାକ୍ଟରମାନେ ନିଜ ଅଧୀନରେ କୁଶଳୀ ଶ୍ରମିକ ରଖିପାରୁ ନାହାନ୍ତି। ସରକାର ସେମାନଙ୍କ ଦାବି ଶୁଣୁ ନ ଥିବାରୁ ରାଜ୍ୟର କଣ୍ଟ୍ରାକ୍ଟରମାନେ ଆଉ ଅଣ୍ଟା ସଳଖି ଛିଡା ☞ପୃଷ୍ଠା-୧୬



■ ୭୧ବଲ୍

■ ୧୪୮ରନ୍

■ ୧୭ ଛକା

## ମୋର୍ଗାନଙ୍କ ଛକା ରେକର୍ଡ

ମାଞ୍ଚେଷ୍ଟର, ୧୮।୬(ପି.ଟି.)

ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଦିନିକିଆ ଫର୍ମାଟରେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାରେ ରେକର୍ଡ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ୧୭ଟି ଛକା ମାରି ଏକ ବିରଳ ସଫଳତା ହାସଲ କରିଛନ୍ତି। ୭୧ଟି ବଲର ସମ୍ମୁଖୀନ ହୋଇ ସେ ୧୪୮ ରନର ଶତକୀୟ ପାଳି ଖେଳି ଗୁଲବଦିନ ନାଇବଙ୍କ ବଲ୍‌ରେ ରହମତ ସାହାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦିନିକିଆରେ ସର୍ବାଧିକ ଛକା ମାରିବାରେ ସେ ଭାରତୀୟ ଉପଅଧିନାୟକ ରୋହିତ ଶର୍ମା, ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଓ ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟ୍ସମ୍ୟାନ ଏବି ଡିଭିଲିୟର୍ସଙ୍କୁ ପଛରେ ପକାଇଛନ୍ତି। ୨୦୧୩ରେ ରୋହିତ ଅଷ୍ଟ୍ରେଲିଆ ବିପକ୍ଷରେ ୧୬ଟି ଛକା ମାରିଥିଲେ। ସେହିପରି ଗେଲ ଓ ଡିଭିଲର୍ସ ମଧ୍ୟ ଗୋଟିଏ ଇନିଂସରେ ୧୬ଟି ଛକା ମାରିଥିଲେ। ମୋର୍ଗାନଙ୍କ ଏହି ଧୂଆଁଧାର ଇନିଂସ ବଳରେ ଇଂଲଣ୍ଡ ଆଫଗାନିସ୍ତାନକୁ ୧୫୦ ରନ୍‌ରେ ପରାସ୍ତ କରି ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି।

## ଆଜି ପ୍ରକାଶ ପାଇବ ଓଜେଇଇ ରେଜଲ୍ଟ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଫଳ ବୁଧବାର ପ୍ରକାଶ ପାଇବ। ଛାତ୍ରୀଛାତ୍ର ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ସଚିବାଳୟର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗୀୟ କାର୍ଯ୍ୟାଳୟରେ ମଧ୍ୟାହ୍ନ ୧୨ଟାରେ ପରୀକ୍ଷା ଫଳ ଘୋଷଣା କରାଯିବ ବୋଲି ମଙ୍ଗଳବାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଅଫ୍‌ଲାଇନ୍‌ରେ ୨୫ହଜାର ୭୩୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଅନ୍‌ଲାଇନ୍‌ରେ ୧୩ହଜାର ୯୧୮ଜଣ ପରୀକ୍ଷା ଦେଇଛନ୍ତି।


ଲୋକ ସଭାରେ ଅଧୀର ରଞ୍ଜନ କଂଗ୍ରେସ ନେତା

ଟ୍ରମ୍ପଙ୍କ ଚେତାବନୀ: ବିଦାହେବେ ବେଆଇନ ପ୍ରବାସୀ ........ ୨ ........

ଏମ୍‌ସରେ ମିଳିବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁବିଧା ........ ୫ ........

କେନ୍ଦ୍ରର କାର୍ଯ୍ୟାନୁଷ୍ଠାନ: ପୁଣି ୧୫ ଅଫିସର ବିଦା ........ ୭ ........


# ଅନନ୍ତନାଗରେ ଓଡ଼ିଆ ଯବାନ ଶହୀଦ

କାମାକ୍ଷାନଗର, ୧୮।୬(ଡି.ଏନ.ଏ.)

ଜମ୍ମୁ କଶ୍ମୀର ଅନନ୍ତନାଗରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଛନ୍ତି ୪୪-ରାଷ୍ଟ୍ରୀୟ ରାଇଫଲ ଯବାନ ଅଜିତ କୁମାର ସାହୁ (୨୭)। ଏହି ଖବର ପ୍ରଚାରିତ ହେବା ପରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବଡସୁଆଁଳ ଗ୍ରାମରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ଘରର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଥିବାବେଳେ ଦେଶ ସୁରକ୍ଷାରେ ଆତ୍ମବଳିଦାନ ଦେଇଥିବାରୁ ସେମାନଙ୍କ ଛାତି ଗର୍ବରେ ଫୁଲିଉଠିଛି।

ପିଲାଟି ଦିନରୁ ଅଜିତ୍ ଥିଲେ ଦୁଃସାହସୀ। ସୈନ୍ୟବାହିନୀରେ ଯୋଗଦେବାକୁ ତାଙ୍କର ଅଭିଳାଷ ପୂରଣ ହୋଇଥିଲା ୨୦୧୫ରେ। ପ୍ରଶିକ୍ଷଣ ପରେ କଲିକତାରୁ ସେ ଆରମ୍ଭ କରିଥିଲେ କର୍ମମୟ ଜୀବନ। ୨ବର୍ଷର ଚାକିରି ପରେ ଜମ୍ମୁ କଶ୍ମୀରକୁ ତାଙ୍କର ବଦଳି ହୋଇଥିଲା।

### କାମାକ୍ଷାନଗରରେ ଶୋକାକୁଳ ପରିବେଶ



■ ଆଜି ଭୁବନେଶ୍ୱରରେ ପହଞ୍ଚିବ ମରଶରୀର

■ ଜନ୍ମମାଟିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ହେବ

ଦ୍ୱିତୀୟ ପୋଷ୍ଟିଂରେ ଯୋଗଦେବା ପୂର୍ବରୁ ଜୁନ୍ ୧ରେ ସେ ଆସିଥିଲେ ଘରକୁ ଏବଂ ୬ତାରିଖରେ ପୁଣି ବାହାରି ଯାଇଥିଲେ କର୍ମକ୍ଷେତ୍ରକୁ। ଅନନ୍ତନାଗ ଜିଲା ଅଚାବଲ ନିକଟବର୍ତ୍ତୀ ବିଦୁରା ଗ୍ରାମରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିବା ପରେ ରାଷ୍ଟ୍ରୀୟ ରାଇଫଲ୍ସ ବାହିନୀ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ସୋମବାର ମିଳିତ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏହି ସମୟରେ ମୁହାଁମୁହିଁ ହୋଇଥିଲେ ଆତଙ୍କବାଦୀ ଏବଂ ସୁରକ୍ଷାବଳ। ଉଭୟ ପକ୍ଷରୁ ପ୍ରଚଣ୍ଡ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମେଜରଙ୍କ ସମେତ ଅନ୍ୟ ୩ ଜଣ ଯବାନ ଗୁରୁତର ହୋଇଥିଲେ। ସେମାନଙ୍କୁ ଶ୍ରୀନଗରସ୍ଥିତ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ପ୍ରାୟ ୨ଟା ୫୦ରେ ଚିକିତ୍ସାଧୀନ ଅବସ୍ଥାରେ ଅଜିତଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମଙ୍ଗଳବାର ସକାଳ ପ୍ରାୟ ୬ଟାରେ ସେଠାକାର ଅଧିକାରୀମାନେ ଫୋନ୍ କରି ପରିବାରକୁ ସୂଚନା ଦେଇଥିଲେ।

ଏ ନେଇ ଶହୀଦ ଅଜିତଙ୍କ ବାପା ସନ୍ତୋଷ ସାହୁ କୁହନ୍ତି, ଘରର ୩ପୁଅଝିଅଙ୍କ ମଧ୍ୟରୁ ☞ପୃଷ୍ଠା-୧୬



"ଇରାନ୍ କୌଣସି ଦେଶ ସହ ଯୁଦ୍ଧ କରିବନି। କେତେକ କମ୍ ଅଭିଜ୍ଞତା ଥିବା ରାଜନୈତିକ ଗୋଷ୍ଠୀ ଆମ ସହ ମୁହାଁମୁହିଁ ହେବାକୁ ଚାହୁଁଛନ୍ତି।
-ହାସନ ରୁହାନୀ,ଇରାନ୍ ରାଷ୍ଟ୍ରପତି



■ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ଆରମ୍ଭ: ଟ୍ରମ୍ପ୍‌ଙ୍କ ଚେତାବନୀ

# ବିଦାହେବେ ବେଆଇନ ପ୍ରବାସୀ

ୱାଶିଂଟନ,୧୮।୬( ଆଇଏଏନ୍ଏସ୍)




ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀମାନଙ୍କୁ ସ୍ୱଦେଶକୁ ପ୍ରତ୍ୟର୍ପଣ କରାଯିବ। ଏନେଇ ଦେଶର ଅପ୍ରବାସନ ପ୍ରବର୍ତ୍ତନ କର୍ତ୍ତୃପକ୍ଷ ଆସନ୍ତା ସପ୍ତାହରେ ଅଭିଯାନ ଆରମ୍ଭ କରିବେ ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ତେବେ ଏହି ଗଣବହିଷ୍କାର ଫଳରେ ନିର୍ଦ୍ଦିଷ୍ଟ ଭାବେ କେଉଁ ପ୍ରବାସୀମାନେ ଅଧିକ ପ୍ରଭାବିତ ହେବେ ସେନେଇ ସେ ଅଧିକ କିଛି କହିନାହାନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ବେଆଇନ ପ୍ରବାସୀ ସମସ୍ୟାକୁ ପୁଣିଥରେ ପ୍ରସଙ୍ଗ କରି ହ୍ୱାଇଟ୍ ହାଉସ୍‌କୁ ଫେରିବାକୁ ଚାହୁଁଥିବାରୁ ସେଠାରେ ରାଜନୀତି ସରଗରମ ହୋଇଛି।

ବିଶ୍ୱର ସର୍ବାଧିକ ପ୍ରବାସୀ ଆମେରିକାରେ ରହୁଛନ୍ତି। ଏକ ଆକଳନ ଅନୁସାରେ ବିଭିନ୍ନ ଦେଶରେ ଜନ୍ମିତ ୪ କୋଟିରୁ ଊର୍ଦ୍ଧ୍ୱ ପ୍ରବାସୀ ଆମେରିକାରେ ଅଛନ୍ତି, ଯାହାକି ବିଶ୍ୱର ମୋଟ ପ୍ରବାସୀଙ୍କ ଏକ-ପଞ୍ଚମାଂଶ। ପିଉ ରିସର୍ଚ୍ଚ ସେଣ୍ଟର ୧୯୬୦ ମସିହାରୁ ଏସମ୍ପର୍କିତ ପରିସଂଖ୍ୟାନ ତଥ୍ୟ ପ୍ରକାଶ କରିଆସୁଛି। ୨୦୧୭ରେ ଆମେରିକାରେ ବିଦେଶୀ ଜନସଂଖ୍ୟା ୪୪.୪ ନିୟୁତ ରହିଥିଲା। ୧୯୬୫ରେ ଅପ୍ରବାସନ ଆଇନ ଉଚ୍ଛେଦ କରାଯାଇ ଏକ ଜାତୀୟ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଫଳରେ ବିଦେଶରୁ ପ୍ରବାସୀଙ୍କ ସଂଖ୍ୟା ୪ ଗୁଣ ବୃଦ୍ଧିପାଇଥିଲା। ସମ୍ପ୍ରତି ଆମେରିକାର ମୋଟ ଜନସଂଖ୍ୟାର ୧୩.୬% ହେଉଛନ୍ତି ପ୍ରବାସୀ, ଯାହାକି ୧୯୭୦ରେ ସେମାନଙ୍କ ସଂଖ୍ୟାର ୪.୭% ବା ତିନିଗୁଣ ଅଧିକ। ଦେଶରେ ୭୭% ପ୍ରବାସୀ ଆଇନତଃ ବସବାସ କରୁଥିବାବେଳେ ଏକ-ଚତୁର୍ଥାଂଶ ଅଣପଞ୍ଜୀକୃତ ପ୍ରବାସୀ ରହୁଛନ୍ତି। ୪୫% ହେଉଛନ୍ତି ଦେଶୀୟକୃତ ଆମେରିକା ନାଗରିକ। ପ୍ରାୟ ୨୭% ପ୍ରବାସୀ ସ୍ଥାୟୀ ବାସିନ୍ଦା ହୋଇଥିବାବେଳେ ୫% ହେଉଛନ୍ତି ଅସ୍ଥାୟୀ। ଅଣପଞ୍ଜୀକୃତ ପ୍ରବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କେନ୍ଦ୍ରୀୟ ଆମେରିକା ଏବଂ ଏସିଆ ଅଧିବାସୀ। ଆମେରିକାରେ ପ୍ରବାସୀଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ମେକ୍ସିକୋ, ଚାଇନା ଓ ଭାରତରେ ଜନ୍ମିତ ବ୍ୟକ୍ତି। ମେକ୍ସିକୋର ୧୧.୨ ନିୟୁତ ଅର୍ଥାତ୍ ୨୫%, ଚାଇନା ଓ ଭାରତର ୬% ଲେଖାଏ, ଫିଲିପାଇନ୍ସର ୫% ଓ ଏଲ୍ ସଲ୍‌ଭାଡୋର୍‌ର ୩% ପ୍ରବାସୀ ସେଠାରେ ରହୁଛନ୍ତି। ଆଇନାନୁସାରେ ରହୁଥିବା ସମସ୍ତ ସ୍ଥାୟୀ ବାସିନ୍ଦା ସେଠାରେ ନାଗରିକତ୍ୱ ପାଇଁ ଆବେଦନ କରି ନ ଥାନ୍ତି। ୨୦୫୫ ସୁଦ୍ଧା ଆମେରିକାରେ ଏସୀୟମାନେ ସବୁଠୁ ବଡ଼ ପ୍ରବାସୀ ଗୋଷ୍ଠୀ ପାଲଟିବେ ବୋଲି ପିଉ ରିସର୍ଚ୍ଚ ପକ୍ଷରୁ ଆକଳନ କରାଯାଇଛି। ସେହିପରି ୨୦୧୮ ଆର୍ଥିକବର୍ଷରେ ଆମେରିକାରେ ୨୨,୪୯୧ ଶରଣାର୍ଥୀ ଅବସ୍ଥାପିତ ହୋଇଥିବା ଜଣାପଡ଼ିଛି।



ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କଙ୍ଗୋ, ମ୍ୟାନ୍‌ମାର, ୟୁକ୍ରେନ୍ ଓ ଭୁଟାନର। କାଲିଫର୍ନିଆରେ ୨୪%, ଟେକ୍ସାସ୍ ୧୧% ଓ ନ୍ୟୁୟର୍କ ରେ ୧୦% ବିଦେଶୀ ପ୍ରବାସୀ ରହୁଛନ୍ତି।

୨୦୧୭ରେ ଆମେରିକାରୁ ୨୯୫,୦୦୦ ପ୍ରବାସୀଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ଏହା ପୂର୍ବରୁ ୨୦୦୯ରୁ ୨୦୧୬ ମଧ୍ୟରେ ୩ ନିୟୁତ ପ୍ରବାସୀଙ୍କୁ ଓବାମା ପ୍ରଶାସନ ସେମାନଙ୍କ ଦେଶକୁ ପଠାଇଦେଇଥିଲା। କାରଣ ଆମେରିକୀୟମାନେ ବେଆଇନ ପ୍ରବାସୀଙ୍କୁ ଦେଶ ଉପରେ ଏକ ବୋଝ ବୋଲି ମନେକରନ୍ତି। ଆମେରିକାରେ ବେଆଇନ ଭାବେ ବସବାସ ଏକ ଜାତୀୟ ବିତର୍କର ପ୍ରସଙ୍ଗ ହୋଇଥିବାରୁ ୨୦୧୬ ରାଷ୍ଟ୍ରପତି ନିର୍ବାଚନ ବେଳେ ଟ୍ରମ୍ପ୍ ଏହାକୁ ଉଠାଇଥିଲେ। ଇତିମଧ୍ୟରେ ଟ୍ରମ୍ପ୍ ପ୍ରଶାସନ ଏଦିଗରେ କେତେକ ପଦକ୍ଷେପ ନେଇଥିଲେ ମଧ୍ୟ ତାହାର ସୁଫଳ ମିଳିନାହିଁ। ୨୦୨୦ ନିର୍ବାଚନରେ ପୁଣିଥରେ ପ୍ରତିଦ୍ୱନ୍ଦ୍ୱିତା କରି ହ୍ୱାଇଟ୍ ହାଉସ୍‌କୁ ଫେରିବାକୁ ଚାହୁଁଥିବା ଟ୍ରମ୍ପ୍ ଏବେ ସମାନ ପ୍ରସଙ୍ଗକୁ ନେଇ କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ଟ୍ରମ୍ପ୍ ଫ୍ଲୋରିଡାରୁ ମଙ୍ଗଳବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ତାଙ୍କର ଟୁଇଟ୍ ଆସିଛି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଆସନ୍ତା ସପ୍ତାହରେ ଇମିଗ୍ରେଶନ୍ ଓ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ନିୟୁତ ନିୟୁତ ବେଆଇନ ବାହାର ଲୋକଙ୍କୁ ଆମେରିକାରୁ ବାହାର କରିବ। ସେମାନେ ଯେତେଶୀଘ୍ର ଏଠାକୁ ଆସିଛନ୍ତି, ସେତେଶୀଘ୍ର ତଡ଼ାଖାଇବେ। ଏହି ଅବସରରେ ଟ୍ରମ୍ପ୍ ତାଙ୍କର ଉକ୍ତ ପ୍ରସ୍ତାବକୁ ବିରୋଧ କରୁଥିବା ଡେମେକ୍ରାଟ୍‌ମାନଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଛାଇନାହାନ୍ତି।

## ରିୟଲିଟି ଶୋ'ରେ ପିଲାଙ୍କୁ ଅନୁପଯୁକ୍ତ ପ୍ରଦର୍ଶନ କରନାହିଁ

ନୂଆଦିଲ୍ଲୀ,୧୮।୬

**ଘରୋଇ ଟିଭି ଚ୍ୟାନେଲଗୁଡ଼ିକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପରାମର୍ଶ**

ନୃତ୍ୟଭିତ୍ତିକ ରିୟଲିଟି ଶୋ'ଗୁଡ଼ିକରେ ଶିଶୁମାନଙ୍କୁ ଉପଯୁକ୍ତ ଭାବେ ଉପସ୍ଥାପନ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦେଶର ଘରୋଇ ଟିଭି ଚ୍ୟାନେଲଗୁଡ଼ିକୁ ପରାମର୍ଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଆଡ୍‌ଭାଇଜରିରେ ଉଲ୍ଲେଖ କରାଯାଇଛି ଯେ, ନୃତ୍ୟଭିତ୍ତିକ ଅନେକ ରିୟଲିଟି ଟିଭି ଶୋ'ରେ ଛୋଟ ପିଲାଙ୍କ ଡ୍ୟାନ୍ସ ମୂଳତଃ ଫିଲ୍ମ ଓ ଅନ୍ୟ ଲୋକପ୍ରିୟ ମନୋରଞ୍ଜନ କାର୍ଯ୍ୟକ୍ରମରେ ବୟସ୍କଙ୍କ ଅଭିନୟରୁ ଅନୁକରଣ କରାଯାଉଛି। ଉକ୍ତ ଫିଲ୍ମଗୁଡ଼ିକ ଅଧିକାଂଶ ସମୟରେ ସ୍ୱଳ୍ପବୟସ୍କ ପିଲାଙ୍କ ପାଇଁ ଅନୁପଯୁକ୍ତ ବୋଲି କୁହାଯାଉଛି। ଏଭଳି ଦୃଶ୍ୟ ଛୋଟପିଲାଙ୍କ ଉପରେ କୁପ୍ରଭାବ ପକାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିସକୋଶ ନୃତ୍ୟ ରିୟଲିଟି ଶୋ ପ୍ରଦର୍ଶନ ବେଳେ ପିଲାଙ୍କୁ ଉପଯୁକ୍ତ ଭାବେ ପ୍ରଦର୍ଶିତ କରାଯିବା ଦରକାର। ଏହାସହ ସର୍ବାଧିକ ସଂଯମ ଅବଲମ୍ବନ କରି ସମ୍ବେଦନଶୀଳତା ଓ ସତର୍କତା ଆପଣାଇବା ଜରୁରୀ। ସମସ୍ତ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲକୁ ଏସଂକ୍ରାନ୍ତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ୍ସ (ରେଗୁଲେଶନ୍) ଆକ୍ଟ, ୧୯୯୫ ଏବଂ ଏ ସମ୍ପର୍କିତ ନିୟମ ଅଧୀନ ପ୍ରୋଗ୍ରାମ୍ ଆଣ୍ଡ ଆଡ୍‌ଭର୍ଟାଇଜିଂ କୋଡ୍‌ସକୁ ଦେଶର ସବୁ ଘରୋଇ ଚ୍ୟାନେଲ ଅନୁପାଳନ କରିବା ଜରୁରୀ। ପିଲାଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଖରାପ ଭାଷା, ହିଂସାତ୍ମକ ଦୃଶ୍ୟ ରହିବା ଅନୁଚିତ ବୋଲି ଏଥିରେ ପରାମର୍ଶ ଦିଆଯାଇଛି।

## ଲୋକ ସଭାରେ ଅଧୀର ରଞ୍ଜନ କଂଗ୍ରେସ ନେତା

ନୂଆଦିଲ୍ଲୀ,୧୮।୬(ଆଇଏଏନ୍ଏସ୍)



ବରିଷ୍ଠ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ମଙ୍ଗଳବାର ଲୋକ ସଭାରେ ଦଳର ନେତା ବଛାଯାଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ପଦରେ ରହିବା ପାଇଁ ମନା କରିଦେବା ପରେ ଉପା ଅଧ୍ୟକ୍ଷା ତଥା କଂଗ୍ରେସ ସଂସଦୀୟ ଦଳ (ସିପିପି) ନେତା ସୋନିଆ ଗାନ୍ଧୀ ଅଧୀରଙ୍କୁ ବାଛିଛନ୍ତି।

ପଶ୍ଚିମବଙ୍ଗର ବେହ୍‌ରାମପୁର ଏମ୍‌ପି ଅଧୀରଙ୍କୁ ଲୋକ ସଭାରେ କଂଗ୍ରେସ ନେତା ଭାବେ ଚୟନ କରାଯାଇଥିବା ନେଇ ଏକ ପତ୍ର ନିମ୍ନ ସଦନର ସେକ୍ରେଟାରିଏଟ୍‌କୁ ପଠାଯାଇଛି। ତେବେ ମୁଖ୍ୟ ସଚେତକ ପଦ ପାଇଁ ନାମ ଚୂଡ଼ାନ୍ତ ହୋଇ ନ ଥିବା ଜଣାପଡ଼ିଛି। ଜୁନ୍ ୧ରେ ସୋନିଆଙ୍କୁ ସିପିପି ନେତା ନିର୍ବାଚିତ କରାଯାଇଥିଲା। ଲୋକ ସଭାରେ ଦଳର ନେତା ଓ ମୁଖ୍ୟ ସଚେତକ ବାଛିବା ପାଇଁ ସୋନିଆଙ୍କୁ ସେହି ବୈଠକରେ କ୍ଷମତା ଦିଆଯାଇଥିଲା। ଏଥର ମଧ୍ୟ କଂଗ୍ରେସ ହାତରେ ବିରୋଧୀ ଦଳ ନେତା ପଦ ରହିପାରିବ ନାହିଁ। କାରଣ ଲୋକ ସଭାର ୫୪୨ ଆସନ ମଧ୍ୟରୁ କଂଗ୍ରେସ ମାତ୍ର ୫୨ଟି ସିଟ୍ ଦଖଲ କରିପାରିଛି। ନିୟମାନୁସାରେ ବିରୋଧୀ ଦଳ ନେତା ପଦ ପାଇଁ ମୋଟ ଆସନର ଦଶଭାଗରୁ ଭାଗେ (୫୪) ଆସନ ଦରକାର ପଡୁଥିବାବେଳେ ଏଥିରୁ ୨ଟି ଆସନ କମ୍ ପାଇଛି କଂଗ୍ରେସ।

## କୋର୍ଟରୁମ୍‌ରେ ଟଳିପଡ଼ିଲେ ମୋର୍ସି

କାଏରୋ,୧୮।୬(ଆଇଏଏନ୍ଏସ୍)



ଇଜିପ୍ଟର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ମୋର୍ସି(୬୭) କୋର୍ଟରୁମ୍‌ରେ ଅଚାନକ ଟଳିପଡ଼ିବା ପରେ ଆଖି ବୁଜିଦେଇଛନ୍ତି। ମୋର୍ସିଙ୍କ ପୁତ୍ର ଅହମଦ୍‌ଙ୍କ ସୂଚନା ଅନୁଯାୟୀ, ପିତାଙ୍କୁ ପୂର୍ବ କାଏରୋ ଅଧୀନ ନାସେର ସିଟି ଡିଷ୍ଟ୍ରିକ୍ଟରେ ମୁସଲିମ୍ ବ୍ରଦରହୁଡ ଗାଇଡ୍‌ଙ୍କ ନିମନ୍ତେ ଉଦ୍ଦିଷ୍ଟ ସମାଧିସ୍ଥଳରେ କବର ଦିଆଯାଇଛି। କେବଳ ମୋର୍ସିଙ୍କ ପରିବାର ସଦସ୍ୟଙ୍କୁ ସମାଧିସ୍ଥଳରେ ଉପସ୍ଥିତ ରହିବାକୁ ଅନୁମତି ଦିଆଯାଇଥିଲା।

ଇଜିପ୍ଟ ଇତିହାସରେ ମୋର୍ସି ହେଉଛନ୍ତି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ହୋଇଥିବା ଏକମାତ୍ର ରାଷ୍ଟ୍ରପତି। ବିଭିନ୍ନ ଅପରାଧରେ ଜଡିତ ଥିବା ଅଭିଯୋଗରେ ତାଙ୍କ ନାମରେ ଅଦାଲତରେ ମାମଲା ଚାଲୁଥିଲା। ଶାସନ କ୍ଷମତାରେ ଥିବାବେଳେ ସେ ବିଭିନ୍ନ ଆପରାଧିକ କାର୍ଯ୍ୟ ପାଇଁ ୬ ବର୍ଷ ଗୃହ ବନ୍ଦୀ ଥିଲେ ଏବଂ ଅତ୍ୟନ୍ତ ଦୟନୀୟସ୍ଥିତିରେ ଜୀବନ ବିତାଉଥିଲେ। ତାଙ୍କୁ ଏକୁଟିଆ ଏକ କୋଠରି ମଧ୍ୟରେ ରଖାଯାଇଥିଲା ଏବଂ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ ନ ଥିଲା। ମୋର୍ସିଙ୍କ ବିରୋଧରେ ଗୁପ୍ତଚର ବୃତ୍ତି ଅଭିଯୋଗର ବିଚାର ଚାଲିଥିବାବେଳେ ସେ କୋର୍ଟରୁମ୍‌ରେ ଅଚାନକ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ କାଏରୋ ହସ୍ପିଟାଲ୍ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

■ ୨୦୦୫ ଅଯୋଧ୍ୟା ଆତଙ୍କବାଦୀ ଆକ୍ରମଣ ମାମଲା

## ୪ ଜଣଙ୍କୁ ଆଜୀବନ ଜେଲ, ଜଣେ ଦୋଷମୁକ୍ତ

ପ୍ରୟାଗରାଜ୍,୧୮।୬

ଉତ୍ତରପ୍ରଦେଶର ଅଯୋଧ୍ୟାରେ ୧୪ ବର୍ଷ ତଳେ ହୋଇଥିବା ଏକ ଆତଙ୍କବାଦୀ ଆକ୍ରମଣ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ପ୍ରୟାଗରାଜ୍‌ର ସ୍ୱତନ୍ତ୍ର ବିଚାରପତି ଦୀନେଶ ଚନ୍ଦ୍ର ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ୪ ଅଭିଯୁକ୍ତ ହେଲେ ଆସିଫ୍ ଇକ୍‌ବଲ, ମହମ୍ମଦ ସକିଲ୍, ଇର୍ଫାନ୍ ଓ ମହମ୍ମଦ ନସିମ୍। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଛି। ଏହି ଆକ୍ରମଣରେ ୨ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ।



ପାକିସ୍ତାନର ଏକ ଆତଙ୍କବାଦୀ ଗୋଷ୍ଠୀ ବିବାଦୀୟ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ନିକଟରେ ଥିବା ଏକ ଅସ୍ଥାୟୀ ମନ୍ଦିର ଉପରେ ଆକ୍ରମଣ କରିଥିଲେ। ଆତଙ୍କବାଦୀମାନେ ତୀର୍ଥଯାତ୍ରୀଭାବେ ଜିପ୍ ଭଡ଼ାକରି ଆସିଥିଲେ। ଏହି ଜିପ୍‌ଟି ବିବାଦୀୟ ସ୍ଥାନର ସୀମା ନିକଟରେ ବିସ୍ଫୋରଣ ହୋଇଥିଲା। ପରେ ଆତଙ୍କବାଦୀମାନେ ଅସ୍ଥାୟୀ ମନ୍ଦିର ଭିତରକୁ ରକେଟ୍ ଲଞ୍ଚର ମାଡ଼ କରିଥିଲେ। ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ ହୋଇଥିଲେ। ଏଥିରେ ୭ ସିଆର୍‌ପିଏଫ୍ ଯବାନ ମଧ୍ୟ ଆହତ ହୋଇଥିଲେ। ତଦନ୍ତ ଚାଲିଥିବା ବେଳେ ପୁଣି ୫ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ଜଣଙ୍କୁ ପଶ୍ଚିମ ଉତ୍ତରପ୍ରଦେଶର ଶାହାରନ୍‌ପୁରରୁ, ୪ଙ୍କୁ ଜମ୍ମୁ-କଶ୍ମୀରରୁ ଗିରଫ କରାଯାଇଥିଲା। ଗିରଫ ଆତଙ୍କବାଦୀଙ୍କ ବିରୋଧରେ ଷଡ଼ଯନ୍ତ୍ର ଓ ହତ୍ୟା ପ୍ରୟାସ ଭଳି ଦଫା ଲଗାଯାଇଥିଲା। ଦୋଷୀସାବ୍ୟସ୍ତ ୪ ଅଭିଯୁକ୍ତଙ୍କୁ ବିଚାରପତି ଆଜୀବନ ଜେଲ୍ ଦଣ୍ଡାଦେଶ ଦେବା ସହ ମୋଟ ୨.୪ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ମୋହମ୍ମଦ ଅଜିଜ୍‌ଙ୍କୁ କୋର୍ଟ ଦୋଷମୁକ୍ତ କରାଯାଇଛି। କୋର୍ଟ ରାୟକୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଦୋଷମୁକ୍ତ ହୋଇଥିବା ଅଜିଜ୍‌ଙ୍କ ବିରୋଧରେ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ। ପ୍ରକାଶଥାଉ କି, ସମସ୍ତ ଅଭିଯୁକ୍ତ ଏବେ ନୈନି କେନ୍ଦ୍ରୀୟ ଜେଲ୍‌ରେ ଅଛନ୍ତି।



ଗ୍ରୀସ୍‌ର ପ୍ରାଚୀନ କୋରିନ୍ଥସ୍ଥିତ ଆପୋଲୋ ମନ୍ଦିର ଉପରକୁ ଉଠିଛି ଷ୍ଟ୍ରବେରି ମୁନ୍ ନାମରେ ଖ୍ୟାତ ଜୁନ୍‌ର ପୂର୍ଣ୍ଣଚନ୍ଦ୍ର ।

## ଶପଥ ନେଲେ ସୋନିଆ, ମୁଲାୟମ୍

ନୂଆଦିଲ୍ଲୀ,୧୮।୬(ପି.ଟି.)

ସପ୍ତଦଶ ଲୋକ ସଭାର ଦ୍ୱିତୀୟ ଦିବସରେ ମଙ୍ଗଳବାର ଆଉ କେତେକ ସଦସ୍ୟ ଶପଥଗ୍ରହଣ କରିଛନ୍ତି। କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ସମାଜବାଦୀ ପାର୍ଟି ନେତା ମୁଲାୟମ୍ ସିଂ ଯାଦବ ପ୍ରମୁଖ ଗୃହରେ ଶପଥ ନେଇଛନ୍ତି। ରାଏବରେଲିରୁ ବିଜୟୀ ହୋଇଥିବା ସୋନିଆ ହିନ୍ଦୀରେ ଶପଥଗ୍ରହଣ କରିଛନ୍ତି। ସମାଜବାଦୀ ପାର୍ଟି ନେତା ମୁଲାୟମ ସିଂ ଯାଦବ ଅସୁସ୍ଥ ଥିବାରୁ ତାଙ୍କୁ ତାଙ୍କ ପୁଅ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ହ୍ୱିଲ୍‌ଚେୟାର୍‌ରେ ଆଣିଥିଲେ। ଅନୁମତିକ୍ରମେ ସେ ନିଜ ଆସନରେ ବସି ଶପଥଗ୍ରହଣ କରିଥିଲେ। ଆଜମ୍‌ଗଡ଼ରୁ ବିଜୟୀ ହୋଇଥିବା ଅଖିଳେଶ ମଧ୍ୟ ଶପଥ ନେଇଥିଲେ। ଏନଡିଏର ବାଚସ୍ପତି ପ୍ରାର୍ଥୀ ହୋଇଥିବା ଓମ୍ ବିର୍ଲା ଶପଥଗ୍ରହଣ କରିବାବେଳେ ସ୍ୱାଗତ କରାଯାଇଥିଲା। ଅନେକ ନବନିର୍ବାଚିତ ସଦସ୍ୟ ମଙ୍ଗଳବାର ଶପଥଗ୍ରହଣ କରିଥିବାବେଳେ ବାକିଥିବା ସଦସ୍ୟଙ୍କୁ ବୁଧବାର ଶପଥପାଠ କରାଯିବ ବୋଲି ଜଣାପଡ଼ିଛି।

## ଶୁଟିଂ ଚାଲିଛି 'ଜୱାନି ଜାନେମନ୍'



**ମୁମ୍ବାଇ:** ଅଭିନେତା ସୈଫ ଅଲି ଖାନ୍ କମେଡି ଫିଲ୍ମ 'ଜୱାନି ଜାନେମନ୍' ଲଣ୍ଡନରେ ଶୁଟିଂ ଚାଲିଛି। ଏଥିରେ ପୂଜା ବେଦୀଙ୍କ କନ୍ୟା ଆଲାଇଆ ଫର୍ନିଚରୱାଲା ଜଣେ ହାସ୍ୟାଭିନେତ୍ରୀ ଭାବେ ଦର୍ଶକଙ୍କ ମନ ଜିଣିବେ। ଜଣେ ବ୍ୟକ୍ତି ଜୀବନରେ କିପରି କଠୋର ପରିସ୍ଥିତିର ମୁକାବିଲା କରି ଆଗକୁ ବଢ଼େ ତାହା ଏହି ଫିଲ୍ମର ବିଷୟବସ୍ତୁ। ନୀତିନ କାକ୍କରଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଜାକି ଭଗନାନୀ, ସୈଫଙ୍କ ବ୍ଲାକ ନାଇଟ୍ ଫିଲ୍ମସ ଏବଂ ଜୟ ଶେୱାକ୍ରମାଣିଙ୍କ ନର୍ଦର୍ନ ଲାଇଟ୍ ଫିଲ୍ମସ। ଏଥିରେ ପିତା ଓ କନ୍ୟା (ସୈଫ ଓ ଆଲାଇଆ) ଚରିତ୍ରକୁ କେନ୍ଦ୍ର କରି କାହାଣୀ ଆଗକୁ ବଢ଼ିଛି। ପିତା-କନ୍ୟା ସମ୍ପର୍କ ଅନନ୍ୟ। କିନ୍ତୁ ବର୍ତ୍ତମାନର ଯୁଗ ଏବଂ ସମସାମୟିକ ପରିସ୍ଥିତିକୁ ବିଚାର କଲେ 'ଜୱାନି ଜାନେମନ୍'ରେ ଦୁହିଁଙ୍କର ଅଭିନୟ ନିଶ୍ଚିତ ଭାବରେ ଯେତିକି ସ୍ୱତନ୍ତ୍ର ସେତିକି ଅନନ୍ୟ କୁହାଯାଇପାରେ ବୋଲି ସହ-ପ୍ରଯୋଜକ ଶେୱାକ୍ରମାଣି ପ୍ରକାଶ କରିଛନ୍ତି। ସୈଫ ଓ ଆଲାଇଆଙ୍କୁ ନିକଟରେ ମାଞ୍ଚେଷ୍ଟରରେ ହେଉଥିବା ଭାରତ-ପାକିସ୍ତାନ ବିଶ୍ୱକପ୍ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। 'ଦି ସାକ୍ରିଡ୍ ଗେମ୍'ର ଅଭିନେତା ସୈଫଙ୍କୁ ଏହି ଫିଲ୍ମରେ ଦାଢ଼ିଯୁକ୍ତ ମୁହଁରେ ଦେଖିବାକୁ ମିଳିବ। ଉକ୍ତ ଫିଲ୍ମ ନଭେମ୍ବର ୨୯ରେ ରିଲିଜ ହେବାର ଅଛି।

■ ଏକକାଳୀନ ନିର୍ବାଚନ ପ୍ରସଙ୍ଗ: ସର୍ବଦଳୀୟ ବୈଠକ ଆଜି

## ବର୍ଜନ କରିବେ ମମତା, କେସିଆର୍, ଚନ୍ଦ୍ରାବାବୁ

ନୂଆଦିଲ୍ଲୀ,୧୮।୬(ଆଇଏଏନ୍ଏସ୍.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏଥିରେ ଦେଶରେ ଏକକାଳୀନ ନିର୍ବାଚନ କରାଯିବା ନେଇ ବିଶଦ୍‌ଭାବେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ସଂସଦରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ଏହି ସଭାକୁ ଆମନ୍ତ୍ରଣ କରିଛନ୍ତି। ସର୍ବଦଳୀୟ ବୈଠକରେ ଆଲୋଚନା କରାଯିବା ପରେ ୨୦ରେ ସଂସଦର ଉଭୟ ଗୃହରେ ଏନେଇ ବିଚାରବିମର୍ଶ କରାଯିବ। ଦେଶରେ ଏକକାଳୀନଭାବେ ଲୋକ ସଭା ଓ ବିଧାନସଭା ନିର୍ବାଚନ କରାଯିବା ସପକ୍ଷରେ ମୋଦି ଯୁକ୍ତି ବାଢ଼ିଥିବାବେଳେ ଏହାକୁ ବିଜୁ ଜନତା ଦଳ ପକ୍ଷରୁ ଦୃଢ଼ ସମର୍ଥନ କରାଯାଇଛି। ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜୁ ଜନତା ଦଳ ଯୋଗଦେବ ବୋଲି କହିଛି। ତେବେ ବୁଧବାର ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗଦେଇ ପାରିବେ ନାହିଁ ବୋଲି କହିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ତରବରିଆଭାବେ ନିଆଯିବା ଉଚିତ ନୁହେଁ ବୋଲି ମମତା ପ୍ରକାଶ କରିଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ପାଖକୁ ଏକ ପତ୍ର ଲେଖି ସବୁ ରାଜନୈତିକ ଦଳକୁ ଏନେଇ ଶ୍ୱେତପତ୍ର ଜାରି କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ନୀତି ଆୟୋଗ ବୈଠକ ବର୍ଜନ କରିଥିବା ଟିଆର୍‌ଏସ୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ(କେସିଆର୍) ସର୍ବଦଳୀୟ ବୈଠକରୁ ଦୂରେଇ ରହିବେ ବୋଲି ଜଣାପଡ଼ିଛି। ହାଇଦ୍ରାବାଦ୍‌ରେ ସେ ଦଳୀୟ ବୈଠକ ଡାକିଥିବାରୁ ସେଥିରେ ସେ ଯୋଗଦେବେ। ଟିଡିପି ମୁଖ୍ୟ ଚନ୍ଦ୍ରାବାବୁ ନାଇଡୁ ତାଙ୍କ ଦଳର କୌଣସି ନେତାଙ୍କୁ ନ ପଠାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ପରିବାର ସଦସ୍ୟଙ୍କ ସହ ଛୁଟିକଟାଇବା ଯାଉଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ମୋଦି ଡାକିଥିବା ବୈଠକରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ, ସଂସଦରେ ଦଳୀୟ ନେତାଙ୍କ ମଧ୍ୟରେ ଭଲ ବାତାବରଣ କିପରି ସୃଷ୍ଟିହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।

### ୟୁପିଏ ନେତାଙ୍କ ରଣନୀତି ବୈଠକ

ନୂଆଦିଲ୍ଲୀ,୧୮।୬:ପ୍ରଧାନମନ୍ତ୍ରୀଙ୍କ ସର୍ବଦଳୀୟ ବୈଠକ ପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ୟୁପିଏର ରଣନୀତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଅଧ୍ୟକ୍ଷତା କରିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ.କେ. ଆଣ୍ଟୋନୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପି. ଚିଦମ୍ବରମ୍, ଗୁଲାମ୍ ନବୀ ଆଜାଦ୍, ଆନନ୍ଦ ଶର୍ମା, ଜୟରାମ ରମେଶ, ଅଧୀର ରଞ୍ଜନ ଚୌଧୁରୀ, ସିପିଆଇ ନେତା ଡି. ରାଜା, ଡିଏମ୍‌କେ ନେତ୍ରୀ କାନିମୋଝି ଓ ଟି.ଆର୍. ବାଲୁ, ଏନ୍‌ସିପି ନେତା ସୁପ୍ରିୟା ସୁଲେ, ଏନ୍‌ସି ନେତା ଫାରୁକ୍ ଅବଦୁଲ୍ଲା, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ୍, ଆଇୟୁଏମ୍‌ଏଲ୍ ନେତା ପି.କେ. କୁହ୍ନାଲିକୁଟ୍ଟି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଦେଶରେ ଏକକାଳୀନ ଲୋକ ସଭା ଓ ବିଧାନସଭା ନିର୍ବାଚନ କରାଯିବା ନେଇ ଆଲୋଚନା ହୋଇଥିବା ପ୍ରକାଶ। ଏହାସହ ଗୃହରେ ଶାସକ ଦଳକୁ ଘେରିବା ଲାଗି ମଧ୍ୟ ରଣନୀତି ପ୍ରସ୍ତୁତ କରାଯାଇଥିବା କୁହାଯାଉଛି।




# ଏନ୍‌ଇଏସ୍‌ଟି ପରୀକ୍ଷାଫଳ ପ୍ରକାଶ, କାହ୍ନା ଜୈନ ଓଡ଼ିଶା ଟପ୍ପର

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ନ୍ୟାଶନାଲ ଏଣ୍ଟ୍ରାନ୍ସ ସ୍କ୍ରିନିଂ ଟେଷ୍ଟ (ଏନ୍‌ଇଏସ୍‌ଟି) ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ପଶ୍ଚିମବଙ୍ଗର ପ୍ରଣୟ ଦେ ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇଥିବା ବେଳେ କାହ୍ନା ଜୈନ ଓଡ଼ିଶା ଟପ୍ପର ହୋଇଥିବା ଜଣାପଡ଼ିଛି। ପ୍ରଥମ ୧୦୦ଜଣଙ୍କ ମଧ୍ୟରେ ଓଡ଼ିଶାରୁ ୨୨ଜଣ ରହିଛନ୍ତି। ୫୩ହଜାର ୪୫୦ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭୭୯ଜଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏନ୍‌ଇଏସ୍‌ଟି ସଂଯୋଜକ ହିମାଂଶୁ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ(ନାଇଜର) ଭୁବନେଶ୍ୱର ଓ ୟୁନିଭର୍ସିଟି ଅଫ୍ ବମ୍ବେର ଆଟୋମିକ୍ ଏନର୍ଜି ସେଣ୍ଟର ଫର୍ ଏକ୍ସଲେନ୍ସ ଇନ୍ ବେସିକ୍ ସାଇନ୍ସ ବିଭାଗରେ ନାମ ଲେଖାଇବା ପାଇଁ ଏହି ପ୍ରବେଶିକା ପରୀକ୍ଷା ହୋଇଥାଏ। ଚଳିତ ବର୍ଷ ଗତ ୧ତାରିଖରେ ଏନ୍‌ଇଏସ୍‌ଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।




## ■ ରାଜ୍ୟ ସଭା ନିର୍ବାଚନ

# ପ୍ରକାଶ ପାଇଲା ବିଜ୍ଞପ୍ତି

- ■ ୩ ଆସନ ପାଇଁ ଭୋଟ
- ■ ଆଶାୟୀଙ୍କ ମନରେ ଉତ୍କଣ୍ଠା
- ■ ଦିଲ୍ଲୀରୁ ଫେରି ନାମ ଘୋଷଣା କରିପାରନ୍ତି ନବୀନ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ରାଜ୍ୟର ଖାଲି ହୋଇଥିବା ୩ଟି ରାଜ୍ୟ ସଭା ଆସନ ପାଇଁ ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୩ଟି ଯାକ ସିଟ୍ ପାଇଁ ପୃଥକ୍ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ବିଧାନସଭା ଏବଂ ରାଜ୍ୟର ସମସ୍ତ ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ଲଗାଯାଇଛି। ଆସନ୍ତା ୨୫ ତାରିଖ ଯାଏ ଥିବା ସମସ୍ତ କାର୍ଯ୍ୟଦିବସଗୁଡିକରେ ନାମାଙ୍କନପତ୍ର ଦାଖଲ କରିହେବ। ରାଜ୍ୟ ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଖାଲି ହୋଇଥିବା ସମସ୍ତ ଆସନ ବିଜେଡି ହାତକୁ ଯିବ। ତେଣୁ ବିଜେଡି ପକ୍ଷରୁ କାହା ନାମ ସ୍ଥିର କରାଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ରାଜ୍ୟ ସଭା ନିର୍ବାଚନକୁ ସମ୍ପୂର୍ଣ୍ଣଭାବେ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଆଶାବାଦୀ ଅଛନ୍ତି। ନିର୍ବାଚନର ସମସ୍ତ ପ୍ରକ୍ରିୟା ପରିଚାଳନା ପାଇଁ ବିଧାନସଭା ମଧ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ରିଟର୍ନିଂ ଅଫିସର ବିଷ୍ଣୁ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

ରାଜ୍ୟ ସଭା ନେଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଶାୟୀ ନେତାଙ୍କ ଉତ୍କଣ୍ଠା ବଢିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଏହି ସମୟରେ 'ଏକ ଦେଶ, ଏକ ନିର୍ବାଚନ' ଆଲୋଚନାରେ ଭାଗ ନେଇ ଗୁରୁବାର ଓଡ଼ିଶା ଫେରିବେ। ଦିଲ୍ଲୀରୁ ଫେରିବା ପରେ ୩ ରାଜ୍ୟ ସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।

ଅପରପକ୍ଷରେ ବହୁ ଆଶାୟୀ ବିଜେଡି ନେତାଙ୍କୁ ସଚିବାଳୟରେ ଦିନସାରା ଚକ୍କର କାଟିବାର ଦେଖାଯାଉଛି। ହେଲେ କାହାକୁ ରାଜ୍ୟ ସଭା ପଠାଯିବ, ସେ ନେଇ କୌଣସି ନେତା ଦୃଢନିଶ୍ଚିତ ହୋଇପାରିନାହାନ୍ତି। ପ୍ରସନ୍ନ ପାଟଶାଣୀ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସାଧାରଣ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ନେଇ ଆଶାବାଦୀ ରହିଛନ୍ତି। କଳିକେଶ ନାରାୟଣ ସିଂଦେଓଙ୍କୁ ସଚିବାଳୟରେ ଗଣମାଧ୍ୟମ ପ୍ରତିନିଧି ରାଜ୍ୟ ସଭା ପ୍ରାର୍ଥୀ ସମ୍ପର୍କରେ ପଚାରିବାରୁ ସଭାପତିଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ କହି ଏଡାଇ ଯାଇଥିଲେ। ଆସନ୍ତା ବର୍ଷ ଏପ୍ରିଲ ମାସରେ ମଧ୍ୟ ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଯାଉଛି। ତେଣୁ କେତେଜଣ ଆଶାୟୀଙ୍କୁ ଅପେକ୍ଷା କରିବାକୁ କୁହାଯାଇପାରେ ବୋଲି ଜଣାପଡିଛି। ନିର୍ବାଚନରେ ପରାଜିତ ହୋଇଥିବା ପ୍ରାର୍ଥୀମାନଙ୍କ ଅପେକ୍ଷା ନିର୍ବାଚନ ପରିଚାଳନାରେ ଅଗ୍ରଣୀ ଭୂମିକା ନେଇଥିବା ତଥା ଆର୍ଥିକଭାବେ ସ୍ୱଚ୍ଛଳ ଥିବା ନେତାମାନଙ୍କୁ ଉଚ୍ଚ ସଦନ ପଠାଯିବାର ସମ୍ଭାବନା ଅଧିକ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।




## ■ ଏକକ ନିର୍ବାଚନ ପ୍ରସଙ୍ଗ

# ବୈଠକରେ ଯୋଗଦେବେ ନବୀନ

- ■ ଆଜି ଦିଲ୍ଲୀ ଗସ୍ତ
- ■ ପ୍ରସ୍ତାବ ସପକ୍ଷରେ ବିଜେଡି



ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଦେଶରେ ପ୍ରାୟ ନିୟମିତ ବ୍ୟବଧାନରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଯାହା ସମୟ ଅପଚୟ ହେବା ସହ ବ୍ୟୟବହୁଳ ମଧ୍ୟ ହେଉଛି। ତେଣୁ ସମୟ ବଞ୍ଚାଇବା ସହ ନିର୍ବାଚନ ଖର୍ଚ୍ଚ ହ୍ରାସ କରିବା ପାଇଁ ଏକକ ନିର୍ବାଚନ କରିବା ନେଇ ବିଚାର କରାଯାଉଛି। ଏ ସଂକ୍ରାନ୍ତରେ ଜାତୀୟସ୍ତରରେ ଏକ ସର୍ବଦଳୀୟ ବୈଠକ ବୁଧବାର ନୂଆଦିଲ୍ଲୀଠାରେ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବୈଠକରେ ଅଧ୍ୟକ୍ଷତା କରିବେ। ଏ ବୈଠକକୁ ଦେଶର ସମସ୍ତ ପ୍ରମୁଖ ଜାତୀୟ ଏବଂ ଆଞ୍ଚଳିକ ଦଳର ସଭାପତିମାନଙ୍କୁ ଆମନ୍ତ୍ରଣ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପକ୍ଷରୁ ଏହି ବୈଠକରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ନବୀନ ବୁଧବାର ଏନେଇ ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏକ ଦେଶ, ଏକ ନିର୍ବାଚନ ପ୍ରସଙ୍ଗରେ ବିଜେଡିର ସକାରାତ୍ମକ ଆଭିମୁଖ୍ୟ ରହିଆସିଛି। ୨୦୦୪ରୁ ୨୦୧୯ ମଧ୍ୟରେ ରାଜ୍ୟରେ ଲୋକ ସଭା ସହ ବିଧାନସଭା ନିର୍ବାଚନ କରାଯାଉଛି। ତେଣୁ ବିଜେଡି ବୁଧବାର ବୈଠକରେ ଏକକ ନିର୍ବାଚନ ପ୍ରସଙ୍ଗକୁ ସମର୍ଥନ ଦେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ସାଧାରଣ ନିର୍ବାଚନ ପୂର୍ବରୁ ଲ' କମିଶନ ମଧ୍ୟ ଏ ସଂକ୍ରାନ୍ତରେ ବିଭିନ୍ନ ଦଳଗୁଡ଼ିକର ମତାମତ ଲୋଡିଥିଲେ। ସେ ସମୟରେ ବିଜେଡି ମଧ୍ୟ ଏକକ ନିର୍ବାଚନ ସପକ୍ଷରେ ମତ ରଖିଥିଲା।

# ଆସୁଛି ଲଘୁଚାପ, ୨୩ରୁ ବର୍ଷିବ

## ଗୁଳୁଗୁଳିରେ ବେହାଲ ଓଡ଼ିଶା

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଉତ୍ତର ବଙ୍ଗୋପ ସାଗରରେ ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୩/୪ଦିନ ମଧ୍ୟରେ ଏହା ଅବପାତ(ଡିପ୍ରେସନ) ରୂପ ନେବାର ସମ୍ଭାବନା ରହିଛି। ଏଥିସହିତ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପରେ ମଧ୍ୟ ଏକ ଘୂର୍ଣ୍ଣି ବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ଆସନ୍ତା ୨୦ ତାରିଖରେ ରାଜ୍ୟରେ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ୨୩ କିମ୍ବା ୨୪ ତାରିଖ ବେଳକୁ ମୌସୁମୀ ସମ୍ପୂର୍ଣ୍ଣ ଓଡିଶାକୁ ଘେରିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷା ଓ ମେଘୁଆ ପାଗ ହୋଇଥିବାରୁ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। କେବଳ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୦.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବାରିପଦାରେ ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟାନ୍ୟ ଅଞ୍ଚଳରେ ପାରଦ ୪୦ ଡିଗ୍ରୀ ତଳେ ରହିଛି। ତେବେ ଗରମ ସାଙ୍ଗକୁ ଗୁଳୁଗୁଳି ଉପକୂଳ ଓଡିଶାରେ ପରିବେଶକୁ ଉତ୍ତପ୍ତ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲାର ଅଧିକାଂଶ ସ୍ଥାନ ଓ ଅନ୍ୟ ଜିଲାଗୁଡିକର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡା ଏହି ସମୟରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ଜିଲାର କେତେକ ସ୍ଥାନରେ ଘଡଘଡି ସହ ଝଡତୋଫାନ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରଜ୍ଞା
ପରିବାରବର୍ଗ


ତୁତୁଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶପଥ ନେଲେ ଓଡ଼ିଶାର ୪ ଭାଜପା ଏମ୍ପି

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଓଡ଼ିଶାରୁ ନିର୍ବାଚିତ ହୋଇଥିବା ୪ ଭାଜପା ଲୋକ ସଭା ସଦସ୍ୟ ମଙ୍ଗଳବାର ନିମ୍ନ ସଦନର ସଦସ୍ୟଭାବେ ଶପଥ ଗ୍ରହଣ କରିଛନ୍ତି। ଏମାନେ ହେଉଛନ୍ତି- ବରଗଡ ଏମ୍ପି ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, ମୟୂରଭଞ୍ଜ ଏମ୍ପି ବିଶ୍ୱେଶ୍ୱର ଟୁଡୁ ଏବଂ ସମ୍ବଲପୁର ଏମ୍ପି ନୀତେଶ ଗଙ୍ଗଦେବ। ସୁରେଶ ପୂଜାରୀ ଓଡିଆ, ସଙ୍ଗୀତା ସିଂଦେଓ ହିନ୍ଦୀ ଭାଷାରେ ଶପଥ ନେଇଥିଲେ। ସେହିପରି ବିଶ୍ୱେଶ୍ୱର ଟୁଡୁ ଏବଂ ନୀତେଶ ଗଙ୍ଗଦେବ ଇଂଲିଶରେ ଶପଥ ନେଇଛନ୍ତି। କେନ୍ଦ୍ରାପଡା ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିବା ଅନୁଭବ ମହାନ୍ତି ଏଯାବତ ଶପଥ ନେଇନାହାନ୍ତି। ସେ ବୁଧବାର ଶପଥ ନେଇ ପାରନ୍ତି ବୋଲି କୁହାଯାଉଛି।

■ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ ବିବାଦ

# ଜିଲାପାଳଙ୍କ କୋର୍ଟରେ ହେଲା ଶୁଣାଣି

ପୁରୀ ଅଫିସ,୧୮।୬

ସମୁଦ୍ରକୂଳ ସିପସରୁବାଲି ମୌଜାରେ ଏକ ମନ୍ଦିର କମ୍ପ୍ଲେକ୍ସ ତିଆରି କରିବା ଲାଗି ଇସ୍କନ ୨୦୧୫ରେ ପିକେଡିଏଠାରୁ ଅନୁମୋଦନ ପାଇଥିଲା। କିନ୍ତୁ ସେଠାରେ ଇସ୍କନ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ କରିବ ବୋଲି ଅଭିଯୋଗ ଉଠିବା ପରେ ବିବାଦ ଉପୁଜିଥିଲା। ଜନ ଆନ୍ଦୋଳନ ଓ ରାଜନୈତିକ ବିବାଦ ଯୋଗୁ ପ୍ରଶାସନ ଏହାକୁ ବନ୍ଦ କରି ଦେଇଥିଲା। ଅନୁମୋଦିତ ନକ୍ସାରେ ଜଗନ୍ନାଥ ମନ୍ଦିର ନ ଥିବାବେଳେ ଏହା ଇସ୍କନ କିପରି କରିବ ବୋଲି ପ୍ରଶ୍ନ କରିଥିଲା ପିକେଡିଏ। ଏମିତି କି ଇସ୍କନକୁ ନୋଟିସ୍ ମଧ୍ୟ ଜାରି କରିଥିଲା। ଏହାକୁ ବିରୋଧ କରି ଇସ୍କନ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ୨ମାସ ମଧ୍ୟରେ ବିଚାର ଶେଷ କରିବାକୁ ପିକେଡିଏକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଏପ୍ରିଲ ୧୭ତାରିଖରେ ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ନିର୍ବାଚନ ଯୋଗୁ ଶୁଣାଣି ଘୁଞ୍ଚାଇ ଦିଆଯାଇଥିଲା। ମଙ୍ଗଳବାର ପୁରୀ ଜିଲାପାଳଙ୍କ କୋର୍ଟରେ ଏହାର ଶୁଣାଣି ହୋଇଛି। ଏଥିରେ ପିକେଡିଏ ପକ୍ଷରୁ ଯୋଜନା ସଦସ୍ୟ ଶୁଭେନ୍ଦ୍ର କୁମାର ମିଶ୍ର, ଇସ୍କନ ପକ୍ଷରୁ ହାଇକୋର୍ଟ ଆଇନଜୀବୀ ବଂଶୀଧର ବାଗ, ଶୁଭେନ୍ଦୁ କୁମାର ଦାଶ ଏବଂ ଆପତ୍ତିକାରୀଙ୍କ ପକ୍ଷରୁ ଆଇନଜୀବୀ ଅଶୋକ କୁମାର ଦାଶ ପକ୍ଷ ରଖିଥିଲେ।

ଇସ୍କନ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା, ସେମାନେ ପ୍ରସ୍ତାବିତ ଜମିରେ କେବଳ ରାଧାକୃଷ୍ଣ ମନ୍ଦିର କରିବେ। ଜଗନ୍ନାଥ ମନ୍ଦିରର ପ୍ରସ୍ତାବ ନାହିଁ। ତେଣୁ ପିକେଡିଏ ପୂର୍ବରୁ ଯେଉଁ ଅନୁମିତ ଦେଇଥିଲା ତାହାକୁ ଭିତ୍ତିକରି ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦିଆଯାଉ। ନିର୍ମାଣ ବନ୍ଦ ଆଦେଶ ପ୍ରତ୍ୟାହାର କରାଯାଉ। ସେହିପରି ଆପତ୍ତିକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଗୃହ ନିର୍ମାଣ ଅନୁମତି ନେବା ପାଇଁ ଇସ୍କନ ଭୁଲ୍ ସତ୍ୟପାଠ ଦାଖଲ କରିଛି। ଯେଉଁ ଜାଗାରେ ମନ୍ଦିର ହେବ ତାହା ସିଆର୍‌ଜେଡ୍ ନକ୍ସାରେ ରହିଛି। ପିକେଡିଏ ଅନୁମତିଦେବାର ଅଧିକାର ନାହିଁ। ଇସ୍କନର ଗୃହ ନିର୍ମାଣ ଅନୁମତିକୁ ବାତିଲ କରାଯାଉ। ସେହିପରି ପିକେଡିଏ ପକ୍ଷରୁ ମଧ୍ୟ ପକ୍ଷ ରଖାଯାଇଥିଲା। ଜିଲାପାଳ ବଲୱନ୍ତ ସିଂ ଇସ୍କନ ଏବଂ ଆପତ୍ତିକାରୀଙ୍କୁ ସେମାନେ ଯାହା କହୁଛନ୍ତି ତାହାର କାଗଜପତ୍ର ଦାଖଲ କରିବାକୁ କହିଥିଲେ। ଏହି କାଗଜପତ୍ର ଦାଖଲ କରିବା ପରେ ପରବର୍ତ୍ତୀ ଶୁଣାଣି ଲାଗି ଦିନ ଧାର୍ଯ୍ୟ ହେବ ବୋଲି ଜଣାପଡ଼ିଛି।


ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଫେରୁଛନ୍ତି ଇସ୍କନର ଓକିଲ ଏବଂ କର୍ମକର୍ତ୍ତା।

# ଫେସବୁକ୍‌ରେ ବାତ୍ୟା ପୋଷ୍ଟକୁ ନେଇ ଛାନିଆ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବାତ୍ୟା ପ୍ରସ୍ତୁତି ନେଇ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ । ବୁଧବାର ରାଜ୍ୟରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ମକ୍ ଡ୍ରିଲ୍ କରିବାକୁ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାକୁ କିପରି ମୁକାବିଲା କରାଯିବ ସେ ନେଇ ମକ୍ ଡ୍ରିଲ୍ କରାଯିବା ପାଇଁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ଏକ କାଳ୍ପନିକ ବାତ୍ୟା 'ହିକ୍କା' ଓଡିଶା ଉପକୂଳକୁ ଜୁନ ୧୯ ତାରିଖରେ ଛୁଇଁବ ବୋଲି ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜୁନ ୧୮ ତାରିଖରେ ଫେସ୍‌ବୁକରେ ପୋଷ୍ଟ କରାଯାଇଥିଲା। ବାତ୍ୟା ଗୋପାଳପୁର ଠାରୁ ୫୩୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହାର ବେଗ ଘଣ୍ଟା ପ୍ରତି ୨୦୫ରୁ ୨୧୫ କିଲୋମିଟର ହେବ। ଏହାକୁ ସତ୍ୟ ଭାବି କେତେକ ଏହା ଉପରେ ମତାମତ ଦେଇଥିଲେ। ପରେ ଏହା ଏକ କାଳ୍ପନିକ ଜାଣିବା ପରେ ଲୋକମାନେ ଆଶ୍ୱସ୍ତି ହୋଇଥିଲେ। ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ରାଜ୍ୟରେ ତାଣ୍ଡବ ରଚାଇଥିଲା। ସେହି ବାତ୍ୟାକୁ ଦେଢମାସ ପୂରିବା ବେଳେ ଆଉ ଏକ ବାତ୍ୟା ନାଁ ଶୁଣି ଉପକୂଳବାସୀ ଛାନିଆ ହୋଇପଡିଥିଲେ। ବୁଧବାର ସମସ୍ତ ଜିଲା, ବ୍ଲକ ଓ ବାତ୍ୟା ଆଶ୍ରୟସ୍ଥଳଗୁଡିକରେ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏବେ ୨୫ଟି ଜିଲାର ୮୭୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରାଯାଉଛି। ରେଡ୍‌କ୍ରସ ସଂସ୍ଥା ଦ୍ୱାରା ୬୫ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ମଧ୍ୟ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଆଶ୍ରୟସ୍ଥଳଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ସଭ୍ୟାସଭ୍ୟ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟଗୁଡିକର କୌଶଳ ପ୍ରଦର୍ଶନ କରିବେ। ଏଥିରେ ଓଡ୍ରାଫ, ଏନଡିଆରଏଫ୍ ଏବଂ ଅଗ୍ନିଶମ ସେବା ବାହିନୀ ଭାଗନେବେ। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, ବ୍ଲକ ଓ ତହସିଲ ପ୍ରଶାସନ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରପଞ୍ଚ ତଥା ଗ୍ରାମ ପଞ୍ଚାୟତ କର୍ମକର୍ତ୍ତା ଏବଂ ସାଧାରଣ ଲୋକମାନେ ଅଂଶଗ୍ରହଣ କରିବେ।

# ଦକ୍ଷତା ବିକାଶ ପ୍ରଶିକ୍ଷଣ ଆଳରେ ୬୨ ଲକ୍ଷ ଠକେଇ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

■ ଆର୍‌ଆଇଟିଏମ୍ ନିର୍ଦ୍ଦେଶକଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

■ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ଗଲେ

ଦକ୍ଷତା ବିକାଶ ପ୍ରଶିକ୍ଷଣ ଆଳରେ ୧୫ ଏନ୍‌ଜିଓଠାରୁ ୬୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ। ଏହି ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ରୁଧିତାପ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ(ଆର୍‌ଆଇଟିଏମ)ର ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ଜଗସିଂପୁର ଜିଲା କୁଜଙ୍ଗ ଥାନା ଅଧୀନ ବାଗୋଇ ଗ୍ରାମର ସୁଧୀର ସାହୁ। ତାଙ୍କୁ ଭୁବନେଶ୍ୱରର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ପଚରାଉଚରା ପରେ ସୁଧୀର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣାପଡ଼ିବା ପରେ ଇଓଡବ୍ଲ୍ୟୁ ପକ୍ଷରୁ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି।

ସୂଚନା ମୁତାବକ, ଅଭିଯୁକ୍ତ ସୁଧୀର ଠକେଇ ପାଇଁ ସ୍ୱାସ୍ଥ୍ୟ, ପରିମଳ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟରେ ବିଭିନ୍ନ ସ୍ଥାନରେ କାମ କରୁଥିବା ଏନ୍‌ଜିଓଗୁଡ଼ିକୁ ଟାର୍ଗେଟ କରିଥିଲେ। ରସୁଲଗଡ ଥାନା ଅନ୍ତର୍ଗତ ପଳାଶୁଣୀ ସପ୍ତସତୀ ବିହାରରେ ଏକ ଭଡ଼ା ଘରେ ଇନ୍‌ଷ୍ଟିଚ୍ୟୁଟ୍ ଓ ଅଫିସ ଖୋଲିଥିଲେ। ଭାରତ ସରକାରଙ୍କ ଅଧୀନରେ ପରିଚାଳିତ ନ୍ୟାଶନ୍ୟାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନଫରମେଶନ ଟେକ୍ନୋଲୋଜି, ଖଦି ଭିଲେଜ ଇଣ୍ଡଷ୍ଟ୍ରିଜ୍ କମିଶନଙ୍କଠାରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ଫ୍ରାଞ୍ଚାଇଜ୍ ଆଣିଥିବା ଜାଲ୍ କାଗଜପତ୍ର ଦେଖାଇ ବିଭିନ୍ନ ଏନ୍‌ଜିଓ ସଂସ୍ଥାଠାରୁ ଟଙ୍କା ଆଦାୟ କରିଥିଲେ। ପ୍ରଶିକ୍ଷଣ ଦେବାକୁ ହେଲେ ପ୍ରଥମେ ପ୍ରଶିକ୍ଷକଙ୍କ ଦରମା ବାବଦରେ ପ୍ରତି ପିଲାଙ୍କ ମୁଣ୍ଡ ପିଛା ପ୍ରଶିକ୍ଷଣ ଦେୟ ଜମା କରିବାକୁ ପଡିବ ଓ ପ୍ରଶିକ୍ଷଣ ସରିବା ପରେ ଏନ୍‌ଜିଓ ସଂସ୍ଥାମାନେ ଜମା ଦେଇଥିବା ଅର୍ଥର ୬ ଗୁଣ ଫେରିପାଇବେ ବୋଲି କାଗଜପତ୍ରରେ ଚୁକ୍ତି କରିଥିଲେ। ନୟାଗଡ ଜିଲାରେ ଥିବା ହରିଜନ ଆଦିବାସୀ ମହିଳା ସମିତି ଏନଜିଓର ସମ୍ପାଦକ ବିଜୟ କୁମାର ମହାପାତ୍ର ପ୍ରଥମେ ଟଙ୍କା ଜମା କରିଥିଲେ। ଉକ୍ତ ଏନ୍‌ଜିଓ ସମେତ ୧୫ରୁ ଊର୍ଦ୍ଧ୍ୱ ସଂସ୍ଥା ବହୁ କୋଟି ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଶିକ୍ଷଣ ଦିଆଯାଇ ନ ଥିଲା। ଅଭିଯୁକ୍ତ ସୁଧୀର ପଳାଶୁଣିସ୍ଥିତ କାର୍ଯ୍ୟାଳୟ ବନ୍ଦ କରି ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ବିଜୟଙ୍କ ସହ ଅନ୍ୟ ଏନ୍‌ଜିଓ ସଂସ୍ଥା ପକ୍ଷରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲା କି ଅଭିଯୋଗକାରୀଙ୍କୁ କୌଣସି ସହଯୋଗ କରି ନ ଥିଲା। ଶେଷରେ ଜମାକାରୀମାନେ ଗତ ଏପ୍ରିଲ ୨୫ରେ ଏକାଠି ହୋଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭାଗ୍ୟସ୍ଥାନସ୍ଥ ଚନ୍ଦ୍ର ପାପଯୁକ୍ତ କାରଣରୁ କୌଣସି କାର୍ଯ୍ୟରେ ସଫଳତା ପାଇବା କଷ୍ଟକର ହୋଇପାରେ। ତଥାପି ଆର୍ଥିକ ଏବଂ ସାମାଜିକ ସ୍ଥିତି ପୂର୍ବଭଳି ରହିବ। ଦ୍ୱିଜା ନକ୍ଷତ୍ର ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇନେଇପାରିଲେ କୃତକାର୍ଯ୍ୟ ହେବେ। ଅପରାହ୍ନେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବାକୁ ପଡ଼ିପାରେ।

**ବୃଷ** ଶନିଙ୍କ ପ୍ରଭାବରେ ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିପାରେ। ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** ଧନାଧିପ ପାପଯୁକ୍ତ କାରଣରୁ ଅର୍ଥ ସମ୍ପର୍କୀୟ ବିବାଦ ଲାଗିପାରେ। କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲି ମକଦ୍ଦମାରେ ସମସ୍ୟା ଲାଗି ରହିବ।

**କର୍କଟ** ରାଶ୍ୟାଧିପଙ୍କ ଶୁଭ ସଂସ୍ଥାନ ଅଭାବରୁ ସ୍ୱାସ୍ଥ୍ୟ ଭଲ ରହିନପାରେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ବହୁମାତ୍ରାରେ ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାମୟିକ ପ୍ରତିବନ୍ଧକରୁ ଆଜିର କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ସିଂହ** ଏକାଦଶ ଏକାଧିକ ଗ୍ରହ ହେତୁ ଆପଣ ଆଜି ନିରାଶ ହେବେ ନାହିଁ। ସାଧାରଣରେ ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କହାନି ଘଟିବାର ଆଶଙ୍କା ରହିଛି। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** ଚନ୍ଦ୍ରଙ୍କ କୁପ୍ରଭାବରେ ଗତକାଲିଠାରୁ ଅତୀତର କେତେକ ଘଟଣା ମନକୁ ବାରମ୍ବାର ଆଲୋଡ଼ନ କରିବା ଫଳରେ ଆପଣ ସ୍ଥିର ଭାବରେ ରହିପାରିବେ ନାହିଁ। ନିଜ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ।

**ତୁଳା** ଚନ୍ଦ୍ର ଓ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ କାର୍ଯ୍ୟରେ ସଫଳତା ପାଇବା ସହଜସାଧ୍ୟ ନ ହୋଇପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଅଫିସରେ ଅଫିସରମାନଙ୍କ ସହ ମତଦ୍ୱୈଧ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ଦ୍ୱିତୀୟ ସ୍ଥାନ ପାପଯୁକ୍ତ କାରଣରୁ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କଥାବାର୍ତ୍ତା ନ କଲେ ଅସୁବିଧାରେ ପଡ଼ିବେ । ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍ଭାବ ବୃଦ୍ଧି ହୋଇପାରେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ମାଲି ମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ଧନୁ** ସପ୍ତମସ୍ଥାନରେ ଚାରୋଟି ଗ୍ରହ ଅବସ୍ଥାନ କରୁଥିବା କାରଣରୁ ବିବାଦ କିମ୍ବା ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରହିବା ଭଲ ହେବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଅନୁକୂଳ ସମୟ ହେତୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ମିଳିବା ନିଶ୍ଚିତ। ନିଜର ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକିପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ** ଆପଣଙ୍କ ସୁଚିନ୍ତିତ ବିଚାରଧାରା ଫଳରେ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ । ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ରହିଥିବା ବ୍ୟତିକ୍ରମ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ମଧ୍ୟ ସମସ୍ୟାକୁ ସୁଧାରି ନେବେ । ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ ।

**ମୀନ** ବନ୍ଧୁମାନଙ୍କ ସହ ହସଖୁସି ମଧ୍ୟରେ ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ଭ୍ରମଣ ବେଶ୍ ଆନନ୍ଦଦାୟକ ରହିବ। ସାମାଜିକ ସ୍ତରରେ ଈର୍ଷାପରାୟଣ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଦିଗରୁ ବହୁତ ଶୁଭଫଳ ପାଇବେ।

ଆଜି ଆଷାଢ଼ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା, ବୁଧବାର, ଜୁନ୍ ୧୯ ତାରିଖ, ରାଶିନକ୍ଷତ୍ର– ଦିବା ଘ୨ ।୦୫ମି. ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟବିବାହ ପାଣିଗ୍ରହଣ, ଦିବା ଘ୬ ।୪୯ମି. ଗତେ ଘ୮ ।୨୮ମି. ମଧ୍ୟେ, ଘ୩ ।୦୪ମି. ଗତେ ଘ୪ ।୪୩ମି. ମଧ୍ୟେ ଅମୃତବେଳା। ଦିବା ଘ୬ ।୪୯ମି. ମଧ୍ୟେ ଘ୧୦ ।୦୭ମି. ଗତେ, ଘ୧ ।୪୬ମି. ମଧ୍ୟେ ଘ୪ ।୪୩ମି. ଗତେ, ଘ୬ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧ ।୪୮ମି. ଗତେ ଘ୧ ।୨୭ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302

**GROOM WANTED**

କେନ୍ଦ୍ରାପଡ଼ାସ୍ଥିତ 27 ବର୍ଷିୟା B.SC. କରିଥିବା ସୁନ୍ଦର ବ୍ରାହ୍ମଣ ଝିଅ ପାଇଁ ଯେକୌଣସି ଜାତିର ପୁଅ ଦରକାର। 9658674636. D- 13036




**SALE**

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University-250/-, 6371922931 D-66705

1750 sqft residential plot, near ITER College, Jagamara, Bhubaneswar, price: 52lakh, Mob: 9078151122. D-66572

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66570

1200 sqft. land, 900 construction simplex sale ବ୍ରାହ୍ମଣଝରିଲୋ ନଖରାରୁ ୬କିମି 25,00,000/- LIC approved. 9437306208. D-66141

ଭୁବନେଶ୍ୱର New Railway Station ପାଖରେ ଘରବାରି sqft. 450/-ରେ ମିଳୁଛି। 9439690111. D-66142

Booking open for 2BHK flat at Jagannath Nagar, Jharpada, Bhubaneswar available for sale under construction stage 9861616986. D-62189




2BHK independent house for family at Bajaranga Vihar, Patia, Bhubaneswar, Ph: 9556985544, 9866123690. D-64974

**ACCOMMODATION**

ମାସିକିଆ ଭଡ଼ାସୂତ୍ରରେ ଟାଟା ମ୍ୟାଜିକ୍ ଏବଂ ଅଟୋ ଆବଶ୍ୟକ। Call: 7609893102, 8637294131. D-66577




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Summer special mesmerizing offer expert therapeutic refreshing massage appointment. 9668374480. D-66560

Kajal ayurvedic massage club fully relaxed by smart lady, home service available. 9937637219. D-66904

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674-2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754.D-66576




ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**LOST**

Money receipt books vide no. PK-7120 & PL-1776 issued byTata Capital Finance Limited, Bhubaneswar to B.B. Agencies has been lost on the way. We will not be held responsible for misuse of the same. Satyanarayan Dash-9937224252. D-66246

**AFFIDAVIT**

By virtue of an affidavit before Notary Bhubaneswar I, Ashmita Das aged about 21years, D/o Abhaya Kumar Das, resident of G.G.P Colony, P.S: Mancheswar, Bhubaneswar, Dist: Khurda it is notified for the information that my migration certificate obtained from Revenshwa University in the year of 2018 has been lost near my residence. Contact: 8280006944. D-66905

I Rajesh Agrawal , S/o Shiba Prasad Agrawal of Ladugaon, Kalahandi changed the name of my son Rohan Agrawal from Rohan Kumar Agrawal by executing a affidavit before Notary, Bhawanipatna. Henceforth he will be known as Rohan Agrawal S/o Rajesh Agrawal for all purpose. D-13025

**LEGAL NOTICE**

ମାନ୍ୟବର ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ମହୋଦୟଙ୍କ ଅଦାଲତ, ଢେଙ୍କାନାଳ, ଦେୱାନୀ ମୋକଦ୍ଦମା ନଂ. ୨୨୬/୧୨

ବାସନ୍ତି ସାହୁ ... ବାଦୀ
ବନାମ
ଅଭିମନ୍ୟୁ ବେହେରା ଓ ଅନ୍ୟମାନେ ...ପ୍ରତିବାଦୀ

ଦେୱାନୀ ବିଚାରଧାରା ଆଇନର ଅର୍ଡର ୫ରୁଲ ୨୦ଧାରା ମୁତାବକ ନୋଟିସ ଏତଦ୍ଦ୍ୱାରା ପ୍ରତିବାଦୀ ନଂ.୩(କ)– କୃଷ୍ଣଚନ୍ଦ୍ର ବେହେରା, ପିତା– ସ୍ୱର୍ଗତ ପାଲ ବେହେରା, ସା– ବଡଗିଲା, ପୋ.ଅ– ସପ୍ତଶଯ୍ୟା, ଥାନା– ସଦର, ଜି– ଢେଙ୍କାନାଳଙ୍କୁ ଜଣାଇ ଦିଆଯାଉଅଛି କି ବାଦୀ ବାସନ୍ତି ସାହୁ, ଜି– ଢେଙ୍କାନାଳ, ଥା– ସଦର, ଗ୍ରାମ– ସପ୍ତଶଯ୍ୟା, ପାତ୍ରାଭାଗ ଖାତା ନଂ.୫୮୦, ପ୍ଲଟ. ୯୨୯ ଏବଂ ପ୍ଲଟ.୯୩୩ ମୋଟ ରକବା ଏ୦.୦୬ ଡିସିମିଲ କିସମ ଘରବାରି ଉପରେ ନିଜର ସତ୍ୱ ଉପସତ୍ୱ ତଥା ସମସ୍ତ ପ୍ରକାର ସ୍ୱାର୍ଥ ଓ ଦଖଲ ସାବ୍ୟସ୍ତ ତଥା ଦେୱାନୀ ମୋକଦ୍ଦମା ନଂ. ୨୧୧/୨୦୦୫ ଯାହାକି ବରିଷ୍ଠ ସିଭିଲ୍ ଜଜ୍ ଢେଙ୍କାନାଳଙ୍କ ଦ୍ୱାରା ଦିଆଯାଇଥିବା ତା୦୪।୧୨।୨୦୦୬ରିଖର ରାୟକୁ ଅମୂଳକ ତଥା ଅକାମୀ ବୋଲି ଘୋଷଣା କରିବା ନିମନ୍ତେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଉକ୍ତ ମୋକଦ୍ଦମା ତା୦୮।୦୭।୨୦୧୯ରିଖ କୁ ଧାର୍ଯ୍ୟ କରାଯାଇଅଛି। ଏଣୁ ଉକ୍ତ ଧାର୍ଯ୍ୟ ତାରିଖରେ ଏହାକୁ ଆଇନଗତ ସମନରୂପେ ଅବଗତ ହୋଇ ଉପରୋକ୍ତ ତଫସିଲ ବୃତ୍ତିବାଦୀଙ୍କ ସପକ୍ଷେ କାହିଁକ ଘୋଷଣା କରାନଯିବ ଉପରୋକ୍ତ ଅଦାଲତଙ୍କ ନଂ ମୁକାମରେ ହାଜର ହୋଇ ଜବାବ ସୁଆଲ ନ ରଖିଲେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। (ଇତି) ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍, ଢେଙ୍କାନାଳ।
ଧ-୬୬୮୦୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶିଶୁଙ୍କ ଶୋ'ରେ ବୟସ୍କ

ଭାରତରେ ଘରୋଇ ଟେଲିଭିଜନ ଚ୍ୟାନେଲ ଟେଲିଭିଜନ ରେଟିଂ ପଏଣ୍ଟ (ଟିଆର୍‌ପି)କୁ ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ ସମୟରେ ସମାଚାର, ପ୍ରସଙ୍ଗଭିତ୍ତିକ ମତଠାରୁ ଆରମ୍ଭକରି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ ବେଳେ ଅତିରଞ୍ଜିତ ସ୍ତରକୁ ଚାଲିଯାଇଥାଆନ୍ତି। ସମାଚାର ପ୍ରସାରଣ ବେଳେ ସମ୍ବେଦନଶୀଳ ଖବରକୁ ଏଭଳି ବନେଇଚୁନେଇ ଦର୍ଶକଙ୍କ ଆଗରେ ବାଢ଼ିଦିଆଯାଏ ଯେ, ମନେହୁଏ ଯେମିତି ଉପସ୍ଥାପିକା ବା ଉପସ୍ଥାପକ ଘଟଣାକୁ ପ୍ରତ୍ୟକ୍ଷ ଭାବେ ଦେଖୁଛନ୍ତି। ଏହାଦ୍ୱାରା ଖବର ତା'ର ମୌଳିକତା ହରାଇ ବସିଥାଏ। ସେହିଭଳି ପ୍ରସଙ୍ଗଭିତ୍ତିକ ବିତର୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବେଳେ ନ୍ୟୁଜ୍‌ରୁମ୍ ଅନେକ ସମୟରେ କୋର୍ଟରୁମ୍‌ରେ ପରିଣତ ହୋଇଯାଉଥିବା ଦେଖିବାକୁ ମିଳୁଛି। ଯିଏ ଯେତେବଡ଼ ପାଟିକରି ନିଜ ମତ ରଖିପାରିଲେ, ସେ ସେତେ ବିଦ୍ୱାନ୍ ଦେଖେଇ ହୋଇଥାଆନ୍ତି। ସମ୍ପୃକ୍ତ ଚ୍ୟାନେଲଗୁଡ଼ିକ ଏସବୁ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବା ପଛରେ ଟିଆର୍‌ପି ବୃଦ୍ଧି ମୁଖ୍ୟ ଲକ୍ଷ୍ୟ ହୋଇଥାଏ ବୋଲି କୁହାଯାଉଛି। ଅନୁରୂପ ଭାବେ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କଥା ଆଲୋଚନା କଲେ ଘରୋଇ ଟେଲିଭିଜନ ଚ୍ୟାନେଲଗୁଡ଼ିକ ଅଶିଷ୍ଟତାର ସବୁ ସୀମାସରହଦ ଅତିକ୍ରମ କଲାଭଳି ଦୃଶ୍ୟମାନ ହେଉଛି। କେତେକ କାର୍ଯ୍ୟକ୍ରମ ଏଭଳି ପ୍ରସାରଣ କରାଯାଉଛି ଯେ ପରିବାରର ସବୁ ସଦସ୍ୟ ଏକସଙ୍ଗେ ବସି ତାହାକୁ ଦେଖିବା ଅସମ୍ଭବ ମନେହେଉଛି। ଏବେ ଆଉ ଏକ ସମ୍ବେଦନଶୀଳ କ୍ଷେତ୍ର ପ୍ରତି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ନଜରକୁ ଆସିଛି। ଶିଶୁମାନଙ୍କ ନୃତ୍ୟଭିତ୍ତିକ ରିୟଲିଟି ଶୋ'ରେ ଅଶ୍ଳୀଳ ଓ ହିଂସା ବଢ଼ାଇବା ଭଳି ଦୃଶ୍ୟ ଦେଖିବାକୁ ମିଳିବା ପରେ ମନ୍ତ୍ରଣାଳୟ ପକ୍ଷରୁ ଘରୋଇ ଚ୍ୟାନେଲ ଉପରେ ରୋକ ଲଗାଯାଇଛି। ଦେଖାଯାଉଛି ବୟସ୍କଙ୍କ ସକାଶେ ଉଦ୍ଦିଷ୍ଟ ଗୀତ ଓ ନାଚରେ ଶିଶୁମାନେ ରିୟଲିଟି ଶୋ'ରେ ଭାଗ ନେବା ବେଳେ ବଡ଼ମାନଙ୍କ ଭଳି ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଛନ୍ତି। ଫଳରେ ସେମାନଙ୍କ କୋମଳ ମନରେ ଏସବୁ ଖରାପ ପ୍ରଭାବ ପକାଇବା ସ୍ୱାଭାବିକ। ଘରୋଇ ଚ୍ୟାନେଲଗୁଡ଼ିକ ଏଥିପ୍ରତି ଦୃଷ୍ଟି ଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଆଡ୍‌ଭାଇଜରି ବା ନିର୍ଦ୍ଦେଶନାମା ଜାରି ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ।

କେବୁଲ୍ ଟେଲିଭିଜନ ନେଟ୍‌ୱର୍କସ (ରେଗୁଲେଶନ) ଆଇନ ଅନୁଯାୟୀ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ସେମାନଙ୍କୁ କଳଙ୍କିତ ବା ନିନ୍ଦା ଆଣିବା ଭଳି ଦୃଶ୍ୟ ପ୍ରସାରଣ କରାଯିବା ଉଚିତ ନୁହେଁ। କାର୍ଯ୍ୟକ୍ରମରେ ଖରାପ ଭାଷା ବ୍ୟବହାର ଓ ହିଂସାତ୍ମକ ଦୃଶ୍ୟମାନ ଯେଭଳି ପ୍ରସାରଣ ନ ହେବ ସେଥିପ୍ରତି ଟେଲିଭିଜନ ଚ୍ୟାନେଲଗୁଡ଼ିକ ସଚେତନ ହେବେ। ହେଲେ ଟିଆର୍‌ପିକୁ ଆଖିରେ ରଖି ଏବେ ଅଧିକାଂଶ ମନୋରଞ୍ଜନଧର୍ମୀ ଚ୍ୟାନେଲ ପିଲାଙ୍କୁ ଦୃଷ୍ଟି ଦେଇ ସ୍ୱାଭାବିକ ଭାବେ ଉକ୍ତ ଆଇନକୁ ଭଙ୍ଗ କରୁଛନ୍ତି। ସାଧାରଣରେ ଶିଶୁମାନଙ୍କ କାର୍ଯ୍ୟକ୍ରମ ସହ ସିଧାସଳଖ ଭାବେ ମାତାପିତା ଓ ଅଭିଭାବକମାନେ ଅସଂଖ୍ୟ ଭାବେ ଜଡ଼ିତ ଥିବାରୁ ଟେଲିଭିଜନ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ଅଧିକ ଦର୍ଶକ ହେଲେ ବିଜ୍ଞାପନ ଦର ସେହି ଅନୁଯାୟୀ ବଢ଼ିଥାଏ। ତେଣୁ ଶିଶୁମାନଙ୍କ କାର୍ଯ୍ୟକ୍ରମକୁ ଅଧିକ ଲୋକପ୍ରିୟ କରାଇବା ଲାଗି ପ୍ରସାରଣ ନିୟମକୁ ନ ମାନି ଅନେକ ଚ୍ୟାନେଲ ଅତି ନିମ୍ନ ସ୍ତରକୁ ଚାଲିଯାଉଛନ୍ତି। ଏପରିକି ରିୟଲିଟି ଶୋ'ରେ ଗୀତ କିମ୍ବା ନାଚ କାର୍ଯ୍ୟକ୍ରମ ଲାଗି ଅଡିଶନ ଦେବାକୁ ଯାଇଥିବା ପିଲାଙ୍କୁ ରାତି ଅଧଯାଏ ଅଟକାଇ ରଖାଯାଇଥାଏ। କେତେକ ଚ୍ୟାନେଲ ସକାଳ ସମୟରେ ଅଡିଶନ ଆରମ୍ଭ ହେବ ବୋଲି ବିଜ୍ଞାପନ ଦେଉଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭ କଲା ବେଳକୁ ଅପରାହ୍ନ ଗଡ଼ିଯାଇଥାଏ। ମାତାପିତା ନିଜ ପିଲାକୁ ସେଲିବ୍ରିଟି ସ୍ତରରେ ଦେଖିବାର ଲକ୍ଷ୍ୟ ରଖି ଅଡିଶନ ହେଉଥିବା ସ୍ଥାନରେ ଅନେକ ଘଣ୍ଟା ଅପେକ୍ଷାରେ ରହିଥାଆନ୍ତି। ଏମିତି ଦେଖାଗଲାଣି କେତେକ କମ୍ପାନୀ ନିଜ ପ୍ରଡକ୍ଟ ବିକ୍ରି କରିବାକୁ ଯାଇ ଘରୋଇ ଚ୍ୟାନେଲରେ ଶିଶୁ କାର୍ଯ୍ୟକ୍ରମ ପାଇଁ ପ୍ରାୟୋଜକ ପାଲଟି ଯାଉଛନ୍ତି। ସେଭଳି ସ୍ଥଳେ ଶିଶୁଙ୍କ ପ୍ରତିଭା ତଉଲିବାର ମାପଦଣ୍ଡ କେଉଁ ଆଡ଼କୁ ଚାଲିଯାଉଛି ଭୁକ୍ତଭୋଗୀ ଅନୁଭବ କରିପାରୁଥିବେ।

ଶିଶୁମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବା ଲାଗି ବୟସ୍କମାନଙ୍କ ଭୂମିକା ସର୍ବାଗ୍ରେ ରହିବା କଥା। ଟେଲିଭିଜନ ଏକ ବଳିଷ୍ଠ ଗଣମାଧ୍ୟମ ହୋଇଥିବାରୁ ଏଥିରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ। ପ୍ରଗତିଶୀଳ ହେବା ଲାଗି ଶୃଙ୍ଖଳିତ ଭାବେ ସମାଜକୁ ଗଢ଼ାଯିବା ଦରକାର। ଶିଶୁମାନଙ୍କ କାର୍ଯ୍ୟକ୍ରମ କଥା ବିଚାର କଲେ ସେଥିରେ ଶିକ୍ଷା, ମନୋରଞ୍ଜନ ସହ ନୂତନ ଚିନ୍ତାଧାରା ସ୍ଥାନ ପାଇଲେ ସେମାନଙ୍କ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରାଯାଇପାରିବ। ବିକୃତ ଚରିତ୍ର ପୋଷଣ କଲେ ଶିଶୁମାନଙ୍କ ଉପରେ କୁପ୍ରଭାବ ପଡ଼ିବ। ସେଥିପାଇଁ କେବଳ ଗଣମାଧ୍ୟମ ବିଶେଷକରି ଟେଲିଭିଜନ ଚ୍ୟାନେଲ ନୁହେଁ, ମାତାପିତା ମଧ୍ୟ ଏଭଳି ବଦ୍‌କାର୍ଯ୍ୟରେ ସ୍ୱଇଚ୍ଛାରେ ସମ୍ପୃକ୍ତ ହୋଇଯିବା ଦୁଃଖଦାୟକ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୯୪

- ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବିଶ୍ୱବ୍ୟାଙ୍କ ଭାରତକୁ ୮୮ ନିୟୁତ ଡଲାର ଋଣ ଯୋଗାଇ ଦେଇଛି।
- ଚାଇନାର ଦକ୍ଷିଣାଞ୍ଚଳରେ ପ୍ରବଳ ବନ୍ୟା ହେବା ଫଳରେ ୩୦୦ ଜଣ ପ୍ରାଣ ହରାଇଛନ୍ତି।
- କେରଳ ଓ ଗୁଜରାଟରେ ପ୍ରବଳ ବର୍ଷା ଯୋଗୁ ୭୦ ଜଣ ମୃତ୍ୟୁବରଣ କରିଛନ୍ତି।
- ଦିଲ୍ଲୀ ଏବଂ ଶ୍ରୀନଗର ମଧ୍ୟରେ ଟେଲିଭିଜନ ଯୋଗାଯୋଗକୁ ନଷ୍ଟ କରିଦେବା ପାଇଁ ଉଗ୍ରପନ୍ଥୀଙ୍କ ଉଦ୍ୟମକୁ ନିରାପତ୍ତାରକ୍ଷୀମାନେ ବ୍ୟର୍ଥ କରିଦେଇଛନ୍ତି। ଏହି ସଂଘର୍ଷରେ ୨୫ ଜଣ ଉଗ୍ରପନ୍ଥୀ ନିହତ ହୋଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | | 4 | | | B | E | | 9 | | |
| | B | C | 7 | | | | E | | | | | 8 | | |
| 7 | 3 | 0 | | 8 | | | B | A | | | | | | |
| 8 | | 1 | | | | | | 7 | | 0 | | D | 3 | |
| | | | 4 | 0 | | D | 5 | | 7 | | | | C | |
| | 9 | B | D | | 1 | | | | | C | A | | | |
| | 7 | | | | 3 | 9 | | | | 4 | | | | 0 |
| | 4 | A | 6 | | | | | 0 | 1 | | 5 | | | 3 |
| | | E | 0 | 5 | | | | 6 | | | | | 7 | |
| | | | C | 9 | | | A | | | | 6 | 1 | | |
| | | | | | E | 5 | | | | | D | 0 | 9 | |
| | | | | D | 2 | | | | | | 0 | | | |
| | 0 | 2 | | | 8 | | | 4 | A | | | | | |
| | | 9 | | | | | 2 | 8 | | | | B | D | |
| | | 7 | 3 | B | | | | | 6 | 5 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 8 | 7 | 5 | C | 4 | 3 | B | 2 | D | 0 | 1 | 6 | 9 |
| 2 | 5 | 3 | 6 | A | E | 1 | C | 9 | 7 | 8 | 4 | 0 | D | B |
| 7 | 0 | 4 | D | 1 | 9 | 8 | 2 | 5 | B | 6 | 3 | E | A | C |
| C | D | 6 | B | 4 | 2 | A | 0 | E | 9 | 1 | 5 | 3 | 7 | 8 |
| 9 | 1 | B | 0 | 8 | 3 | 6 | 7 | D | E | C | A | 5 | 4 | 2 |
| 6 | 9 | 0 | 3 | C | A | 7 | D | 4 | 1 | 5 | 2 | 8 | B | E |
| D | 2 | 7 | 5 | E | 4 | C | A | 3 | 6 | B | 8 | 9 | 1 | 0 |
| 8 | B | E | 2 | 7 | 6 | 9 | 1 | 0 | 3 | 4 | C | D | 5 | A |
| 4 | 3 | 5 | 1 | D | B | E | 6 | 8 | A | 0 | 9 | 2 | C | 7 |
| 1 | C | A | 8 | 9 | 0 | 5 | B | 2 | D | 7 | E | 6 | 3 | 4 |
| 5 | 7 | D | 4 | 0 | 1 | 2 | E | C | 8 | A | 6 | B | 9 | 3 |
| 3 | 4 | 9 | A | 2 | 8 | B | 5 | 6 | C | E | 1 | 7 | 0 | D |
| B | E | 1 | C | 3 | 5 | D | 8 | A | 0 | 9 | 7 | 4 | 2 | 6 |
| 0 | 8 | C | 9 | 6 | D | 3 | 4 | 7 | 5 | 2 | B | A | E | 1 |
| A | 6 | 2 | E | B | 7 | 0 | 9 | 1 | 4 | 3 | D | C | 8 | 5 |

ଗତକାଲିର ଉତ୍ତର

# ଓଡ଼ିଆ ସାହିତ୍ୟରେ ପାଠକ ସମସ୍ୟା



ଡ. ଅନ୍ତର୍ଯ୍ୟାମୀ ମିଶ୍ର

ସଶ୍ରଦ୍ଧ ପାଠକ ହିଁ ସାହିତ୍ୟ ସମୃଦ୍ଧିର ଉତ୍ତମ ସହାୟକ। ପାଠକୀୟ ଶ୍ରଦ୍ଧା ସାହିତ୍ୟକୁ ଲୋକପ୍ରିୟ କରିଥାଏ। ଯେଉଁ ସାହିତ୍ୟର ପାଠକ ସଂଖ୍ୟା ଯେତେ ଅଧିକ ସେହି ସାହିତ୍ୟ ସେତିକି ଉନ୍ନତ। ଦୁଃଖର ବିଷୟ ସମ୍ପ୍ରତି ସାହିତ୍ୟ ଆଉ ପାଠକର ଆଦରର ବସ୍ତୁ ହୋଇନାହିଁ। କ୍ରମେ ସ୍ରଷ୍ଟା ଓ ପାଠକଙ୍କ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଇବାକୁ ଲାଗୁଛି। ଏହି ଗୁରୁତର ସମସ୍ୟା ପ୍ରତି କାହାର ନିଘା ନାହିଁ। ଆମେ ସାହିତ୍ୟ ସୃଷ୍ଟି କରିବା ନିମିତ୍ତ ଯେତିକି ବ୍ୟଗ୍ର ପାଠକ ସଚେତନତା ସୃଷ୍ଟି ନିମିତ୍ତ ସେତିକି ତତ୍ପର ନୋହୁ।

ପାଠକ ହିଁ ସାହିତ୍ୟର ମୁଖ୍ୟ ପୃଷ୍ଠପୋଷକ। ସାହିତ୍ୟ ସର୍ବଦା ପାଠକଙ୍କ ନିକଟରେ ନିତ୍ୟନୂତନ। ସାହିତ୍ୟ ପାଠକଙ୍କୁ ଜ୍ଞାନ ଓ ଆନନ୍ଦ ପ୍ରଦାନ କରିଥାଏ। ସାହିତ୍ୟର ଭାଷା, ଭାବ, ସତେଜ ଅନୁଭୂତି, ବ୍ୟଞ୍ଜନା ଓ ରସ ପାଠକର ବୌଦ୍ଧିକ ବିକାଶ ଘଟାଇଥାଏ। ବର୍ଣ୍ଣାଡ'ଶଙ୍କ ଭାଷାରେ, "Books are in fact cheapest of all the pleasures." ଅର୍ଥାତ୍ ପୁସ୍ତକ ପ୍ରକୃତରେ ସହଜଲଭ୍ୟ ଆନନ୍ଦର ଉତ୍ସ। ପୁସ୍ତକରୁ କେବଳ ଆନନ୍ଦ ମିଳେନାହିଁ, ଜୀବନମୁକ୍ତିର ପଥ ମଧ୍ୟ ଉପଲବ୍ଧ ହୋଇଥାଏ। ପୁସ୍ତକଟି ସଦ୍ୟ ପ୍ରକାଶିତ ହେଉ ବା ଦୁଇଶହ ବର୍ଷ ତଳର ପୁସ୍ତକ ହେଉ, ତାହା ସବୁ ଯୁଗର ପାଠକଙ୍କ ନିମିତ୍ତ ନିତ୍ୟନୂତନ। ଅମୃତତ୍ୱ ହେଉଛି ପୁସ୍ତକର ସହଜାତ ଧର୍ମ, ଯାହା ମନୁଷ୍ୟକୁ ଚିରକାଳ ଶାଶ୍ୱତ ଆନନ୍ଦ ଓ ବିମଳ ଜ୍ଞାନ ପ୍ରଦାନ କରିଥାଏ। ଏହି ଦୃଷ୍ଟିରୁ ଆମର ଅନ୍ୟାନ୍ୟ ଆବଶ୍ୟକତା ସହିତ ପୁସ୍ତକ ପଠନର ଏକାନ୍ତ ଆବଶ୍ୟକତା ରହିଛି। ଅଥଚ ଆମେ ଅନ୍ନ, ବସ୍ତ୍ର, ବାସଗୃହ ପ୍ରଭୃତି ମୌଳିକ ଆବଶ୍ୟକତା ସହିତ ପୁସ୍ତକ ପଠନକୁ ବିଚାରକୁ ନେଇନାହେଁ।

ପୁସ୍ତକ ପଠନ ନିମିତ୍ତ ସମୟ ଏକ ଗୁରୁତର ସମସ୍ୟା। ପ୍ରତ୍ୟହ କିଛି ସମୟ ପୁସ୍ତକ ପଠନରେ ବିନିଯୋଗ କରିବା ନିମିତ୍ତ ଅନେକେ ପ୍ରସ୍ତୁତ ନୁହନ୍ତି। ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପୁସ୍ତକ ପଠନ କୌଣସି ସ୍ଥାନ ଅଧିକାର କରିପାରି ନାହିଁ। ଅନ୍ୟ ଭାଷାରେ କହିଲେ, ଜୀବନ ଗଠନରେ ସାହିତ୍ୟର ଭୂମିକାଟି ଆମର ବିସ୍ମୃତ ହୋଇଯାଇଛି। ନିରିଖେଇ ଅନୁଧ୍ୟାନ କଲେ ଜଣାଯାଏ, ଆମେ ବାଜେ ଗପ ଓ ଆମୋଦପ୍ରମୋଦରେ ଯେତିକି ସମୟ ବିତାଉଛେ, ସେହି ସମୟରେ ଅନ୍ତତଃ ଖଣ୍ଡିଏ ଭଲ ବହି ପଢ଼ିପାରନ୍ତେ। ଏହା ସତ୍ୟ ଯେ, ସାମାଜିକ ଚେତନା ସୃଷ୍ଟି ନିମିତ୍ତ ସାହିତ୍ୟର ଆଭିମୁଖ୍ୟକୁ ଆମେ ଭୁଲିଯାଉଛେ। ସମ୍ପ୍ରତି ଆମ ଭିତରୁ ଅନେକେ ସାହିତ୍ୟ ସାଧନା, ସାହିତ୍ୟାନୁରାଗ ଓ ସାହିତ୍ୟ ପଠନକୁ ଅଳସୁଆଙ୍କ କାର୍ଯ୍ୟ ଭାବେ ବିବେଚନା କଲେଣି। କିନ୍ତୁ ଏହା ସୁସ୍ଥ ମତ ନୁହେଁ। ସେମାନେ ଜୀବନର ପ୍ରତି ମୁହୂର୍ତ୍ତକୁ ଚତୁର ବେପାରୀ ସଦୃଶ ବିନିଯୋଗ କରିବାକୁ ଶ୍ରେୟସ୍କର ମଣନ୍ତି, ଜ୍ଞାନାର୍ଜନକୁ ହେୟ ମଣନ୍ତି।

ଓଡ଼ିଆ ଭାଷାରେ ଅସଂଖ୍ୟ ଗୁଣାତ୍ମକ ମାନସମ୍ପନ୍ନ ପୁସ୍ତକ ପ୍ରକାଶିତ ହେଉଥିଲେ ହେଁ ଖୁବ୍ ସ୍ୱଳ୍ପ ସଂଖ୍ୟକ ପୁସ୍ତକ ବିକ୍ରି ହୋଇଥାଏ। ପୁସ୍ତକର ମୂଲ୍ୟବୃଦ୍ଧି ଏହାର କାରଣ ନୁହେଁ। ସାମ୍ପ୍ରତିକ ସ୍ଥିତିରେ ପ୍ରତ୍ୟେକ ପଦାର୍ଥର ମୂଲ୍ୟବୃଦ୍ଧି ଘଟିଛି। ଅଥଚ ବଜାରରେ ପଦାର୍ଥର ଅଭାବ। ଅସଲ କଥାଟି ହେଉଛି ଆମେ ଅନ୍ୟାନ୍ୟ ପଦାର୍ଥକୁ ଯେତିକି ଦରକାରୀ ବିବେଚନା କରୁଛେ, ପୁସ୍ତକକୁ ସେତିକି ଚିନ୍ତା କରୁନାହେଁ। ଅବଶ୍ୟ ମୁଦ୍ରଣ ପରିପାଟୀ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁ ପୁସ୍ତକର ମୂଲ୍ୟ ପୂର୍ବାପେକ୍ଷା ବୃଦ୍ଧିପାଇଛି, କିନ୍ତୁ ଅନ୍ୟାନ୍ୟ ପଦାର୍ଥର ମୂଲ୍ୟବୃଦ୍ଧି ତୁଳନାରେ ତାହା କମ୍। ଆମେ ବିଳାସବ୍ୟସନରେ ଯେତିକି ଅର୍ଥ ବିନିଯୋଗ କରୁ, ପୁସ୍ତକ କ୍ରୟରେ ତା'ଠାରୁ କମ୍ ମଧ୍ୟ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ନୋହୁ। ସାଧାରଣ ପାଠକଙ୍କ କଥା ଛାଡନ୍ତୁ। ବିଜ୍ଞ ତଥା ବୁଦ୍ଧିଜୀବୀମାନେ ବହି କିଣି ପଢିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଅନେକେ ଓଡ଼ିଆ ବହି ଅପେକ୍ଷା ଇଂଲିଶ ଓ ହିନ୍ଦୀ ବହି କିଣିବାକୁ ପସନ୍ଦ କରିଥାନ୍ତି। ଅନେକ ପାଠକ କେବଳ ପୁରସ୍କାରପ୍ରାପ୍ତ ଲେଖକଙ୍କ ବହି ପଢିବାକୁ ଭଲ ପାଆନ୍ତି। ପରିତାପର ବିଷୟ, ବହୁ ପୁରସ୍କାର ଲେଖକଙ୍କୁ ଦିଆଯାଏ, ଲେଖାକୁ ନୁହେଁ। ଏହି କାରଣରୁ ଅନେକ ପୁରସ୍କୃତ ପୁସ୍ତକ ନିମ୍ନମାନର। ପୁରସ୍କୃତ ଲେଖକଙ୍କ ଅପେକ୍ଷା ଅନ୍ୟ ଲେଖକଙ୍କର ଚେତନଶୀଳ ପୁସ୍ତକ ପାଠକୀୟ ଶ୍ରଦ୍ଧାରୁ ବଞ୍ଚିତ ହୋଇଥାଏ। ସାମ୍ପ୍ରତିକ ପୁରସ୍କାର ଚୟନ ପଦ୍ଧତିରେ ଅନେକ ଉଚ୍ଚକୋଟୀର ପୁସ୍ତକ ପୁରସ୍କାର ପାଏ ନାହିଁ। ଏହି ଦୃଷ୍ଟିକୋଣରୁ କେବଳ ପୁରସ୍କାରପ୍ରାପ୍ତ ପୁସ୍ତକ ନ ପଢି ଅନ୍ୟାନ୍ୟ ଉନ୍ନତମାନର ପୁସ୍ତକ ପଢିଲେ ପାଠକ ସ୍ରଷ୍ଟାଙ୍କର ଭାଷା, ଭାବ, ଲୁକ୍କାୟିତ ବର୍ଣ୍ଣବୈଭବ, ଅନ୍ତର୍ନିହିତ ସତ୍ୟ ଓ ବୌଦ୍ଧିକ କଳାକୌଶଳ ପ୍ରଭୃତି ଆହରଣ କରିପାରିବ। ଅନେକେ ଖ୍ୟାତନାମା ଲେଖକଙ୍କ ମୂଲ୍ୟବାନ ପୁସ୍ତକ ଆଲମାରୀରେ ସଜାଇ ରଖନ୍ତି, ଅଥଚ ପଢନ୍ତି ନାହିଁ ବା ସେମାନଙ୍କର ପଠନାଭ୍ୟାସ ନ ଥାଏ। ପୁସ୍ତକସ୍ଥିତ ଜ୍ଞାନକୁ ନିଜର କରିବାକୁ ସେମାନେ ସେହିସବୁ ପୁସ୍ତକ ସହିତ ଏକାତ୍ମତା ସ୍ଥାପନ କରିପାରନ୍ତି ନାହିଁ। କେବଳ ପୁସ୍ତକ ସଜାଇ ରଖିବାକୁ ସେମାନେ ଆଭିଜାତ୍ୟ ମନେକରନ୍ତି। ପଠନାଭ୍ୟାସ ଅବସରକାଳୀନ ଜୀବନରେ ଏକାନ୍ତ ଲୋଡା। ବୃଦ୍ଧ ଓ ନିଃସଙ୍ଗ ଅବସ୍ଥାରେ ଜଣେ ବ୍ୟକ୍ତି ଯେତେବେଳେ ପରିବାର ଓ ସ୍ୱଜନଙ୍କ ଦ୍ୱାରା ଅଲୋଡା ହୋଇଯିବ ପୁସ୍ତକ ହିଁ ତାକୁ ନିଃସଙ୍ଗତାରୁ ମୁକ୍ତି ଦେଇପାରିବ। ଏହି ଦୃଷ୍ଟିକୋଣରୁ ପୁସ୍ତକ ହେଉଛି ମନୁଷ୍ୟର ପରମ ବନ୍ଧୁ।

ଆମର ଅଶୀ ଶତାଂଶ ବ୍ୟକ୍ତି ଗ୍ରାମାଞ୍ଚଳରେ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ପୁସ୍ତକ ପଠନରେ ଆଗ୍ରହୀ। ପୁସ୍ତକ ପାଠ କରିବା ନିମିତ୍ତ ସେମାନଙ୍କ ନିକଟରେ ସମୟ ଥାଏ ଓ ଇଚ୍ଛା ଥାଏ। ଅଥଚ ଅର୍ଥାଭାବରୁ ସେମାନେ ପୁସ୍ତକ କ୍ରୟ କରିପାରନ୍ତି ନାହିଁ। ଗ୍ରାମାଞ୍ଚଳରେ ମଧ୍ୟ ପାଠାଗାରର ସେପରି ସୁବିଧା ନାହିଁ। ପାଠକୀୟ ସଚେତନତା ସୃଷ୍ଟି ନିମିତ୍ତ ପୁସ୍ତକମେଳା ଏକ ଅଭିନନ୍ଦନୀୟ ପଦକ୍ଷେପ ହେଲେ ହେଁ ଗ୍ରାମାଞ୍ଚଳକୁ ଏହା ଆଶାନୁରୂପ ଭାବେ ବ୍ୟାପ୍ତ ହୋଇନାହିଁ। ବ୍ୟାପକ ସଂଖ୍ୟାରେ ପତ୍ରପତ୍ରିକା ମଧ୍ୟ ଗ୍ରାମାଞ୍ଚଳରେ ଉପଲବ୍ଧ ନୁହେଁ। ଫଳରେ ଏକ ବୃହତ୍ ପାଠକଗୋଷ୍ଠୀ ପାଠକୀୟ ଶ୍ରଦ୍ଧାରୁ ବଞ୍ଚିତ ହୋଇଥାନ୍ତି।

ସମ୍ପ୍ରତି ବୈଦ୍ୟୁତିକ ଗଣମାଧ୍ୟମର ପ୍ରସାର ପାଠକୀୟ ରୁଚିକୁ ବ୍ୟାହତ କରୁଛି। ଆଜିର ଜଞ୍ଜାଳଗ୍ରସ୍ତ ମନୁଷ୍ୟ ଟିକିଏ ଅବସର ପାଇଲେ ବୈଦ୍ୟୁତିକ ଗଣମାଧ୍ୟମରୁ କ୍ଷଣିକ ସୁଖଲାଭ କରିବାକୁ ଲାଳାୟିତ। ଫଳରେ ପୁସ୍ତକ ଓ ପାଠକ ମଧ୍ୟରେ ଦୂରତ୍ୱ ବୃଦ୍ଧିପାଉଛି। ସାଧାରଣତଃ ଶିଶୁ, କିଶୋର ଓ ଛାତ୍ରୀଛାତ୍ର ବୈଦ୍ୟୁତିକ ଗଣମାଧ୍ୟମ ଯୋଗୁ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ଆମ ଦେଶ ଅପେକ୍ଷା ବାହାର ଦେଶଗୁଡ଼ିକରେ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ବ୍ୟବହାର ସତ୍ତ୍ୱେ ସେହିସବୁ ଦେଶରେ ଛାତ୍ରୀଛାତ୍ରଙ୍କର ପଠନାଭ୍ୟାସ ଦେଖିଲେ ଆମକୁ ବିସ୍ମିତ ହେବାକୁ ପଡ଼େ। ଆମ ପିଲାମାନେ ଅନ୍ୟ ବହି କଥା ଛାଡନ୍ତୁ, ପାଠ୍ୟପୁସ୍ତକ ମଧ୍ୟ ପଢନ୍ତି ନାହିଁ। ଏପରି କି ଆମର ଅଗଣିତ ଛାତ୍ରୀଛାତ୍ର ମୂଳ ପାଠ୍ୟପୁସ୍ତକ ନ ପଢି କେବଳ ଅଭିଜ୍ଞଙ୍କ ଦ୍ୱାରା ପ୍ରଣୀତ ସାରାଂଶ ପୁସ୍ତିକା ପାଠକରି ପରୀକ୍ଷା ଦେଇଥାନ୍ତି। ଏତାଦୃଶ ଭାବରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କର ବୌଦ୍ଧିକ ବିକାଶ ଘଟିପାରେ ନାହିଁ, କେବଳ ପରୀକ୍ଷାରେ ପାସ କରିବା ହିଁ ସାର ହୁଏ। ଏହି ଶତାବ୍ଦୀରେ ଲିଖିତ ସାହିତ୍ୟ ଲୋପ ପାଇବାର ଆଶଙ୍କା ଅଧିକ। ତେଣୁ ବେଳହୁଁ ସାବଧାନ ହେବାକୁ ପଡିବ। ଆଜିର ବିଷୟାସକ୍ତ ସମାଜ ନିମିତ୍ତ ପୁସ୍ତକପ୍ରେମର ଏକାନ୍ତ ଉପାଦେୟତା ରହିଛି। ଶିଶୁଠାରୁ ବୃଦ୍ଧ ସକଳ ଅନ୍ତରରେ ପୁସ୍ତକପ୍ରେମ, ପୁସ୍ତକାନୁରାଗ, ପଠନ ରୁଚି ସୃଷ୍ଟି ନିମିତ୍ତ ସୁଚିନ୍ତିତ ଯୋଜନାବଦ୍ଧ ପ୍ରୟାସ ଏକାନ୍ତ ଆବଶ୍ୟକ।

ଆନନ୍ଦ ନଗର, କାଠଗଡା, ଢେଙ୍କାନାଳ,
ମୋ-୮୮୯୫୨୩୦୭୨୨

# ଅନ୍ନଦାତାଙ୍କୁ ବୁଝିବା କେବେ



ମିତାଲି ମହାନ୍ତି

ଘର ଘର ବୁଲି ପରିବା ବିକୁଥିବା ପରିବା ମଉସାଙ୍କ ପାଖରୁ ସେଦିନ ପରିବା କିଣୁଥିଲେ ଆମ ପଡ଼ୋଶୀ। ଶୀତଦିନ ହୋଇଥିବା ଯୋଗୁ ପରିବା ମୂଲ୍ୟ ଅନ୍ୟ ସମୟ ଅପେକ୍ଷା ଯଥେଷ୍ଟ କମ୍ ଥିଲା। ମୂଲ୍ୟ କମ୍ ଥିବା ସତ୍ତ୍ୱେ କିଲୋ ପ୍ରତି ଆଉ ଦି ଚାରି ଟଙ୍କା କମ୍ କରିବାକୁ ଝଗଡ଼ା କରୁଥାନ୍ତି ପଡ଼ୋଶୀ ଜଣକ। ତାଙ୍କ ସ୍ୱାମୀ ବି ତାଙ୍କ ପଛରେ ପାଳି ଧରିଥାନ୍ତି। କିଲୋ ପ୍ରତି ନିଜ ଦାବି ମୁତାବକ ଟଙ୍କା କାଟିବା ପରେ ମଧ୍ୟ ଲାଭ ହିସାବରେ ଆଉ ଗୋଟେ ବାଇଗଣ, କାକୁଡ଼ି, ଦି ଚାରିଟା ଭେଣ୍ଡି ନେବାକୁ ସେ ଜମା କୁଣ୍ଠିତ ନ ଥାନ୍ତି। ବିଚରା ପରିବା ମଉସା ଯେତେ ନେହୁରା ହେଲେ ବି ସେଥିପ୍ରତି ତାଙ୍କର ନିଘା ନ ଥାଏ। ସେ ଓଲଟି ଛାତି ଫୁଲେଇ ଠିଆ ହୋଇଥିଲେ ଓ ଭଲ ମୂଲଚାଲ କରି ପରିବା କିଣି ପାରିଥିବାରୁ ଖୁସିରେ ଦାନ୍ତ ନେଫେଡ଼ଉଥାନ୍ତି। ଆମ ଚାରିପଟେ ଏମିତି ଅନେକ ଘଟଣା ବାରମ୍ବାର ଘଟୁଛି। ଆଜି ଯେତେବେଳେ ସାରା ଦେଶରେ ଚାଷୀମାନଙ୍କର ଦୁର୍ଦ୍ଦଶାକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା, ସଂଗ୍ରାମ ଆଦି ଚାଲୁଛି, ଜଣେ ଖାଉଟି ବା ସାଧାରଣ ଲୋକ ଭାବେ ଆମର କ'ଣ ଚାଷୀ ତଥା ଅନ୍ନଦାତାଙ୍କ ପ୍ରତି କିଛି ବି କର୍ତ୍ତବ୍ୟ ନାହିଁ!

ଆମ ଜୀବନ ଧାରଣ ନିମନ୍ତେ ଖାଦ୍ୟ ଏକାନ୍ତ ଅପରିହାର୍ଯ୍ୟ। ରାତିରୁ ସକାଳ ଯାଏ ଓ ପୁଣି ସକାଳୁ ରାତି ଯାଏ, ଆମକୁ ସବୁଠାରୁ ଅଧିକ ଖାଦ୍ୟ ଚିନ୍ତା ହିଁ ଘାରିଥାଏ। ସେଥିପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଆମେ ଗଚ୍ଛିତ କରି ରଖିଥାଉ ଆମ ଘର ଭିତରେ। ସାଦା ଭାତ ପାଇଁ ଅଲଗା ଚାଉଳ, ପଲାଉ ପାଇଁ ଅଲଗା ଚାଉଳ, ବିରିୟାନି ପାଇଁ ଅଲଗା ଚାଉଳ, ଖିରି ପାଇଁ ଅଲଗା ଚାଉଳ ଓ ବିଭିନ୍ନ ପ୍ରକାର ଡାଲି ଆଦି ଆମେ ମହଜୁଦ୍ କରି ରଖିଥାଉ। ବିଭିନ୍ନ ପ୍ରକାର ପନିପରିବାରେ ଆମ ଫ୍ରିଜ୍ ଭର୍ତ୍ତି ନ ହେଲେ ଆମ ମନ ମାନେ ନାହିଁ। ଆମକୁ ଏତେ ସବୁ ପ୍ରକାର ଖାଦ୍ୟ ଯୋଗାଇ ଦେଉଥିବା ସେହି ମଣିଷ ତଥା ଅନ୍ନଦାତାର କଥା ଆମେ କେବେ ଭାବିଛେ କି? ଘରେ ବସି ସୁଆଦିଆ ଖାଦ୍ୟ ପଦାର୍ଥ ତିଆରି କରି ଖାଉଥିବା ବେଳେ ଆମେ ସେହି ମଣିଷଟିର ଦୁର୍ଦ୍ଦଶାମୟ ଜୀବନ ବିଷୟରେ ଭାବିବାର ସାମାନ୍ୟ ମାନବୀୟ କର୍ତ୍ତବ୍ୟ କରୁଛେ କି? ଓଲଟି ଆମେ ଆମର ସବୁ ବିଦ୍ୟା ବୁଦ୍ଧି ପ୍ରୟୋଗ କରି ତା'ଠାରୁ ଅଧିକ ଟଙ୍କାଟିଏ ମାରିନେବା ପାଇଁ ବା ଆଉ କିଛି ପରିବା ଲୁଟି ନେବାକୁ ଚେଷ୍ଟା କରୁଛେ।

ଜଳବାୟୁର ପ୍ରତିକୂଳତା, ବିହନ ଓ ସାରର ମାତ୍ରାଧିକ ଦାମ୍ ବୃଦ୍ଧି, କ୍ରମାଗତ ଭାବେ ଚାଷରେ କ୍ଷତି ଓ ସରକାରଙ୍କ ଯାବତୀୟ ଉଦାସୀନତା ସତ୍ତ୍ୱେ ଆମ ମୁହଁରେ ଅନ୍ନ ଗଣ୍ଡେ ଦେବାକୁ ଚାଷୀ କେବେ ବି କାର୍ପଣ୍ୟ କରେନାହିଁ। ଆଜିର ମହଙ୍ଗା ଯୁଗରେ ଚାଷୀଟିଏ ତା'ର ଧାନ କୁଇଣ୍ଟାଲ୍‌କୁ ମାତ୍ର ୧୭୫୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ବା ତା' ଠାରୁ କମ୍ ଦରରେ ବିକି କିପରି ତା'ର ପରିବାର ପୋଷୁଛି, ସେ ବିଷୟରେ ଆମେ କେବେ ବି ଚିନ୍ତା କରୁନାହେଁ। ଆମେ ସମସ୍ତେ ଆମ ପିଲାକୁ ଭଲ ସ୍କୁଲ୍‌ରେ ପଢ଼ାଉଥିବା ବେଳେ ଚାଷୀଟିଏ ତା' ପିଲାକୁ ଠିକ୍ ଭାବେ ବହିଖାତା ଯୋଗାଇ ପାରୁନାହିଁ। ତା' ପରିବାରର କେହି ରୋଗରେ ପଡ଼ିଲେ ସେ ତାକୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ କ୍ଷମ ହୋଇପାରୁ ନାହିଁ। ତା' ଛୁଆମାନଙ୍କ ପାଇଁ ଭଲ ପୋଷାକ କିଣିପାରୁନାହିଁ। ସମସ୍ତଙ୍କୁ ଆହାର ଯୋଗାଉଥିବା ଅନ୍ନଦାତା ନିଜେ ଉପାସରେ ଶୋଉଛି। ପାଞ୍ଚଜଣଙ୍କ ପରି ଜଣେ ହୋଇ ଚାଷୀଟିଏ ଆଜି ସମ୍ମାନଜନକ ଜୀବନ ଯାପନ କରିପାରୁନାହିଁ। ପରିଣାମ ଆଜି ଏପରି ହୋଇଛି ଯେ, ଚାଷରେ କ୍ଷତି ସହିସହି, ଋଣଭାରରେ ବୁଡ଼ି ଗତ ପନ୍ଦର ବର୍ଷରେ ଆମ ଦେଶରେ ୧୫ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଥିବା ସରକାରୀ ରିପୋର୍ଟ କହୁଛି। ଏସବୁ ଆମ ବିବେକକୁ କିପରି ଚହଲେଇ ଦେଉନାହିଁ! ଯଦିଓ ଆମେ ପ୍ରତ୍ୟକ୍ଷ ଭାବେ ଚାଷୀ ପାଇଁ କିଛି କରିପାରିବା ନାହିଁ, ତଥାପି ଆମେ ଜଣେ ସାଧାରଣ ମଣିଷ ବା ଖାଉଟି ହିସାବରେ ଏ ବିଷୟରେ ଚିନ୍ତା କଲେ ଓ ଚାଷୀ ସପକ୍ଷରେ ମତ ପୋଷଣ କଲେ, ଚାଷୀମାନଙ୍କର ସ୍ୱର ନିଶ୍ଚୟ ଆଉ ଟିକେ ତୀବ୍ର ହୁଅନ୍ତା।

ଚାଷ କାମକୁ ଆମେ ସମସ୍ତେ ହୀନ ଦୃଷ୍ଟିରେ ଦେଖୁଛେ। ସେଥିପାଇଁ ଆମେ ଚାହୁଁଛେ ଆମ ପିଲା ଆଉ ଯାହା ବି କରୁ, ଚାଷ ନ କରୁ। ଚାଷ ପ୍ରତି କେବଳ ସରକାର ଉଦାସୀନ ଭାବ ପୋଷଣ କରୁନାହାନ୍ତି, ବରଂ ଆମେ ସମସ୍ତେ ମିଶି ଚାଷକୁ ଏକ ହୀନବୃତ୍ତି ଭାବେ ପ୍ରଦର୍ଶିତ କରୁଛେ। କିନ୍ତୁ ଆମେ କେବେ ଭାବିଛୁ କି, ଯଦି କେହି ଚାଷ ନ କରିବେ, ତେବେ ଆମେ ଖାଇବା କ'ଣ! ଯଦି ସବୁ ଚାଷୀ ଚାଷ ଛାଡ଼ି ଦିଅନ୍ତି ତେବେ ଆମ ସମସ୍ତଙ୍କ ହାତ ଗୋଡ଼ ଚଳିବ କିପରି?

ଆମେ ଯେତେବେଳେ ବଡ଼ ମଲ୍‌ଗୁଡ଼ିକୁ ଯାଉଛୁ, ସେଠି ପନିପରିବା କିଣିବା ବେଳେ ସେମାନେ ଯେତିକି ଦାମ୍ ମାଗୁଛନ୍ତି, ଆମେ ସେତିକି ହିଁ ଦେଉଛୁ। ସେଠି ତ ଆମେ ଦର କଷାକଷି କରୁନେ କି ଗୋଟେ ଦି'ଟା ପରିବା ଲାଭ ମାଗୁନେ। କିନ୍ତୁ ଚାଷୀଠାରୁ କିଣିବା ବେଳେ ଆମେ କାହିଁକି ଏତେ ମୂଲଚାଲ କରୁଛେ? ଆମେ ବ୍ୟବହାର କରୁଥିବା ପୋଷାକପତ୍ର, ପ୍ରସାଧନ ସାମଗ୍ରୀ ଓ ବିଳାସ ଦ୍ରବ୍ୟ ଆଦିର ଦାମ୍ ବଢ଼ିଗଲେ ଆମେ ବିନା ଦ୍ୱିଧାରେ ସେତିକି ଦାମ୍‌ରେ ସେଗୁଡ଼ିକୁ କିଣୁଛୁ। କିନ୍ତୁ କୃଷିଜାତ ଦ୍ରବ୍ୟର ଦାମ୍ ଟିକେ ବଢ଼ିଲେ, ଆମେ ସେତେବେଳେ ଆମ ଅଭିଯୋଗର ଫର୍ଦ୍ଦ ମେଲିବସୁଛୁ।

ଅନ୍ନଦାତାମାନେ ତାଙ୍କ ଦାବି ପାଇଁ କରୁଥିବା ଆନ୍ଦୋଳନର ଖବର ଆମେ ଟିଭି ବା ଖବରକାଗଜରେ ଦେଖିଲେ ଏହାକୁ ଏକ ସାଧାରଣ ଖବର ଭାବି ଆଡ଼େଇ ଯାଉ ଓ କାମରେ ବ୍ୟସ୍ତ ରହୁ। ଆମ ମନରେ ଥିବା ଏହି ନକାରାତ୍ମକ ଭାବନା ବି ପରୋକ୍ଷରେ ଚାଷୀଙ୍କର ଦୁର୍ଦ୍ଦଶା ପାଇଁ କମ୍ ଦାୟୀ ନୁହେଁ। ତେଣୁ ଆଜିର ସ୍ଥିତିରେ ସାଧାରଣ ଲୋକ ତଥା ଖାଉଟିମାନଙ୍କୁ ନିଜ ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଅନ୍ନଦାତାଙ୍କ ବିଷୟରେ ଆମର ସକାରାତ୍ମକ ଭାବନା ହୁଏତ ସରକାରଙ୍କ ଉଦାସୀନତାରେ ପରିବର୍ତ୍ତନ ଆଣିପାରେ। ଏତିକି ଟିକେ କର୍ତ୍ତବ୍ୟ କରିବାକୁ କ'ଣ ଆମେ ପଛଘୁଞ୍ଚା ଦେବା! ଯେତେ ଦିନ ଯାଏ ଅନ୍ନଦାତାଙ୍କ ପ୍ରତି ଆମ ମନରେ ସକାରାତ୍ମକ ଭାବନା ଆସିବ ନାହିଁ ଓ ସେମାନେ ଏକ ସମ୍ମାନଜନକ ଜୀବନ ବଞ୍ଚିବା ପାଇଁ ସୁଯୋଗ ପାଇବେ ନାହିଁ, ଆମ ଉତ୍ତରପିଢ଼ିର ଭବିଷ୍ୟତ ସୁନିଶ୍ଚିତ ହୋଇପାରିବ ନାହିଁ।

ମାଧବପୁର, ଆଠଗଡ଼, କଟକ

## ଏଇ ଭାରତରେ

କେତେକ ଲୋକ ଧୂମପାନ, ଡ୍ରଗ୍‌ସ, ମଦ, ଗୁଟ୍‌ଖା ଆଦିର ବ୍ୟବହାର କରିଥାନ୍ତି। ବିଶେଷକରି ଯୁବପିଢ଼ି ଏହାଦ୍ୱାରା ଅଧିକ କବଳିତ ହେଉଛନ୍ତି। ମାତ୍ର ରାଜସ୍ଥାନରେ ଏମିତି ଏକ ଗାଁ ରହିଛି ଯେଉଁଠି ନିଶାଦ୍ରବ୍ୟ ସେବନ ପାଇଁ ବାରଣ କରାଯାଇଥାଏ । ଏହି ଗାଁର ନାମ ହେଉଛି ଟିକଲା। ଗାଁର ଜନସଂଖ୍ୟା ୧୬ ଶହରୁ ଅଧିକ। ଗାଁର ପିଲାଠାରୁ ବୁଢ଼ାଯାଏ କେହି କୌଣସି ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ। ଗାଁରେ କାହା ଘରକୁ ଅତିଥି ଆସିଲେ ସେମାନେ ମଧ୍ୟ ଧୂମପାନଠାରୁ ଦୂରେଇ ରୁହନ୍ତି। ଗାଁକୁ କେହି ଅଜଣା ଲୋକ ପ୍ରବେଶ କଲେ ମୁଖିଆମାନେ ସେମାନଙ୍କୁ ବିଡି, ସିଗାରେଟ୍, ପାନ, ଗୁଟ୍‌ଖା ଆଦି ବ୍ୟବହାର କରୁଛନ୍ତି କି ନାହିଁ ପ୍ରଶ୍ନ କରନ୍ତି। ଅତିଥି ଜଣକ ହଁ କହିଲେ, ତାଙ୍କୁ ଗାଁରୁ ତଡ଼ିଦିଆଯାଏ। ନା କହିଲେ ଗାଁରେ ପ୍ରବେଶ କରିବାକୁ ଅନୁମତି ମିଳେ। ଗାଁରେ ବାବା ଭଗବାନ ଦାସଙ୍କ ମନ୍ଦିର ଏବଂ ସମାଧି ଥିବାରୁ ଏଠାରେ ନିଶାଦ୍ରବ୍ୟକୁ ବାରଣ କରାଯାଏ। ବାବା ଭଗବାନ ଦାସ ପ୍ରଥମେ ନିଶା ନିବାରଣ ଅଭିଯାନ ଆରମ୍ଭ କରିଥିଲେ ବୋଲି ଗ୍ରାମବାସୀ କୁହନ୍ତି। ଗ୍ରାମବାସୀଙ୍କ ଏପରି ସଂକଳ୍ପ ବର୍ତ୍ତମାନର ସମାଜ ପାଇଁ ଏକ ଉଦାହରଣ ପାଲଟିଛି।

## ଚିରନ୍ତନୀ

ରଖ ଗୋ ରଖ ମୋତେ
ବାନ୍ଧି କୋମଳ ଭୁଜେ
ନ ଜାଣେ ତୁମ ବିନୁ
ଆନ ପ୍ରେୟସୀ ମୁଁ ଯେ,
ବସନ୍ତ ଫୁଲବନେ
ପାହାନ୍ତିଆ ପବନେ
ବାନ୍ଧ କୋମଳ ଭୁଜେ
ନା ଜାଣେ ଆନ ମୁଁ ଯେ।
ଆଷାଢ଼ ସନ୍ଧ୍ୟା ପଥେ
ଉଦାସ ପ୍ରାଣ ମମ
ତୁମରି ଆଶେ ବଞ୍ଚେ
ହେ ମୋର ପ୍ରିୟତମ!
ପଉଷ ଶୀତ ନିଶି
ତୁମରି ଅଙ୍ଗେ ମିଶି
ଉଦାସ ପ୍ରାଣ ମମ
ହେ ମୋର ପ୍ରିୟତମ।

(ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦିନରାତି ଜଙ୍ଗଲ କଟା ଚାଲିଛି

ମହାଶୟ,

ସରକାର ବାତ୍ୟାରେ ଭାଙ୍ଗି ପଡିଥିବା ଭଙ୍ଗା ଡାଳ ଓ କାଠ ଆବଶ୍ୟକ ସ୍ଥଳେ ବାତ୍ୟା ପ୍ରପୀଡିତ ନେଇପାରିବେ ବୋଲି ଘୋଷଣା କରିଥିବା ପ୍ରକାଶ ପାଇଛି। ଏହି ବାହାନାରେ ପୁରୀ ନିକଟବର୍ତ୍ତୀ ଜଙ୍ଗଲ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବହୁସଂଖ୍ୟକ ଭଲ ଗଛ ଦିନରାତି କଟାହେବାରେ ଲାଗିଛି। ବ୍ୟବସାୟୀମାନେ ଶହ ଶହ ସଂଖ୍ୟାରେ ବଲ୍ଲା ସଂଗ୍ରହ କରି ବେପାର ପାଇଁ ମହଜୁଦ ରଖିଛନ୍ତି। ଏ ସବୁ ହାତ ଦେଖାଇଲେ ବାହୁ ଗିଳିବା ପରି ମନେହୁଏ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବୃକ୍ଷ ରୋପଣ ହୋଇଥିଲା କିନ୍ତୁ କ୍ଷତି ହୋଇ ନ ଥିବା ଗଛଗୁଡିକ କଟାହୋଇ ଦିନରାତି ଟ୍ରାକ୍ଟରରେ ବୁହାହେବାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି। ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସଜାଗ ହେବା ଆବଶ୍ୟକ ବୋଲି ମନେହୁଏ। ନ ହେଲେ ଅଚିରେ ଏଠାରେ ଥିବା ସମସ୍ତ ଜଙ୍ଗଲ ପଦା ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଯେତିକି ଗଛ ବାତ୍ୟା କବଳରୁ ବଞ୍ଚିରହିଛି ସେଗୁଡିକୁ କାଠମାଫିଆଙ୍କ କବଳରୁ ରକ୍ଷା କରିବା ସର୍ବାଦୌ ଆବଶ୍ୟକ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଦେବଦେବୀଙ୍କୁ ନିମନ୍ତ୍ରଣ

ଓଡ଼ିଶାର ଅଧିକାଂଶ ହିନ୍ଦୁ ଜନସାଧାରଣ ସେମାନଙ୍କର ବିବାହ, ବ୍ରତ ଆଦି କୌଣସି ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ସର୍ବପ୍ରଥମେ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ନିମନ୍ତ୍ରଣ କରିଥାନ୍ତି। କିନ୍ତୁ ଦେବଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ସେହି ଉତ୍ସବ ପାଇଁ ଆୟୋଜିତ ଭୋଜିରେ ଆମିଷ ଖାଦ୍ୟ ପରିବେଷଣ କରିଥାନ୍ତି। ଆମିଷ ଭୋଜନ ପରିବେଷଣ କରାଗଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ବା ନିଜର ଇଷ୍ଟ ଦେବଦେବୀ ସେହି ଉତ୍ସବକୁ ଆସିବେ ତ! ତେବେ ଏପରି ଲୋକଦେଖାଣିଆ ନିମନ୍ତ୍ରଣ କ'ଣ ପାଇଁ?

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କର୍ନାଟକର କଂଗ୍ରେସ ବିଧାୟକ ରୋଶନ୍ ବେଗ୍‌ଙ୍କୁ ମଙ୍ଗଳବାର ଦଳବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ କରାଯାଇଛି। କର୍ନାଟକ ପ୍ରଦେଶ କଂଗ୍ରେସ କମିଟିର ପ୍ରସ୍ତାବକୁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ଅନୁମୋଦନ କରିଛି। ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଲାଗି ଶିବାଜୀନଗର ବିଧାୟକ ବେଗ୍ ସିଦ୍ଧାରାମାୟାଙ୍କୁ ଦାୟୀ କରିଥିଲେ।

# ମଡେଲଙ୍କୁ ଅସଦାଚରଣ: ୭ ଗିରଫ

**କୋଲକାତା,୧୮।୬(ପି.ଟି.)**

ମଡେଲରୁ ଅଭିନେତ୍ରୀ ପାଲଟିଥିବା ଉଷଶୀ ସେନଗୁପ୍ତାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ୭ ଯୁବକଙ୍କୁ କୋଲକାତା ପୋଲିସ ଗିରଫ କରିଛି।

ପୂର୍ବତନ ମିସ୍ ଇଣ୍ଡିଆ ୟୁନିଭର୍ସ ଉଷଶୀ ସୋମବାର ରାତି ୧୧ଟା ୪୦ରେ ଜଣେ ସହକର୍ମୀଙ୍କ ସହିତ କର୍ମସ୍ଥଳରୁ ଘରକୁ ଫେରୁଥିବାବେଳେ କୋଲକାତାସ୍ଥିତ ଜବାହରଲାଲ ରୋଡ୍ କ୍ରସିଂ ନିକଟରେ ବାଇକ୍‌ରେ ୧୫ ଜଣ ଦୁର୍ବୃତ୍ତ ତାଙ୍କ



ଉଷଶୀ ସେନଗୁପ୍ତା

କ୍ୟାବ୍‌କୁ ଧକ୍କା ଦେଇଥିଲେ। ସେମାନେ ଡ୍ରାଇଭରଙ୍କୁ ଗାଡ଼ିରୁ ବାହାରକୁ ଟାଣିନେଇ ମାଡ଼ ମାରିଥିଲେ। ଉଷଶୀ ଏହାର ପ୍ରତିବାଦ କରିଥିଲେ। ସେ ସହାୟତା ପାଇଁ ବଡ଼ପାଟିରେ ପୋଲିସକୁ ଡାକିବା ସହ ଘଟଣାର ଭିଡିଓ ନେଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ନିକଟସ୍ଥ ମଇଦାନ ଥାନାର ଅଧିକାରୀମାନେ ଆସିବାରେ ବିଳମ୍ବ କରିଥିଲେ। ପରେ ଲେକ୍ ଗାର୍ଡେନ୍ସ ଅଞ୍ଚଳରେ ୩ଟି ବାଇକ୍‌ରେ ଥିବା ୬ ଜଣ ଯୁବକ ତାଙ୍କୁ ବାହରକୁ ଘୋଷାଡ଼ି ନେଇଥିଲେ। ସେମାନେ ଭିଡିଓ ଡିଲିଟ୍ କରିବା ପାଇଁ ତାଙ୍କର ଫୋନ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏନେଇ ସେ ଚାରୁ ଥାନାରେ ଏତଲା ଦେବାକୁ ଯାଇଥିଲେ। ହେଲେ ଥାନାରେ ଅଭିଯୋଗ ଗ୍ରହଣ କରିବାକୁ ମନାକରିବା ସହ ଭବାନୀପୁର ଥାନାକୁ ପଠାଇଦେଇଥିଲେ। ସେମାନେ ଅନେକ ପ୍ରଶ୍ନ ପଚାରିବା ପରେ ଡ୍ରାଇଭରଙ୍କ ଅଭିଯୋଗ ଗ୍ରହଣ କରିବାକୁ ମନାକରିଥିଲେ। ଶେଷରେ ସେ ବାଧ୍ୟ ହୋଇ ଫେସ୍‌ବୁକ୍‌ରେ ଉକ୍ତ ଭିଡିଓ ପୋଷ୍ଟ କରିଥିବା ଉଷଶୀ କହିଛନ୍ତି। ଉଷଶୀଙ୍କ ଭିଡିଓ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

# ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୮।୬(ପି.ଟି.)**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ମଙ୍ଗଳବାର ଏନ୍‌କାଉଣ୍ଟରରେ ୨ ଜୈଶ-ଇ- ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ପୁଲ୍‌ୱାମା ଆତଙ୍କବାଦୀ ବିସ୍ଫୋରଣ ମାମଲାରେ ମୋଷ୍ଟ ୱାଣ୍ଟେଡ୍ ଥିଲେ। ଏହାସହ ଜଣେ ଯବାନ ମଧ୍ୟ ଶହୀଦ ହୋଇଥିବା ଜଣାପଡ଼ିଛି। ଆତଙ୍କବାଦୀ ଲୁଚିଥିବା ଖବର ପାଇ ବିଜ୍‌ବେହାର ଅଞ୍ଚଳରେ ସୁରକ୍ଷା କର୍ମୀମାନେ କର୍ଡନ କରି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। କିନ୍ତୁ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିମାଡ଼ କରାଯିବା ପରେ ଏହାର କଡ଼ା



ଜବାବ୍ ଯବାନ୍‌ମାନେ ଦେଇଥିଲେ। ଏନ୍‌କାଉଣ୍ଟରରେ ନିହତ ଦୁଇ ଆତଙ୍କବାଦୀ ହେଲେ ସଜାଦ୍ ଭଟ୍ଟ ଓ ତୌସିଫ୍ ଭଟ୍ଟ। ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀ ସହ ଏମାନଙ୍କ ସମ୍ପର୍କ ଥିବା ଜଣାପଡ଼ିଛି। ଗତ ଫେବୃୟାରୀ ୧୪ ପୁଲ୍‌ୱାମାର ଲେଥ୍‌ପଡ଼ାରେ ହୋଇଥିବା ଆତଙ୍କବାଦୀ ବିସ୍ଫୋରଣରେ ସଜାଦ୍ ସାମିଲ ଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯବାନ୍ ଶହୀଦ ହୋଇଥିଲେ। ପ୍ରକାଶଥାଉ କି, ଗତ ସୋମବାର ଅନନ୍ତନାଗ ଏନ୍‌କାଉଣ୍ଟରରେ ଜଣେ ସେନା ମେଜର୍ ଶହୀଦ ହୋଇଥିବାବେଳେ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।

## ଥାନାରେ ଗ୍ରେନେଡ୍ ଆକ୍ରମଣ

**ଶ୍ରୀନଗର,୧୮।୬ :** ଜମ୍ମୁ-କଶ୍ମୀରର ପୁଲ୍‌ୱାମାସ୍ଥିତ ଏକ ଥାନାକୁ ଟାର୍ଗେଟ କରି ଆତଙ୍କବାଦୀମାନେ ମଙ୍ଗଳବାର ଗ୍ରେନେଡ୍ ଆକ୍ରମଣ କରିଛନ୍ତି। ଥାନା ବାହାରେ ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଗ୍ରେନେଡ୍ ବିସ୍ଫୋରଣ ହୋଇଥିଲା। ଫଳରେ ପ୍ରାୟ ୧୦ ସାଧାରଣ ନାଗରିକ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ଶ୍ରୀନଗର ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଅନନ୍ତନାଗ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହେବାର କିଛି ସମୟ ପରେ ଏହି ଆକ୍ରମଣ କରାଯାଇଥିଲା।

## ଡଙ୍ଗାବୁଡ଼ି ୧୭ ମୃତ



**ଜାକର୍ତ୍ତା,୧୮।୬(ପି.ଟି.):** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଏକ ଡଙ୍ଗା ବୁଡ଼ିଯିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୩୯ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ନିଖୋଜ ଅଛନ୍ତି। ରାସ୍ ଦ୍ୱୀପରୁ ସୁମେନେପ ବନ୍ଦର ଅଭିମୁଖେ ଯାଉଥିବାବେଳେ ଡଙ୍ଗାଟି ଖରାପ ପାଗଯୋଗୁ ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା।

## ଚାଇନାରେ ଭୂକମ୍ପ: ୧୩ ମୃତ

**ବେଜିଂ,୧୮।୬(ଆଇଏଏନ୍ଏସ୍)**

ଚାଇନାର ସିଚୁଆନ୍ ପ୍ରଦେଶରେ ଭୂକମ୍ପ ହେବା ଫଳରେ ୧୩ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୯୯ ଆହତ ହୋଇଛନ୍ତି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬ ଥିଲା ବୋଲି ଜରୁରୀ ପରିସ୍ଥିତି ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଚାଙ୍ଗ୍‌ନିଙ୍ଗ୍ କାଉଣ୍ଟିରେ ସୋମବାର ରାତି ୧୦ଟା ୫୫ରେ ଭୂକମ୍ପ ଝଟକା ଲାଗିଥିଲା। ମଙ୍ଗଳବାର ଭୋର ୪ଟାରେ ଭଙ୍ଗାଘର ତଳେ ଫସିରହିଥିବା ୨୦ଜଣଙ୍କୁ ଉଦ୍ଧାର କରାଯିବା ସହିତ ୭୩୧ ଜଣଙ୍କୁ ବିପଜ୍ଜନକ ସ୍ଥାନରୁ ନିରାପଦ ସ୍ଥଳକୁ ନିଆଯାଇଛି। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଚାଇନା ଆର୍ଥକ୍ୱେକ୍ ଆଡ୍‌ମିନିଷ୍ଟ୍ରେଶନ୍ ପକ୍ଷରୁ ତଦାରଖ ଓ କ୍ଷୟକ୍ଷତି ଆକଳନ ପାଇଁ ୮୦ ଜଣଙ୍କୁ ମୁତୟନ କରାଯାଇଛି। ଇତିମଧ୍ୟରେ ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ଷ୍ଟ୍ରାଟେଜିକ୍ ରିଜର୍ଭସ ଆଡମିନିଷ୍ଟ୍ରେଶନ୍ ପକ୍ଷରୁ ୫,୦୦୦ ଟେଣ୍ଟ, ୧୦,୦୦୦ ଫୋଲ୍‌ଡିଂ ବେଡ୍ ଏବଂ ୨୦,୦୦୦ ରେଜେଇ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଭୂକମ୍ପ ଦ୍ୱାରା ୭୩ ବାସଗୃହ ଭାଙ୍ଗିଯିବା ସହିତ ୧,୪୨,୮୩୨ ଲୋକ ପ୍ରଭାବିତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

## ଜାପାନ ବି ଥରିଲା: ସୁନାମି ଆଶଙ୍କା

**ଟୋକିଓ,୧୮।୬(ଏପି):** ଜାପାନର ଉତ୍ତର-ପଶ୍ଚିମ ଭାଗରେ ମଙ୍ଗଳବାର ଏକ ଶକ୍ତିଶାଳୀ ଭୂକମ୍ପ ହେବା ଯୋଗୁ ସୁନାମି ସତର୍କତା ଜାରି କରାଯାଇଛି। ବିଜୁଳି ଶକ୍ତି ବ୍ୟାହତ ଏବଂ ବୁଲେଟ ଟ୍ରେନ ସେବା ବନ୍ଦ ହେବା ଫଳରେ ହଜାର ହଜାର ପରିବାର ହଇରାଣ ହେଉଛନ୍ତି। ତେବେ ବଡ ଧରଣର କ୍ଷୟକ୍ଷତିର ସୂଚନା ମିଳିନାହିଁ। ଭୂକମ୍ପର ତୀବ୍ରତା ୬.୭ ଥିବା ଜଣାପଡିଛି। ଭୂକମ୍ପର କେନ୍ଦ୍ରସ୍ଥଳ ସାକାତା ନଗରୀର ୫୦କିଲୋମିଟର ଦକ୍ଷିଣ-ପଶ୍ଚିମରେ ସମୁଦ୍ରର ପୃଷ୍ଠଭୂମିଠାରୁ ୧୪ କି.ମି ଗଭୀରତାରେ ଠାବ କରାଯାଇଛି।



ମୁଜାଫରପୁରସ୍ଥିତ ଏକ ହସ୍ପିଟାଲରେ ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।




ଆକ୍ୟୁଟ୍ ଏନ୍‌ସେଫାଲିଟିସ୍ ସିଣ୍ଡ୍ରୋମ୍‌ରେ ଶିଶୁ ମୃତ୍ୟୁ ପ୍ରତିବାଦରେ ପାଟନାରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ କଂଗ୍ରେସ ନେତା ଶତ୍ରୁଘ୍ନ ସିହ୍ନାଙ୍କ ସହ ଅନ୍ୟମାନେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୯.୦ | ୨୭.୦ |
| ଚାନ୍ଦବାଲି | ୩୮.୫ | ୨୯.୨ |
| କଟକ | ୩୬.୮ | ୨୭.୦ |
| ପାରାଦ୍ୱୀପ | ୩୭.୫ | ୨୯.୫ |
| ଭୁବନେଶ୍ୱର | ୩୬.୮ | ୨୮.୦ |
| ଗୋପାଳପୁର | ୩୬.୪ | ୨୮.୯ |
| ପୁରୀ | ୩୭.୮ | ୨୯.୦ |
| ଅନୁଗୋଳ | ୩୯.୧ | ୨୪.୬ |
| ବାରିପଦା | ୪୦.୫ | ୨୯.୨ |
| ଝାରସୁଗୁଡ଼ା | ୩୯.୬ | ୨୭.୮ |
| କେନ୍ଦୁଝର | ୩୬.୦ | ୨୬.୭ |
| ସମ୍ବଲପୁର | ୪୦.୬ | ୨୭.୦ |
| ସୁନ୍ଦରଗଡ଼ | ୩୪.୦ | ୨୪.୦ |
| ହୀରାକୁଦ | ୩୯.୬ | ୨୭.୩ |
| ତାଳଚେର | --- | ୨୨.୭ |
| ଭବାନୀପାଟଣା | ୩୭.୦ | ୨୬.୦ |
| ବଲାଙ୍ଗୀର | ୩୭.୦ | ୨୫.୨ |
| କୋରାପୁଟ | ୩୧.୬ | ୨୦.୦ |
| ଫୁଲବାଣୀ | ୩୯.୦ | --- |
| ଟିଟିଲାଗଡ଼ | ୩୮.୫ | ୨୩.୫ |
| ମାଲକାନଗିରି | ୩୬.୦ | ୧୮.୫ |
| ସୋନପୁର | ୩୭.୪ | ୨୩.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## [ଇତିହାସର ଆଇନାରେ]
### ଜୁନ୍ ୧୯ର ପ୍ରମୁଖ ଘଟଣା

୧୯୬୧ ଜୁନ୍ ୧୯ରେ ବ୍ରିଟେନ୍‌ଠାରୁ କୁଏଟ୍ ସ୍ୱାଧୀନତା ହାସଲ କରିଥିଲା। କୁଏଟ୍ ପଶ୍ଚିମ ଏସିଆର ଏକ ଦେଶ। ଏହା ପୂର୍ବ ଆରବର ଉତ୍ତର ଭାଗରେ ଅବସ୍ଥିତ। ଏହାର ସୀମାକୁ ଲାଗି ଇରାକ୍ ଓ ସୌଦି ଆରବ ରହିଛି। ୨୦୧୬ ଜନ ଗଣନା ଅନୁଯାୟୀ ଏହାର ଲୋକସଂଖ୍ୟା ୪.୫ ନିୟୁତ। ୧.୩ ନିୟୁତ କୁଏଟ୍‌ର ମୂଳ ବାସିନ୍ଦା ଏବଂ ୩.୨ ନିୟୁତ ହେଉଛନ୍ତି ବିଦେଶୀ।

୨୦୦୭ ଜୁନ୍ ୧୯ରେ ବାଗଦାଦ୍‌ରେ ଅଲ୍-ଖିଲାନି ମସଜିଦ୍‌ରେ ବିସ୍ଫୋରଣ ଯୋଗୁ ୭୮ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୨୧୮ ଆହତ ହୋଇଥିଲେ। ଏକ ବୋମାଭର୍ତ୍ତି ଟ୍ରକ୍‌କୁ ଅଲ୍-ଖିଲାନି ମସଜିଦ୍ ସମ୍ମୁଖରେ ବିସ୍ଫୋରଣ କରାଯାଇଥିଲା। ଏହି ବିସ୍ଫୋରଣ ପରେ ଚାରିଦିନ କର୍ଫ୍ୟୁ ଲାଗୁ ହୋଇ ଗାଡି ଚଳାଚଳ ବନ୍ଦ ରହିଥିଲା। କର୍ଫ୍ୟୁ ଉଠାଇ ଦିଆଯିବାର ଦୁଇଦିନ ପରେ ଅଲ୍-ଖିଲାନି ମସ୍‌ଜିଦ ନିକଟରେ ବିସ୍ଫୋରଣ ଘଟିଥିଲା।

## କେନ୍ଦ୍ରର କାର୍ଯ୍ୟାନୁଷ୍ଠାନ
# ପୁଣି ୧୫ ଅଫିସର ବିଦା

**ନୂଆଦିଲ୍ଲୀ,୧୮।୬**

ମୋଦି ସରକାର ଦ୍ୱିତୀୟଥର କ୍ଷମତାକୁ ଫେରିବା ପରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛାଡିବା ମୁଡ୍‌ରେ ନ ଥିବା ଜଣାପଡୁଛି। ନିକଟରେ ଆୟକର ବିଭାଗର ୧୨ ଜଣ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ମଙ୍ଗଳବାର କେନ୍ଦ୍ର ସରକାର ସେଣ୍ଟ୍ରାଲ ଏକ୍ସାଇଜ ଓ କଷ୍ଟମ୍ସ ବିଭାଗର ୧୫ ଜଣ ବରିଷ୍ଠ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏମାନଙ୍କ ମଧ୍ୟରେ ପ୍ରିନ୍ସିପାଲ କମିଶନରଙ୍କ ଠାରୁ ଆରମ୍ଭ କରି ଆସିଷ୍ଟାଣ୍ଟ କମିଶନର ର୍ୟାଙ୍କର ଅଧିକାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପୂର୍ବରୁ ନିଲମ୍ବିତ ହୋଇଥିଲେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମୌଳିକ ନିୟମ ୫୬(ଜେ) ଅନୁଯାୟୀ ସରକାର କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ଏହି ଅଧିକାରୀମାନଙ୍କୁ ଚାକିରିରୁ ବିଦା କରିଦେଇଛନ୍ତି। ସେମାନଙ୍କ ବିରୋଧରେ ଲାଞ୍ଚ ନେବା, ଜବରଦସ୍ତ ଅର୍ଥ ଆଦାୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସିବିଆଇ ଦ୍ୱାରା ପୂର୍ବରୁ ଦୁର୍ନୀତି ମାମଲା ଦାଏର କରାଯାଇସାରିଛି। ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ବରଖାସ୍ତ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ପ୍ରିନ୍ସିପାଲ କମିଶନର ଅନୁପ ଶ୍ରୀବାସ୍ତବ ରହିଛନ୍ତି, ଯିଏ କି, ସିବିଆଇସିର ଦିଲ୍ଲୀ କାର୍ଯ୍ୟାଳୟରେ ପ୍ରିନ୍ସିପାଲ ଏଡିଜି(ଅଡିଟ୍) ଭାବେ କାର୍ଯ୍ୟ କରୁଥିଲେ। ଯୁଗ୍ମ କମିଶନର ନଳିନ କୁମାରଙ୍କୁ ମଧ୍ୟ ବିଦା କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଟୁଇଟ୍‌ରେ ଜଣାଇ ଦିଆଯାଇଛି ଯେ, ଭାରତୀୟ ରାଜସ୍ୱ ସେବା(ସିଆଣ୍ଡସିଇ)ର ୧୫ ଜଣ ବରିଷ୍ଠ ଅଧିକାରୀଙ୍କୁ ୫୦ ବର୍ଷ ବୟସ ପୂର୍ଣ୍ଣ କରିବା ପରେ ଜନହିତରେ ତତ୍କାଳ ଅବସର ଦିଆଯାଇଛି। ନିୟମ ଅନୁଯାୟୀ, ସେମାନଙ୍କୁ ୩ ମାସର ବେତନ ଓ ଭତ୍ତା ଦିଆଯିବ। ଲାଞ୍ଚ ନେବା, ଦୁର୍ନୀତିରେ ଲିପ୍ତ ଥିବା ଆଦି ଅଭିଯୋଗରେ ମୋଦି ସରକାର ଏଥିପୂର୍ବରୁ ଆୟକର ବିଭାଗର ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଥିଲେ।

# ମାଡାମ ଟୁସାଡ୍‌ସରେ ପ୍ରିୟଙ୍କା

**ଲଣ୍ଡନ:** ପ୍ରିୟଙ୍କା ଚୋପ୍ରାଙ୍କ ମହମ ପ୍ରତିମୂର୍ତ୍ତି ମଙ୍ଗଳବାର ମାଡାମ ଟୁସାଡ୍ସ ଲଣ୍ଡନରେ ଅନାବରଣ ହୋଇଛି। ସେ ହେଉଛନ୍ତି ପ୍ରଥମ ବଲିଉଡ ଅଭିନେତ୍ରୀ ଯାହାଙ୍କ ପ୍ରତିମୂର୍ତ୍ତି ସେଠାରେ ସ୍ଥାନ ପାଇଛି। ପ୍ରିୟଙ୍କାଙ୍କ ଉପସ୍ଥିତିରେ ବିଶ୍ୱପ୍ରସିଦ୍ଧ ମହମ ମ୍ୟୁଜିୟମ୍‌ରେ ତାଙ୍କର ପ୍ରଥମ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ପ୍ରିୟଙ୍କା ଚୋପ୍ରା ଆମେରିକୀୟ ପପ୍ ଗାୟକ ନିକ୍ ଜୋନାସ୍‌ଙ୍କୁ ୨୦୧୮ରେ ବିବାହ କରିଥିଲେ। ନ୍ୟୁୟର୍କ ସିଟିସ୍ଥିତ ନିଜର ଏକ ଆପାର୍ଟମେଣ୍ଟରେ ରହି ମାଡାମ ଟୁସାଡ୍ସ ଟିମ୍ ସହ ଏହି ବୃହତ୍ ପ୍ରକଳ୍ପ ପାଇଁ କାର୍ଯ୍ୟ କରିଆସୁଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ପ୍ରିୟଙ୍କାଙ୍କ ଶାଶୁଘର ସହର ନ୍ୟୁୟର୍କରେ

**ଲଣ୍ଡନ ମ୍ୟୁଜିୟମରେ ମହମ ପ୍ରତିମୂର୍ତ୍ତି ସ୍ଥାନିତ ହେବାରେ ପ୍ରଥମ ବଲିଉଡ୍ ଅଭିନେତ୍ରୀ**

ତାଙ୍କର ପ୍ରଥମ ମହମ ମୂର୍ତ୍ତି ଅନାବରଣ ହୋଇଥିଲା। ମାଡାମ ଟୁସାଡ୍ସ ଲଣ୍ଡନ ସମେତ ସିଡ୍‌ନୀ ଏବଂ ଏସିଆରେ ପ୍ରିୟଙ୍କାଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ୪ଟି ମହାଦେଶରେ ଥିବା ମାଡାମ ଟୁସାଡ୍ସ ମ୍ୟୁଜିୟମ୍‌ରେ ପ୍ରିୟଙ୍କାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବାଦ୍ୱାରା ତାଙ୍କର ପ୍ରଶଂସକମାନେ ଖୁବ୍ ଖୁସି ହୋଇଥିବା ମ୍ୟୁଜିୟମ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ପ୍ରିୟଙ୍କା କହନ୍ତି, 'ମୁଁ ଲଣ୍ଡନକୁ ଭଲ ପାଏ। ଏହାର ଏକ ଚମତ୍କାରୀ ଶକ୍ତି ଓ ଆତ୍ମା ରହିଛି। ମାଡାମ ଟୁସାଡ୍ସ ଲଣ୍ଡନ ଟିମ୍ ସହିତ କାର୍ଯ୍ୟ କରିବା ଖୁବ୍ ଆନନ୍ଦଦାୟକ। ଏହାଦ୍ୱାରା ପ୍ରଶଂସକମାନେ ବିଶ୍ୱର ଏକ ପ୍ରିୟତମ ନଗରୀରେ ମୋ ପ୍ରତିମୂର୍ତ୍ତି ଦେଖିବାର ସୁଯୋଗ ପାଇପାରିବେ।'




## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ୱର୍ଣ୍ଣଲତା ସାହୁ
ସ୍ୱାମୀ– ସ୍ୱର୍ଗତ ଯୋଗେନ୍ଦ୍ର ମୋହନ ସାହୁ
ପ୍ଲଟ ନମ୍ବର ୧୮୨/୫୪୮
ଜୟଦୁର୍ଗା ନଗର, ଭୁବନେଶ୍ୱର
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆଜି ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୩୦୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରୋହିଣୀ ସୁଆର
ତିରୋଧାନ: ଆଷାଢ଼ କୃଷ୍ଣ ଦ୍ୱିତୀୟା
ସ୍ଥାନ: ଇବ୍‌ନଗର, ସୁନ୍ଦରଗଡ଼
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତଥାପି ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପ୍ରେରଣା ଆମପାଇଁ ମାର୍ଗ ଦର୍ଶକ ହୋଇ ରହିଛି ଓ ରହିବ ମଧ୍ୟ। ଆଜିର ଏହି ୧ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:– ପୁତ୍ର: ଅଭିମନ୍ୟୁ, ଗୋବିନ୍ଦ, ପୁତ୍ରବଧୂ: କୁମୁଦିନୀ, ସୂର୍ଯ୍ୟକାନ୍ତି, ଝିଅ: ମାହେଶ୍ୱରୀ, ସୁଷମା, ମମତା, ଜ୍ୱାଇଁ: ମଧୁସୂଦନ, ନରସିଂହ, ସରୋଜ, ନାତି: ପ୍ରମୋଦ, ପ୍ରଦୀପ, ପ୍ରତାପ, ଶ୍ରୀକାନ୍ତ, ଶ୍ରୀନିବାସ, ପ୍ରଶାନ୍ତ, ବିଶ୍ୱନାଥ, ରିଚାର୍ଡ ବେଦାୟନ, ପୁଣ୍ୟଶ୍ଳୋକ, ନାତୁଣୀ: ମୀରା, ନିବେଦିତା, ଶୁଭଶ୍ରୀ, ବାଣିଶ୍ରୀ, ଭାଗ୍ୟଶ୍ରୀ।
ଧ-୧୩୦୨୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନୋରମା ମିଶ୍ର (ମଣି)
ଏ.ଏଲ୍-୭୩, ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭
ଆବିର୍ଭାବ: ୨୭।୦୮।୧୯୪୭
ତିରୋଧାନ: ୧୧।୦୬।୨୦୧୭
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୯୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ଶ୍ରୀ ମଦନ ମୋହନ ପ୍ରଧାନ (ଟିକନ)
(ବଡଗଡ, ଭୁବନେଶ୍ୱର)
ଆବିର୍ଭାବ - ୨୦.୦୫.୧୯୫୧
ତିରୋଧାନ - ୦୯.୦୬.୨୦୧୯
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁଅ- ପପୁ, ଅପୁ, ଝିଅ- ପିଙ୍କି ଓ ପରିବାରବର୍ଗ
ଧ-୬୬୫୬୮

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରତ୍ନାମାଳୀ ସିଂହ ସାମନ୍ତ
(ବାଙ୍କତରା ବଡ଼ ମଣିମା)
ସ୍ଥାନ: ରବିପ୍ରଭା, ଓଡ଼ଗାଁ (ନୟାଗଡ଼)
ଆବିର୍ଭାବ: ୦୧।୦୭।୧୯୨୪
ତିରୋଧାନ: ୧୦।୦୬।୨୦୧୯
ଦୀର୍ଘ ବର୍ଷର ସ୍ନେହ ସମ୍ପର୍କ ତୁଟାଇ, ଆମ୍ଭମାନଙ୍କ ଉପରେ ଅଭିମାନ କରି ତୁମେ ଆରପାରିକୁ ଚାଲିଗଲ। ଜ୍ୟୋତିର୍ବିଦ, ପଠାଣି ସାମନ୍ତଙ୍କ ଉତ୍ତର ଦାୟଦ ରୂପେ ତୁମର କର୍ମ ପ୍ରେରଣା, ଧୈର୍ଯ୍ୟ, ସହନଶୀଳତା, ଜ୍ଞାନ, ଗୁଣ, ଗରିମା, ସରଳତା ଓ ନିଷ୍କପଟତା ଆମ୍ଭମାନଙ୍କର ଚିର ସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସାମନ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ (ପୁତ୍ର, ପୁତ୍ରବଧୂ, କନ୍ୟା, ପୌତ୍ର, ପୌତ୍ରୀ, ପ୍ରପୌତ୍ର ବଧୂ, ପ୍ରପୌତ୍ର ଓ ପ୍ରପୌତ୍ରୀ)
ଧ-୧୩୦୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଦୀପ୍ତ କୁମାର ମହାନ୍ତି
୨୯– ସୂର୍ଯ୍ୟନଗର, ଭୁବନେଶ୍ୱର–୦୩
ଆବିର୍ଭାବ: ୦୩।୦୬।୧୯୫୨
ତିରୋଧାନ: ୦୯।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୨୯୯୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନସ୍ୱିନୀ ସାହୁ (ବୁନୁ)
ବାଛାରାପାଟଣା, ଜଟଣୀ
ଆବିର୍ଭାବ: ୦୫।୦୪।୧୯୯୨
ତିରୋଧାନ: ୧୯।୦୬।୨୦୧୩
ମା' ବୁନୁ କାଲି ପରି ଲାଗୁଛି- ଦେଖୁ ଦେଖୁ ଛଅ ବର୍ଷ ବିତିଗଲା- ତୋ ବିନା ସତେ ସବୁକିଛି ଅଧୁରା- ଗୋଟିଏ ବି ଦିନ ବିତିନାହିଁ- ଯେଉଁଦିନ ତୋ କଥା ମନେପଡି ନାହିଁ- ତୋର ଆବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜି ବି ଅସହ୍ୟ। ପ୍ରଭୁ କାଳିଆ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ତୋର ମା' କନକ, ଜେଜେମା, ଦାଦା, ଖୁଡ଼ୀ, ସୋନୁ, ରୀନୁ, ଗଜ୍ଜୁ ଓ ପ୍ରିୟର ମଣିଷା।
ଧ-୧୩୦୨୩

**ଏକାଦଶାହ ଉପଲକ୍ଷେ**
ତା.୧୯।୦୬।୨୦୧୯ (ବୁଧବାର)



୰ସମରେନ୍ଦ୍ର କର (ସମୀର)
ଆବିର୍ଭାବ: ୧୪।୧୨।୧୯୬୬
ତିରୋଧାନ:୦୯।୦୬।୨୦୧୯
ସାଲେପୁର, କଟକ
ତୁମର ଅନୁପସ୍ଥିତ ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ରବିନ୍ଦ୍ର ନାଥ କର, ନବକିଶୋର କର, ପ୍ରଦୀପ୍ତ କୁମାର କର, ପ୍ରଶାନ୍ତ କୁମାର କର, ସିନ୍ଟୁ, ସଙ୍ଗୁ, ଶିଲୁ, ଗୌତମ, କିଟୁ, ସତ୍ୟମ୍, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୩୭

**ସଂକ୍ଷେପରେ**

## ଆଜିଠୁ ୨ଦିନିଆ ସିଡିଏମ୍‌ଓ ସମ୍ମିଳନୀ

ଭୁବନେଶ୍ୱର,୧୮।୬(ବ୍ୟୁରୋ)- ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ)ମାନଙ୍କର ୨ଦିନିଆ ସମ୍ମିଳନୀ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ସଚିବାଳୟର ଗ୍ରାମ ଉନ୍ନୟନ ସମ୍ମିଳନୀ କକ୍ଷରେ ଏହି ସମ୍ମିଳନୀ ପୂର୍ବାହ୍ନ ୧୦ଟା ୩୦ରେ ଆରମ୍ଭ ହେବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହି ସମ୍ମିଳନୀର ଉଦ୍‌ଘାଟନ କରିବେ। ଗୁରୁବାର ସମ୍ମିଳନୀ ଉଦ୍‌ଯାପନ ହେବ। ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ଆହ୍ୱାନ ସମ୍ପର୍କରେ ଆଲୋଚନା ହେବ ବୋଲି ଜଣାପଡିଛି।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ଭୁବନେଶ୍ୱର (ଉତ୍ତର) ନିର୍ବାଚନମଣ୍ଡଳୀ ଗସ୍ତ

ଭୁବନେଶ୍ୱର,୧୮।୬(ବ୍ୟୁରୋ)- ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମଙ୍ଗଳବାର ଅପରାହ୍ନରେ ଉତ୍ତର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଡ୍ରେନ ସମସ୍ୟାକୁ ବୁଲି ପରିଦର୍ଶନ କରିଥିଲେ। ଗଜପତି ନଗର, ଘନଶ୍ୟାମ କନ୍‌କ୍ଲେଭ, ଶାଶ୍ୱତ ନଗର, ଅହଲ୍ୟା ନଗର ଏବଂ ପଟିଆ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଡ୍ରେନ ସମସ୍ୟାକୁ ଅନୁଧ୍ୟାନ କରିଥିଲେ। ବିଭିନ୍ନ ସ୍ଥାନରେ ଉପୁଜୁଥିବା ଡ୍ରେନ ସମସ୍ୟାର ସମାଧାନ ନେଇ ଉଭୟ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରେ ବନ୍ଦ ହୋଇ ପଡିଥିବା ଡ୍ରେନଗୁଡିକର ପୁନରୁଦ୍ଧାର ଓ ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟ ବିଧାୟକ ତଥା ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ଏବଂ ବାସିନ୍ଦାମାନେ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

## ବିଶିଷ୍ଟ ଶିକ୍ଷାବିତ୍ ନବ କିଶୋରଙ୍କ ପରଲୋକ



ଧାମନଗର, ୧୮।୬ (ଡି.ଏନ.ଏ.)- ବିଶିଷ୍ଟ ଶିକ୍ଷାବିତ, ରାଜନେତା ତଥା ସାମାଜିକ କର୍ମୀ ନବ କିଶୋର ମହାନ୍ତିଙ୍କର ୮୫ ବର୍ଷ ବୟସରେ ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ଗ୍ରାମ ସ୍ଥିତ ବାସଭବନରେ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ନବ କିଶୋର ଉଚ୍ଚ ଶିକ୍ଷା ଲାଭ କରି ପ୍ରଥମେ ରେଳବାଇ ବିଭାଗରେ ଚାକିରି କରିଥିଲେ। ପରେ ଶିକ୍ଷକତା କରିବାକୁ ମନ ବଳାଇ ଧାମନଗର ସରକାରୀ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ୧୯୬୧ରେ ଅବସର ନେଇ ସେ କଂଗ୍ରେସ ଦଳର ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ସେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କର ଅତ୍ୟନ୍ତ ବିଶ୍ୱସ୍ତ ସହଯୋଗୀ ଭାବେ ଧାମନଗର ନିର୍ବାଚନ ମଣ୍ଡଳୀର ବିକାଶ ଲାଗି କାର୍ଯ୍ୟ କରିଥିଲେ। ପରେ କଂଗ୍ରେସ ଛାଡି ବିଶ୍ୱହିନ୍ଦୁ ପରିଷଦରେ ଯୋଗଦେଇ ଜଣେ ନିଷ୍ଠାପର ସଦସ୍ୟ ଭାବେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କାମ କରିଥିଲେ । ନବକିଶୋରଙ୍କ ମର ଶରୀରକୁ ଦୋବଲ ବଜାର ପରିକ୍ରମା ପରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

# ଚଳିତ ବର୍ଷ ୩ ହଜାର ହେକ୍ଟର ପଞ୍ଚାୟତ ପୋଖରୀରେ ହେବ ମାଛଚାଷ

ଭୁବନେଶ୍ୱର,୧୮।୬(ବ୍ୟୁରୋ)



ସମୀକ୍ଷା ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ବିଭାଗୀୟ ଅଧିକାରୀମାନେ ।

ଚଳିତ ବର୍ଷ ୩ ହଜାର ହେକ୍ଟର ଗ୍ରାମ ପଞ୍ଚାୟତ ପୋଖରୀରେ ମାଛଚାଷ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ଇନ୍‌ପୁଟ ସବ୍‌ସିଡି ଦିଆଯାଉଛି। ମହିଳାମାନଙ୍କ ଆର୍ଥିକ ଉନ୍ନତି ସହିତ ରାଜ୍ୟର ମତ୍ସ୍ୟଚାଷୀ ବୃଦ୍ଧି କରାଯାଇ ପାରିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ସୋମବାର ଓକାକ୍ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ମତ୍ସ୍ୟ ଚାଷ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ବୈଠକରୁ ଜଣାଯାଇଛି ଯେ ରାଜ୍ୟରେ ୨୦୧୦-୧୧ରେ ମତ୍ସ୍ୟ ଉତ୍ପାଦନ ୩.୮୬ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୭.୫୯ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହୋଇଛି। ରାଜ୍ୟରେ ଅନ୍ୟୂନ ୭୨ ହଜାର ପୋଖରୀ ଓ ଜଳଭାଗ ରହିଛି। ସେଥିରୁ ଗତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ନୂତନ କାର୍ଯ୍ୟକ୍ରମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ଇନ୍‌ପୁଟ ସବସିଡି ମାଧ୍ୟମରେ ୧୪୭୨.୨୦ ହେକ୍ଟର ପରିମିତ ୧୭୨୯ଟି ପଞ୍ଚାୟତ ପୋଖରୀରେ ମାଛ ଚାଷ କରାଯାଇଥିଲା। ରାଜ୍ୟରେ ୨ ଲକ୍ଷ ହେକ୍ଟର ବିସ୍ତୃତ ଜଳଭଣ୍ଡାର ରହିଛି। ଏହା ଉପରେ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟମାନେ ମାଛଧରି ଜୀବିକା ନିର୍ବାହ କରନ୍ତି। ଚଳିତ ଆର୍ଥିକ ବର୍ଷରେ ୬ଟି ଜଳଭଣ୍ଡାରରେ ମୋଟ ୨ଟି ଲେଖାଏ ମୋଟ ୧୨ଟି ଗୋଲାକାର ପଞ୍ଜୁରି ସ୍ଥାପନ କରି ଜଳ ଭଣ୍ଡାରରେ କାର୍ପ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ୫୦ ଗୋଟି ପଞ୍ଜୁରିରେ ଉନ୍ନତ ପ୍ରଜାତିର ମାଛ ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା କେନ୍ଦ୍ର, ବାରକପୁର ଏବଂ ବିଶ୍ୱସ୍ତରୀୟ ସଂଗଠନ ୱାର୍ଲଡ ଫିସ ବୈଷୟିକ ପରାମର୍ଶ ପ୍ରଦାନ କରୁଛନ୍ତି।

୨୦୧୭-୧୮ରୁ ମତ୍ସ୍ୟ ପୋଖରୀ ଯୋଜନା ପ୍ରଚଳନ କରାଯାଉଛି। ନୂତନ ପୋଖରୀ ଖନନ ନିମନ୍ତେ ୫୦ ପ୍ରତିଶତ ତଥା ହେକ୍ଟର ପିଛା ୪ ଲକ୍ଷ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ଚଳିତ ବର୍ଷ ଉକ୍ତ ଯୋଜନାରେ ରାଜ୍ୟ ସରକାର ୪୪.୮୭ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଉକ୍ତ ବୈଠକରେ ମନ୍ତ୍ରୀ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହ ମତ୍ସ୍ୟ ଉତ୍ପାଦନ ସମ୍ପର୍କରେ ଆଲୋଚନା କରିଥିଲେ।

## ଚିକିତ୍ସା ଭତ୍ତା ଖର୍ଚ୍ଚ ପାଇଁ ରାଜ୍ୟ ବଜେଟରେ ପ୍ରସ୍ତାବ

କଟକ ଅଫିସ,୧୮।୬

ରାଜ୍ୟ ବଜେଟ୍ ୨୦୧୯-୨୦ ପ୍ରସ୍ତୁତ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଜନସାଧାରଣ ଓ ଅନୁଷ୍ଠାନମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଏହି ଦୃଷ୍ଟିରୁ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ଗତ ୧୦ତାରିଖରେ ଅର୍ଥମନ୍ତ୍ରୀ ପୂଜାରୀ ଓ ଅର୍ଥ ପ୍ରମୁଖ ଶାସନ ସଚିବ ଅଶୋକ ମୀନାଙ୍କୁ ଏକ ପ୍ରସ୍ତାବ ସମ୍ବଳିତ ଚିଠା ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ଦୀର୍ଘ ୧୪ ବର୍ଷ ହେବ ଦାବି କରାଯାଇ ଆସୁଥିବା ଚିକିତ୍ସା ଭତ୍ତା ସୁବିଧାକେନ୍ଦ୍ର ସରକାରଙ୍କ ଭଳି ମାସିକ ଅନ୍ୟୂନ ୧୦୦୦ଟଙ୍କା ଦିଆଯାଉ। ଏ ବାବଦରେ ରାଜକୋଷରୁ ବାର୍ଷିକ ବ୍ୟୟ ଅଟକଳର ବିବରଣୀ ରାଜ୍ୟ ବଜେଟ୍୨୦୧୯-୨୦ରେ ସ୍ଥାନିତ କରାଯିବାକୁ କୁହାଯାଇଛି। ପ୍ରକାଶଥାଉକି, ଚିକିତ୍ସା ଭତ୍ତା ଓ ଅନ୍ୟ ସ୍ୱାସ୍ଥ୍ୟ ସୁବିଧା ଗତ ୧୯୯୮ରୁ ଅନ୍ୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସେମାନଙ୍କ ପେନଶନ ଭୋଗୀଙ୍କୁ ଦେଇ ଆସୁଛନ୍ତି। ମାତ୍ର ରାଜ୍ୟ ସରକାର କେବଳ ରାଜ୍ୟର ଅବସରପ୍ରାପ୍ତ ଜୁଡିସିଆଲ ଅଫିସରଙ୍କୁ ମାସିକ ୧୫୦୦ ଟଙ୍କା ଦେଇ ଆସୁଛନ୍ତି। ବଜେଟ୍ ଉପସ୍ଥାପନ ପୂର୍ବରୁ ଚିକିତ୍ସା ଭତ୍ତା ସୁବିଧା ରାଜ୍ୟ ପେନସନ ଭୋଗୀଙ୍କୁ ଦେବାର ଘୋଷଣା ନୂଆ ରାଜ୍ୟ ସରକାର କରିବାକୁ ମହାସଂଘର ଅଧ୍ୟକ୍ଷ ଦାସ ଓ ମହାସଚିବ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ରାଜ୍ୟ ସରକାରଙ୍କୁ ୨୦.୧୬ କୋଟି ଟଙ୍କା ଲାଭାଂଶ ଦେଲା ଓଡ଼ିଶା ନିର୍ମାଣ ନିଗମ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଓଡ଼ିଶା ନିର୍ମାଣ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦.୧୬ କୋଟି ଟଙ୍କାର ଲାଭାଂଶ ମଙ୍ଗଳବାର ପ୍ରଦାନ କରାଯାଇଛି। ନିଗମ ପକ୍ଷରୁ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା, ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ ଓ ପରିଚାଳନା ନିର୍ଦ୍ଦେଶକ କବିପ୍ରସାଦ ମିଶ୍ର ପ୍ରମୁଖ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ରାଶି ପରିମାଣର ଚେକ୍ ପ୍ରଦାନ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ନିଗମ ୮୦୨ କୋଟି ଟଙ୍କାର ବ୍ୟବସାୟ କରି ୧୦୪ କୋଟି ଲାଭ ଅର୍ଜନ କରିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୪ କୋଟି ୨୧ ଲକ୍ଷ ଟଙ୍କାର ସହାୟତା

ଭୁବନେଶ୍ୱର,୧୮।୬(ବ୍ୟୁରୋ)

- ବ୍ୟାଙ୍କ୍ ଅଫ୍ ବରୋଦା ୧୩ କୋଟି
- କର୍ପୋରେଶନ ବ୍ୟାଙ୍କ୍ ୩ କୋଟି

ସାମୁଦ୍ରିକ ଝଡ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ବିଭିନ୍ନ ସୂତ୍ରରୁ ସହାୟତା ରାଶି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଉଛି। ସେହି କ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୪ କୋଟି ୨୧ ଲକ୍ଷ ଟଙ୍କାର ସହାୟତା ରାଶି ମିଳିଛି। ଓଡ଼ିଶା ନିର୍ମାଣ ନିଗମ ପକ୍ଷରୁ ୧,୩୩,୧୨,୦୦୦ ଟଙ୍କା ପ୍ରଦାନ କରାଯାଇଛି। ନିଗମ ପକ୍ଷରୁ ମନ୍ତ୍ରୀ ରଘୁନନ୍ଦନ ଦାସ, ଅଧ୍ୟକ୍ଷ ପ୍ରଦୀପ ଜେନା, ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ ଓ ପରିଚାଳନା ନିର୍ଦ୍ଦେଶକ କବି ପ୍ରସାଦ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ସହାୟତା ରାଶି ସମ୍ପର୍କିତ ଚେକ୍ ପ୍ରଦାନ କରିଛନ୍ତି। ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ୧୩,୪୮,୮୧,୧୭୫ ଟଙ୍କା, କର୍ପୋରେଶନ ବ୍ୟାଙ୍କ୍ ୩,୩୮,୮୪,୬୫୧ ଟଙ୍କା, ପେପ୍‌ସିକୋ ୧.୪୦ କୋଟି, ମହିନ୍ଦ୍ରା ଫାଉଣ୍ଡେଶନ, ମୁମ୍ବାଇ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କା, ବିଇଏମ୍‌ଏଲ ପକ୍ଷରୁ ୨ କୋଟି, ବାକାର୍ଡି ଇଣ୍ଡିଆ ୨୫ ଲକ୍ଷ, ମାଲେସିଆ ଓଡ଼ିଆ କମ୍ୟୁନିଟି ୩,୦୮,୧୯୧ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌କେ ଡିଜାଇନ୍ ଆଣ୍ଡ ଷ୍ଟ୍ରକଚର ଲିଃ ଚେନ୍ନାଇ ପକ୍ଷରୁ ୧ ଲକ୍ଷ ୭୫ ହଜାର ଟଙ୍କା, ଓଡ଼ିଶା ଷ୍ଟେଟ୍ କମିଟି ଏଆଇଏମ୍‌ଏ ପକ୍ଷରୁ ୩ ଲକ୍ଷ ଟଙ୍କା, ଆମ ସଂସ୍କୃତି କଟକ ପକ୍ଷରୁ ୨୫ ହଜାର ଟଙ୍କା, ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜିଓ ସାଇଣ୍ଟିଷ୍ଟ ପକ୍ଷରୁ ୫୦,୦୦୦ ଟଙ୍କା, ରାଉରକେଲାର ଏ.ଜ ଭେଣୁଗୋପାଳ ୫୦୦୦ ଟଙ୍କା, ଏସ୍.କେ. ଲଜିଷ୍ଟିକ୍ ପକ୍ଷରୁ ୫୦୦୦ ଟଙ୍କା, ପି. ରବିକ୍ରିଷ୍ଣନ ୧୦,୦୦୦ ଟଙ୍କା, ଭଦ୍ରକ ଗୁଆମାଳ ସରପଞ୍ଚ ପ୍ରଦୀପ ପଣ୍ଡା ୬୬,୯୭୦ ଟଙ୍କାର ସହାୟତା ରାଶି ସିଏମ୍ ରିଲିଫ୍ ଫଣ୍ଡକୁ ଦାନ କରିଛନ୍ତି।

## ନିଆଁ ଲଗାଇ ସ୍ତ୍ରୀଙ୍କୁ ଜାଳିଦେଲେ ସ୍ୱାମୀ

ଠାକୁରମୁଣ୍ଡା,୧୮।୬(ଡି.ଏନ.ଏ)

ପ୍ରେମ ବିବାହର ବର୍ଷକ ପରେ ସ୍ତ୍ରୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ତାଙ୍କୁ ହତ୍ୟା କରାଯିବା ଭଳି ଏକ ଅଭାବନୀୟ ଘଟଣା ସୋମବାର ରାତିରେ ଘଟିଛି। ମୃତା ମହିଳାଙ୍କ ନାମ ଲିଲି (୩୨)। ସେ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ କୋଇଲିପାଳ ଗ୍ରାମର ତାଙ୍କ ବାପ ଘରେ ରହୁଥିଲେ। ବାଙ୍ଗାଲୋରରେ କାମ କରୁଥିବା ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ନାଏକ ଅନ୍ୟ ୨ ଜଣ ସହଯୋଗୀଙ୍କ ସହ ଆସି ସୋମବାର ରାତି ପ୍ରାୟ ୧୦ ଟା ବେଳେ କୌଣସି ବାହାନାରେ ତାଙ୍କୁ ବାହାରକୁ ଡାକିନେଇଥିଲେ। ଏକ ନିଛାଟିଆ ଯାଗାରେ ତାଙ୍କ ଦୁଇ ହାତକୁ ବାନ୍ଧି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଲିଲି ଆତ୍ମରକ୍ଷା ପାଇଁ ଚିତ୍କାର କରି ଜଳନ୍ତା ଅବସ୍ଥାରେ ଧାଇଁ ଧାଇଁ ବାପ ଘରକୁ ପଳାଇ ଆସି ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଓ ୨ ସହଯୋଗୀ ଏଭଳି କାଣ୍ଡ ଘଟାଇ ଥିବା କହି ବେହୋସ ହୋଇଯାଇଥିଲେ। ଗ୍ରାମବାସୀ ନିଆଁ ଲିଭାଇବା ବେଳକୁ ଲିଲିଙ୍କ ଦେହର ବହୁ ଅଂଶ ପୋଡି ଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ସେମାନେ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ କାହାକୁ ପାଇ ନ ଥିଲେ। ଗୁରୁତର ଅବସ୍ଥାରେ ଲିଲିଙ୍କୁ କେନ୍ଦୁଝର ଜିଲା ଘଷିପୁରା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

**■ ମହୋତ୍ସବ ପଡ଼ିଆ ନିକଟରୁ ଅଚେତ ଅବସ୍ଥାରେ ନାବାଳିକା ଉଦ୍ଧାର**

## ସଙ୍କଟାପନ୍ନ ଅବସ୍ଥାରେ ଏସ୍‌ସିବି ଆଇସିୟୁରେ ଚିକିତ୍ସିତ

କଟକ ଅଫିସ/ବାଙ୍କୀ (ବି.ପ୍ର.)୧୮।୬:

କଟକ ଜିଲା ବାଙ୍କୀ ଉପଖଣ୍ଡରେ ଘଟିଛି ଏକ ଅଭାବନୀୟ ଘଟଣା। ରଜ ମହୋତ୍ସବ ପଡ଼ିଆ ନିକଟରୁ ସୋମବାର ରାତିରେ ଜଣେ ନାବାଳିକା(୧୭ବର୍ଷ)ଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଅଚେତ ଅବସ୍ଥାରେ ପରିବାର ଲୋକ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଥିଲା। ସେ ଏବେ ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁରେ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏସ୍‌ସିବିର ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ସୋମବାର ରାତିରେ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ବାଙ୍କୀ ଡାକ୍ତରଖାନାରୁ ଏଠାକୁ ଅଣାଯାଇଥିଲା। ସେ ବିଷ ପିଇଥିବା ସନ୍ଦେହ କରାଯାଇଥିବା ତାଙ୍କ ରେଫରାଲ ଟିକେଟରେ ଉଲ୍ଲେଖ ରହିଛି। ତେବେ ନାବାଳିକାଙ୍କ ଆଭ୍ୟନ୍ତରୀଣ ଅଙ୍ଗ ଯାଞ୍ଚ କରିବାକୁ ତାଙ୍କ ମା' ଡାକ୍ତରଙ୍କୁ ଅନୁମତି ଦେଇ ନାହାନ୍ତି। ନାବାଳିକଙ୍କ ଅବସ୍ଥା ଗୁରୁତର ଥିବା ମହାନ୍ତି କହିଛନ୍ତି। ଏନେଇ ଖବର ପାଇ ଚାଇଲ୍ଡ ଲାଇନ କର୍ମକର୍ତ୍ତା ବଡ଼ ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ଖୋଳତାଡ଼ ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ ବାଙ୍କୀ ନୂଆହାଟଠାରେ ୭ଦିନ ଧରି ରଜ ମହୋତ୍ସବ ଚାଲିଛି। ଏଥିରେ ପୀଡ଼ିତା ନାବାଳିକାଜଣକ ଗ୍ରୁପ ଡ୍ୟାନ୍ସରେ ଭାଗ ନେଇଥିଲେ। ସୋମବାର ରାତିରେ ଡ୍ୟାନ୍ସ ସରିବାର ଘଣ୍ଟାକ ପରେ ଉକ୍ତ ନାବାଳିକାଙ୍କୁ ମହୋତ୍ସବ ପଡ଼ିଆ ପାଖ ଏକ ପରିତ୍ୟକ୍ତ ଘର ନିକଟରେ ଅଚେତ ଅବସ୍ଥାରେ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ତାଙ୍କୁ ପ୍ରଥମେ ବାଙ୍କୀ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକ ଘଟଣା ସମ୍ପର୍କରେ କିଛି କହିବାକୁ ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ମହୋତ୍ସବରେ ଡ୍ୟାନ୍ସ କରିବାର କିଛି ସମୟ ମଧ୍ୟରେ ଜଣେ ନାବାଳିକା ବିଷ ପାନ କରି ଅଚେତ ହେବା ଘଟଣାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ନାବାଳିକାଙ୍କୁ ନିଶା ଦେଇ ଅଚେତ କରାଯିବା ପରେ ବଳାତ୍କାର କରାଯାଇଥାଇ ପାରେ ବୋଲି କେତେକ ଆଲୋଚନା କରୁଛନ୍ତି। ମହୋତ୍ସବର ଅନତିଦୂରରୁ ଜଣେ ନାବାଳିକାଙ୍କୁ ରାତିରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯିବା ନେଇ ପୋଲିସ ନିକଟରେ କିଛି ସୂଚନା ନ ରହିବା ଲୋକଙ୍କ ସନ୍ଦେହକୁ ମଧ୍ୟ ବଢ଼ାଇଛି। ଏନେଇ ଥାନା ଅଧିକାରୀ ସମୀର ପଣ୍ଡାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ସେସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସିପାରିବ ବୋଲି କୁହାଯାଉଛି।

## ଯୁବକଙ୍କ ହତ୍ୟା ଘଟଣା ଦାଦା, ପୁତୁରା ଗିରଫ

ବ୍ରହ୍ମପୁର ଅଫିସ/ଦିଗପହଣ୍ଡି/ କୁକୁଡାଖଣ୍ଡି(ଡି.ଏନ.ଏ.),୧୮।୬

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଉଁଶିଆପଲ୍ଲୀରେ ଗତ ୧୬ ତାରିଖରେ ଘଟିଥିବା ପ୍ରକାଶ ହତ୍ୟା ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ। ଘଟଣାର ମୁଖ୍ୟ ଅଭିଯୁକ୍ତ ଦାଦା, ପୁତୁରାଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ବାସୁଦେବପୁର ପଞ୍ଚାୟତ ସାନବୁରୁଡ଼ା ଗ୍ରାମର ଯାନୀ ଓରଫ କବିରାଜ ମଲିକ (୨୬) ଓ ତାଙ୍କ ଦାଦା ବୀର ଓରଫ ବୀରବର ମଲିକ (୪୦)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅତିରିକ୍ତ ଏସ୍‌ପି ମାୟାଧର ସେଠୀ ସୂଚନା ଦେଇଛନ୍ତି।

## ଚଳନ୍ତା ଟ୍ରେନ୍ ତଳୁ ବର୍ତ୍ତିଲେ ଯାତ୍ରୀ

**■ ଦେବଦୂତ ସାଜିଲେ ଆର୍‌ପିଏଫ୍ ଯବାନ**

ଝାରସୁଗୁଡ଼ା ଅଫିସ/ଲଖନପୁର, ୧୮।୬(ଡି.ଏନ୍.ଏ.)

ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ। ମଙ୍ଗଳବାର ଏହି ଉକ୍ତିର ତାତ୍ପର୍ଯ୍ୟ ପ୍ରତିପାଦିତ ହୋଇଛି ଝାରସୁଗୁଡ଼ା ରେଳ ଷ୍ଟେଶନରେ। ଜଣେ ଯାତ୍ରୀ ଚଳନ୍ତା ଟ୍ରେନ୍ ତଳକୁ ଖସି ପଡ଼ିଥିଲେ। ତେବେ ଜଣେ ଆର୍‌ପିଏଫ୍ ଯବାନ ଦେବଦୂତ ସାଜି ଯାତ୍ରୀଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ଦେଇଛନ୍ତି।

୧୮୦୦୫ ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍ ହାୱାଡ଼ାରୁ ବାହାରି କୋରାପୁଟ ଅଭିମୁଖେ ଯାଉଥିଲା। ମଙ୍ଗଳବାର ସକାଳ ୭ଟା ୪୫ରେ ଏହି ଟ୍ରେନ୍ ଝାରସୁଗୁଡ଼ା ରେଳ ଷ୍ଟେଶନ ୧ନଂ ପ୍ଲାଟ୍‌ଫର୍ମରେ ପହଞ୍ଚିଥିଲା। ଟ୍ରେନ୍ ରହିବା ପରେ ସମ୍ବଲପୁରର ରାଜେଶ ତଲୱାର (୬୦) ନାମକ ଜଣେ ଯାତ୍ରୀ ଚା' ପିଇବା ପାଇଁ ଓହ୍ଲାଇଥିଲେ। କିଛି ସମୟ ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଏଠାରୁ ବାହାରିଥିଲା। ଟ୍ରେନ୍ ଛାଡ଼ିବା ଦେଖି ରାଜେଶ ବ୍ୟସ୍ତହୋଇ ଟ୍ରେନ୍‌ରେ ଚଢ଼ିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଅସାବଧାନତା ବଶତଃ ତାଙ୍କ ହାତ ଖସିଯାଇଥିଲା। ସେ ପ୍ଲାଟ୍‌ଫର୍ମରୁ ଟ୍ରେନ୍ ତଳକୁ ଚାଲିଯାଇଥିଲେ। ଏହା ଦେଖି ପ୍ଲାଟ୍‌ଫର୍ମରେ ଥିବା ଯାତ୍ରୀମାନେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଏତିକିବେଳେ ଏସ୍.କେ. ମେଣ୍ଡଲୀ ନାମକ ଜଣେ ଆର୍‌ପିଏଫ୍ ଯବାନ ଦେବଦୂତ ସାଜି ଟ୍ରେନ୍‌ର ଚେନ୍ ଟାଣି ଦେଇଥିଲେ। ଟ୍ରେନ୍ ରହିବା ବେଳକୁ ରାଜେଶ ପଡ଼ିଥିବା ସ୍ଥାନରୁ ଟ୍ରେନ୍‌ର ୫ ବଗି ଆଗକୁ ଅତିକ୍ରମ କରିସାରିଥିଲା। କିନ୍ତୁ ରାଜେଶ ପ୍ଲାଟ୍‌ଫର୍ମ ଓ ଟ୍ରେନ୍ ଲାଇନ୍ ମଧ୍ୟବର୍ତ୍ତୀ ସ୍ଥାନରେ ସୁରକ୍ଷିତ ଭାବେ ରହିଯାଇଥିଲେ। ଟ୍ରେନ୍ ରହିବା ପରେ ୨ଜଣ ଯବାନ ବଗି ତଳେ ପଶି ରାଜେଶଙ୍କୁ ଉଦ୍ଧାର କରିଥିଲେ। ଏହି ସମସ୍ତ ଦୃଶ୍ୟ ଷ୍ଟେଶନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି।

## ପାଠ ପଢ଼ିବାକୁ ଯାଇ ମନୋରଞ୍ଜନ ପଞ୍ଜାବରେ ନିଖୋଜ

ଭଦ୍ରକ ଅଫିସ, ୧୮।୬

**ଆଶା ଆଶଙ୍କାରେ ପରିବାର**


ନିଖୋଜ ମନୋରଞ୍ଜନ ସାହୁ।

ଭଦ୍ରକ ବ୍ଲକ ଜଗନ୍ନାଥପୁର ଗାଁର ତ୍ରୈଲୋକ୍ୟ ସାହୁଙ୍କ ସାନପୁଅ ମନୋରଞ୍ଜନ ସାହୁ(୨୨) ଉଚ୍ଚଶିକ୍ଷା ଲାଭ କରିବା ଲାଗି ଗତବର୍ଷ ପଞ୍ଜାବକୁ ଯାଇ ଭଟିଣ୍ଡାଠାରେ ଥିବା ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ ପଞ୍ଜାବରେ ନାମ ଲେଖାଇ ମେଡିସିନାଲ କେମେଷ୍ଟ୍ରିରେ ଏମ୍‌ଏସି ପାଠ ପଢୁଥିଲେ। ପ୍ରଥମ ବର୍ଷର ପାଠପଢା ସାରି ଗତ ୪ ତାରିଖରେ ସେ ଘରକୁ ଫେରିବା ଲାଗି ରେଳ ଟିକେଟ କାଟିଥିଲେ। ଟିକେଟ କନଫର୍ମ ହୋଇ ନ ଥିବାରୁ ସେଦିନ ଷ୍ଟେଶନ ଆସି ସେ ପୁଣି ଥରେ ହଷ୍ଟେଲକୁ ଫେରିଯାଇଥିଲେ। ୫ ତାରିଖରେ ହଷ୍ଟେଲରେ ସମସ୍ତ ପାଠ୍ୟ ସାମଗ୍ରୀ ଓ ବ୍ୟାଗ୍ ଥିଲେ ମଧ୍ୟ ମନୋରଞ୍ଜନଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖବର ନେବାରୁ ଏ ସମ୍ପର୍କରେ ସୂଚନା ପାଇଥିଲେ। ଏହାପରେ ମନୋରଞ୍ଜନଙ୍କ ବଡ ଭାଇ ରଶ୍ମିରଞ୍ଜନ ପଞ୍ଜାବକୁ ଯାଇ ବହୁ ଖୋଜାଖୋଜି କରି ନିରାଶ ହେବାରୁ ଶେଷରେ ସ୍ଥାନୀୟ ଭଟିଣ୍ଡା ସଦର ଥାନାରେ ନିଖୋଜ ଏତଲା ଦାଏର କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସେଠାରେ ରହି ସେ ଖୋଜାଖୋଜି ଚଳାଇଛନ୍ତି। ମନୋରଞ୍ଜନଙ୍କ ବାପା ତ୍ରୈଲୋକ୍ୟ ଜଣେ ପରିବା ବିକାଳି। ବହୁକଷ୍ଟରେ ନିଜ ପୁଅକୁ ଉଚ୍ଚ ଶିକ୍ଷା ପଢାଇବାକୁ ପଞ୍ଜାବକୁ ପଠାଇଥିଲେ। ଏବେ ବି ପୁଅ ନିଖୋଜ ହେବା ଘଟଣାକୁ ପରିବାର ଲୋକେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ପୁଅର ଫେରିବା ବାଟକୁ ଚାହିଁ ତ୍ରୈଲୋକ୍ୟ ଓ ତାଙ୍କ ପରିବାର ଆଶା ଆଶଙ୍କାରେ ଦିନ ବିତାଉଛନ୍ତି। ପରିବାର ପକ୍ଷରୁ ଏ ସମ୍ପର୍କରେ ପ୍ରଥମେ ପଞ୍ଜାବ ଓ ପରେ ଭଦ୍ରକ ପୋଲିସ ତଥା ଏସପିଙ୍କୁ ଅବଗତ କରାଯାଇଛି।

**■ କପ୍ତିପଦାରେ ଗଣ ମହୋତ୍ସବ 'ବିରାଟ' ଉଦ୍‌ଘାଟିତ**

## 'ମହୋତ୍ସବ ମାଧ୍ୟମରେ ସବୁ ବିଭେଦର ବିଲୟ ଘଟେ'

କପ୍ତିପଦା,୧୮।୬(ଡ଼ି.ଏନ୍.ଏ)-



ଗଣ ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

ମହୋତ୍ସବ ମାଧ୍ୟମରେ ଜାତିବାଦ, ଆତଙ୍କବାଦ, ସନ୍ତ୍ରାସବାଦ ଭଳି ସବୁ ବିଭେଦର ବିଲୟ ଘଟେ । ସମଗ୍ର ବିଶ୍ୱରେ ଭାରତ ହିଁ ଅନନ୍ୟ ତାର ବିଶ୍ୱ ଭାତୃତ୍ୱର ମହାଚେତନା ପାଇଁ । ଯୋଗ ହିଁ ଏହି ମହାଚେତନାର ମୂଳଧର ବୋଲି ସୋମବାର ମୟୂରଭଞ୍ଜ ଜିଲା କପ୍ତିପଦାର ଗଣମହୋତ୍ସବ 'ବିରାଟ'କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ।

ଗଣ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବା ନିବୃତ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସତ୍ୟଶିବ ଦାସ, ବିଶିଷ୍ଟ ଅତିଥିଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, ଅନ୍ୟତମ ସମ୍ମାନନୀୟ ଅତିଥିଭାବେ କପ୍ତିପଦା ପଞ୍ଚାୟତ ସମିତିର ଅଧ୍ୟକ୍ଷା ସୁଶୀଳା ବାନରା ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ମଞ୍ଚ ପରିଚାଳନା କରିଥିଲେ । ସଂପାଦକୀୟ ବିବରଣୀ ପାଠ କରିଥିଲେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର। ଏହି ଅବସରରେ ଜୟଚନ୍ଦ୍ର ବେହେରାଙ୍କ ସମ୍ପାଦନାରେ ଗଣମହୋତ୍ସବର ସ୍ମରଣିକା 'କପୋତ'କୁ ମଞ୍ଚାସୀନ ଅତିଥି ଉନ୍ମୋଚନ କରିଥିଲେ । ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃଷି ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗିରୀଶ ଚନ୍ଦ୍ର ସେନାପତି, ସାରସ୍ୱତ ସାଧକ ବସନ୍ତ କୁମାର ରାଉଳ, ଯୁବ ଶିକ୍ଷାବିତ୍ ନିରଞ୍ଜନ ସାହୁ, ଶିକ୍ଷା ସଂଗଠକ ଭଗବାନ୍ ପଣ୍ଡା, ହୋ ଭାଷା ବିକାଶ କ୍ଷେତ୍ରରେ ତୁରାମ ସିଂ, ସମାଜ ସଂସ୍କାରକ ବ୍ରଜସୁନ୍ଦର ମାଝୀ ଏବଂ କପ୍ତିପଦା ବ୍ଲକ୍‌ର ମ୍ୟାଟ୍ରିକ୍ ଟପ୍ପର ସୁବ୍ରତ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ ।

କପ୍ତିପଦା ମାଟିରେ ପାଦଦେବା ପରେ ଆଦିବାସୀ ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀର ତାଳେତାଳେ ଉତ୍ସବସ୍ଥଳୀ ନିକଟକୁ ପାଛୋଟି ନିଆଯାଇଥିଲା । ଗଣ ମହୋତ୍ସବ କମିଟି ପକ୍ଷରୁ ହରିଶ୍ଚନ୍ଦ୍ର ସାଏ ଓ ବନମାଳୀ ଦାଶ, ବ୍ଲକ୍ ଉପାଧ୍ୟକ୍ଷ ନୀଳମାଧବ ପାତ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶତ୍ରୁଘ୍ନ ମହାନ୍ତି, ଗଣଶିକ୍ଷା ବିଭାଗ ତରଫରୁ ବିଇଓ ଶଶୀଧର ସିଂ, ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ସବିତା ପ୍ରହରାଜ, ଆଶା ସଂଗଠନ ପକ୍ଷରୁ ଉର୍ମିଳା ଦାଶ, ଆଦିବାସୀ ସାଂସ୍କୃତିକ ନୃତ୍ୟ ପକ୍ଷରୁ ଜଗଦୀଶ ମୁର୍ମୁ ଫୁଲତୋଡ଼ା ଦେଇ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ମ୍‌ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍.ପି. ଅବିନାଶ କୁମାର, ଉପଜିଲାପାଳ ଭଗବାନ ବେହେରା, ବିଡ଼ିଓ ରବୀନ୍ଦ୍ର ମଲ୍ଲିକ୍, ତହସିଲଦାର ପ୍ରଦୀପ ବେହେରା ଓ ବିଭିନ୍ନ ବିଭାଗର ଅଧିକାରୀ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଓଡ଼ିଶା ସଂସ୍କୃତି ବିଭାଗ ଓ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
- ବେନ୍ ଜନ୍‌ଶନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଶାଦ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଜିଜ୍ଞାସା ନାଇଟ୍', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**
- ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଉପରେ ବାର୍ଷିକ ମକ୍‌ଡ୍ରିଲ ଅଭ୍ୟାସ, ରେଡକ୍ରସ୍ ଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।

**ବାଲିଅନ୍ତା**
- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

# ଆରମ୍ଭ ହୋଇପାରୁନି ଧଉଳି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ

ଭୁବନେଶ୍ୱର,୧୮।୬(ବ୍ୟୁରୋ)



- ନିରାଶ ହୋଇ ଫେରୁଛନ୍ତି ପର୍ଯ୍ୟଟକ
- ଅର୍ଥ ମଞ୍ଜୁର କରୁନି ପର୍ଯ୍ୟଟନ ବିଭାଗ
- ଶୋ ବନ୍ଦ ହୋଇଯିବା ଆଶଙ୍କା

ବାତ୍ୟା 'ଫନୀ' ଯିବାର ଇତିମଧ୍ୟରେ ଦେଢ଼ମାସ ବିତିଗଲାଣି। ହେଲେ ସୁଧୁରିପାରୁନି ପର୍ଯ୍ୟଟନ ଶିଳ୍ପ ଅବସ୍ଥା। ବାତ୍ୟାରେ ବିଶେଷ ଭାବେ ପ୍ରଭାବିତ ହୋଇଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପ ଏ ପର୍ଯ୍ୟନ୍ତ ଅଣ୍ଟା ସଳଖି ଛିଡ଼ାହୋଇପାରୁନି। ଓଡ଼ିଶା ପର୍ଯ୍ୟଟନର ମେରୁଦଣ୍ଡ କୁହାଯାଉଥିବା ଗୋଲ୍ଡେନ୍ ଟ୍ରାଏଙ୍ଗେଲ ବା ପୁରୀ-ଭୁବନେଶ୍ୱର-କୋଣାର୍କ ସର୍କିଟ୍ ଫନୀ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାକୁ ସଜାଡ଼ିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନି, ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଧଉଳି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ। ବାତ୍ୟା ମାଡ଼ରେ ଅଚଳ ହୋଇପଡ଼ିଥିବା ଏହି ଶୋ ଏ ଯାଏ କାର୍ଯ୍ୟକ୍ଷମ ହୋଇପାରିନି। ଫଳରେ ପର୍ଯ୍ୟଟକଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା, କାର୍ଯ୍ୟକ୍ଷମ ହେବା ତ ଦୂରର କଥା, ମରାମତି କାମ ବି ଆରମ୍ଭ ହୋଇନି। ବାତ୍ୟାରେ ଭାଙ୍ଗିଯାଇଥିବା ମେଶିନ୍ ଓ ପ୍ରୋଜେକ୍ଟରଗୁଡ଼ିକ ସେଭଳି ଅଚଳ ହୋଇ ପଡ଼ିରହିଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ପ୍ରାୟ ୪.୬କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରମୁଖ ବୌଦ୍ଧ ପର୍ଯ୍ୟଟନସ୍ଥଳୀ 'ଧଉଳି'ରେ ଆରମ୍ଭ ହୋଇଥିଲା ବହୁ ପ୍ରତୀକ୍ଷିତ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ। ଦୀର୍ଘବର୍ଷର ଯୋଜନା ଓ ଘୋଷଣା ପରେ ଦୁଇବର୍ଷ ତଳେ ଏହା ଉଦ୍‌ଘାଟିତ ହୋଇଥିଲା। ଥ୍ରୀ-ଡି ମ୍ୟାପିଂ, ଅତ୍ୟାଧୁନିକ ଶ୍ରାବ୍ୟ ବନ୍ଦୋବସ୍ତ, ଆଲୋକସମ୍ପାତ ସହ ଇଂଲିଶ, ହିନ୍ଦୀ ଏବଂ ଓଡ଼ିଆରେ କଣ୍ଠସ୍ୱର ପରିବେଷଣର ବ୍ୟବସ୍ଥା କରାଯାଇଥିଲା। ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଓ ହୃଦୟ ପରିବର୍ତ୍ତନର କଥା-କାହାଣୀ ପ୍ରସିଦ୍ଧ ଅଭିନେତା କବୀର ବେଦୀ, ଓମ୍ ପୁରୀ ଓ ବିଜୟ ମହାନ୍ତିଙ୍କ କଣ୍ଠସ୍ୱରରେ ଧଉଳିକୁ ପ୍ରତିଧ୍ୱନିତ କରୁଥିଲା। ହେଲେ ବାତ୍ୟା ପରଠାରୁ ଶ୍ରୀହିନ ହୋଇ ପଡ଼ିରହିଛି ଶୋ ଚାଲୁଥିବା ଏହି ସ୍ଥାନ। କଣ୍ଟ୍ରୋଲ ରୁମ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ପ୍ରୋଜେକ୍ଟର ଓ ଦୁଇଟି ଲାଇଟ୍‌କୁ ଛାଡ଼ି ଆଉ କିଛି ନାହିଁ। ଅପରେଶନ ପାଇଁ ଥିବା ମେଶିନ୍ ମଧ୍ୟ ଖରାପ ହୋଇଯାଇଛି। ବହୁ କଷ୍ଟରେ ବାତ୍ୟାର ୨୦ଦିନ ପରେ କୋଣାର୍କରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ ଆରମ୍ଭ ହୋଇଥିଲେ ମଧ୍ୟ ଏଠାରେ କ'ଣ ପାଇଁ ଏ ପର୍ଯ୍ୟନ୍ତ ମରାମତି କାମ ଆରମ୍ଭ ହୋଇନି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି, ନିର୍ମାଣକାରୀ ସଂସ୍ଥା ଟ୍ରାଏକଲର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଟିମ୍ ଆସି ପରିସ୍ଥିତି ଅନୁଧ୍ୟାନ କରିବା ସହ ପ୍ରାୟ ୨ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଦେଇଛନ୍ତି। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇନାହିଁ।

ଅନ୍ୟପକ୍ଷରେ ବାତ୍ୟା ପରେ ମାତ୍ର ୧୦ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସଜଡ଼ାଯାଇ ଧଉଳିରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ ଆରମ୍ଭ ହେବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଏବେ କେତେଦିନ ଲାଗିବ, ତାହାର ନିର୍ଦ୍ଦିଷ୍ଟ ଉତ୍ତର କାହା ପାଖରେ ନାହିଁ। ଏ ନେଇ ଭୁବନେଶ୍ୱର ଟୁରିଷ୍ଟ ଅଫିସର ଅଜୟ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଧଉଳିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ମରାମତିରେ ସମୟ ଲାଗିବ। ଆହୁରି ୧୦ରୁ ୧୫ଦିନ ସମୟ ଲାଗିପାରେ। କର୍ତ୍ତୃପକ୍ଷ ଯଦି ଗୁରୁତ୍ୱ ନ ଦେଇ ଠିକ୍ ସମୟରେ ମରାମତି ନ କରନ୍ତି, ତା' ହେଲେ ପ୍ଲାନେଟାରିୟମ୍ ଭଳି ଏଠାରେ ମଧ୍ୟ ଶୋ ସବୁଦିନ ପାଇଁ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି।

## ଟ୍ରେନ୍ ବଗିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଜଟଣୀ, ୧୮।୬(ଡି.ଏନ.ଏ.):** ଖୋର୍ଦ୍ଧାରୋଡ-ନୟାଗଡ଼ ପାସେଞ୍ଜର ଟ୍ରେନ୍‌ର ଏକ ବଗିରୁ ଜଣେ ବୃଦ୍ଧଙ୍କ ମୃତଦେହ ମଙ୍ଗଳବାର ସକାଳେ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ କେବଳ ଲୁଙ୍ଗି ପିନ୍ଧିଥିଲେ। ବୟସ ତାଙ୍କ ୬୦ରୁ ୬୫ ବର୍ଷ ମଧ୍ୟରେ ହୋଇ ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ଏହି ଟ୍ରେନ୍‌ଟି ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରୁ ସକାଳେ ଛାଡିବା ପୂର୍ବରୁ ବଗି ମଧ୍ୟରେ ମୃତଦେହ ପଡ଼ିଥିବା ନେଇ କେତେଜଣ ଯାତ୍ରୀ ଦେଖିବା ପରେ ଏହା ଜଣାପଡ଼ିଥିଲା। ଖୋର୍ଦ୍ଧାରୋଡ ରେଲୱେ ପୋଲିସ ନଂ. ୫୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ କରୁଛି। ତେବେ ବଗି ମଧ୍ୟରେ କେଉଁ ପରିସ୍ଥିତିରେ ବୃଦ୍ଧଙ୍କ ମୃତ୍ୟୁ ଘଟିଲା ତାକୁ ନେଇ ସାଧାରଣରେ ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି।

## ଜଟଣୀରୁ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ଜଟଣୀ,୧୮।୬(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ କୁଶମାଟି ଗ୍ରାମରେ ଭୁବନେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ ମଙ୍ଗଳବାର ଚଢ଼ାଉ କରି ୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହାକୁ ବିକ୍ରୟ କରୁଥିବା ଗ୍ରାମର ସୁଶାନ୍ତ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଇନ୍‌ସ୍‌ପେକ୍ଟର ପ୍ରଭାତ କୁମାର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଜଟଣୀ ଥାନା ପୋଲିସ ଉପସ୍ଥିତ ରହି ସହାୟତା କରିଥିଲେ। ଏ ନେଇ ନଂ. ୧୩/୧୯ରେ ମାମଲା ରୁଜୁ ହୋଇଛି। ଜଟଣୀ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ବ୍ରାଉନ୍‌ସୁଗାର କାରବାର ଚାଲିଛି। ବିଶେଷକରି ଯୁବପିଢ଼ି ଏହି ନିଶା କବଳରେ ପଡୁଛନ୍ତି। ଏହାକୁ ନେଇ ଏଠାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଶେଷକରି ବାଇକ୍ ଚୋରି ଓ ଲୁଟ୍ ଭଳି ଅପରାଧ ବୃଦ୍ଧି ଘଟୁଛି। ଏହାକୁ ରୋକିବାରେ ଉଭୟ ପୋଲିସ ଓ ଅବକାରୀ ବିଭାଗ ବିଫଳ ହୋଇଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ନାବାଳିକା ଅପହର୍ତ୍ତା ଗିରଫ

**ଖୋର୍ଦ୍ଧା ଅଫିସ,୧୮।୬:** ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ କଙ୍କାଡହାଡର ଗଁଦିଆ ଅଞ୍ଚଳରୁ ମାନସ ପ୍ରଧାନ(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜେଲକୁ ଯିବାକୁ ପଡିଛି। ନାବାଳିକାଙ୍କୁ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗତ ୧୫ ତାରିଖରେ ନାବାଳିକା ନିଖୋଜ ହୋଇ ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ମୁଢ଼ି ବ୍ୟବସାୟ କରୁଥିବା ଗଁଦିଆର ମାନସ ପ୍ରଧାନ ଅପହରଣ କରି ନେଇଥିବାର ଜଣାପଡିଥିଲା । ଥାନାରେ ଅଭିଯୋଗ ପରେ ପୋଲିସ ୩୬୩, ୩୬୬ ଦଫାରେ ନଂ. ୯୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଗତ ୧୬ ତାରିଖରେ ନାବାଳିକାଙ୍କୁ ଉଦ୍ଧାର କରାଯିବା ସହ ମାନସଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ପରେ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଓଭରବ୍ରିଜ୍ ଉପରେ କଡ଼ାକଡ଼ି ହେଲା ହେଲ୍‌ମେଟ କଟକଣା

## ଦିନକରେ ଧରାପଡ଼ିଲେ ୨ଶହରୁ ଊର୍ଦ୍ଧ୍ୱ ବାଇକ ଚାଳକ



ଯାଞ୍ଚ ସମୟରେ ହେଲ୍‌ମେଟ୍ ପିନ୍ଧି ନ ଥିବା ଜଣେ ଗାଡ଼ି ଚାଳକଙ୍କୁ ପୋଲିସ ଅଧିକାରୀ ଅଟକାଇଛନ୍ତି।

- ହେଲ୍‌ମେଟ୍ ନ ପିନ୍ଧି ଯାଉଥିଲେ, ଜରିମାନା ଦେଲେ
- ଆର୍‌ଟିଓ, ଟ୍ରାଫିକ ପକ୍ଷରୁ ଯାଞ୍ଚ ଆରମ୍ଭ
- ୨ ମାସରେ ୧୨ ଦୁର୍ଘଟଣା ନେଇଛି ୯ ଜୀବନ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ରାଜଧାନୀ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଓଭରବ୍ରିଜ୍ ଉପରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ମାସଠାରୁ ଏବେସୁଦ୍ଧା ୧୨ ଦୁର୍ଘଟଣାରେ ୯ ଜୀବନ ଯାଇଥିବାବେଳେ ବହୁ ଗୁରୁତର ଆହତ ହୋଇଛନ୍ତି। ଏସବୁ ଘଟଣାରେ ବାଇକଚାଳକମାନେ ହେଲ୍‌ମେଟ୍ ପିନ୍ଧି ନ ଥିବା ଜଣାପଡିଛି। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଦୁର୍ଘଟଣା ବଢ଼ି ଚାଲିଛି। ଏନେଇ ଖୋର୍ଦ୍ଧା ଜିଲାପାଳ ବି.ଏସ୍.ପୁନିଆ ସୋମବାର ଭୁବନେଶ୍ୱର ସର୍କିଟ ହାଉସ୍‌ରେ ବୈଠକ ଡାକି ଉଦ୍‌ବେଗ ପ୍ରକାଶ କରିବା ସହ ରସୁଲଗଡ଼ରୁ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ମାସକ ପାଇଁ ହେଲ୍‌ମେଟ ନିୟମକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେବା ପରେ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଆର୍‌ଟିଓ ଓ ଟ୍ରାଫିକ୍ ପୋଲିସ ପକ୍ଷରୁ ବରମୁଣ୍ଡା, ଜୟଦେବ ବିହାର ଓ ରସୁଲଗଡ ଓଭରବ୍ରିଜ୍ ଉପରେ ଏହି ଯାଞ୍ଚ ଆରମ୍ଭ କରାଯାଇଥିଲା। ଯେଉଁ ବାଇକ ଚାଳକମାନେ ହେଲ୍‌ମେଟ୍ ପିନ୍ଧି ନ ଥିଲେ ସେମାନଙ୍କୁ ଅଟକାଇ ଜରିମାନା ଆଦାୟ କରିବା ସହ ତାଗିଦ୍ କରାଯାଇଥିଲା। ଗୋଟିଏ ଦିନରେ ୨ଶହରୁ ଊର୍ଦ୍ଧ୍ୱ ବାଇକ ଚାଳକ ଧରାପଡି ଜରିମାନା କାଟିଥିବା ଜଣାପଡିଛି।

ଏନେଇ ଭୁବନେଶ୍ୱର ଆର୍‌ଟିଓ-୨ ସଞ୍ଜୟ କୁମାର ବେହେରା କହିଛନ୍ତି, ଓଭରବ୍ରିଜ୍ ଉପରେ ଏକାଧିକ ଦୁର୍ଘଟଣାରେ ବାଇକ ଚାଳକଙ୍କ ଜୀବନ ଯାଉଥିବାରୁ ପରୀକ୍ଷାମୂଳକଭାବେ ଏଭଳି ପଦକ୍ଷେପ ନିଆଯାଇଛି। ଯଦି ଏହା ସଫଳ ହୁଏ ଦୁର୍ଘଟଣା କିଛି ମାତ୍ରାରେ ହ୍ରାସ ପାଇବ। ଯଦି ସେଭଳି କିଛି ନ ହୁଏ ତେବେ ବାଇକ ଚାଳକଙ୍କୁ ଓଭରବ୍ରିଜ ଉପରେ ଯିବାକୁ ମନା କରାଯିବ। ସେମାନେ ଓଭରବ୍ରିଜ୍ ଉପର ଦେଇ ନ ଯାଇ ତଳ ରାସ୍ତାରେ ଯିବାକୁ କୁହାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଦୁର୍ଘଟଣାରେ ଜୀବନ ଯିବା ପରେ କମିଶନରେଟ ପୋଲିସ ଖଣ୍ଡଗିରିରୁ ପାହାଳ ପର୍ଯ୍ୟନ୍ତ ୫ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରିଛି। ସେଗୁଡିକ ହେଲା ଭୁଆଶୁଣୀ ମନ୍ଦିର ସମ୍ମୁଖ, ଆଇଗିଣିଆ ଆଳୁଗୋଦାମ ଛକ, ସିଦ୍ଧାର୍ଥ ହୋଟେଲ ସମ୍ମୁଖ, ଆଚାର୍ଯ୍ୟବିହାର ଓଭରବ୍ରିଜ୍ ଓ ପାହାଳ। ଏହିସବୁ ବ୍ଲାକ ସ୍ପଟ୍‌ରେ ପୋଲିସ ସିସିଟିଭି ଲଗାଇ ବାଇକ ଚାଳକଙ୍କ ଗତିବିଧି ଉପରେ ନଜର ରଖିବ। ଏହାସହ ବ୍ୟାରିକେଡ୍ ଲଗାଇବା ସହ ସେସବୁ ସ୍ଥାନକୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ବୋଲି ଚିହ୍ନଟ କରିବ ବୋଲି ଜଣାପଡିଛି। ତେବେ ହଠାତ୍ ଗୋଟିଏ ଦିନରେ କଡାକଡି ଚେକିଂକୁ ନେଇ ବାଇକ୍ ଚାଳକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ନିୟମ ହୋଇଥିବା ସେମାନେ ଜାଣିନାହାନ୍ତି। ସଚେତନ କରାଯାଇଥିଲେ ଭଲ ହୋଇଥାନ୍ତା ବୋଲି ସେମାନେ କହିଛନ୍ତି।

## ସାପ କାମୁଡ଼ାରେ ସାନ ଭାଇ ମୃତ, ବଡ଼ ଭାଇ ଗୁରୁତର

ଗୋପ, ୧୮।୬(ଡି.ଏନ୍.ଏ.)

ଗୋପ ଥାନା କେଉଟୁଙ୍ଗା ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୃତ ସାନଭାଇ ଚିତ୍ତରଞ୍ଜନ ବେଉରା(୯) ଏବଂ ଗୁରୁତର ସୌମ୍ୟରଞ୍ଜନ ବେଉରା(୧୧)। ସୌମ୍ୟରଞ୍ଜନ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

କେଉଟୁଙ୍ଗା ଗ୍ରାମର ଦୁର୍ଯ୍ୟୋଧନ ବେଉରାଙ୍କ ଦୁଇ ପୁଅ ରବିବାର ରାତିରେ ପାଠପଢ଼ିବା ପରେ ଖାଇ ପିଇ ମା'ଙ୍କ ପାଖରେ ଶୋଇଥିଲେ। ରାତି ୪ଟାରେ ଏକ ବିଷାକ୍ତ ସାପ ସାନ ଭାଇ ଚିତ୍ତରଞ୍ଜନଙ୍କୁ କାମୁଡ଼ିଦେବା ପରେ ସେ ନିଦ ବାଉଳାରେ ସାପଟିକୁ ଧରି ଫୋପାଡ଼ି ଦେଇଥିଲା। ପରେ ସାପଟି ବଡ଼ ଭାଇ ଉପରେ ପଡ଼ିବାରୁ ବଡ଼ ଭାଇ ସୌମ୍ୟରଞ୍ଜନଙ୍କୁ ମଧ୍ୟ କାମୁଡ଼ି ଦେଇ ପଳାଇ ଯାଇଥିଲା। ଦୁଇଭାଇ କ'ଣ ଗୋଟେ କାମୁଡ଼ି ଦେବା ପାଟିକରିବାରେ ପାଖରେ ଶୋଇଥିବା ମା' ଉଠିବା ସହ ପରିବାର ସଦସ୍ୟଙ୍କୁ ଡାକିଥିଲେ। ପରେ ଦୁଇ ଭାଇଙ୍କୁ ଗୁରୁତର ଅବସ୍ଥାରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସେମାନଙ୍କୁ ଭୁବନେଶ୍ୱର ନେବାକୁ କହିଥିଲେ। ପରିବାର ସଦସ୍ୟ ୧୦୮କୁ ଯୋଗାଯୋଗ କରିଥିଲେ ବି ୧୦୮ ବିଳମ୍ବରେ ପହଞ୍ଚିବାରୁ ଦୁଇ ଭାଇଙ୍କୁ ପରିବାର ସଦସ୍ୟ ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। ସେଠାରେ ଦୁଇ ଭାଇଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସଙ୍ଗେ ସଙ୍ଗେ ପୁରୀ ସଦର ହସ୍ପିଟାଲ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଦୁଇ ଭାଇ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିବା ପରେ ସାନ ଭାଇ ଚିତ୍ତରଞ୍ଜନଙ୍କୁ କଟକ ବଡ଼ ମେଡ଼ିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏବେ ବଡ଼ ଭାଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପରିବାର ପକ୍ଷରୁ ଜଣାପଡ଼ିଛି। ମୃତକ ଚିତ୍ତରଞ୍ଜନ କେଉଟୁଙ୍ଗା ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଥିବାବେଳେ ବଡ଼ ଭାଇ ସୌମ୍ୟରଞ୍ଜନ ସେହି ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି।



ଶ୍ରୀ ଦଶାବତାର ନାଟ୍ୟଶାଳାର ୧୨ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମଙ୍ଗଳବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର କଳାକାରଙ୍କ ନୃତ୍ୟ ପରିବେଷଣ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୁଶୀଲ



ପ୍ରିୟବ୍ରତ



ସ୍ମୃତି



ଶୁଭାଶିଷ



ପ୍ରଶାନ୍ତ



ସୌମ୍ୟ



କୁମାର

## ଅଲାରନାଥଙ୍କ ପୀଠରେ ଅଣସର ଦର୍ଶନ

# ପ୍ରଥମ ଦିନ ଶାନ୍ତି ଶୃଙ୍ଖଳାରେ ଦର୍ଶନ କଲେ ଭକ୍ତ

**ବ୍ରହ୍ମଗିରି, ୧୮।୬(ଡି.ଏନ୍.ଏ.)**

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ କଳସ ମନ୍ତ୍ରପୁତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ସାରି ଅଣସର ପିଣ୍ଡିକୁ ଚାଲିଯିବା ପରେ ଏବେ ରତ୍ନସିଂହାସନ ଖାଲି ପଡିଛି। ଭକ୍ତମାନେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ନପାଇ ଚାଲି ଆସିଛନ୍ତି ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ପୀଠକୁ। ଚର୍ତୁଭୂଜ ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ସମଫଳ ପ୍ରାପ୍ତି ହେବାର ଆଶା ନେଇ ଭକ୍ତଙ୍କ ଆଗମନ ଆରମ୍ଭ ହୋଇଛି। ମଙ୍ଗଳବାର ଠାରୁ ଆରମ୍ଭ ହୋଇଅଛି ଅଲାରପୀଠରେ ଅଣସର ଦର୍ଶନ ଓ ବ୍ରହ୍ମଗିରି ପାଲଟିଯାଇଅଛି ଦ୍ୱିତୀୟ ଶ୍ରୀକ୍ଷେତ୍ର। ପ୍ରବଳ ଗୁଳୁଗୁଳିକୁ ଖାତିରି ନ କରି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଘଣ୍ଟା ଘଣ୍ଟା ଧରି ଭକ୍ତ ଅପେକ୍ଷା କରି ରହିଥିଲେ ଲମ୍ବାଧାଡିରେ। ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯିବା ପରେ ମଙ୍ଗଳ ଆଳତୀ, ମଇଲମ ଓ ତଡପଲାଗି ପରେ ବେଶ କରାଯାଇଥିଲା। ସକାଳ ୬ଟାରୁ ସାହାଣମେଲା ହୋଇ ଆରମ୍ଭ ହୋଇଥିଲା ସର୍ବସାଧାରଣ ଦର୍ଶନ।





ଶ୍ରୀଅଲାରନାଥଙ୍କୁ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି ଶ୍ରଦ୍ଧାଳୁ

# ରଥକୁ ସୁରକ୍ଷା ଦିଅନ୍ତି ପାର୍ଶ୍ୱ ଦେବଦେବୀ

**ପୁରୀ ଅଫିସ,୧୮।୬**

ଆସନ୍ତା ଜୁଲାଇ ୪ତାରିଖରେ ଅଖିଳ ବ୍ରହ୍ମାଣ୍ଡନାଥ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରଥଖଳାରେ ତିନିରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ନିର୍ମାଣ କରାଯାଉଛି। ସମଗ୍ର ଭାରତବର୍ଷରେ ଠାକୁରଙ୍କ ଲାଗି ଯେତେ ପ୍ରକାରର ରଥ ତିଆରି ହେଉଛି ସେଥିମଧ୍ୟରୁ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ। ବହୁ ପ୍ରାଚୀନ ସମୟରୁ ରଥ ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ। ଏହି ରଥରେ ଦାରୁବିଗ୍ରହମାନେ ଆରୋହଣ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କରିଥାନ୍ତି। ମହାପ୍ରଭୁଙ୍କ ତିନିରଥରେ ୨୭ ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ଶୋଭା ପାଇଥାଏ। ଏମାନେ ରଥକୁ ସୁରକ୍ଷା ଦେଇଥାନ୍ତି। ଏହି ପାର୍ଶ୍ୱ ଦେବଦେବୀଙ୍କ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବିଶ୍ୱନିୟନ୍ତାଙ୍କ ରଥଯାତ୍ରା ପାଇଁ ପ୍ରତିବର୍ଷ ନୂଆ ରଥ ତିଆରି କରାଯାଇଥାଏ। କିନ୍ତୁ ପାର୍ଶ୍ୱ ଦେବୀଦେବ ପ୍ରତିବର୍ଷ ନିର୍ମାଣ ହୋଇ ନ ଥାନ୍ତି। ନବକଳେବର ବର୍ଷଗୁଡ଼ିକରେ ରୂପକାର ସେବକମାନେ ନିମ୍ବକାଠରେ ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ନିର୍ମାଣ କରିଥାନ୍ତି। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଚିତ୍ରକାର ସେବକମାନେ ଏହି ମୂର୍ତ୍ତିଗୁଡ଼ିକୁ ରଙ୍ଗ କରିଥାନ୍ତି। ଆବଶ୍ୟକ ପଡ଼ିଲେ ରୂପକାର ସେବକମାନେ ଏହାର ମରାମତି କାର୍ଯ୍ୟ କରିଥାନ୍ତି। ରଥଯାତ୍ରାର ୨ଦିନ ପୂର୍ବରୁ ପ୍ରତି ରଥରେ ୯ ମୂର୍ତ୍ତି ଲେଖାଏ ପାର୍ଶ୍ୱ ଦେବତାଙ୍କୁ ଅଧିଷ୍ଠିତ କରାଯାଇଥାଏ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ଯେଉଁ ୯ ପାର୍ଶ୍ୱ ଦେବତା ଅଧିଷ୍ଠିତ ହୁଅନ୍ତି ସେମାନେ ହେଲେ ହରିହର, ପଣ୍ଡୁ ନୃସିଂହ, ଗିରି ଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣି କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଞ୍ଚମୁଖୀ ହନୁମାନ। ସେହିପରି ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ରହୁଥିବା ଦେବତାମାନେ ହେଲେ ପ୍ରଳମ୍ବାରୀ ମହାଦେବ, ବାଇଶଭୁଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାଟାମ୍ବର, ଷଡ଼ାନନ କାର୍ତ୍ତିକେଶ୍ୱର, ମଧୁ କୈଟଭ ଏବଂ ଅନନ୍ତ ବାସୁଦେବ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯେଉଁ ଦେବୀମାନେ ରୁହନ୍ତି ସେମାନେ ହେଲେ ବିମଳା, ମଙ୍ଗଳା, ବରାହୀ, ଭଦ୍ରକାଳୀ, ଉମା, କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଏବଂ ଅଘୋରା। ଏହିପରି ଭାବେ ତିନିରଥରେ ୨୭ ଜଣ ପାର୍ଶ୍ୱ ଦେବଦେବୀ ଅବସ୍ଥାନ କରିଥାନ୍ତି। ଏମାନେ ରଥକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇଥାନ୍ତି ବୋଲି ଗବେଷକ ଡ. ଦାଶ ମତବ୍ୟକ୍ତ କରିଛନ୍ତି।



## 'ରଥଖଳାରେ ମହାପ୍ରଭୁଙ୍କ ସତ୍ତା ଅନୁଭବିଛି'

ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର। ୨୦୧୨ ମସିହାରେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ରଥ କାରିଗର ବ୍ୟତୀତ ତାଙ୍କର ଆଉ ଏକ ପରିଚୟ ହେଉଛି ଓଡ଼ିଶୀ ପାରମ୍ପରିକ ଶାସ୍ତ୍ରୀୟ ସଙ୍ଗୀତରେ ସେ ଜଣେ ପ୍ରତିଭାସମ୍ପନ୍ନ ସଙ୍ଗୀତଜ୍ଞ। ଚଣ୍ଡିଗଡ଼ରୁ ସଙ୍ଗୀତରେ ବିଶାରଦ କରିଛନ୍ତି। ସେ କହନ୍ତି, ୧୨ବର୍ଷ ବୟସରେ ବାପା ଲିଙ୍ଗରାଜ ମହାପାତ୍ରଙ୍କ ସହିତ ରଥଖଳାକୁ ଆସିଥିଲି। ୧୯୯୬ ମସିହାରେ ଶାଢି ବନ୍ଧାଇଥିଲି। ସେହିବର୍ଷ ନବକଳେବର ପଡ଼ିଥିଲା। ସେଥର ବାପାଙ୍କ ସହ ବନଯାଗ ଯିବାର ସୁଯୋଗ ପାଇବା ସହ ରଥଖଳାରେ ବିଶେଷ ଅନୁଭୂତି ହାସଲ କରିଥିଲି। ପରେ ୨୦୧୫ରେ ବନଯାଗରେ ଦଇତାପତିଙ୍କ ସହିତ ଚାଲିଚାଲି ବିଭିନ୍ନ ସ୍ଥାନ ବୁଲି ଦାରୁ ଚିହ୍ନଟ କରିବା ଥିଲା ଏକ ନିଆରା ଅନୁଭୂତି। ଦୁଇଟି ନବକଳେବର ମୋ ଜୀବନରେ ଗଭୀର ରେଖାପାତ କରିଛି।



ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର

ମହାପ୍ରଭୁଙ୍କ ସତ୍ତାକୁ ମୁଁ ଅନୁଭବ କରିଛି। ତାଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ। ପ୍ରତିବର୍ଷ ରଥକାମ ସମୟ ପୂର୍ବରୁ ସରିବ କି ନାହିଁ ସେଥିଲାଗି ଚିନ୍ତିତ ରହିଥାଏ। ମାତ୍ର ସବୁ ମହାପ୍ରଭୁଙ୍କ ଉପରେ ଛାଡ଼ିଦିଏ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କାମ ସରିଯାଏ। କୌଣସି ସମସ୍ୟାରେ ପଡ଼ିଲେ, ନୀଳଚକ୍ର ଓ ପତିତପାବନକୁ ହାତ ଯୋଡ଼ି କ୍ଷମା ପ୍ରାର୍ଥନା କରିଦିଏ। ତାହା ତୁରନ୍ତ ସମାଧାନ ହୋଇଯାଏ। ୨୦୧୫ ନବକଳେବର ମୋ ଲାଗି ଚ୍ୟାଲେଞ୍ଜ ଥିଲା। କିନ୍ତୁ ମହାପ୍ରଭୁଙ୍କ ଆଶୀର୍ବାଦରୁ କୌଣସି ସମସ୍ୟା ହୋଇ ନ ଥିଲା।



ପଟିଦିଅଁଙ୍କୁ ଶ୍ରୀମନ୍ଦିରକୁ ବିଜେ କରାଯାଉଛି।

# ତିନିରଥର ପଟାଗୁଜ ଖୋଦେଇ ଆରମ୍ଭ

**ପୁରୀ ଅଫିସ,୧୮।୬**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ପବିତ୍ର ଦେବସ୍ନାନ ପୂର୍ଣ୍ଣମୀରେ ତିନି ରଥର ୪ ନାହାକ ଉଠିଥିଲା। ମଙ୍ଗଳବାର ତିନି ରଥରେ ପଟାଗୁଜ କାମ ଆରମ୍ଭ ହୋଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୨ଟି ଏବଂ ଦର୍ପଦଳନ ରଥର ୮ଟି ପଟାଗୁଜ ଖୋଦେଇ କରାଯିବ। ନନ୍ଦିଘୋଷ ରଥର ରୂପକାର ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ରଥରେ ପଟାଗୁଜ କାମ ଆରମ୍ଭ ହୋଇଛି। ଏଥିରେ ନରବିରାଳ, ସିଂହବିରାଳ ଓ ଗଜବିରାଳ ଖୋଦେଇ କରାଯାଏ। ଏହା ୧୮ଇଞ୍ଚ ଲମ୍ବ ଏବଂ ୭ଇଞ୍ଚ ଚଉଡ଼ା ହୋଇଥାଏ। ପ୍ରଥମେ କାଠରେ ଚିତ୍ର ଅଙ୍କନ କରାଯାଏ। ପରେ ସେଥିରେ ଖୋଦେଇ କରାଯାଏ ବୋଲି ସେ କହିଛନ୍ତି। ଏହା ସରିବା ପରେ ସିଂହାସନ ଓ ନାଟଗୋଡ଼ କାମ ଆରମ୍ଭ ହେବ।



### ରଥଖଳାରୁ...

ସେହିପରି ରଥଖଳାରେ ଛନ୍ଦା ଗୟଲ କାଠର ଚଉପଟ ଚାଲିଥିବା ରଥ ଅମିନ ଲକ୍ଷ୍ମଣ ମହାରଣା କହିଛନ୍ତି। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର କହିଛନ୍ତି, ତିନିରଥର ଛନ୍ଦା ଗୟଲ ମୋଡ଼ା ଚାଲିଛି। ଆଗକୁ ପ୍ରଥମ ଭୂଇଁ ଉଠିବ। ସେଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟପଟେ ଦୋଳବେଦୀରେ କମାର ସେବକ ଗୟଲ କଣ୍ଟା ତିଆରିରେ ଲାଗିଛନ୍ତି।

ଐତିହ୍ୟ ପୃଷ୍ଠାରୁ...

# ସମ୍ରାଟ ଔରଙ୍ଗଜେବ ଓ ଘାସମାହାଲ



ଆମେ ଜାଣିଛେ ଔରଙ୍ଗଜେବ୍‌ଙ୍କର ଅନ୍ୟ ଗୋଟିଏ ନାମ ଥିଲା ଆଲାମଗିର୍। ଏହାର ଅର୍ଥ ହେଉଛି ପୃଥ୍ୱୀ ବିଜେତା। ନିଜ ଧର୍ମ ପ୍ରତି ତାଙ୍କର ଅଶେଷ ମୋହ ଥିବାରୁ ଲୋକେ ତାଙ୍କୁ ସମ୍ବୋଧନ କରୁଥିଲେ ଜିନ୍ଦାପୀର, ଅର୍ଥାତ୍ ଜୀବିତ ସନ୍ଥ। ତାଙ୍କ ପାଇଁ ଆଲାମଗିରି ଶବ୍ଦ କଟକ ସହରର ବାଲୁବଜାର ମସ୍‌ଜିଦରେ ଥିବା ଫାର୍‌ସୀ ଲେଖାରୁ ମଧ୍ୟ ଜଣାଯାଏ। ନବାବ ଏକରାମ୍ ଖାଁ ଏହି ମସ୍‌ଜିଦକୁ ଶାହଜାଦା ବେଗମ୍ ଜେଗୁନ୍ନିସାଙ୍କ ନାମରେ ଉତ୍ସର୍ଗ କରିଥିଲେ। ଶ୍ରୀମନ୍ଦିର ଭାଙ୍ଗିବା ଦାୟିତ୍ୱ ଏକରାମ୍ ଖାଁଙ୍କୁ ଦିଆଯାଇଥିଲା।

କୋରାନ୍ ଓ କାଫିରର ପୁସ୍ତକରୁ ଜଣାଯାଏ ଔରଙ୍ଗଜେବ୍‌ଙ୍କ ଆଦେଶନାମା କଥା। ହିନ୍ଦୁମାନଙ୍କ ମନ୍ଦିର ଭାଙ୍ଗିଦେବା ପାଇଁ ଥିଲା ଏହି ଆଦେଶ। ଶ୍ରୀମନ୍ଦିର ତ ଭାଙ୍ଗିଲା ନାହିଁ, କିନ୍ତୁ ଔରଙ୍ଗଜେବଙ୍କ ମନର ଆଣ୍ଠ ଦିନେ ଭାଙ୍ଗିଦେଇଥିଲା ଶ୍ରୀମନ୍ଦିର ପରମ୍ପରାରେ ଥିବା ବିଧି ବ୍ୟବସ୍ଥା। ସେ ଯେତେବେଳେ ଜାଣିଲେ ଜଗନ୍ନାଥ କ୍ଷେତ୍ରରେ ମଠ ଓ ଆଶ୍ରମର ସାଧୁମାନେ କେବଳ ଜଗନ୍ନାଥଙ୍କ ସେବାରେ ସାମିଲ ନାହାନ୍ତି, ସାମାଜିକ ଦୃଷ୍ଟିକୋଣରୁ ବହୁ ସେବାରେ ଜଡ଼ିତ ଅଛନ୍ତି, ଏପରି କି ଗୋ-ସେବା କରୁଛନ୍ତି, ତାଙ୍କ ମନ ବଦଳି ଯାଇଥିଲା। ପର ଆପଣା ଭେଦ ନ ରଖି କ୍ଷେତ୍ରରେ ସାଧୁମାନେ ଗୋରୁମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି, ପୁଣି ଜନପଦର ସବୁଜ ଘାସ ବି ବରାଦ କରି ଖାଇବାକୁ ଦେଉଛନ୍ତି, ବିସ୍ମିତ ହୋଇଯାଇଥିଲେ ସେ।

ମନ ତାଙ୍କର ବଦଳିଗଲା। ସେବାରେ ସେ ଅନୁପ୍ରାଣିତ ହେଲେ। ଗୋରୁଙ୍କ ପ୍ରତି ଶ୍ରଦ୍ଧା ବଢିଲା। ଅବସ୍ଥା ଚକ୍ରରେ ଉତ୍ତରପାର୍ଶ୍ୱ ମଠର ସାଧୁମାନଙ୍କ ଗୋ ସେବା କଥା ଜାଣିଲେ। କ'ଣ ଭାବିଲେ କେଜାଣି ସୁବାଦାରଙ୍କୁ ଆଦେଶ ଦେଲେ ମଠ ପାଇଁ ଘାସମାହାଲ ଖଞ୍ଜା କର। ପୁରୀ-କୋଣାର୍କ ରାସ୍ତାରେ ଥିବା ଛଇତନା ନିକଟ ଗଇଣ୍ଡଳ ଗାଁରେ ଏକ ଘାସମାହାଲ ଉତ୍ତରପାର୍ଶ୍ୱ ମଠର ମହାରାଜଙ୍କୁ ଦିଆଯାଇଥିଲା। ଏବେ ବି ମଠ ପକ୍ଷରୁ ବର୍ଷ ସାରା ଗୋରୁମାନଙ୍କୁ ଘାସ ଦିଆଯିବାର ପରମ୍ପରା ପ୍ରଚଳିତ ଅଛି। ରାମାନୁଜ ସମ୍ପ୍ରଦାୟର ଏହି ମଠଟି ଶ୍ରୀମନ୍ଦିରର ଉତ୍ତର ଦ୍ୱାର ସାମ୍ନାରେ ଅବସ୍ଥିତ।

ଗୋରୁଙ୍କୁ ଘାସ ଦେବାର ଏହି ପରମ୍ପରା ଏବେ ସାଧାରଣ ଲୋକଙ୍କ ମନକୁ ବି ଛୁଇଁ ପାରିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଘାସ ବିକ୍ରି ହେଉଛି। ଏହାକୁ ଲୋକେ କିଣି ପୁଣ୍ୟ ଅର୍ଜନ ଉଦ୍ଦେଶ୍ୟରେ ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି। ଏବେ ବି ସଞ୍ଜ ନଇଁଲେ ପୁରୀ ଉପକଣ୍ଠରୁ ଘାସଗୋଛା ଭାର କରି କିଛି ଲୋକେ ଦକ୍ଷିଣ ଦ୍ୱାରରେ ଘାସର ପସରା ମେଲାଉଛନ୍ତି।

– ଡ. ସୁରେନ୍ଦ୍ର କୁମାର ମିଶ୍ର



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗକୁ କ'ଣ ହେବ ସେ ବିଷୟରେ ବେଶି ଭାବ ନାହିଁ ।
-ଲେନିନ୍



## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ଜେଲ୍ ଗଲେ ୪୭ ଜୁଆଡି

**କଟକ ଅଫିସ,୧୮।୬:** ମାଲଗୋଦାମ ପୋଲିସ ସୋମବାର ରାତିରେ ମାଲଗୋଦାମ ଓଭର ବ୍ରିଜ୍ ତଳେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୪୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୬୫ହଜାର ଟଙ୍କା, ୬ ବାଇକ୍, ୧୪ମୋବାଇଲ ଫୋନ ଜବତ ହୋଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଜୁଆଡି କଟକ ସହର ସମେତ, ବାରଙ୍ଗ, ଜଗତପୁର ଏବଂ କଟକ ଆଖପାଖ ଅଞ୍ଚଳର ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୩/୧୯) ରୁଜୁ ହୋଇଛି।

### ସାପ କାମୁଡ଼ାରେ ଯୁବକ ମୃତ

**ନିଶ୍ଚିନ୍ତକୋଇଲି,୧୮।୬(ସ୍ୱ.ପ୍ର.):** ସାପ କାମୁଡ଼ରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ପଞ୍ଚାୟତ ଦିକ୍ଷିତପଡ଼ା ଗ୍ରାମର ଅଜିତ ରାୟ(୫୨)। ଅଜିତ ମଧ୍ୟାହ୍ନରେ ଘରେ ଶୋଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କମୁଡ଼ିଥିଲା। ପରିବାର ଲୋକେ ଜାଣିବା ପରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପୂର୍ବତନ ମନ୍ତ୍ରୀ ସକ୍ ମତୁଲବ ଅଲ୍ଲୀ, ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ, ଦିଲୀପ ରାଉତ, ଅମୀୟ ବିଶ୍ୱାଳ ଓ ସଞ୍ଜୟ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଅଜିତ ଦୀର୍ଘଦିନ ଧରି କଂଗେସରେ ଯୁବ ସଙ୍ଗଠକଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପୋଖରୀରେ ବୁଡ଼ି ଜଣେ ମୃତ

**ନରସିଂହପୁର,୧୮।୬(ଡି.ଏନ.ଏ.):** ପୋଖରୀରେ ବୁଡ଼ି ମଙ୍ଗଳବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ କୋକଳବା ଗ୍ରାମର ଅନାଦୀ ଚରଣ ପଣ୍ଡା(୪୮)। ଅନାଦୀ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଗାଧୋଉଥିବାବେଳେ ହଠାତ୍ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ମହକୁମା ରାଜସ୍ୱ ନିରୀକ୍ଷକ ଶୁକାନ୍ତ କୁମାର ସେଠୀ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପଣ୍ଡା ୱାର୍ଡ ସଭ୍ୟ ଥିବାବେଳେ କୋକଳବା ନୋଡାଲ ୟୁପି ସ୍କୁଲର ସଭାପତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**ଚୌଦ୍ୱାର,୧୮।୬(ଡି.ଏନ୍.ଏ.):** ନଖରା ୟୁଥ ଆସୋସିଏଶନ, ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ନଖରା ଠାରେ ୬ଷ୍ଠ ବାର୍ଷିକ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ନଖରାକୁ ହରାଇ ଦାମୋଦରପୁର ଟମ୍ ଚାମ୍ପିୟନ ହୋଇଛି। ତ୍ରିଲୋଚନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସର୍ବଭାରତୀୟ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳ, ତୁଷାରକାନ୍ତ କାନୁନ୍‌ଗୋ, ବାଳକୃଷ୍ଣ ବେହେରା ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ରନର୍ସ କପ୍ ପ୍ରଦାନ କରିଥିଲେ। ନଖରା ପଞ୍ଚାୟତ ସମିତିସଭ୍ୟ ଅଭିଲାଷ ସାହୁ, ଉଦୟନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଚନ୍ଦ୍ର ମୋହନ ସାହୁ, ଭୀମସେନ ତ୍ରିପାଠୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମନୋଜ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ।

# ମାଗଣା ଔଷଧ ପାଇଁ ୪୨.୫୨ କୋଟି

**ଏସ୍‌ସିବି ମେଡ଼ିକାଲ**
- ସରକାରଙ୍କୁ ମାଗିଲେ ଏସ୍‌ସିବି କର୍ତ୍ତୃପକ୍ଷ
- ନିରାମୟ କେନ୍ଦ୍ରରେ ମିଳୁନି ଆବଶ୍ୟକ ଔଷଧ

**କଟକ ଅଫିସ, ୧୮।୬**

ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବା ପରେ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ମାଗଣା କରାଯାଇଛି। ପୂର୍ବରୁ ମେଡିକାଲର ବିଭିନ୍ନ ଉତ୍ସରୁ ୟୁଜର୍ସ ଫି ଆଦାୟ କରାଯାଉଥିଲା। ମାତ୍ର ଫେବୃୟାରୀ ପହିଲାରୁ ଏହି ଫି ଆଦାୟ ବନ୍ଦ ରହିଛି। ଏହାପରେ ମାଗଣା ଔଷଧକୁ ନେଇ ଏସ୍‌ସିବି ମେଡିକାଲରେ ଏକପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ମେଡିକାଲ ସହିତ ସହବନ୍ଧିତ ଥିବା ୪ଟି ଔଷଧ ଦୋକାନଗୁଡ଼ିକର ଏସ୍‌ସିବି ଉପରେ ବହୁ କୋଟି ଟଙ୍କାର ବିଲ୍ ବାକି ପଡ଼ିଛି। ପାଖାପାଖି ୪ ମାସ ହେବ ସହବନ୍ଧିତ ଦୋକାନଗୁଡ଼ିକ ଏହି ଟଙ୍କା ପାଇ ନ ଥିବା ଜଣାପଡ଼ିଛି। ଏହି ଦୋକାନଗୁଡ଼ିକ ଏବେ ମେଡିକାଲଠାରୁ ୭ କୋଟି ୬୩ ଲକ୍ଷ ୨୩ ହଜାର ୬୬୦ ଟଙ୍କା ପାଇବେ ବୋଲି ଜଣାପଡ଼ିଛି। ମାର୍ଚ୍ଚ ମାସଠାରୁ ଅଦ୍ୟାବଧି ଏହି ଔଷଧ ଦୋକନଗୁଡ଼ିକୁ ସେମାନଙ୍କ ବକେୟା ପଇଠ କରାଯାଇ ନ ଥିବା କେତେଜଣ ଦୋକାନ ମାଲିକ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ଔଷଧ ଯୋଗାଣ ବାବଦରେ ଉପରୋକ୍ତ ୪ଟି ସହବନ୍ଧିତ ଦୋକାନ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ୩୦ କୋଟି ୫୨ଲକ୍ଷ ୯୪ହଜାର ୬୪୦ ଟଙ୍କାର ବଜେଟ ଆବଶ୍ୟକ ଥିବାବେଳେ ସେଣ୍ଟ୍ରାଲ ଷ୍ଟୋର ନିମନ୍ତେ ୧୨କୋଟି ଟଙ୍କାର ବଜେଟ ଆବଶ୍ୟକତା ରହିଛି। ମୋଟାମୋଟି ଭାବେ ସହବନ୍ଧିତ ଔଷଧ ଦୋକାନ ଓ ସେଣ୍ଟ୍ରାଲ ଷ୍ଟୋର ପାଇଁ ୪୨ କୋଟି ୫୨ ଲକ୍ଷ ୯୪ହଜାର ୬୪୦ ଟଙ୍କାର ଏକ ବଜେଟ୍ ପ୍ରସ୍ତୁତ କରାଯାଇଛି । ତେବେ ସରକାର ମାଗଣା ଔଷଧ ବାବଦରେ ଏତେ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରୁଥିବା ବେଳେ ମେଡିକାଲ ପରିସରରେ ଥିବା ନିରାମୟ କେନ୍ଦ୍ରରେ କେବଳ ଜ୍ୱର, ଝାଡ଼ା ଔଷଧ ମହଜୁଦ ରହୁଛି। ଯାଜପୁର ଅଞ୍ଚଳରୁ ଆସିଥିବା ରୋଗୀ ମନୋରଞ୍ଜନ ସିଂ କୁହନ୍ତି, ବେକରେ ଯନ୍ତ୍ରଣା ଥିବାରୁ ମେଡିସିନ ଆଉଟ୍‌ଡୋରରେ ଡାକ୍ତରଙ୍କୁ ଦେଖାଇଥିଲି। ଡାକ୍ତର ୫ଟି ଔଷଧ ଲେଖିଥିଲେ। ମାତ୍ର ନିରାମୟ କେନ୍ଦ୍ରରେ ଗୋଟିଏ ଔଷଧ ଉପଲବ୍ଧ ଥିଲା। କେନ୍ଦ୍ରାପଡ଼ା ଅଞ୍ଚଳରୁ ଆସିଥିବା ରୋଗୀ ନାରାୟଣ ମହାନ୍ତି କୁହନ୍ତି, ଗତ ୨ ମାସ ହେବ ନିୟମିତ ଭାବେ ନେଫ୍ରୋଲୋଜି ଆଉଟଡୋରକୁ ଚିକିତ୍ସା ପାଇଁ ଆସୁଛି। ଡାକ୍ତର ଲେଖୁଥିବା ଦାମୀ ମେଡିସିନ କଥାକୁ ବାଦଦେଇ ସାମାନ୍ୟ ଆଇରନ ବଟିକା ମଧ ନିରାମୟ କେନ୍ଦ୍ରରେ ୨ମାସ ହେବ ମିଳୁ ନ ଥିବା କହିଛନ୍ତି। ସେହିପରି ସାଲେପୁର ଅଞ୍ଚଳରୁ ଆସିଥିବା ରୋଗୀ ଆଲୋକ ଭୂୟାଁ କୁହନ୍ତି, ସରକାର ମାଗଣା ଚିକିତ୍ସାର ଭେଳିକି ଦେଖାଉଛନ୍ତି। ଯେଉଁଠି କାଜୁଆଲିଟିରେ ବ୍ଲେଡ୍ ଓ ପ୍ଲାଷ୍ଟର ମିଳୁନି ସେଠାରେ ମାଗଣା ଔଷଧ କେବଳ ଧୂଆଁବାଣ ବୋଲି ଭୂୟାଁ କହିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କୁହନ୍ତି, କେଉଁ ସମୟରେ କେମିତି ଗୋଟିଏ ଦୁଇଟି ମେଡିସିନ ଉପଲବ୍ଧ ହେଉ ନ ଥିବ। କିନ୍ତୁ ନିରାମୟ କେନ୍ଦ୍ରରେ ଭରପୂର ଔଷଧ ମହଜୁଦ ରହୁଛି। ଏହାବାଦ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀ ଆବଶ୍ୟକ ପରିମାଣର ସମସ୍ତ ସୁବିଧା ପାଉଥିବା ସେ କହିଛନ୍ତି । ଏବେ ମେଡିକାଲ ପାଇଁ ଆବଶ୍ୟକ ଥିବା ଔଷଧ ସମ୍ପର୍କରେ ଆମେ ସରକାରଙ୍କୁ ଅବଗତ କରାଇଛୁ। ସହବନ୍ଧିତ ଔଷଧ ଦୋକାନଗୁଡ଼ିକ ପାଇଁ ଆବଶ୍ୟକ ପାଣ୍ଠି ବାବଦରେ ମଧ ବ୍ୟବସ୍ଥା କରାଯାଉଥିବା ପ୍ରଫେସର ମହାନ୍ତି କହିଛନ୍ତି ।




ପୋଷ୍ଟାଲ କର୍ମଚାରୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଦରମା ଓ ପେନସନ ପ୍ରଦାନ କରିବା ଦାବି ନେଇ ମଙ୍ଗଳବାର କଟକ ବକ୍ସିବଜାରସ୍ଥିତ ଜିପିଓ ସମ୍ମୁଖରେ ବିକ୍ଷୋଭ।

## କାଗଜକଲ କ୍ୱାର୍ଟର୍ସ ଭାଙ୍ଗିବା ପ୍ରତିବାଦରେ ଅଞ୍ଚଳବାସୀଙ୍କ ବିରୋଧ

**ଚୌଦ୍ୱାର,୧୮।୬(ଡି.ଏନ୍.ଏ.)**

ଦୀର୍ଘଦିନ ଧରି ବନ୍ଦ ଥିବା ବଲ୍ଲାରପୁର କାଗଜକଳର କ୍ୱାର୍ଟର୍ସଗୁଡିକର ଗ୍ରୀଲଗୁଡିକୁ ଭାଙ୍ଗି କବାଡିଆଙ୍କ ଦ୍ୱାରା ବେଆଇନ ଭାବେ ଚାଲଣ କରିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ପୂର୍ବତନ ପୌର ଉପାଧ୍ୟକ୍ଷ ଅଜୟ କୁମାର ବେହେରା ଓ ପୂର୍ବତନ କାଉନସିଲର ରମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ କ୍ୱାର୍ଟର ଭଙ୍ଗାକୁ ବିରୋଧ କରିଥିଲେ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଟିପିଏମ୍ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି। ସେଠାରେ କେତେଜଣ ଲୋକ କ୍ୱାର୍ଟର୍ସକୁ ଭାଙ୍ଗିବା ସହ କ୍ୱାର୍ଟରରେ ଥିବା ଗ୍ରୀଲକୁ ଗ୍ୟାସ କଟର ସାହାଯ୍ୟରେ କାଟୁଥିବା ଦେଖାଯାଇଥିଲା। ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷ କାରଖାନାର ଭିତିଭୂମିକୁ ଭାଙ୍ଗିବା ବନ୍ଦ କରିବା ସହ ଏଠାରେ ନୂତନ ଶିଳ୍ପ ପ୍ରତିଷ୍ଠା ନକଲେ ଆଗାମୀ ଦିନରେ ଚୌଦ୍ୱାର ଅଞ୍ଚଳରେ ଆନ୍ଦୋଳନ ତିବ୍ରତର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।




ଟ୍ରେନରେ ଯାତ୍ରୀଙ୍କ ସୁରକ୍ଷା ନେଇ କଟକ ରେଳ ସୁରକ୍ଷା ବଳ ପକ୍ଷରୁ ମଙ୍ଗଳବାର ଛତ୍ରବଜାର ତାଳଦଣ୍ଡା କେନାଲ ରୋଡ୍ ଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

## ଓଡ଼ିଶା ପଇଁ ଗୌରବ ଆଣିଲେ ଅଙ୍କିତା

**ଚୌଦ୍ୱାର,୧୮।୬(ଡି.ଏନ୍.ଏ.)**

ଜାତୀୟସ୍ତରର ମିସ୍ ଆଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ-୨୦୧୯ ର୍‍ୟାମ୍ପ ଶୋ'ର ଫାଇନାଲରେ ଅଂଶଗ୍ରହଣ କରିବେ ଅଙ୍କିତା ପାତ୍ର। ଗତ ମେ' ୧୯ ରେ ଇଡ୍‌କଲ ହଲରେ ଆୟୋଜିତ ର୍‍ୟାମ୍ପ ଶୋ'ରେ ଅଂଶଗ୍ରହଣ କରି ଉଚ୍ଚକୋଟିର ପ୍ରଦର୍ଶନ କରିବା ସହିତ ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ଦିଲ୍ଲୀର ପଶ୍ଚିମ ବିହାରସ୍ଥିତ ରେଡ଼ିସନ୍ ବ୍ଲୁ ରେ ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ର୍‍ୟାମ୍ପ ଶୋ'ରେ ଅଂଶଗ୍ରହଣ କରିବା ପାଇଁ ଅଙ୍କିତା ପ୍ରସ୍ତୁତି ଚଳାଇଛନ୍ତି। ଚୌଦ୍ୱାରସ୍ଥିତ ଇମ୍ପା କଲୋନୀର ସୁଜାତା ପାତ୍ର ଓ ଦିଲୀପ କୁମାର ପାତ୍ରଙ୍କ କନିଷ୍ଠା କନ୍ୟା ହେଉଛନ୍ତି ଅଙ୍କିତା। ସେ +୨ ଦ୍ୱିତୀୟ ବର୍ଷର ଛାତ୍ରୀ। ତାଙ୍କର ଏହି ସଫଳତା ଚୌଦ୍ୱାର ଅଞ୍ଚଳରେ ଗୌରବ ଆଣିଦେଇଥିବା ବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଆସୁଥିବା ଜଣାପଡିଛି।

## ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

**ଚୌଦ୍ୱାର,୧୮।୬(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ୧୨ନଂ. ୱାର୍ଡ ଅନ୍ତର୍ଗତ ଓଟିଏମ୍ କଲୋନୀସ୍ଥିତ ଶ୍ରୀ ଚନ୍ଦନେଶ୍ୱର ଦେବଙ୍କ ପୀଠରେ ଅଷ୍ଟମ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୪ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଶାଳା ସଂସ୍କାର, ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ, ମହାମୃତ୍ୟୁଞ୍ଜୟ ମନ୍ତ୍ର, ସହସ୍ରାହୁତି, ସପ୍ତଶତୀ ଚଣ୍ଡୀ ଆହୁତି, ଗୀତାହୁତି ଆଦି ଅନୁଷ୍ଠିତ ହୋଇଥିଲା। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଦିଅଁ ଦର୍ଶନ କରିଥିଲେ।

## ଦିବ୍ୟାଙ୍ଗ ହୋଇ ମଧ ସମାଜ ଲାଗି ଉଦାହରଣ

**ନରାଜ,୧୮।୬(ଡି.ଏନ୍.ଏ.)**



ଭଜିରାମଙ୍କ ସହ ପରିବାର ବର୍ଗ।

ସମାଜରେ ଏକ କଥା ଅଛି, ପଙ୍ଗୁ ଲଘୟତେ ଗିରି। ଅର୍ଥାତ ଜଣେ ଲୋକ ପଙ୍ଗୁ ହୋଇଥିଲେ ବି ମନରେ ଦୃଢ଼ ବିଶ୍ୱାସ ଥିଲେ ଏକ ପର୍ବତକୁ ମଧ ଲମ୍ଫ ପ୍ରଦାନ କରିପାରିବ। ଠିକ ସେହିଭଳି ଜଣେ ବ୍ୟକ୍ତି ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ବି ନିଜ ଶକ୍ତିରେ ଛିଡା ହୋଇପାରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି କଟକ-ଭୁବନେଶ୍ୱର ମଧଭାଗର କୁଆଖାଇ ନଦୀକୂଳରେ ଥିବା ବେଲଗଛିଆ ଗ୍ରାମର ଭଜିରାମ ବେହେରା ଓରଫ ଡଙ୍ଗା। ଘରେ ମା, ଭାଇ, ଭାଉଜ, ପୁତୁରା, ଝିଆରୀ ଥିବାବେଳେ ଭଜିରାମଙ୍କ ଜୀବନସାଥୀ ସୁକାନ୍ତି ଓ ଦୁଇପୁଅକୁ ନେଇ ସୁଖୀ ସଂସାରଟିଏ। ଏକ ଅଦୃଶ୍ୟ ସ୍ନେହ ଶ୍ରଦ୍ଧାର ଡୋରିରେ ବନ୍ଧା ସମସ୍ତେ। ଆର୍ଥିକ ଦୁରବସ୍ଥା ସତ୍ତ୍ୱେ ସ୍ୱଳ୍ପ ରୋଜଗାରକୁ ପାଥେୟକରି ହସଖୁସିରେ ତାଙ୍କର ସଂସାର। ସତେ ଯେମିତି କେବେ ଦୁଃଖ ତାଙ୍କ ମୁଖରେ ଦୃଶ୍ୟମାନ ହୋଇନାହିଁ ସେହିଭଳି ଭାବରେ ସେ ତାଙ୍କ ସଂସାରର ନାଆକୁ ସମାଜର ଗତିପଥ ସ୍ରୋତରେ ଆଗକୁ ଭାସିଚାଲିଛି। ଭଜିରାମ ମା'ବାପାଙ୍କ ସାନ ପୁଅ ଥିବାବେଳେ ଜନ୍ମରୁ ଦିବ୍ୟାଙ୍ଗ। ପାରିବାରିକ ଆର୍ଥିକ ସମସ୍ୟା, ସାଙ୍ଗସାଥୀଙ୍କ ଟାହି ଟାପରା ଓ ବାପାଙ୍କ ମୃତ୍ୟୁ ପରେ ତାଙ୍କର ୪ର୍ଥ ଶ୍ରେଣୀରୁ ପାଠପଢାରେ ଡୋରି ବନ୍ଧା ହୋଇଯାଇଥିଲା। ହେଲେ ସ୍ୱଳ୍ପଜ୍ଞାନକୁ ଆଧାରକରି ଅଳ୍ପ ବୟସରୁ ଘରର ବୋଝକୁ ପୋଲିଓ ହାତରେ ବୋହିନେବାକୁ ସାହାସ ବାନ୍ଧି ସଫଳ ମଧ ହୋଇଛନ୍ତି। ଘରଲୋକଙ୍କ ଆର୍ଥିକ ଓ ମାନସିକ ସହଯୋଗ ତାଙ୍କ ଭିନ୍ନକ୍ଷମତାରେ ଭରିଦେଇଥିଲା ଅପୂରନ୍ତି ଶକ୍ତି। ପୋଲିଓ ହାତ ଦୁଇଟିକୁ ବ୍ୟବହାର କରି ସାଧାରଣ ଲୋକଙ୍କ ପରି ମୁଣ୍ଡରେ ମୁଣ୍ଡାଇ କିଛିଦିନ ବ୍ୟବସାୟ କରିବା ପରେ କିଛି ପଇସା ସଞ୍ଚୟକରି ଏକ ପୁରୁଣା ସାଇକେଲ କିଣି ନୟାଗଡ(ସୁନାଖଳା)ରୁ ଶୁଖୁଆ ଆଣି ଗାଁ ଗାଁ ବୁଲି ବ୍ୟବସାୟ ଆରମ୍ଭ କରିଥିଲେ। ପରେ ବେଲଗଛିଆରୁ ବାରଙ୍ଗ, ବାରଙ୍ଗରୁ କଟକ ବୁଲିବୁଲି ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି। ବୟସ ହେବା ସହ ଅଧିକ ବାଟ ସାଇକେଲରେ ବ୍ୟବସାୟ କରିପାରୁ ନ ଥିବାରୁ ସକାଳ ସମୟରେ ସ୍କୁଲ ସାମ୍ନାରେ ଠିଆହୋଇ ବୁଟ, ମଟର, ଓ ସନ୍ଧ୍ୟାରେ ପାଖ ତ୍ରିଶୁଳିଆରେ ବୁଟଚଲା, ବାଦାମ, ଅଣ୍ଡା ବିକ୍ରି କରୁଛନ୍ତି। ଜଣେ ଆତ୍ମନିର୍ଭରଶୀଳ ବ୍ୟକ୍ତିଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସରକାରୀ ସ୍ତରରେ କିଛି ଆର୍ଥିକ ସହାୟତା ମିଳନ୍ତା ତା'ହେଲେ ସେ ଏକ ସ୍ଥାୟୀ ଦୋକାନ କରି ତାଙ୍କ ଗୁଜୁରାଣ ମେଣ୍ଟାଇବା ସହ ଦୁଇ ପିଲାଙ୍କୁ ପାଠ ପଢାଇ ମଣିଷ କରିପାରନ୍ତେ।

## ନୋଡାଲ ହାଇସ୍କୁଲରେ ଆରମ୍ଭ ହୋଇନି ମରାମତି କାର୍ଯ୍ୟ



ହଂସନାଥ ନୋଡ଼ାଲ ହାଇସ୍କୁଲ।

**କଟକ ସଦର, ୧୮।୬(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ସ୍କୁଲଗୁଡିକର ମରାମତି କାର୍ଯ୍ୟ ଗ୍ରୀଷ୍ମ ଅବକାଶ ମଧରେ ସାରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ଅବକାଶ ସରିବା ପରେ କଟକ ସଦର ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ପରିଚାଳିତ ସ୍କୁଲଗୁଡ଼ିକରେ ୨୬ତାରିଖ ଠାରୁ ପାଠପଢା ଆରମ୍ଭ ହେବ। ଇତିମଧରେ ନୋଡାଲ ହାଇସ୍କୁଲଗୁଡ଼ିକ କ୍ଷତିଗ୍ରସ୍ତ ଶ୍ରେଣୀଗୃହର ମରାମତି ଆରମ୍ଭ ହୋଇନାହିଁ। ଫଳରେ ପାଠପଢାରେ ବ୍ୟାଘାତ ହେବାର ଆଶଙ୍କା ଦେଖାଦେଇଛି। ଉକ୍ତ ବ୍ଲକର ହଂସନାଥ ନୋଡାଲ ହାଇସ୍କୁଲ, ଆୟତପୁର ନୋଡାଲ ହାଇସ୍କୁଲ, କୂଳସିରଚୁଆଁ ନୋଡାଲ ହାଇସ୍କୁଲ, କିଶୋରନଗରସ୍ଥିତ ଚିନ୍ତାମଣି ନୋଡାଲ ହାଇସ୍କୁଲ ଆଦି ୧୯ଟି ସ୍କୁଲର ଷଷ୍ଠରୁ ସପ୍ତମ ଶ୍ରେଣୀ ଗୃହର ମରାମତି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଆରମ୍ଭ କରି ନ ଥିବା ଜଣାପଡିଛି। ପୂର୍ବରୁ ପ୍ରଥମଠାରୁ ସପ୍ତମ ଶ୍ରେଣୀ ଦାୟିତ୍ୱ ସର୍ବଶିକ୍ଷା ଅଭିଯାନ ଗ୍ରହଣ କରିଥିଲା। ୨୦୧୭ରୁ ଗୋଟିଏ କ୍ୟାମ୍ପସରେ ଥିବା ପ୍ରାଥମିକ ଓ ହାଇସ୍କୁଲକୁ ମିଶାଇ ଦିଆଯାଇ ନୋଡାଲ ହାଇସ୍କୁଲ କରାଯାଇଛି। ଏଭଳି ପରିସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରାଥମିକ ଶ୍ରେଣୀ ଗୁଡିକର ମରାମତି ଦାୟିତ୍ୱ ରାଜ୍ୟ ସରକାର ଏପର୍ଯ୍ୟନ୍ତ ନ୍ୟସ୍ତ କରି ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୋଗ ସମ୍ପର୍କରେ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ନୀଳମାଧବ ସାହୁ କୁହନ୍ତି, ପ୍ରାଥମିକ ସ୍କୁଲ ଗୁଡିକର କ୍ଷତି ସମ୍ପର୍କରେ ତଥ୍ୟ ହାସଲ କରାଯାଇ ସରକାରଙ୍କୁ ଜଣାଇଦିଆଯିବ ବୋଲି କହିଥିଲେ। ନୋଡାଲ ସ୍କୁଲର ପାଠପଢା ବିଳମ୍ବ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ସ୍ୱଚ୍ଛତା ପକ୍ଷ ପାଳନ

**କଟକ ଅଫିସ, ୧୮।୬**

କଟକସ୍ଥିତ ଖପୁରିଆ ଶିଳ୍ପାଞ୍ଚଳର ଓଏଏସ୍‌ଏମ୍‌ଇ କକ୍ଷରେ ଅଣୁ, ଲଘୁ ଏବଂ ମଧମ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ ପକ୍ଷରୁ ମଙ୍ଗଳବାର କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌରୀଶଙ୍କର ଦାସ, ଚେୟାର୍‌ମ୍ୟାନ୍, ଓଏଏସ୍‌ଏମ୍‌ଇ ସ୍ୱାଗତ ଭାଷଣ ଦେଇଥିଲେ। ଡା. ପି. ଗିରି, ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ମଣ୍ଡଳ,କଟକ ଭାଗନେଇ କଠିନ ଓ ତରଳ ବର୍ଜ୍ୟବସ୍ତୁକୁ କିପରି ସୁପରିଚାଳନା କରାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ। ସାଧାରଣତଃ ରୋଷଶାଳା, ବଗିଚା, ଗୁହାଳ ଓ କୃଷିକ୍ଷେତ୍ରରୁ ପ୍ରଚୁର ପରିମାଣର କଠିନ ବର୍ଜ୍ୟବସ୍ତୁ ମିଳିଥାଏ। ତରଳ ବର୍ଜ୍ୟବସ୍ତୁର ଉତ୍ସ ଶିଳ୍ପାଞ୍ଚଳରେ ଥିବା କଳକାରଖାନା ହୋଟେଲ୍, ଶିକ୍ଷାକ୍ଷେତ୍ର ଏବଂ ଗୃହମାନଙ୍କରୁ ନିଷ୍କାସିତ ହୋଇଥାଏ। ଏହିସବୁ ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟ, ଭର୍ମି କମ୍ପୋଷ୍ଟ,ବାୟୋ ଗ୍ୟାସ୍ ପଦ୍ଧତିରେ ପରିଚାଳନା କରି କୃଷିକ୍ଷେତ୍ରକୁ ଜୈବ ଖତ, ସାର ପ୍ରଦାନକରିବାରେ ସହାୟକ ହେବ। ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ସୁକାନ୍ତ କୁମାର ସାହ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସହାୟକ ନିର୍ଦ୍ଦେଶକ ଦାମୋଦର ବେହେରା ସଞ୍ଚାଳନ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ଭୁଶୁଡୁଛି ଡ୍ରେନ୍ ପାଚେରି, ଧସୁଛି ରାସ୍ତା

**କଟକ ଅଫିସ, ୧୮।୬**



ରାସ୍ତା କଡ଼ରେ ଗଦା ହୋଇଥିବା ଅଳିଆ ଆବର୍ଜନା।

- ଜାଇକାକୁ କାମଦେଇ ଚୁପ୍ ବସିଛନ୍ତି ସିଏମସି କର୍ତ୍ତୃପକ୍ଷ
- ଆବର୍ଜନା ପଡୁଥିବାରୁ ଡ୍ରେନ୍ ଜାମ୍

ସହରରୁ ଜଳନିଷ୍କାସନ ପାଇଁ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଡ୍ରେନେଜ ବ୍ୟବସ୍ଥା କରାଯାଇଛି। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଡ୍ରେନଗୁଡ଼ିକ ଜାମ୍ ହେଉଥିବାରୁ ସେଥିରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଡ୍ରେନ ପାଚେରିଗୁଡ଼ିକ ଅନେକ ସମୟରେ ଭୁଶୁଡ଼ି ପଡୁଥିବାବେଳେ ଡ୍ରେନ ସଂଲଗ୍ନ ରାସ୍ତା ଧସୁଛି। କେବଳ ଏତିକି ନୁହେଁ ଅସରାଏ ବର୍ଷାରେ ସହରବାସୀ ଜଳବନ୍ଦୀର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍‌ରୁ ପଙ୍କ ଉଦ୍ଧାର, ଡ୍ରେନ୍ ପାଚେରି ମରାମତି ଆଦି ଠିକ୍ ସମୟରେ କରାଯାଉ ନ ଥିବାରୁ ସହରବାସୀ ନର୍କ ଯନ୍ତ୍ରଣା ଭୋଗ କରୁଥିବା ଅଭିଯୋଗ ହେଉଛି। ଏନେଇ ଲୋକମାନେ ବାରମ୍ବାର ଅଭିଯୋଗ କରୁଥିଲେ ବି ସିଏମସି କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଗତ ୧୬ ତାରିଖରେ ହୋଇଥିବା ଅସରାଏ ବର୍ଷାରେ ଡ୍ରେନ ଜାମ୍ ସମସ୍ୟା ଦେଖାଦେଇଥିଲା। ମୁଖ୍ୟ ଡ୍ରେନଗୁଡ଼ିକରୁ ଅଳିଆ କଢ଼ାଯାଉଥିଲେ ମଧ ତାହା ଡ୍ରେନ୍ ପାର୍ଶ୍ୱରେ ପଡିରହୁଥିବାରୁ ପୁଣି ଡ୍ରେନରେ ମିଶି ଡ୍ରେନ୍ ଜାମ ହେଉଛି। କଟକ ମହାନଗର ନିଗମରେ ଆବର୍ଜନା ଏକ ମୁଖ୍ୟ ସମସ୍ୟା ହୋଇ ଛିଡା ହୋଇଛି। ଅଫିସରଙ୍କ ବୈଠକରେ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ସହରବାସୀଙ୍କୁ ଡ୍ରେନେଜ୍ ସମସ୍ୟାରୁ ମୁକ୍ତି ମିଳୁନାହିଁ। ସହରର ମୁଖ୍ୟ ଡ୍ରେନ୍ କାମ ଜାଇକା ନେଇଥିଲେ ମଧ ତାହା ସୁଚାରୁ ରୂପେ କରୁଛିକି ନାହିଁ ତାହା ତଦାରଖ କରିବାକୁ ସିଏମ୍‌ସି ଭୁଲିଯାଇଛି। ସହରରେ ଏବେ ବହୁ ଡ୍ରେନ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବଜ୍ରକବାଟି ରୋଡ଼ ଦେଇ ଯାଇଛି ଏମଏସ୍‌ଡବ୍ଲ୍ୟୁସି ନାଳ। ଏହି ନାଳଟିକୁ ଜାଇକା ପକ୍ଷରୁ ବକ୍ସ ଡ୍ରେନ କରାଯିବା ପାଇଁ ବ୍ୟବସ୍ଥା ହୋଇଥିବାବେଳେ କାମ ଆରମ୍ଭ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। ନାଳର ଉଭୟ ପାର୍ଶ୍ୱରେ ଡ୍ରେନର ପାଚେରି ଭାଙ୍ଗିଯିବା ହେତୁ ଉଭୟପାର୍ଶ୍ୱ ରାସ୍ତା ମଧ ଧସେଇ ନାଳରେ ମିଶିଗଲାଣି। ଏହି ବିପଦସଙ୍କୁଳ ରାସ୍ତା ଦେଇ ଦୈନିକ ଶତାଧିକ କାର୍, ଅଟୋ, ରିକ୍ସା, ବାଇକ, ସାଇକେଲ ଓ ପଥଚାରୀମାନେ ଯାତାୟାତ କରୁଥିବାବେଳେ କେତେବେଳେ ଦୁର୍ଘଟଣା ନ ଘଟିବ ତାହା କହିହେବ ନାହିଁ। ଏ ସମ୍ପର୍କରେ ଜାଇକା ପ୍ରୋଜେକ୍ଟ ଡାଇରେକ୍ଟର ବସନ୍ତ କୁମାର ପରିଡ଼ାଙ୍କୁ ପଚାରିବାରେ ସହରର ମୁଖ୍ୟ ଡ୍ରେନେଜର ପୁନରୁଦ୍ଧାର କାମ ସହ କେତେକ ଜାଗାରେ ଭୂତଳ ଡ୍ରେନ କରିବା କାମ ହାତକୁ ନେଇଛୁ। ଜାଇକା କାମ ହାତକୁ ନେବା ସମୟରେ ସହରର ବହୁ ଡ୍ରେନ୍ ଭାଙ୍ଗିଯାଇଥିଲା। ଯେଉଁ ଜାଗାରେ ସିଏମ୍‌ସି କାମ କରିବା କଥା ସେହି ଜାଗାରେ ଜାଇକା ଡ୍ରେନେଜ ରିପ୍ୟାରିଂ କରୁଛି। ବଜ୍ରକବାଟୀ ଡ୍ରେନେଜ ସମସ୍ୟା ସମ୍ପୂର୍ଣ୍ଣ ରୂପେ ସିଏମ୍‌ସିର ଦାୟିତ୍ୱ ବୋଲି ପରିଡ଼ା କହିଛନ୍ତି। ସେହିପରି ସାମାଜିକ କର୍ମୀ ସୁକାନ୍ତ ସେଠୀ ସିଏମ୍‌ସି କିମ୍ବା ଜାଇକା କାହାର ଏଥିପ୍ରତି ନଜର ନ ଥିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି। ଏନେଇ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକଙ୍କୁ ତାଙ୍କ ମୋବାଇଲ୍ ନମ୍ବର-୯୪୩୭୧୬୪୨୪୦ରେ ମଙ୍ଗଳବାର ସନ୍ଧ୍ୟା ୭ଟା ୫୮ରେ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।



ମନୁଷ୍ୟର ପ୍ରକୃତି ହେଲା ଅନ୍ୟ ବିଷୟରେ ଠିକ୍ କଥା କହିବ, ନିଜ ବେଳକୁ ଭୁଲ୍ କାମ କରୁଥିବ
-ଏଡ୍ୱାର୍ଡ ଭାରେସେସ୍



## ସଂକ୍ଷେପରେ

### ରାସ୍ତାକାମ ଚାଲିଛି, ପିଚୁ ଉଠିଲାଣି



**ଖୋର୍ଦ୍ଧା ଅଫିସ,୧୮।୬:** ପିତାପଲ୍ଲୀଠାରୁ କୁମାରବସ୍ତ ଦେଇ ଗୁରୁଜଙ୍ଗ ୪କିମି ରାସ୍ତା ନିର୍ମାଣ ଚାଲିଛି। ତେବେ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ। ରାସ୍ତା ଉପରୁ ଏବେଠାରୁ ପିଚୁ ଉଠିଲାଣି। ଏଣୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦା ପିଚୁ କାର୍ଯ୍ୟ ନେଇ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କରୁଥିଲେହେଁ ଭଲ କାର୍ଯ୍ୟ କରାଯାଉ ନାହିଁ। ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେହେଁ ସୁଫଳ ମିଳିନାହିଁ। ଏହି ରାସ୍ତା ପାଇଁ ୧୨ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।

### ଗିରିଶଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ପ୍ରସିଦ୍ଧ କନ୍ନଡ଼ ଲେଖକ, କଳାକାର, ନାଟ୍ୟକାର ତଥା ନିର୍ଦ୍ଦେଶକ ଗିରିଶ କନ୍ନଡ଼ଙ୍କୁ ହରାଇ ସମଗ୍ର ଦେଶ ଜଣେ ସମାଜ ସଂସ୍କାରକଙ୍କୁ ହରାଇଛି। କନ୍ନଡ଼ କେବଳ ଜଣେ ଜନବାଦୀ ବୁଦ୍ଧିଜୀବୀ ନ ଥିଲେ, ଜଣେ ଲୋକପ୍ରିୟ ଲେଖକ ଓ ପ୍ରସିଦ୍ଧ ନାଟ୍ୟକାର ମଧ ଥିଲେ। ଗିରିଶଙ୍କ ସ୍ମୃତିରେ ମଙ୍ଗଳବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଅତିଥି ଓ ବକ୍ତାମାନେ ଏହା କହିଛନ୍ତି। ପ୍ରଫୁଲ୍ଲ ସାମନ୍ତରାଙ୍କ ଅଧକ୍ଷତାରେ ଓ ମାନସ ରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ 'ଅକ୍ଷର'ର ସମ୍ପାଦକ ଅମିୟ ପାଣ୍ଡବ। କବି କେଦାର ମିଶ୍ର, ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ନାଟ୍ୟକାର ନାରାୟଣ ପତି, ପୂର୍ବତନ ପୋଲିସ୍ ନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ, ଖବରଦାତା ରବି ଦାସ, ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ ଓ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ ଯୋଗ ଦେଇଥିଲେ।

### ଅଷ୍ଟ୍ରେଲିଆ ପ୍ରବାସୀ ଓଡ଼ିଆ ସମୁଦାୟ ପକ୍ଷରୁ ଫନୀ ସହାୟତା

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବିତ ଅଞ୍ଚଳରେ ହେଉଥିବା ପୁନରୁଦ୍ଧାର କାର୍ଯ୍ୟ ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଅଷ୍ଟ୍ରେଲିଆରେ ବାସ କରୁଥିବା ପ୍ରବାସୀ ଓଡ଼ିଆ ସମୁଦାୟ। ପ୍ରବାସୀ ଓଡ଼ିଆ ସମୁଦାୟଙ୍କୁ ନେଇ ଗଠିତ ଜାତୀୟ ସଂସ୍ଥା 'ଓରିଅଜ୍ ଅଷ୍ଟ୍ରେଲିଆ'ର ସଦସ୍ୟମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୮, ୩୬, ୫୫୦. ୫୦ ଟଙ୍କା ପ୍ରଦାନ କରିଛନ୍ତି। ଫନୀ ପ୍ରଭାବିତ ଜିଲାଗୁଡ଼ିକରେ ଭିତ୍ତିଭୂମିର ପୁନରୁଦ୍ଧାର, ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ ହେଉଥିବା ପ୍ରୟାସରେ ଏହି ଅର୍ଥରାଶି ସାହାଯ୍ୟ କରିବ ବୋଲି ଓରିଅଜ୍ ପକ୍ଷରୁ କୁହାଯାଇଛି। ଓରିଅଜ୍‌ର ପରିଚାଳନା କମିଟି ପକ୍ଷରୁ ଏକ ଫନୀ ସହାୟତା ଗ୍ରୁପ ଗଠନ କରାଯାଇ ଅଷ୍ଟ୍ରେଲିଆର ବିଭିନ୍ନ ସ୍ଥାନରୁ ସହାୟତା ରାଶି ସଂଗ୍ରହ କରାଯାଇଥିଲା।

### ନିଖିଳ ଉତ୍କଳ ବୈଦିକ ପରିଷଦ ବୈଠକ

**ଭୁବନେଶ୍ୱର, ୧୮।୬(ବ୍ୟୁରୋ):** ନିଖିଳ ଉତ୍କଳ ବୈଦିକ ପରିଷଦ ପକ୍ଷରୁ ମଙ୍ଗଳବାର ମେଣ୍ଢାଶାଳ ସ୍ଥିତ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପରିଷଦର ୧୦ମ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭିନ୍ନ ଅଞ୍ଚଳରୁ ବିଦ୍ୱାନ ବ୍ରାହ୍ମଣଙ୍କ ସମାଗମ ହୋଇଥିଲା। ଏହି ସଭାରେ ପ୍ରାୟ ୮୦ରୁ ଅଧିକ ବ୍ରାହ୍ମଣ ଯୋଗ ଦେଇଥିଲେ। ବୈଠକରେ ବ୍ରାହ୍ମଣମାନଙ୍କ ମୌଳିକ ସମସ୍ୟା ଆଲୋଚନା କରାଯାଇଥିଲା। ପ୍ରଭଞ୍ଜନ ମହାପାତ୍ର ଓ ବିଭୁ ପ୍ରସାଦ ଶତପଥୀଙ୍କ ପୌରୋହିତ୍ୟରେ ଓ ପ୍ରଭାକର ଭାଇନାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆଗକୁ ବଢ଼ିଥିଲା।

### ଜଟଣୀ ବ୍ଲକ ପାଇଁ ଏମ୍‌ପିଙ୍କ ନୂତନ ପ୍ରତିନିଧି

**ଜଟଣୀ, ୧୮।୬(ଡି.ଏନ.ଏ.):** ଜଟଣୀ ବ୍ଲକ ପାଇଁ ଏମ୍‌ପିଙ୍କ ପ୍ରତିନିଧି ଭାବେ ପୂର୍ବତନ ସରପଞ୍ଚ ରବିନାରାୟଣ ସ୍ୱାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏ ନେଇ ଜିଲାପାଳଙ୍କୁ ପତ୍ର ମାଧମରେ ଜଣାଇଛନ୍ତି।

■ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍‌ର ଚଢ଼ାଉ ଜାରି

# ଖଣି ମାଫିଆ ଛାନିଆ

**ଖୋର୍ଦ୍ଧା ଅଫିସ,୧୮।୬:**

- ବନ୍ଦ ହେଲା ବେଆଇନ ପଥର ଖଣି
- ଦୋଷ ଘୋଡାଇବାକୁ ଆରମ୍ଭ ହେଲା ଉଦ୍ୟମ
- ୪୨ରୁ ୬ ଖଣି ପାଇଲା କାର୍ଯ୍ୟାଦେଶ

ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ନ ଥାଇ ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ୪୨ ଗ୍ରାନାଇଟ୍ ପଥର ଖଣିରେ ଖନନ ଚାଲିଥିଲା। ଅଭିଯୋଗ, ପ୍ରତିବାଦ, ବିକ୍ଷୋଭ, ଧାରଣା, ପିଆଇଏଲ ପରେ ବି ସୁଫଳ ମିଳି ନ ଥିଲା। ମୋଟା ଅଙ୍କର ଲାଞ୍ଚ କାରବାର କରାଯାଇ ଜଗନ୍ନାଥ ମହାପ୍ରଭୁଙ୍କ ପାହାଡ ସବୁକୁ ମାଟିରେ ମିଶାଇ ଦିଆଗଲାଣି। ଅଭିଯୋଗ କଲେ ମାଡ ମାରି, ବୋମା ପକାଇ, ଆକ୍ରମଣ କରି, ଟଙ୍କା ଦିଆଯାଇ ମୁହଁ ବନ୍ଦ କରି ଦିଆଯାଉଥିଲା। ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ତହସିଲରେ ଥିବା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ୭୩ ଟି ଖଣିରୁ ୪୨ ମୁଣ୍ଡିଆ କିଚ୍ଛିମାସ ତଳେ ନିଲାମ ହୋଇଥିଲା। ତେବେ ନିଲାମଧାରୀ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ କାଗଜାତ ପାଇ ନ ଥିଲେ। ମୁଣ୍ଡିଆ ଖନନ ପାଇଁ ଅନୁମତି ନ ଥାଇ ଟେଣ୍ଡର ପରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ଚାଲିଥିଲେ। ପ୍ରଭାବରେ ଆଖପାଖ ଜନବସତିରେ ବ୍ଲାଷ୍ଟିଂ ସମୟରେ କୃତ୍ରିମ ମୃଦୁ ଭୂମିକମ୍ପ ଅନୁଭୂତ ହେଉଥିବା ଅଭିଯୋଗ ହୋଇଆସୁଥିଲା। କମ୍ପ୍ରେସର ଓ ଡିନାମାଇଟ ସାହାଯ୍ୟରେ ବିସ୍ଫୋରକ ଜିଲୋଟିନ୍ ବିସ୍ଫୋରଣରେ ବ୍ୟବହାର କରାଯାଉଥିଲା। ଏଥିଯୋଗୁ ପାହାଡ ତଳି ଗ୍ରାମଗୁଡିକରେ କୋଠାଘର, ଟାଇଲ ଓ ଆଜବେଷ୍ଟସ ଘରଗୁଡିକରେ ଫାଟ ସୃଷ୍ଟି ହେଉଥିଲା। ପୁଣି ବିସ୍ଫୋରଣର ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳକୁ ପ୍ରଦୂଷିତ କରୁଥିବାବେଳେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିଲା। ପଥରଖଣ୍ଡ ଜମି, ରାସ୍ତା ଉପରେ ଓ ଘରେ ପଡୁଥିଲା। କିଛି ଘର ପଥର ଖଣ୍ଡ ପଡି ନଷ୍ଟ ହୋଇଯାଉଥିଲା। ଜମିରେ ଭଲ ଫସଲ ହେଉ ନ ଥିଲା। ବ୍ଲାଷ୍ଟିଂ ସମୟରେ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିଲା। ଏଭଳିସ୍ଥଳେ ମେ ୩୧ ରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଖୋର୍ଦ୍ଧା ଆଦର୍ଶ ଥାନା କୁମାରବସ୍ତର ସଞ୍ଜୟ ପାଇକେରା(୪୫)ଙ୍କୁ ଗିରଫ କରିବା ପରେ ବେଆଇନ ଖଣି ଖନନ ଉପରେ ଲଗାମ ଲାଗିବା ଆରମ୍ଭ ହୋଇଥିଲା। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମର ବାରମ୍ବାର ଚଢାଉ ପରେ ବେଆଇନ ଖଣି ଖନନ ଉପରେ ଲଗାମ ଲାଗିଛି। ଖଣି ମାଫିଆ ଚଢାଉ ଭୟରେ ଖଣି ବନ୍ଦ କରି ଦେଇ ଲୁଚିଛନ୍ତି। ସେପଟେ ଦୋଷ ଲୁଚାଇବାକୁ ଆରମ୍ଭ ହୋଇଯାଇଛି ପ୍ରଶାସନର ପଦକ୍ଷେପ। ପ୍ରଶାସନ ପକ୍ଷରୁ କିଆଝରୀରେ ଗୋଳାପୁଟଖିଆ (କ) ବିଲ୍ଡିଂ ଷ୍ଟୋନ କ୍ୱାରୀ, ହନୁମନ୍ତିଆ ବିଲ୍ଡିଂ ଷ୍ଟୋନ କ୍ୱାରି ମଳିପଡା, କାଇପଦରର ଧନିଆ (ଇ) ବିଲ୍ଡିଂ ଷ୍ଟୋନ କ୍ୱାରି, ଧନିଆ(ଏଫ) ବିଲ୍ଡିଂ ଷ୍ଟୋନ କ୍ୱାରି ଓ ନିଉ ବିଲ୍ଡିଂ ଷ୍ଟୋନ କ୍ୱାରୀ, 'କ' ଆଣ୍ଡ 'ଖ' ଏବଂ ନିଜଗଡ ତାପଙ୍ଗର ହାତିଆ (ଘ) ବିଲ୍ଡିଂ ଷ୍ଟୋନ କ୍ୱାରି ପ୍ରମୁଖ ୬ଟି ଖଣି କାର୍ଯ୍ୟାଦେଶ ଦିଆଯାଇଛି। ତେବେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମର ବାରମ୍ବାର ଚଢାଉ ଭିତରେ ୬ଟି ଖଣିକୁ ତରବରିଆ ଲିଜ୍ ଦେବା ପ୍ରଶାସନର କାର୍ଯ୍ୟ ସନ୍ଦେହ ଘେରରେ ରହିଛି। ଏହାର ତଦନ୍ତ କରାଯିବାକୁ ଦାବି ହେଉଛି।

**ୱାଇ ଫର୍ମ ନ ଥିବାରୁ ମାଲ ପରିବହନ ହୋଇପାରୁନି**

ୱାଇ ଫର୍ମ ନ ଥିବାରୁ କାର୍ଯ୍ୟାଦେଶ ପାଇଥିବା ୬ ଖଣି ପକ୍ଷରୁ ମାଲ ପରିବହନ କରାଯାଇ ପାରୁନି। ଖୋର୍ଦ୍ଧା ସଦର ଥାନା ପୋଲିସ ୭ ଟି ଚିପ୍‌ସ ଓ ପଥର ବୋଝେଇ ଟ୍ରକକୁ ଅଟକକରିଛି। ଏହାପରେ ଖଣି ମାଲିକଙ୍କ ଚିନ୍ତା ବଢ଼ିଛି। ସେପଟେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମର ଚଢାଉ ପୁଣି ଭୟର ବାତାବରଣ ସୃଷ୍ଟି କରିଛି।

**କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ସଦସ୍ୟଙ୍କୁ ମାଡ**

ଖୋର୍ଦ୍ଧା ତହସିଲର ଦଳେଇପୁଟରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମର କେତେଜଣ ସଦସ୍ୟଙ୍କୁ ସୋମବାର ଗୋଡେଇ ଗୋଡେଇ କେତେଜଣ ଲୋକ ପିଟିଥିଲେ। ପରେ ସେମାନେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ସଦସ୍ୟଙ୍କୁ ନିଜ ହେପାଜତକୁ ନେଇଯାଇଥିଲେ। ହେଲେ ଏହାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଅନ୍ୟ କେତେଜଣ ସଦସ୍ୟ ପୋଲିର ପରିଚୟ ଦେଇ ଅପହୃତ ହୋଇ ଥିବା କର୍ମଚାରୀଙ୍କୁ ଉଦ୍ଧାର କରି ନେଇଥିଲେ। ହେଲେ ଏଭଳି ଘଟଣାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଟିମ୍ ଖଣ୍ଡନ କରିଛି। ଏ ନେଇ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ କୁହନ୍ତି, ୪୨ଟି ଖଣିରୁ ୬ କୁ ବିଧିବଦ୍ଧ ଭାବେ କାର୍ଯ୍ୟାଦେଶ ପାଇଛି। ଏମାନେ ୱାଇ ପର୍ମ ପାଇବା ପରେ ବ୍ୟବସାୟକୁ ଚାଲୁ ରଖିବେ।

## ପଲିଥିନ୍, ପ୍ଲାଷ୍ଟିକ ରୋକିବାକୁ ବିଏମ୍‌ସିର ପଦକ୍ଷେପ



ବିଏମ୍‌ସି ପକ୍ଷରୁ ପୋଲିସମାନେ ଏକ ଦୋକାନରେ ଚଢାଉ କରୁଛନ୍ତି।

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ବାରମ୍ବାର ବାରଣ ସତ୍ତ୍ୱେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରିଙ୍କୁ କଡା ଚେତାବନୀ। ବର୍ତ୍ତମାନ ଏହି ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରକାରୀଙ୍କୁ ଧରିବାକୁ ଭୁବନେଶ୍ୱର ମହାନଗର ନିଗମର ଜୋନାଲ ଡେପୁଟି କମିଶନରମାନଙ୍କ ଅଧୀନରେ ଗଠିତ ହେବ ସ୍ୱତନ୍ତ୍ର ସ୍କ୍ୱାଡ। ଏଥିପାଇଁ ସମସ୍ତ ଜୋନାଲ୍ ଡେପୁଟି କମିଶନରମାନଙ୍କୁ ସହାୟତା ଦେବା ଲାଗି ଦୁଇଟି ଲେଖାଏ ସ୍କ୍ୱାଡ ତାଙ୍କୁ ସହାୟତା କରିବେ। ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନ୍ ଧରିବାକୁ ଏହି ବ୍ୟବସ୍ଥା କରାଯଇଛି। ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ସପ୍ତାହ ବୁଧବାରରେ ଏହି ସ୍କ୍ୱାଡ ଦିବା ୮ ଟାଠାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ପୋଲିସ ସହଯୋଗରେ ବିଭିନ୍ନ ସ୍ଥାନରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବେ। ମହାନଗର ନିଗମର ୩ ଟି ଜୋନ ବୁଧବାରଠାରୁ ଏହି ଚେଷ୍ଟା ଆରମ୍ଭ କରିବାକୁ କୁହାଯାଇଛି। ବିଶେଷକରି ମାଛ, ମାଂସ, ଖାଇବା ଦୋକାନ ଇତ୍ୟାଦିକୁ ଯାଇ ଏହି ସ୍କ୍ୱାଡ ବିଭିନ୍ନ ବ୍ୟାନ୍ ସାମଗ୍ରୀର ତନଖି କରିବେ। ଇତିମଧ୍ୟରେ ଉକ୍ତ ଅଭିଯାନ ମାଧମରେ ବିଭିନ୍ନ ମଲ, ଦୋକାନ, ବଜାର, କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ୪୦,୦୦୦ ଟଙ୍କା ଜରିମାନା ଆଦାୟ କରାଯିବା ସାଙ୍ଗକୁ ପ୍ରାୟ ୨ କୁଇଣ୍ଟାଲ ପଲିଥିନ ଜବତ କରାଯାଇଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଶେଷକରି ଏ ଦିଗରେ ଜନସଚେତନତା ପାଇଁ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନର ସମ୍ପାଦକ, ସଭାପତି ଇତ୍ୟାଦିଙ୍କୁ ଆସନ୍ତା ସପ୍ତାହରେ ବିଏମ୍‌ସିକୁ ଡାକି ଟ୍ରେନିଂ ଦେବାର କାର୍ଯ୍ୟକ୍ରମ କରାଯାଇଛି।





ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ମଙ୍ଗଳବାର ଇନଟାକ୍ ଭୁବନେଶ୍ୱର ଚାପ୍‌ଟର ଦି ପ୍ରାଚୀ ଭେଲି ପୁସ୍ତକକୁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ଓ ଅନ୍ୟଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସହକାରୀ ପ୍ରଫେସରଙ୍କ ଘରୁ ସୁନା, ଟଙ୍କା ଲୁଟ୍

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଚକେଇସିହାଣୀ ଅଞ୍ଚଳରେ ଭଡାରେ ରହୁଥିବା ଜଣେ ସହକାରୀ ପ୍ରଫେସରଙ୍କ ଘର ଗ୍ରୀଲ ତାଲା ଓ ଆଲମାରୀ ତାଡି ଦୁର୍ବୃତ୍ତମାନେ ଲୁଟ୍‌ପାଟ କରିଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଏହା ପରେ ପୋଲିସ ତନାଘନା ଆରମ୍ଭ କରିଛି।

ପୋଲିସ ସୂଚନା ମୁତାବକ, ଚକେଇସିହାଣୀ ଅଞ୍ଚଳରେ ରମାଦେବୀ କନିଷ୍ଠ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଗୋପାଳକୃଷ୍ଣ ଆଚାର୍ଯ୍ୟ ସପରିବାର ରୁହନ୍ତି। ମେ ୩୧ରେ ଘରେ ତାଲା ପକାଇ ସପରିବାର ଜଗତ୍‌ସିଂହପୁର ଜିଲା ମହିରା ଗାଁକୁ ଯାଇଥିଲେ। ମାତ୍ର ସୋମବାର ଫେରିଲା ବେଳକୁ ଘର ଗ୍ରୀଲ ତାଲା ଭାଙ୍ଗି ତଳେ ପଡିଥିଲା। ଏଥିସହ ଘର ଆଲମାରୀ ତାଡି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ୭୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପିନ୍ଧା ଲୁଗାକୁ ଛାଡି ଦେଲେ ଘରୁ ଟିଭି ଏବଂ ମୂଲ୍ୟବାନ ସାମଗ୍ରୀ ସବୁ ଲୁଟି ନେଇଛନ୍ତି। ଏ ନେଇ ସହକାରୀ ପ୍ରଫେସର ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

■ ନାବାଳିକା ଗର୍ଭବତୀ ହେବା ପରେ ଯୁବକ ଫେରାର

## ନ୍ୟାୟ ପାଇଁ ପୋଲିସ କମିଶନରଙ୍କ ଦ୍ୱାରସ୍ଥ

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ଜଣେ ୧୭ ବର୍ଷର ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ ଯୁବକ। ବିବାହ କରିବାକୁ କହି ନିଜ ଘରକୁ ନେଇଯାଇଥିଲେ। ହେଲେ ଘର ଲୋକେ ତଡ଼ି ଦେବାରୁ ଉଭୟେ ୫ମାସ ହେବ ବାହାରେ ଘର ଭଡ଼ା ନେଇ ଏକାଠି ରହୁଥିଲେ। ହେଲେ ନାବଳିକା ଜଣକ ବର୍ତ୍ତମାନ ୭ ମାସର ଗର୍ଭବତୀ ଥିବାବେଳେ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ଥାନା ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶେଷରେ ପୀଡିତା ନାବାଳିକା ଜଣକ ପରିବାର ଲୋକଙ୍କ ସହ ନ୍ୟାୟ ପାଇଁ ମଙ୍ଗଳବାର ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ନାବାଳିକାଙ୍କ ଘର ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରେ। ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିବା ବିକ୍ରମ ବେହେରା ଉକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବାକୁ କହିଥିଲେ। ହେଲେ ନାବଳିକାଙ୍କ ପରିବାର ଲୋକେ ରାଜି ନ ହେବାରୁ ବିକ୍ରମ ଗତ ନଭେମ୍ବରରେ ତାଙ୍କୁ ଭୁବନେଶ୍ୱରର ଏୟାରଫିଲ୍ଡ ଥାନାଞ୍ଚଳରେ ଥିବା ନିଜ ଘରକୁ ନେଇଯାଇଥିଲେ। କିଛିଦିନ ପରେ ବିକ୍ରମଙ୍କ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ। ପରେ ବିକ୍ରମ ଉକ୍ତ ନାବାଳିକାଙ୍କ ସହ ପୁରୀରେ ଘରଭଡା ନେଇ ରହିଲେ। ପ୍ରାୟ ୧୫ ଦିନ ସାଙ୍ଗରେ ରହିବା ପରେ ବିକ୍ରମ ଅଫିସ କାର୍ଯ୍ୟରେ ଘରୁ ବାହାରି ଆଉ ଫେରି ନ ଥିଲେ। ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ଥିବାରୁ ନାବାଳିକା ଜଣକ ତାଙ୍କ ମା'ଙ୍କୁ ସବୁକଥା ଜଣାଇ ବିକ୍ରମଙ୍କ ଘରେ ପହଞ୍ଚିଥିଲେ। ହେଲେ ବିକ୍ରମଙ୍କ ପରିବାର ଲୋକେ ମାଡ଼ ଧମକ ଦେଇ ତଡ଼ିଦେଇଥିଲେ। ନାବାଳିକା ଜଣକ ଏକାଧିକ ଥାନାକୁ ଯାଇଥିଲେ ମଧ କେହି ଅଭିଯୋଗ ରଖି ନ ଥିଲେ। ଶେଷରେ ଏୟାରଫିଲ୍ଡ ଥାନା ପୋଲିସ ଗତ ମାର୍ଚ୍ଚ ୨୯ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଜଣକ ଖୁଲମ୍‌ଖୁଲା ବୁଲିବା ସହ ନିଜ ଘରକୁ ମଝିରେ ମଝିରେ ଯିବାଆସିବା କରୁଥିଲେ ମଧ ପୋଲିସ ତାଙ୍କୁ ଗିରଫ କରୁନି। ଅନ୍ୟପକ୍ଷରେ ନାବାଳିକ ଜଣକ ଗର୍ଭବତୀ ହେବା ପରେ ପରିବାର ଲୋକେ ମଧ ଅଣଦେଖା କରୁଛନ୍ତି। ତେଣୁ ସମାଜରେ ବଞ୍ଚିବା ପାଇଁ ତାଙ୍କୁ ଏକ ପରିଚୟ ପ୍ରଦାନ କରାଯାଉ। ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେ ଗଣମାଧ୍ୟମ ନିକଟରେ ନିବେଦନ କରିଛନ୍ତି। ଏ ନେଇ ଡିସିପି ଅନୁପ ସାହୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ।

■ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଆଲୋଚନା

## 'କ୍ରୀଡ଼ା, ଶାରୀରିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ'

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ଜାତୀୟ ଶିକ୍ଷାନୀତି ୨୦୧୯ ଆଣିବାକୁ କେନ୍ଦ୍ର ସରକାର ବିଚାର ବିମର୍ଶ ଆରମ୍ଭ କରିଛନ୍ତି। ବରିଷ୍ଠ ଶିକ୍ଷାବିତ୍ ଡ. କେ. କସ୍ତୁରୀରଞ୍ଜନଙ୍କ ନେତୃତ୍ୱରେ ୪୮୪ ପୃଷ୍ଠା ସମ୍ବଳିତ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ଏହା ଉପରେ ଭାରତବର୍ଷର ସମସ୍ତ ଜନତାଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ଜୁନ୍ ୩୦ ଭିତରେ ସମସ୍ତେ ନିଜ ନିଜର ମତାମତ ଜଣାଇବାକୁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷାନୀତି ସମ୍ବନ୍ଧିତ ମତାମତ ସଂଗ୍ରହ ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି କର୍ମଶାଳା ମଙ୍ଗଳବାର ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାର ପ୍ରଥମଦିନରେ ଶିକ୍ଷାମନ୍ତ୍ରୀ, ଶିକ୍ଷାବିତ୍, ଶିକ୍ଷା ବିଭାଗର ପ୍ରଶାସକ ଯୋଗଦେଇ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାସହ ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇ ନିଜ ମତାମତ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କର୍ମଶାଳାରୁ ଯେଉଁ ମତାମତ ସଂଗ୍ରହ କରାଯିବ ତାହା କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗ ମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ବିନାୟକ ରଥ, ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ମର୍କତ କେଶରୀ ରାୟ, ଗୌରାଙ୍ଗ ଚରଣ ନନ୍ଦ, ମନୋଜ ଜେନା, ସ୍ମୃତିରଞ୍ଜନ ଜେନା, ସୌରୀନ୍ଦ୍ର ମହାପାତ୍ର, ବେଣୁଧର ସେନାପତି ଯୋଗ ଦେଇଥିଲେ। କର୍ମଶାଳାର ଦ୍ୱିତୀୟ ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ସୁପ୍ରିମକୋର୍ଟ ଆଇନଜୀବୀ ବିରଜା ମହାପାତ୍ର, ଟାଟା ଟ୍ରଷ୍ଟର ପ୍ରଦୀପ୍ତ ସୁନ୍ଦରାୟ, ଅନୀଲ ପ୍ରଧାନ ପ୍ରମୁଖ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଅରୁଣ ସାହୁ ଶିକ୍ଷା ସହ କ୍ରୀଡ଼ା, ମାନସିକ ଓ ଶାରୀରିକ ଶିକ୍ଷା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେବାସହ ଭବିଷ୍ୟତରେ ରାଜ୍ୟ ସରକାର ମଧ ଗୁରୁତ୍ୱ ଦେବେ ବୋଲି ମତପୋଷଣ କରିଥିଲେ। କର୍ମଶାଳାକୁ ସଂଯୋଗକ ଭୂମୋହନ ପଟ୍ଟନାୟକ, ସହ ଅଧକ୍ଷ ସତ୍ୟବ୍ରତ ପରିଜା, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ନିରୋଦ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

## ମୁଣ୍ଡରେ ବନ୍ଧୁକ ଲଗାଇ ଶାଶୁ, ବୋହୂଙ୍କଠାରୁ ସୁନାଗହଣା ଲୁଟ

**ଭୁବନେଶ୍ୱର,୧୮ ।୬(ବ୍ୟୁରୋ)**



ଖଣ୍ଡଗିରି ଥାନା ଅଞ୍ଚଳରେ ପୁଣି ମାତିଛନ୍ତି ବନ୍ଧୁକଧାରୀ ଲୁଟେରା। ସୋମବାର ରାତି ୯ଟାରେ ଖଣ୍ଡଗିରି ଘାଟିକିଆ ନିକଟରେ କାରରେ ଯାଉଥିବା ଏକ ପରିବାର ସଦସ୍ୟଙ୍କଠାରୁ ଲୁଟେରାମାନେ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ କରିଛନ୍ତି। ଲୁଟେରାମାନେ ସେମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ କରିଛନ୍ତି। ଲୁଟ ପରେ ସୁଚିତ୍ରା ମିଶ୍ର ନାମକ ମହିଳାଙ୍କୁ ବନ୍ଧୁକ ପଛରେ ମାଡ ମାରିବାରୁ ତାଙ୍କ ହାତ ଭାଙ୍ଗିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୩୨୪/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ସୁଚିତ୍ରା ପୋଖରୀପୁଟ ଅଞ୍ଚଳରେ ପରିବାର ସହ ରୁହନ୍ତି। ତାଙ୍କ ପୁଅ ଓ ବୋହୂ ସ୍ୱାଗତିକା ଦାଶ ବାହାରେ ରୁହନ୍ତି। ତାଙ୍କର ସାଙ୍ଗର ବାହାଘର ଥିବାରୁ ସେମାନେ ଭୁବନେଶ୍ୱର ଆସିଥିଲେ। ପୁଅବୋହୂ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଥିବା ଏକ ଫ୍ଲାଟ ନେଇ ରହୁଛନ୍ତି। ସୋମବାର ରାତିରେ ଭୋଜି ଖାଇ କାରରେ ସୁଚିତ୍ରା, ବୋହୂ ସ୍ୱାଗତିକା ଏବଂ ସୁଚିତ୍ରାଙ୍କ ସ୍ୱାମୀ ଓ ଡ୍ରାଇଭର ପୋଖରୀପୁଟସ୍ଥିତ ଘରକୁ ଫେରୁଥିଲେ। ଘାଟିକିଆ ଫେରୁଥିବା ସମୟରେ କାର ଆଗରେ ରାସ୍ତା ଉପରେ ଲୁଟେରାମାନେ ଦୁଇଟି ବାଇକ୍ ରଖି ଦେଇଥିଲେ। ଫଳରେ ଡ୍ରାଇଭର କାରକୁ ଅଟକାଇବା ପରେ ଦୁଇ ଜଣ ଲୁଟେରା ମୁହଁରେ କଳା କପଡା ବାନ୍ଧି କାର ନିକଟକୁ ଆସିଥିଲେ। ସେମାନେ ବୋହୂ ସ୍ୱାଗତିକାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କର ସୁନାଗହଣା ଓ ଶାଶୁ ସୁଚିତ୍ରାଙ୍କଠାରୁ ଲୁଟପାଟ କରି ପଳାଇ ଯାଇଥିଲେ।

## ଭୁବନେଶ୍ୱର ରେଳ ଷ୍ଟେଶନରେ ନିଶାଦିଆ ଲୁଟେରାଙ୍କ ଉତ୍ପାତ

**ଭୁବନେଶ୍ୱର,୧୮ ।୬(ବ୍ୟୁରୋ)**

**୪ ଯାତ୍ରୀଙ୍କଠାରୁ ୩୦ ହଜାର ଲୁଟ୍**



ଲୁଟ୍‌ର ଶିକାର ହୋଇଥିବା ୩ ଯାତ୍ରୀ।

ମାଷ୍ଟର କ୍ୟାଣ୍ଟିନ ରେଲୱେ ଷ୍ଟେଶନରେ ମାତିଛନ୍ତି ନିଶାଦିଆ ଲୁଟେରା। ଜିଆରପି ଏବଂ ନିକଟ ଥାନା ପୋଲିସର ସମନ୍ୱୟ ଅଭାବ ଯୋଗୁ ଏହାର ଫାଇଦା ନେଉଛନ୍ତି ଲୁଟେରାମାନେ ନେଉଛନ୍ତି। ସେମାନେ ଭଦ୍ରଲୋକଙ୍କ ପୋଷାକ ପିନ୍ଧି ଷ୍ଟେଶନକୁ ଆସୁଥିବା ଯାତ୍ରୀଙ୍କୁ ନିଶା ଦେଇ ସର୍ବସ୍ୱ ଲୁଟି ନେଉଛନ୍ତି। ଏଭଳି ଘଟଣା ସୋମବାର ରାତିରେ ଘଟିଛି। ୪ଜଣ ଯାତ୍ରୀଙ୍କୁ ନିଶା ଦେଇ ୩୦ ହଜାର ଟଙ୍କା ଓ ମୋବାଇଲ୍ ଲୁଟପାଟ କରିଛନ୍ତି। ଲୁଟର ଶିକାର ହୋଇଥିବା ଯାତ୍ରୀ ହେଲେ ଢେଙ୍କାନାଳ କାଇପୁର ଗ୍ରାମର ଜଗନ ମଲିକ, ସଞ୍ଜୟ ସାହୁ, ରଞ୍ଜିତ ମଲିକ ଓ ମୟୂରଭଞ୍ଜର ରମେଶ ବେଉରା। ସକାଳୁ ସମସ୍ତ ଚେତାଶୂନ୍ୟ ଅବସ୍ଥାରେ ରାଜ ମହଲ ଓଭରବ୍ରିଜ୍ କଡରେ ପଡିଥିବାବେଳେ ପିସିଆର ଭ୍ୟାନ୍ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେମାଙ୍କର ଚେତା ଫେରିବା ପରେ ପରିବାର ଲୋକଙ୍କୁ ଡକାଯାଇ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଲୁଟର ଶିକାର ହୋଇଥିବା ୪ ଜଣ ଯାତ୍ରୀ ଚେନ୍ନାଇରେ ଶ୍ରମିକ ଭାବେ କାମ କରନ୍ତି। ସେମାନେ ପ୍ରଶାନ୍ତି ଏକ୍ସପ୍ରେକ୍ସରେ ଭୁବନେଶ୍ୱର ଫେରୁଥିଲେ। ସୋମବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚି ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ସହ ପରିଚିତ ହୋଇଥିଲେ। ସେ ମଧ ଢେଙ୍କାନାଳ ଯିବେ ବୋଲି କହିଥିଲେ। ଯିବା ପୂର୍ବରୁ ଚାଲ ଟିକେ ଥଣ୍ଡା ପିଇଦେବା କହି ନିକଟ ଦୋକାନରୁ ଥଣ୍ଡା କିଣି ସେମାନଙ୍କୁ ପିଇବାକୁ ଦେଇଥିଲେ। ୪ ଜଣ ଯୁବକ ଥଣ୍ଡା ପିଇବା ପରେ ଚେତାଶୂନ୍ୟ ହୋଇଯାଇଥିଲେ। ପରେ ଲୁଟେରା ସେମାନଙ୍କୁ ଏକ ଅଟୋରେ ବସାଇ ଲୁଟପାଟ କରିବା ପରେ ରାଜମହଲ ଓଭରବ୍ରିଜ୍ ତଳେ ଥିବା ଅନ୍ଧାରୁଆ ସ୍ଥାନରେ ଫିଙ୍ଗି ଚାଲି ଯାଇଥିଲେ। ସକାଳୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଲୁଟର ଶିକାର ହେଉଥିବା ଯାତ୍ରୀ ଏ ନେଇ କ୍ୟାପିଟାଲ କି ଜିଆରପି ଥାନାରେ କୌଣସି ଅଭିଯୋଗ କରୁନାହାନ୍ତି। ଫଳରେ ପୋଲିସି ହାତବାନ୍ଧି ବସୁଛି। ଲୁଟର ଶିକାର ହୋଇଥିବା ପରିବାର ପୋଲିସ ଚକ୍କରରେ ପଡି ବାରମ୍ବାର ଭୁବନେଶ୍ୱର ଆସି କେସ୍ କଥା ବୁଝିବାକୁ ସମୟ ନ ଥିବା କହି ଅଭିଯୋଗ ନ କରି ଚାଲି ଯାଉଛନ୍ତି। ଫଳରେ ଲୁଟେରାମାନେ ଷ୍ଟେଶନ ଏବଂ ବସ୍ ଷ୍ଟାଣ୍ଡକୁ ଲୁଟର ସ୍ୱର୍ଗ ମାନି ନେଇଛନ୍ତି। ଏହି ର୍‍ୟାକେଟ ପଛରେ ଅଟୋ ଡ୍ରାଇଭର ଏବଂ ମେଡିସିନ୍ ଦୋକାନୀ ସାମିଲ ରହିଛନ୍ତି। ପୋଲିସ ଏସବୁ ଜାଣିଥିଲେ ମଧ କଣ ପାଇଁ ଚୁପ ରହୁଛି ସେନେଇ ଅନେକଙ୍କୁ ଚକିତ କରିଛି।



ମଣିଷ ଯେଉଁ ମୁହୂର୍ତ୍ତରେ ନିଜର ମନୁଷ୍ୟତ୍ୱକୁ ଭୁଲିବ,
ସେହ ମୁହୂର୍ତ୍ତରେ ତାହାର ମୃତ୍ୟୁ ହେଲା ବୋଲି ଜାଣିବ।
- ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ



# ବୃଦ୍ଧଙ୍କୁ ପିଟିପିଟି ହତ୍ୟା, ସରଦେଇପୁରରେ ଉତ୍ତେଜନା

ଭୁବନେଶ୍ୱର,୧୮।୬(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)

ଶାନ୍ତିସ୍ତୂପ ଧଉଳି ପାଦଦେଶରେ ରକ୍ତର ଛିଟା। ରଜ ମହୋତ୍ସବ ଦେଖିବାକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ସଂଘବଦ୍ଧଭାବେ କାଠଫାଳିଆରେ ପିଟିପିଟି ହତ୍ୟା କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ସରଦେଇପୁର ଗ୍ରାମର ବଂଶୀଧର କାଳିଆ(୮୯)। ସୋମବାର ବିଳମ୍ବିତ ରାତିରେ ଘଟିଛି ଏହି ସ୍ୱର୍ଶକାତର ଘଟଣା। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ତେବେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଲୋକେ ରାସ୍ତାରୋକୋ କରିବାକୁ ଉଦ୍ୟମ କରୁଥିଲେ। ତେବେ ପୋଲିସ ଅଭିଯୁକ୍ତ ଦୁଇଭାଇଙ୍କୁ ଗିରଫ କରିଥିବା ଜଣାଇବାରୁ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତ ଦୁଇଭାଇ ହେଲେ କୁମାରଡିହ ଜଗନ୍ନାଥପୁରପାଟଣାର ଦିଲୀପ ପଣ୍ଡା ଓ ପ୍ରଦୀପ ପଣ୍ଡା। ଯଦି ବୁଧବାର ସମସ୍ତଙ୍କୁ ଗିରଫ କରା ନ ଯାଏ ତେବେ ଥାନା ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଧଉଳି ପାଦଦେଶରେ ଥିବା ବୈରଙ୍ଗେଶ୍ୱର ମନ୍ଦିର ପରିସରରେ ରଜ ଆମ୍ବରୁ ରଜମେଳା ଚାଲିଥିଲା। ବଂଶୀଧର ସେଠାକୁ ମେଳା ଦେଖିବାକୁ ଆସିଥିବାବେଳେ ସୋମବାର ବିଳମ୍ବିତ ରାତିରେ ଶୋଇପଡ଼ିଥିଲେ। ହେଲେ ଅଭିଯୁକ୍ତ ତାଙ୍କୁ ସେଠାରୁ ଉଠି ଚାଲିଯିବାକୁ କହିଥିଲେ। ହେଲେ ବୃଦ୍ଧ ଜଣକ ପ୍ରତିବାଦ କରିବାରୁ ଅଭିଯୁକ୍ତ ପ୍ରଦୀପ, ଦିଲୀପ ଓ ଅନ୍ୟମାନେ ସଂଘବଦ୍ଧଭାବେ ତାଙ୍କୁ କାଠ ଫାଳିଆରେ ନିସ୍ତୁକ ପିଟିଥିଲେ। ଫଳରେ ବଂଶୀଧରଙ୍କର ମୁଣ୍ଡଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ନିକଟ ପାଖ ଦୋକାନୀ ସେଠାରେ ପହଞ୍ଚି ଥାନାକୁ ଖବର ଦେଇଥିଲେ। ପୋଲିସ୍ ବଂଶୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳୁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ସକାଳୁ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ନ ଥିଲା। ଅପରାହ୍ନ ପ୍ରାୟ ୬ଟାରେ କଟକରୁ ବଂଶୀଧରଙ୍କର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ତେଜିଥିଲା। ଲୋକେ ମୃତଦେହକୁ ନେଇ ରାସ୍ତାରୋକୋ କରିବାକୁ ଯାଉଥିଲେ। ଜୋନ୍-୨ ଏସିପି ସୁବାଷଚନ୍ଦ୍ର ପଣ୍ଡା, ପୂର୍ବତନ ଜିଲାପରିଷଦ ସଭ୍ୟ ସଂଗ୍ରାମକେଶରୀ ପାଇକରାୟ ଓ ସ୍ଥାନୀୟ ଜନପ୍ରତିନିଧିମାନେ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଗାଁମୁଣ୍ଡରେ ବୈଠକ ବସିଥିଲା। ମାତ୍ର ଆଲୋଚନାରେ ଅସନ୍ତୋଷ ବ୍ୟକ୍ତ କରି ଲୋକେ ମୃତଦେହକୁ ଧରି ଥାନାରେ ପହଞ୍ଚିଥିଲେ। ଦୁଇଜଣଙ୍କୁ ଗିରଫ କରାଯାଇଥିବା ଓ ଥାନା ସମ୍ମୁଖରେ ଥିବା ଅଭିଯୁକ୍ତଙ୍କ ଦୋକାନ ଉଚ୍ଛେଦ ପ୍ରତିଶ୍ରୁତି ମିଳିବା ପରେ ସେମାନେ ଘରକୁ ଫେରିଥିଲେ।

- ■ ଅଭିଯୁକ୍ତ ଦୁଇଭାଇଙ୍କୁ ଗିରଫ କଲା ପୋଲିସ
- ■ ଫେରାର ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଜାରି



### ଅପରାଧୀଙ୍କ ଆଡ୍ଡା ଜମୁଛି, ପୋଲିସ ଦେଉଛି ସୁଯୋଗ

ଧଉଳି ଥାନା ସମ୍ମୁଖ ଦୋକାନ ଓ ଅନ୍ଧାରୁଆ ସ୍ଥାନ ପାଲଟିଛି ଅପରାଧୀଙ୍କ ଆଡ୍ଡା ସ୍ଥଳ। ସନ୍ଧ୍ୟା ହେଲେ ସେଠାରେ ଜମୁଛି ଭିଡ଼। ଏପରିକି ଥାନାର କେତେଜଣ ଅଫିସର ଅପରାଧୀଙ୍କ ସହ ସମ୍ପର୍କ ରଖି ଅପରାଧ ଘଟାଇବାକୁ ସୁଯୋଗ ଦେଉଥିବା ମଧ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ଧଉଳିକୁ ବୁଲିବାକୁ ଯାଉଥିବା ଯୁବତୀଯୁବକଙ୍କୁ ମଧ ଏହି ଅପରାଧୀମାନେ ବ୍ଲାକ୍‌ମେଲିଂ କରି ଲୁଟପାଟ କରୁଛନ୍ତି। ଏନେଇ ଥାନାରେ କିଛି ମାମଲା ରୁଜୁ ହୋଇଥିବାବେଳେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଧିକାଂଶ ଘଟଣାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଏନେଇ ଧଉଳି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ୍‌ଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଏଡାଇ ଯାଇଛନ୍ତି। ସେଭଳି କିଛି ହେଉନି। ତେବେ ହତ୍ୟା ଘଟଣାରେ ଫେରାର ସମସ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

# ୭ ଉଚ୍ଚଶିକ୍ଷା ଅନୁଷ୍ଠାନ ଗବେଷକଙ୍କୁ ମିଳିବ ଆର୍ଥିକ ସହାୟତା

ଭୁବନେଶ୍ୱର,୧୮।୬(ବ୍ୟୁରୋ)

**ଗବେଷଣାକୁ ପ୍ରୋତ୍ସାହନ**

ରାଜ୍ୟର ୭ ଉଚ୍ଚଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟରତ ଗବେଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି ବିଜ୍ଞାନ ଓ କାରିଗରି ବିଭାଗ। ମୌଳିକ ଓ ପ୍ରୟୋଗାତ୍ମକ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଲାଗି ଏହି ସହାୟତା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ, ରେଭେନ୍‌ଶା ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସହ ଭୁବନେଶ୍ୱରସ୍ଥିତ କଲେଜ ଅଫ୍ ଇଞ୍ଜିନିୟରିଂ(ସିଇଟି)ରେ କାର୍ଯ୍ୟରତ ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟରମାନେ ଏହି ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୨ଜଣ ଲେଖାଏ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନରୁ ଜଣେ ଲେଖାଏ, ସମୁଦାୟ ୯ଜଣ ଗବେଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ବିଶେଷକରି ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଇଞ୍ଜିନିୟରିଂ, ଭୌତିକ ବିଜ୍ଞାନ, କମ୍ପ୍ୟୁଟର ଓ ଭୂ-ବିଜ୍ଞାନ କ୍ଷେତ୍ରରେ ଗବେଷଣା କରୁଥିଲେ ସହାୟତା ମିଳିବ। ଏ ନେଇ ବିଭାଗ ପକ୍ଷରୁ ପ୍ରଦତ୍ତ ପ୍ରସ୍ତାବକୁ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁମୋଦନ କରିଛନ୍ତି। ବିଜ୍ଞାନ ଓ କାରିଗରି ବିଭାଗର ଏହି ଆର୍ଥିକ ସହାୟତା ୩ ବର୍ଷ ନିମନ୍ତେ ପ୍ରଦାନ କରାଯିବ। ସହାୟତା ରାଶି ୩ ବର୍ଷ ଅବଧି ଲାଗି ସର୍ବାଧିକ ୧୦ଲକ୍ଷ ଟଙ୍କା ହେବ। ଏଥିପାଇଁ ପ୍ରଥମ କିସ୍ତି ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ମିଳିଛି।

ବେଗୁନିଆରେ କୋର୍ଟ ଖୋଲିବା ପ୍ରସଙ୍ଗ

# ବର୍ଷେ ବିତିଲା, ଚିଠିରେ ଅଟକିଛି

ବେଗୁନିଆ,୧୮।୬ (ଡି.ଏନ.ଏ.)

ଦୀର୍ଘଦିନର ଦାବି ଓ ଲୋକଙ୍କ ମୌଳିକ ଆବଶ୍ୟକତାକୁ ରାଜ୍ୟ ସରକାର ବିଳମ୍ବରେ ହେଲେ ମଧ ସମସ୍ୟାକୁ ସମାଧାନ କ୍ଷେତ୍ରରେ ଅଣଦେଖା କରି ନ ଥିଲେ। ବ୍ଲକବାସୀଙ୍କ ଆନ୍ଦୋଳନ ପରେ ବେଗୁନିଆରେ ଜେଏମ୍‌ଏଫସି କୋର୍ଟ ଖୋଲିବାକୁ ରାଜ୍ୟ ସରକାର ୨୦୧୮ ଜୁନ ୧୨ରେ ଚିଠି ନଂ. ଆଇଜେ ୩୫/୧୮- ୬୨୫୦ ମାଧ୍ୟମରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଅବଗତ କରାଇଥିଲେ। ଏହି ଖବର ଶୁଣିବା ପରେ ବେଗୁନିଆ ବିକାଶ ମଞ୍ଚ, ବୁଦ୍ଧିଜୀବୀ, ଆଇନଜୀବୀ ଓ ସର୍ବସାଧାରଣଙ୍କ ମହଲରେ ଖୁସିର ଲହରୀ ଦେଖାଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ହେଲେ ଏଯାଏ ସରକାରଙ୍କର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ। କେବଳ ଚିଠିରେ ଅଟକି ରହିଛି କୋର୍ଟ ଖୋଲିବା ପ୍ରସଙ୍ଗ। ତେବେ ବର୍ଷେ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଲୋକେ ଖୁସି ମନାଉଥିବାବେଳେ ଏବେ ପୁଣି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ରାଜ୍ୟ ସରକାରଙ୍କୁ ୨ୟ ବାର ଭେଟିବା ପରେ ଜନଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାପଡିଛି।

**ଆନ୍ଦୋଳନ ପାଇଁ ଜବାଜ**

ସୂଚନାଥାଉ କି ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ହିତ ପାଇଁ ବେଗୁନିଆରେ ଜେଏମ୍‌ଏଫସି କୋର୍ଟ, ପିଏଚସିକୁ ସିଏଚସି ମାନ୍ୟତା ଓ ଏନ୍‌ଏସି ଘୋଷଣା ପାଇଁ ରାଜ୍ୟ ସରକାରଙ୍କ ପାଖରେ ୨୫ ବର୍ଷ ହେଲା ଦାବି ହୋଇ ଆସୁଥିଲା। ମାତ୍ର ଏହାକୁ ସରକାରଙ୍କ ପକ୍ଷରୁ ବାରମ୍ବାର ଅଣଦେଖା କରାଯାଉଥିଲା। ଏଥିଯୋଗୁ ୨୦୧୮ ମେ ୨୧ରେ ସ୍ଥାନୀୟ ବିକାଶ ମଞ୍ଚ ପକ୍ଷରୁ ବ୍ୟବସାୟୀ ଓ ଜନସାଧାରଣଙ୍କ ସହଯୋଗରେ ବେଗୁନିଆରେ ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନ କରାଯାଇଥିଲା। ତେବେ ସରକାର ଉକ୍ତ ଆବଶ୍ୟକୀୟ ୩ଟି ଦାବି ମଧ୍ୟରୁ ଅଞ୍ଚଳବାସୀଙ୍କ ପାଇଁ କେବଳ ଜେଏମ୍‌ଏଫସି କୋର୍ଟ ଖୋଲିବାକୁ ହୃଦୟଙ୍ଗମ କରି ବିଧିବଦ୍ଧ ଭାବେ ଚିଠି କରିଥିଲେ। ମାତ୍ର ମାନି ନେଇଥିବା ଗୋଟିଏ ଦାବିକୁ ସରକାର ଜନସାଧାରଣଙ୍କ ହିତରେ ଏଯାଏ କାର୍ଯ୍ୟକାରୀ କରିନାହାନ୍ତି। ଅନ୍ୟ ୨ଟି ପ୍ରମୁଖ ଆବଶ୍ୟକତା ବେଗୁନିଆକୁ ଏନ୍‌ଏସି ଘୋଷଣା ଓ ପିଏଚସିକୁ ସିଏଚସି ମାନ୍ୟତା କେତେ ବର୍ଷ ପରେ ମିଳିବ ସେ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସ୍ଥାନୀୟ ନୂତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ବୁଦ୍ଧିଜୀବୀମାନେ ଭେଟି ଅଞ୍ଚଳର ୩ଟି ମୌଳିକ ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଛନ୍ତି। ଉକ୍ତ ଦାବିଗୁଡିକ ରାଜ୍ୟ ସରକାରଙ୍କ ପାଖରେ ଖୁବ୍‌ଶୀଘ୍ର ଉପସ୍ଥାପନ କରିବେ ବୋଲି ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

# ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତାରୋକୋ

ନିମାପଡ଼ା,୧୮।୬(ଡି.ଏନ୍.ଏ.)

ବାତ୍ୟା 'ଫନୀ'ର ଦେଢ ମାସ ପରେ ବି ନିମାପଡ଼ା ବ୍ଲକ ଅଲଣ୍ଡା ପଞ୍ଚାୟତର ମଣିଜଙ୍ଗ, ମଣିଜଙ୍ଗ ପାଟଣା, କାଜିପାଟଣା ଛକ, ଅଲଣ୍ଡା, ଜାଗିରି ଆଦି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ମଙ୍ଗଳବାର ଗ୍ରାମର ଶତାଧିକ ଲୋକେ ନିମାପଡ଼ା-ପିପିଲି ରାସ୍ତାର କାଜିପାଟଣା ଛକଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଡ. ଜୟକୁମାର, ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ, ଏସ୍‌ଆଇ ରଶ୍ମିରଞ୍ଜନ ପୃଷ୍ଟି, ଏଏସ୍‌ଆଇ ସୁଦାମ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବୁଧବାର ଠାରୁ ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଆରମ୍ଭ ହୋଇ ତିନି ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit
Two-Wheeler must; All Odisha
CONTACT: 9040019196 / 9778821577

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 7327065424 / 8895725158

Urgent Required
1. Project Engg. (Civil Dip.) Exp./Fresher: 20 Nos.
2. Field Officer (Matric to Graduate): 30 Nos.
3. AutoCad: 10 Nos.
Contact: 7873563668, 9556880775

ଆବଶ୍ୟକ
ଘରେ ରହି ଘରକାମ ପାଇଁ ଭୁବନେଶ୍ୱରରେ ମଧ୍ୟମ ବୟସ୍କା ମହିଳା ଆବଶ୍ୟକ ଅଛି।
Contact :- 7328815675

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

EXPERIENCE RESTAURANT STAFF REQUIRED
Captain - 4nos (10-12k)
Waiter - 8nos (8k)
Housekeeping - 8nos (6k)
Kitchen helper - 4nos (8k)
Odia cook - 2nos
Indian cook - 2nos
Manager - 2nos
Salary negotiable, fooding & accommodation includes
Contact : 9090880077 06742548980

IBPS
ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବିଏସ୍ VIII
ଆର୍‌ଆର୍‌ବିଗୁଡ଼ିକ (ସିଆର୍‌ପି ଆର୍‌ଆର୍‌ବିଏସ୍ VIII)ରେ ଗ୍ରୁପ୍ "ଏ"- ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି"- ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୧୯ରେ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍-I, II ଏବଂ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୧୯ରେ ସଂଯୋଜିତ ହେବ। ସିଆର୍‌ପି ଆର୍‌ଆର୍‌ବି - VIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଏବଂ ଦରଖାସ୍ତ ଦେୟ / ଇଣ୍ଟିମେଶନ୍ ଦେୟ ପୈଠ | ୧୮।୦୬।୨୦୧୯ରୁ ୦୪।୦୭।୨୦୧୯ |
| ଅଫିସର ସ୍କେଲ୍-I ନିମନ୍ତେ ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ୨୧।୦୭।୨୦୧୯ରୁ ୨୬।୦୭।୨୦୧୯ |
| ଅଫିସ୍ ଆସିଷ୍ଟାଣ୍ଟ ନିମନ୍ତେ ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ୨୭।୦୭।୨୦୧୯ରୁ ୦୧।୦୮।୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅଫିସର ସ୍କେଲ୍-I - ୦୩।୦୮।୨୦୧୯, ୦୪।୦୮।୨୦୧୯ ଏବଂ ୧୧।୦୮।୨୦୧୯ ଅଫିସ୍ ଆସିଷ୍ଟାଣ୍ଟ- ୧୭।୦୮।୨୦୧୯, ୧୮।୦୮।୨୦୧୯ ଓ ୨୫।୦୮।୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅଫିସର ସ୍କେଲ୍- I - ଅଗଷ୍ଟ ୨୦୧୯ ଅଫିସ୍ ଆସିଷ୍ଟାଣ୍ଟ- ସେପ୍ଟେମ୍ବର ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ମୁଖ୍ୟ/ସିଙ୍ଗଲ୍ | ଅଫିସର୍ସ (I, II ଓ III)- ୨୨।୦୯।୨୦୧୯ ଅଫିସ୍ ଆସିଷ୍ଟାଣ୍ଟ - ୨୯।୦୯।୨୦୧୯ |

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୪।୦୬।୨୦୧୯
ନିର୍ଦ୍ଦେଶକ, (ଆଇବିପିଏସ୍)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-35) yrs. ରହିବାର ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

REQUIRED
Renowned Orissa based Mine Contractor Company is in need of young & enthusiastic statutory personnel for the post of Foreman/Mining mate, 5 years experienced operators for 40T class Excavator & 40/60T Dumpers, Mechanics and Helpers for operation sites in Odisha.
Selection will be based on interview. Interest candidate may apply with their resume on following mail id within 3 days.
bbsratwalcoronation@yahoo.com

भा.कृ.अनु.प-केन्द्रिय मीठाजल जीवपालन अनुसंधान संस्थान
ICAR-Central Institute of Freshwater Aquaculture
कौश्ल्यागंग, भुवनेश्वर-751002 (ओडिशा) / Kausalyaganga, Bhubaneswar-751002, Odisha
Tel. Nos. 91-674-2465421/2465446/2465402, FAX: 91-674-2465407
E.mail, cifa@ori.nic.in, Web site: http://www.cifa.nic.in
Advertisement No. 04/2019-20
वॉक-इन-इंटरव्यू
भा.कृ.अनु.प-केन्द्रिय मीठाजल जीवपालन अनुसंधान संस्थान (सीफा), कौश्ल्यागंग, भुवनेश्वर (ओडिशा) में अनुबंधन आधार पर 01 (एक) यंग प्रोफेशन-II पद भर्ती के लिए भा.कृ.अनु.प-नेटवर्क प्रोग्राम "एक्वाकल्चर एंड मत्स्यपालन में एंटीमिक्राबियल रेसिस्टेंस (एएमआर)" में दिनांक 09.07.2019 को पू. 10.30 बजे चल - साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प-सीफा वेबसाइट http://www.cifa.nic.in. पर जाएं।
WALK-IN INTERVIEW
A Walk-in-Interview will be held on 09/07/2019 at 10.30 A.M. for engagement of 01 (One) nos. of Young Professional-II purely on contractual basis to work under "ICAR –Plan Network programme on Antimicrobial Resistance (AMR)" at the ICAR-Central Institute of Freshwater Aquaculture (CIFA), Kausalyaganga, Bhubaneswar, Odisha. For further details please visit to ICAR-CIFA website http://www.cifa.nic.in
(मुख्य जाँचकर्ता) Principal Investigator

ଆବଶ୍ୟକ
ହାଉସ୍ କିପିଙ୍ଗ
ହୋଟେଲ ବା ଘର ପାଇଁ ହାଉସ୍ କିପିଙ୍ଗ କାର୍ଯ୍ୟରେ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ।
ରୋଷେୟା
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଇ-ମେଲ୍: recruitment@dharitri.com
ଯୋଗାଯୋଗ ନଂ: ୯୯୩୭୦୨୧୧୫୨

UTKAL UNIVERSITY
VANI VIHAR, BHUBANESWAR-751004
INDICATIVE ADVERTISEMENT
WALK IN INTERVIEW FOR EMPANELMENT OF GUEST FACULTY
No.CPG/Adm/2000/2019 Dtd.18 June 2019
Applications are invited for empanelment of Guest Faculty in various Departments of the Utkal University. The empanelment of Guest Faculty is purely temporary and for a period of one semester, likely to be extended for another semester on satisfactory performance. The candidates are requested to read the General Instructions and Qualifications carefully before filling up the application form. Minimum eligibility (Qualifications) shall be as per UGC Regulations on Minimum Qualifications for Appointment of Teachers 2018 dated 18 July 2018. The honorarium for guest faculty is ₹1500 per lecture subject to a maximum of ₹50,000 per month. The guest faculty will **NOT** be given the benefit of allowances, pension, gratuity and leave etc. as admissible to the regular teachers.
The candidates seeking empanelment as Guest Faculty are required to send the filled in prescribed application form to **uuguestfaculty@gmail.com** on or before **30 June 2019** and come for walk in interview with the hard copy of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet. The date of walk in interview, prescribed application form and other details can be downloaded from the website of the Utkal University **www.utkaluniversity.nic.in.** The University reserves the right to withdraw partial or full notification without assigning any reason.
Sd/-
Chairperson, P.G. Council

WANTED
Security Guard ଆବଶ୍ୟକ (50 ଜଣ)
GPRS SECURITY MANAGEMENT PVT. LTD.
HIG-114, Kalinga Vihar, Patrapara.
Contact: 9040203002, 7978574373, 7008060652

ଆବଶ୍ୟକ
- ଡ୍ରାଇଭର-୨
- Data Entry Operator-2
- Office Peon-2
Contact : A/8 HIG Duplex, Anant Vihar-II, Pokhariput-BBSR, Email: careersgarggroup@gmail.com
Ph: 7381088827

ଆବଶ୍ୟକ
କମ୍ପାନୀ ପାଇଁ ପୁଅ, ଝିଅ ଆବଶ୍ୟକ।
ବୟସ : ୧୭-୨୫, ରହିବା ଫ୍ରି,
: ରୋଜଗାର :
୮,୦୦୦/- ରୁ ୨୦,୦୦୦/-
6371462734, 7538926350

HOTEL Daspalla for UNIQUE HOSPITALITY
Hotel Daspalla a leading FOUR Star Hotel in Visakhapatnam, the jewel of the East Coast, having 125 rooms, 4 Restaurants & 9 Banquet Halls is looking to hire some young and dynamic personnel for the following positions:
- Hostess-Female: Candidate should be a young professional with good communication skills and should possess a Graduate degree. She should be well versed in multiple languages English, Hindi and the Local Language(Telugu). She should have great customer service skills and people skills.
- Captains (Male/Female): Candidate should have completed either intermediate or a graduate degree with 2-3 years of experience in a reputed Star Hotel as a Captain with good communication and interpersonal skills in three languages and one of them being Telugu. Diploma Holder in Hotel Management can also apply.
- Bakery & Confectioner: Candidate should be hands on in Bakery and confectionary, Cold deserts and cake decorations. He must have a minimum of 5 years experience in Bakery products.
- Stewards (Male/Female): Candidate should have at least 2-3 years of relevant job experience and should be below 25 years of age.
- Sweet Master: The candidate must be well versed in preparing both North and South Indian Sweets and Savouries. He must have 10 years experience in reputed star Hotel or a sweet stall.
- Cook - Non Vegetarian (Andhra style): The candidate must have at least 5 years experience in reputed Star Hotel as a Non-veg. Cook (Andhra Style) and must be well versed in preparing all items.
- Asst. Cooks: Indian/Chinese/Tandoor/Continental/South Indian: The candidate must have at least 3 years experience in a reputed Star Hotel and must be well versed in preparing all items.
- Boys – Housekeeping/F&B Service: The candidate be minimum age of 18 years with 10th class pass or fail, who are having interest to develop their career in the Hotel Industry.

Qualified and experienced candidates can send their resume with testimonials to the following address:
The Manager - HR, DASPALLA HOTELS (P) LIMITED
Suryabagh, Visakhapatnam-20,
Ph:0891-2564825, 2563141
Email: hrmdhl@daspallahotels.com
Web: www.daspallahotels.com
Mobile: 9866319494, 9866319738

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଅଗ୍ନିକାଣ୍ଡରୁ ବର୍ତ୍ତିଲା ଏସି କୋଚ୍

ଝାରସୁଗୁଡ଼ା ଅଫିସ/ଲଖନପୁର,୧୮।୬(ଡି.ଏନ୍.ଏ.): ୧୩୨୮୭ନଂ ସାଉଥ୍ ବିହାର ଏକ୍ସପ୍ରେସ୍ ଦୁର୍ଗରୁ ପାଟନା ଅଭିମୁଖେ ବାହାରିଥିଲା। ଟ୍ରେନ୍‌ଟି ଅପରାହ୍ନ ୨ଟା ୪୦ରେ ଝାରସୁଗୁଡ଼ା ରେଳ ଷ୍ଟେଶନରେ ପହଞ୍ଚିଥିଲା। ୩ଟା ୫ରେ ଏଠାରୁ ଛାଡ଼ିବା କଥା। ତେବେ ଏହି ସମୟରେ ଶୀତତାପ ନିୟନ୍ତ୍ରିତ ବଗି ତଳୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ପରମ୍‌ଜିତ୍ ନାମକ ଜଣେ ଆର୍‌ପିଏଫ୍ ଯବାନ ଏହା ଦେଖି ତୁରନ୍ତ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏ ନେଇ ଡ୍ରାଇଭର ଓ ଗାର୍ଡଙ୍କୁ ଖବର ଦିଆଯାଇଥିଲା। ତାପରେ ଏହାର ଯାଞ୍ଚ କରାଯାଇଥିଲା। ଏସି କୋଚ୍‌ରେ ଲାଗିଥିବା ବ୍ୟାଟେରିରେ ଶର୍ଟସର୍କିଟ୍ ହୋଇ ଧୂଆଁ ବାହାରୁଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଏହାର ମରାମତି ପରେ ନିର୍ଦ୍ଧାରିତ ସମୟଠାରୁ ଅଧଘଣ୍ଟା ବିଳମ୍ବରେ ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଥିଲା। ଆର୍‌ପିଏଫ୍ ଯବାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏହି ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଛି। ଏହାର ଶ୍ରେୟ ସମ୍ପୃକ୍ତ ଯବାନଙ୍କୁ ଦିଆଯିବ ବୋଲି ଝାରସୁଗୁଡ଼ା ଆର୍‌ପିଏଫ୍ ଇନ୍ସପେକ୍ଟର ଏଲ୍.କେ. ଦାଶ କହିଛନ୍ତି।

# ୧୦ ଜିଲାରେ ହେବ ବିଜ୍ଞାନ ପ୍ରଚାର ସମିତି

ଭୁବନେଶ୍ୱର,୧୮।୬(ବ୍ୟୁରୋ): ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ରାଜ୍ୟର ୧୦ ଜିଲାରେ ଗଠନ ହେବ ବିଜ୍ଞାନ ପ୍ରଚାର ସମିତି। ଏହାସହ ପ୍ରତି ଜିଲାରେ ବିଜ୍ଞାନ କେନ୍ଦ୍ର କିମ୍ବା ବିଜ୍ଞାନ ପାର୍କ ପ୍ରତିଷ୍ଠା କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଏ ନେଇ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭାଗ ପ୍ରଦତ୍ତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ରାଜ୍ୟସ୍ତରରେ ବିଜ୍ଞାନ ପ୍ରଚାର ସମିତି ରହିଥିବା ବେଳେ ଏଣିକି ଜିଲାସ୍ତରରେ ସମିତି ଗଠନ କରାଯିବ ବୋଲି କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ଗଠନ ହେବା ପରେ ପର୍ଯ୍ୟାୟକ୍ରମେ ଅନ୍ୟ ଜିଲାରେ ଗଠନ କରାଯିବ। ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ-୧୮୬୦ ଅନୁସାରେ ଏହି ସମିତିଗୁଡ଼ିକ ପଞ୍ଜୀକୃତ ହେବ। ସମିତିରେ ସମ୍ପୃକ୍ତ ଜିଲାର ଜିଲାପାଳ ଅଧ୍ୟକ୍ଷ ରହିବେ। ଜିଲା ଶିକ୍ଷା ଅଧିକାରୀ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିବେ।


**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦

**ଟେଣ୍ଡର ନୋଟିସ**

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ ଦ୍ୱାରା ପଥର କାରୁକାର୍ଯ୍ୟର "ମହାତ୍ମାଗାନ୍ଧୀ ପଦଯାତ୍ରା" ଟଙ୍କପାଣି ପୋଲ ଠାରେ ଏବଂ "ଐତିହାସିକ ଫାଟକ" ଶିଶୁଅନନ୍ତ ପୀଠ ଠାରେ ସ୍ଥାପିତ କରାଯିବ। ଏଥି ନିମନ୍ତେ ଜଇମୁଦ ଟେଣ୍ଡର ପତ୍ର ଆହ୍ୱାନ କରାଯାଉଅଛି। ଏହି କାର୍ଯ୍ୟ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ଏହାର ସବିଶେଷ ବିବରଣୀ (ଚିତ୍ରରେ ଦର୍ଶିତ) ମୂର୍ତ୍ତି ଗୁଡ଼ିକର ମାପ ଓ ସର୍ତ୍ତାବଳୀ ଓ ଟେଣ୍ଡର ପେପର ଇତ୍ୟାଦି ନିଗମର ୱେବସାଇଟ (www.utkalika.odisha.in) ରେ ଉପଲବ୍ଧ। ଆବେଦନ କରିବାର ଶେଷ ତାରିଖ ତା. ୧୦/୦୭/୧୯ରିଖ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
E.H.T. (O&M) DIVISION, JODA
P.O.- Boneikala, DIST.- Keonjhar, PIN: 758038 (ODISHA), PHONE NO.: 7328829375,
E-mail: ehtm.div.jod@optcl.co.in, CIN: U40102OR2004SGC007553

Letter No.: 220 Dated: 18.06.2019

**TENDER CALL NOTICE NO.- 04/2019-2020**

Sealed tenders are invited from the Electrical Contractors having valid "HT" license issued by Govt. of Odisha/ Military/ Railways & having valid IT PAN Card/ GST registration for the Work of "Installation of 2nd 250KVA Station Transformer (Plinth mounted) along with construction of DP structure at Grid S/S Joda under EHT (O&M) Division, Joda" under EHT(O&M) Division, Joda. Cost of Tender paper Rs. 2240/-, EMD = Rs. 5000/-. Sale of tender documents from dt:- 22.06.2019 to 02.07.2019. Last Date of submission of tender:- 03.07.2019 upto 1.00 PM. Date of opening of tender:- 05.07.2019 at 3.00 PM. For details visit our website:- www.optcl.co.in.
Corrigendum if any will be published in the OPTCL website only.

Sd./- Dy. General Manager (Elect.), EHT (O&M) Division, Joda



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH**

Notice No. 3214 Date: 18.06.19

**CORRIGENDUM NOTICE**

No.76-E:- As per the Tender Reference No-5400/ CDM & PHO Date- 11.06.2019 published in DHARITRI & NEW INDIAN EXPRESS on date- 12.06.2019 the point is change as follows.
1. The page No. 05 of the Bid document in point No-2.0 that "Revised cost Norm for IN-door patient's Diet" is change that will be obtained from district website- www.sundergarh.nic.in and submit the bid accordingly.
All other terms and conditions will remain unchanged.

10100/11/0007/1920 Sd./- Chief District Medical & Public Health Officer, Sundargarh



e-mail : eerwsskld@nic.in / eerwsskld@gmail.com; Phone No. 06670-230784
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, KALAHANDI RWS&S DIVISION, BHAWANIPATNA** No.97-O
CANCELLATION OF BID THROUGH e-TENDERING
Bid Identification no.01/EE/RWSS/2019-20 / Bpt; Dated: 07.06.2019
01. Name of the work :- As per ANNEXURE - A

| Procurement Officer | Bid Identification No. | Availability of tender online for bidding on office hour only. | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 01/EE/RWSS/2019-20 / Bpt Dated-07.06.2019 | 13.06.2019 | 03.07.2019 | 05.07.2019 at 11.30 AM. onwards |

The Bid Identification No. 01/EE/RWSS/ 2019-20 /Bpt; Dated: 07.06.2019 is hereby cancelled due to Technical error during publishing the tender.
25005/11/0002/1920 Sd./- Executive Engineer, Kalahandi RWS&S Division, Bhawanipatna



**OFFICE OF THE CHIEF DISTRICT MEDICAL OFFICER & PUBLIC HEALTH OFFICER, KANDHAMAL**
Ph./Fax: 06842-253249 (CDMO), 253190 (F.W.), 253220 (DPMU)
e-mail: hdtkandhamal@gmail.com/cdmophulbani@gmail.com

Letter No. 7000/19/C.F./Kandhamal Date: 17.06.19

**ORDER**

No.69-E:- In view of administrative inconvenience the Walk-in-Interview for posting of Specialist (Doctors) under corpus fund scheduled to be held on 19.06.2019 time 11 A.M. is hereby differed to 25.06.2019 time 11 A.M. and will be conducted in the office chamber of the undersigned.

Sd./- Dr. S.K. Das
10015/11/0012/1920 Chief District Medical & PH Officer



**DIRECTORATE OF TECHNICAL EDUCATION & TRAINING, ODISHA**
**CUTTACK - 753001**

**DIPLOMA ADMISSION - 2019**
**Notice for Lateral Entry (P.C.) Candidates**

No.17-KK: It is brought to the attention of all Physically Challenged (P.C.) Candidates whose applications have been validated during the year 2019-20 and interested for taking admission under Lateral Entry Scheme that they will have to appear before the Medical Board at SCB Medical College & Hospital, Cuttack on 21.06.2019 at 9.30 A.M. for examination of their Medical Standard. They will report to the Principal, BOSE, Cuttack by 8.30 A.M. on the above scheduled date and time for the said purpose. For details of reporting, visit: www.samsodisha.gov.in.

Sd./- Director of Technical
14004/11/0005/1920 Education & Training, Odisha



NANDANKANAN

**NANDANKANAN ZOOLOGICAL PARK**

NOTICE No.07 of 2019-20 Date: 18.06.2019
CORRIGENDUM / CLARIFICATION TO TENDER NOTICE No.02 of 2019-20; Dt.04.06.2019

1. At clause No.17 in point No.3 i.e. "20minutes" mentioned against Reptile Park shall be omitted.
2. The bidders those who have existing vehicle shall fill-up the column at 8A of technical bid and those don't have existing Battery Operated Vehicle may not fill-up the said format.
3. In the clause No.21 of terms & conditions, it is clarified that the successful tenderer shall print the ticket only from ticket vending machines to be supplied by Nandankanan Zoological Park authority.

Sd./- Deputy Director
Nandankanan Zoological Park



**Government of India**
**Office of the Superintending Archaeologist**
**Archaeological Survey of India**
**Bhubaneswar Circle, Puratattva Bhawan, Samantarapur, Old Town BBSR-2**

**E-TENDER NOTICE**

The Superintending Archaeologist, Archaeological Survey of India, Bhubaneswar Circle, Bhubaneswar on behalf of the Hon'ble President of India invites online tender from the approved Central/State Govt./P.S.U. Contractors for the following works for the work of **"Providing Robust staging, Waterproofing treatment to the Natamandapa of Shree Jagannath Temple, Puri"** (up to 15.00 hrs. on **01.07.2019**) and **"Structural repair of Bhogamandapa and Natamandapa of the Lord Jagannath Temple, Puri"** (up to 15.00 hrs. on **03.07.2019**). Further details and conditions are available at the website **https://eprocure.gov.in/eprocure/app**

**Superintending Archaeologist**



**ODISHA LIVELIHOOD MISSION**
**DISTRICT RURAL DEVELOPMENT AGENCY, GANJAM, CHATRAPUR**

L No.5527/OLM Dated the : 18.06.19

**EXPRESSION OF INTEREST**

Expression of interest is invited from the reputed Training Institutes / different Organisations to conduct various in house training under OLM to be conducted by DMMU, Ganjam, Chatrapur. Interested Institutions / Organisation may apply the same in the prescribed application format so as to reach the same in the office of the undersigned on or before 27.06.2019. The application format along with terms and conditions are available in the OLM Cell of DRDA, Ganjam and can be collected during Office Hour from 19.06.2019 to 26.06.2019 or can be downloaded from the website Ganjam.nic.in

*Sd./- Project Director*
*DRDA, Ganjam*



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୪୧୨୬/ଭୁ.ଉ.କ., ଭୁବନେଶ୍ୱର ତା୧୦।୦୬।୧୯ରିଖ
SRA - 125/88

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ଜମି ପ୍ରକଳ୍ପର ପ୍ଲଟ୍ ନଂ. Ｄ-5/333 କୁ, (୧) ବାମନ ଚନ୍ଦ୍ର ମହାପାତ୍ର, (୨) ବିପ୍ଳବୀ ମହାପାତ୍ର, (୩) ବିଜୟ କୁମାର ମହାପାତ୍ର, (୪) ବିରଞ୍ଚି ନାରାୟଣ ମହାପାତ୍ର, (୫) ବିନାୟକ ମହାପାତ୍ର, ଗ୍ରାମ/ପୋଅ-ଭଇଁଟୁଆ, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା ଓଡ଼ିଶାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ / ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀମାନେ ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର, ପିତା-ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଗ୍ରାମ-କେନ୍ଦୁପଦର, ପୋଅ/ଥାନା-ଫୁଲବାଣୀ, ଜିଲ୍ଲା-କନ୍ଧମାଳ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର(୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ-୧



**ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ପୁରୀ**

**ବିହନ ବିଶୋଧନ ଅଭିଯାନ- ଖରିଫ୍ ୨୦୧୯**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ଖରିଫ୍ ଋତୁରେ ରାଜ୍ୟ ଯୋଜନା ଅନ୍ତର୍ଗତ ''ଉନ୍ନତ ଚାଷ ପଦ୍ଧତିର ପ୍ରସାର'' କାର୍ଯ୍ୟକ୍ରମ ମାଧ୍ୟମରେ ବାତ୍ୟା ଫନି ଦ୍ୱାରା କ୍ଷତିଗ୍ରସ୍ତ ପୁରୀ କୃଷି ଜିଲ୍ଲାର ବ୍ରହ୍ମଗିରି, ପୁରୀ ସଦର ଓ କୃଷ୍ଣପ୍ରସାଦ ବ୍ଲକର ୨୫୦ ଗୋଟି ଗ୍ରାମରେ ଚାଷୀ ଭାଇମାନଙ୍କ ନିମନ୍ତେ ଧାନ ଫସଲକୁ ରୋଗମୁକ୍ତ ରଖିବା ପାଇଁ ''ବିହନ ବିଶୋଧନ ଅଭିଯାନ'' ଆସନ୍ତା ତା୨୦।୦୬।୨୦୧୯ରିଖଠାରୁ ତା୧୫।୦୭।୨୦୧୯ରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ଚାଷୀଭାଇମାନେ ବ୍ୟବହାର କରୁଥିବା ନିଜସ୍ୱ ସାଇତା ବିହନକୁ ବୁଣିବା ପୂର୍ବରୁ ବିଶୋଧନ କରି ଫସଲକୁ ବିହନବାହୀ ଓ ମୃତ୍ତିକାବାହୀ ରୋଗ ଦାଉରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସଚେତନ କରାଯିବ। ବିହନ ବିଶୋଧନ ସମ୍ପର୍କରେ ତାଲିମ ଓ କୌଶଳ ପ୍ରଦର୍ଶନ କରାଯିବା ସହିତ ଅଂଶଗ୍ରହଣ କରିଥିବା କୃଷକମାନଙ୍କୁ ରାସାୟନିକ ବିହନ ବିଶୋଧନ ଔଷଧ ମଧ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଅଛି। ଏଣୁ ଚାଷୀ ଭାଇ ଓ ଭଉଣୀମାନେ ନିର୍ଦ୍ଧାରିତ ସ୍ଥାନ ଓ ତାରିଖରେ ସେମାନଙ୍କ ଅଞ୍ଚଳରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦାନ କରି ନିଜ ସଞ୍ଚିତ ବିହନକୁ ବିଶୋଧନ କରାଇନେବା ସହ ଯୋଜନାଟିକୁ ସଫଳ କରାଇବାକୁ ଅନୁରୋଧ କରାଯାଉଅଛି।

ସୌଜନ୍ୟ: ଜିଲ୍ଲା କୃଷି ଅଧିକାରୀ, ପୁରୀ



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
Office of the Executive Engineer, Civil Works Division No. - 1, Bhubaneswar
CIN : U40102OR2004SGC007553

ଶ୍ରୀମାନ ନାୟକ
ପିତା - ଦୈତାରି ନାୟକ
ରାଜାବଗିଚ୍ଛ, ପୁରୀଘାଟ, କଟକ

ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମକୁ ଜଣାଇ ଦିଆଯାଉଅଛି କି ଗତ ତା.୨୧.୦୪.୨୦୧୫ରିଖ ଠାରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତିରେ କାର୍ଯ୍ୟରୁ ଅନୁପସ୍ଥିତ ଥିବାରୁ ଇତି ମଧ୍ୟରେ କାର୍ଯ୍ୟାଳୟ ତରଫରୁ ବହୁବାର ତଲବ ସତ୍ତ୍ୱେ ତୁମେ କୌଣସି ଉତ୍ତର ଦେଲ ନାହିଁ ଯଦ୍ୱାରା କି ଗତ ତା.୦୧.୦୯.୨୦୧୭ରିଖରେ ପ୍ରକାଶିତ ଦୈନିକ ଓଡ଼ିଆ ଖବରକାଗଜ 'ସମାଜ', 'ସମ୍ବାଦ', 'ଧରିତ୍ରୀ' ଓ 'ପ୍ରମେୟ' ମାଧ୍ୟମରେ ଏତାଦୃଶ ଅନୁପସ୍ଥିତି ସମ୍ବନ୍ଧରେ ଅବଗତ କରାଗଲା ତଥାପି ତୁମେ କାର୍ଯ୍ୟରେ ଯୋଗ ଦେଲ ନାହିଁ। ଏହାପରେ କାର୍ଯ୍ୟାଳୟ ତରଫରୁ ପତ୍ର ସଂଖ୍ୟା-୧୬୫୪ ତା.୨୮.୦୫.୨୦୧୮ ମାଧ୍ୟମରେ ତୁମ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ହୋଇ ଅବଗତ କରାଯାଇଛି।

ଏ ସମସ୍ତ ପ୍ରକ୍ରିୟା ପରେ ଘଟଣାର ଅନୁସନ୍ଧାନ ପାଇଁ ଜଣେ ଅନୁସନ୍ଧାନକାରୀ ଅଧିକାରୀ ନିଯୁକ୍ତ ହୋଇ ସେ ବହୁବାର ତୁମକୁ ପତ୍ର ଦେବା ସତ୍ତ୍ୱେ ତୁମେ ତାଙ୍କ ନିକଟରେ ଉପସ୍ଥିତ ହେଲ ନାହିଁ କିମ୍ବା କୌଣସି ଲିଖିତ ଉତ୍ତର ଦେଲ ନାହିଁ। ଏଥିରୁ ସ୍ପଷ୍ଟ ପ୍ରତିୟମାନ ହେଉଛି କି ତୁମେ ଜାଣିଶୁଣି କାର୍ଯ୍ୟରେ ଯୋଗ ଦେବାକୁ ଚାହୁଁ ନାହିଁ ଏବଂ ଚାକିରି ସର୍ତ୍ତାବଳୀର ସମସ୍ତ ନିୟମ ଭଙ୍ଗ କରିଛ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ତୁମର କର୍ତ୍ତବ୍ୟରୁ ଅନଧିକାର ଅନୁପସ୍ଥିତି ଯୋଗୁଁ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇ ଆସୁଅଛି। ତେଣୁ ତୁମ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ବାଧ୍ୟ ହେବେ।

ନିର୍ବାହୀ ଯନ୍ତ୍ରୀ (ସିଭିଲ୍)

Please connect us : optcl.odisha optcl_odisha energyodisha



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, Bhawanipatna

**NOTICE**

**FOR PRADHAN MANTRI GRAM SADAK YOJANA (PMGSY BATCH-I)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-05/2019-20**

**No.100-O:-** The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Kalahandi for 02 Packages (Two) number of packages with estimated cost totalling to Rs.8.26 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement Dtd.22.06.2019.

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive. Last Date/ Time for receipt of bids through e-procurement: 08.07.2019 up to 5.00 P.M For further details and corrigendum/ addendum (if any) please log on to www.pmgsytenders.gov.in.

25102/11/0005/1920 Sd./- Superintending Engineer, R.W.Circle, Bhawanipatna



**Odisha PVTG Empowerment & Livelihoods Improvement Programme (OPELIP)**
**PROGRAMME MANAGEMENT UNIT**
**ST & SC DEVELOPMENT DEPARTMENT, GOVT. OF ODISHA,**
**2ND FLOOR, TDCC BUILDING, BHOINAGAR, RUPALI SQUARE,BHUBANESWAR-751022**
No.CAD-115

OPELIP, a programme of ST & SC Development Department, Govt. of Odisha supported by IFAD intends to engage CA Firm/LLP for **"Statutory Audit for the FY 2018-19"** in OPELIP. The procurement method is Quality and cost based selection.

REQUEST FOR PROPOSALS (RFP) is invited from CA Firm/LLP for **"Statutory Audit for the FY 2018-19"** in OPELIP Interested CA Firms/LLP may download further details from www.opelip.org . RFP with required documents as attachments shall be sent through speed post/ registered post only in a closed envelop super-scribed as **"Statutory Audit for the FY 2018-19"** in OPELIP to the Office of the PMU, OPELIP, 2nd Floor, TDCC Building, Bhoinagar, Rupali Square, Bhubaneswar-751022. The last date of receipt of application is **17.07.2019 up to 3.00PM**. The Programme Director reserves the right to accept or reject any or all bids without assigning any reason thereof.

Date: 18.06.2019
Place: Bhubaneswar
Sd/-
Programme Director
26024/11/0003/1920



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(ZILLA SWASTHYA SAMITI: KEONJHAR)** No.71-E

Advt. Letter No. 2872 **"CONTRACTUAL ENGAGEMENT"** Date 17.06.2019

Applications are invited from the interested eligible candidates for filling up various posts under NHM in Keonjhar district on contractual basis for a term of 11 months with monthly remuneration as notes against each and also subject to renewal as per the norms basing on the performance and subsistence of the programme. Performance Incentive & other benefits are also admissible for all posts as per norms from time to time.

| Sl. No. | Name of the Post | No. of Post | Consolidated Remuneration per month (Rs) | Recruitment Process |
|---|---|---|---|---|
| 1 | Pediatrician-DEIC | 1 | Rs. 66,150/- + PI as per norms | Walk-In-Interview on dt.05.07.2019.at 10.30 AM in DTU Conference Hall,DHH,Keonjjar Registration time : 10.30 am to 12. 00N |
| 2 | Medical Officer-UPHC | 1 | Rs.52,920/- + PI as per norms | |
| 3 | Medical Officer-SNCU | 4 | Rs.52,920/- + PI as per norms | |
| 4 | Social Worker-DEIC | 1 | Rs. 16,774/- + PI as per norms | Inviting applications through Regd/Speed post on or before 05.07.2019 |
| 5 | Optometrist-DEIC | 1 | Rs. 13,428/- + PI as per norms | |
| 6 | Dental Technician-DEIC | 1 | Rs, 11,562/- + PI as per norms | |

The above positions are purely temporary and also co- terminus with the scheme. Canvassing in any form will render the candidate disqualified for the positions. Interested candidates for the above post, can download the prescribed Application Form, Eligibility Criteria, Selection Procedure & list enclosures ( to submitted along with the application form) from the district website www.kendujhar.nic.in and submit application to **Chief District Medical & Public Health Officer-cum-DMD,NHM,Keonjhar-758001** on or before **05.07.2019 till 5.00 PM** through **Regd. Post/Speed Post/ Courier** only and the envelope containing the application should be super scribed on the top of the envelope clearly, " **Name of the Post applied for.................... under NHM,Keonjhar".**

**N.B:-**The eligible candidates for the above post i.e. **Sl. No-1, 2 & 3** can download the Application form, Selection procedure & details of said post from the district website i.e. www.kendujhar.nic.in. and requested to attend the **Walk-in-Interview** which is scheduled to be held on **dt...05.07.2019 at 10.00 AM in DTU Conference Hall,DHH,Keonjhar** with complete filled up application form along with self attested Xerox copy of all testimonials and original certificates & mark sheet for verification. The registration of candidates for the said post will be held in the above mentioned date between **10.30 am to 12.00 N** in the venue site. The late comers will not be entrained for registration.

Candidates applying for multiple posts are instructed to apply in separate application form. Number of vacancies under this advertisement is provisional and subject to increase or decrease & remuneration may varies at the time of actual engagement. Incomplete application in any form is liable for rejection. Any modification/addition in rejection/disqualification/selection process communication by the Mission Directorate or district selection committee approved by the Collector & DM. will be incorporated in to the selection procedure. No personal correspondence/ enquiry will be entertained in this matter. All communication may be made through e-mail / district website www.kendujhar.nic.in.

The undersigned reserves the right to select/cancel/modification of the selection process without assigning any reason thereof. No personal query will be entertained in the recruitment/selection process.

Sd/-
10033/11/0006/1920 Chief District Medical & Public Health Officer-cum-DMD,NHM,Keonjhar



**ବିଜ୍ଞାପନ**

No.: 1-P: ଜୁଲାଇ ୨୦୧୯ରୁ ଡିସେମ୍ବର ୨୦୧୯ ପାଇଁ ସରକାରୀ କତା ତାଲିମ ତଥା ପ୍ରଦର୍ଶନ ଓ ସେବା ଉପକେନ୍ଦ୍ର (ଭୋଗରାଇ ଓ ବାଲିକୁଦା)ମାନଙ୍କରେ କତାଶିଳ୍ପରେ ତାଲିମ ପାଇଁ ଆବେଦନ ପତ୍ର ଆହ୍ୱାନ।

୧. ସ୍ଥାନ ଓ ଠିକଣା:
(କ) ସରକାରୀ କତା ତାଲିମ, ତଥା ପ୍ରଦର୍ଶନ ଓ ସେବା ଉପକେନ୍ଦ୍ର, ସା./ପୋ.- ଜଳେଶ୍ୱରପୁର, ଭାୟା- ଦେହୁର୍ଦ୍ଧା, ଜିଲ୍ଲା- ବାଲେଶ୍ୱର।
(ଖ) ସରକାରୀ କତା ତାଲିମ ତଥା ପ୍ରଦର୍ଶନ ଓ ସେବା ଉପକେନ୍ଦ୍ର, ସା: ବାଲିକୁଦା, ଜିଲ୍ଲା- ଜଗତ୍‌ସିଂହପୁର।
୨. ତାଲିମ ଅବଧି - ୬ମାସ
୩. ଶିକ୍ଷାଗତ ଯୋଗ୍ୟତା - ଅନ୍ୟୁନ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ଆବଶ୍ୟକ।
୪. ବୟସ ସୀମା - ଆବେଦନକାରୀଙ୍କ ବୟସ ତା୦୧।୦୭।୨୦୧୯ରିଖ ସୁଦ୍ଧା ୧୮ରୁ ୩୫ବର୍ଷ ମଧ୍ୟରେ ହୋଇଥିବ। (ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀ ଏବଂ କତା ଶିଳ୍ପ ସମବାୟ ସମିତି କିମ୍ବା ମାନ୍ୟତା ପ୍ରାପ୍ତ କତା ସଂସ୍ଥାର କାର୍ଯ୍ୟରତ ସଭ୍ୟ/ସଭ୍ୟା ପାଇଁ ବୟସ ସୀମା ୫ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ।)
୫. ବୃତ୍ତି - ମାସିକ ଟ.୫୦୦ (ପାଞ୍ଚଶହ ଟଙ୍କା) ମାତ୍ର।
୬. ସ୍ଥାନ ସଂଖ୍ୟା - ୨୦ (ପ୍ରତ୍ୟେକ ତାଲିମ କେନ୍ଦ୍ରର)
୭. ଆବେଦନକାରୀ/କାରିଣୀଙ୍କ ନିମ୍ନଲିଖିତ ବିବରଣୀ ସହ ସମ୍ପୃକ୍ତ ତାଲିମକେନ୍ଦ୍ର କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ।
(କ) ଆବେଦନକାରୀ/କାରିଣୀଙ୍କ ନାମ :
(ଖ) ପିତା/ଅଭିଭାବକଙ୍କ ନାମ :
(ଗ) ବର୍ତ୍ତମାନ ଓ ସ୍ଥାୟୀ ଠିକଣା :
(ଘ) ଶିକ୍ଷାଗତ ଯୋଗ୍ୟତା (ଅବିକଳ ନକଲ ସଂଲଗ୍ନ କରିବେ) :
(ଙ) ତା୦୧।୦୭।୨୦୧୯ରିଖ ସୁଦ୍ଧା ବୟସ (ପ୍ରମାଣ ପତ୍ର ସଂଲଗ୍ନ କରିବେ)।
(ଚ) ତଫସିଲଭୁକ୍ତ ଜାତି/ଜନଜାତି ହୋଇଥିଲେ (ତାର ପ୍ରମାଣ ପତ୍ର) ଏବଂ କାର୍ଯ୍ୟରତ ସଭ୍ୟ/ସଭ୍ୟା ସମ୍ବନ୍ଧୀୟ ପ୍ରମାଣ ପତ୍ର।
(ଛ) କତା ଶିଳ୍ପରେ ଥିବା ଅଭିଜ୍ଞତାର ବିବରଣୀ (ତାର ପ୍ରମାଣ ପତ୍ର) :
୮. ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ - ୨୫।୦୬।୨୦୧୯।
୯. ତାଲିମ କାର୍ଯ୍ୟକ୍ରମର ଆରମ୍ଭ - ୦୧।୦୭।୨୦୧୯।
୧୦. ମନୋନୟନ ପ୍ରଣାଳୀ: ଆବେଦନକାରୀ/କାରିଣୀ ତା୨୬।୦୬।୨୦୧୯ରିଖ ୧୧ ଘଟିକା ସମୟରେ ସମ୍ପୃକ୍ତ କତାଶିଳ୍ପର ତାଲିମ କେନ୍ଦ୍ରଠାରେ ସମସ୍ତ ପ୍ରମାଣ ପତ୍ର ସହ ଉପସ୍ଥିତ ରହି ମନୋନୟନ ନିମନ୍ତେ ସାକ୍ଷାତକାରରେ ଯୋଗଦେବେ। ସାକ୍ଷାତକାର ପାଇଁ କୌଣସି ଯାତାୟାତ ଖର୍ଚ୍ଚ ଦିଆଯିବ ନାହିଁ।
୧୧. ଅନୁସୂଚିତ ଜାତି ଓ ଜନଜାତି, ମହିଳା ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାରଙ୍କ ସଂରକ୍ଷଣ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ କରାଯିବ।
୧୨. ତାଲିମ ପରେ ହିତାଧିକାରୀମାନଙ୍କୁ କତା ଶିଳ୍ପରେ ବିଭିନ୍ନ ଯୋଜନା ମାଧ୍ୟମରେ ଆତ୍ମନିଯୁକ୍ତିର ସୁଯୋଗ ରହିଛି।

ବି.ଦ୍ର.: ସବିଶେଷ ବିବରଣୀ ପାଇଁ ସମ୍ପୃକ୍ତ ତାଲିମ କେନ୍ଦ୍ର, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର/ଜଗତ୍‌ସିଂହପୁର କିମ୍ବା ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

14010/11/0001/1920 ସ୍ୱା./– ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
Office of the Executive Engineer, Civil Works Division No. - 1, Bhubaneswar
CIN : U40102OR2004SGC007553

ଦେବ ନାୟକ
ପିତା - ପଞ୍ଚୁ ନାୟକ
ସା - ପଦମାଳ
ଥାନା/ପୋଷ୍ଟ - କାନପୁର
ଜିଲ୍ଲା - କଟକ

ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମକୁ ଜଣାଇ ଦିଆଯାଉଅଛି କି ଗତ ତା.୦୨.୦୫.୨୦୧୨ରିଖ ଠାରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତିରେ କାର୍ଯ୍ୟରୁ ଅନୁପସ୍ଥିତ ଥିବାରୁ ଇତି ମଧ୍ୟରେ କାର୍ଯ୍ୟାଳୟ ତରଫରୁ ବହୁବାର ତଲବ ସତ୍ତ୍ୱେ ତୁମେ କୌଣସି ଉତ୍ତର ଦେଲ ନାହିଁ ଯଦ୍ୱାରା କି ଗତ ତା.୦୧.୦୯.୨୦୧୭ରିଖରେ ପ୍ରକାଶିତ ଦୈନିକ ଓଡ଼ିଆ ଖବରକାଗଜ 'ସମାଜ', 'ସମ୍ବାଦ', 'ଧରିତ୍ରୀ' ଓ 'ପ୍ରମେୟ' ମାଧ୍ୟମରେ ଏତାଦୃଶ ଅନୁପସ୍ଥିତି ସମ୍ବନ୍ଧରେ ଅବଗତ କରାଗଲା ତଥାପି ତୁମେ କାର୍ଯ୍ୟରେ ଯୋଗ ଦେଲ ନାହିଁ। ଏହାପରେ କାର୍ଯ୍ୟାଳୟ ତରଫରୁ ପତ୍ର ସଂଖ୍ୟା-୧୬୫୮ ତା.୨୮.୦୫.୨୦୧୮ ମାଧ୍ୟମରେ ତୁମ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ହୋଇ ଅବଗତ କରାଯାଇଛି।

ଏ ସମସ୍ତ ପ୍ରକ୍ରିୟା ପରେ ଘଟଣାର ଅନୁସନ୍ଧାନ ପାଇଁ ଜଣେ ଅନୁସନ୍ଧାନକାରୀ ଅଧିକାରୀ ନିଯୁକ୍ତ ହୋଇ ସେ ବହୁବାର ତୁମକୁ ପତ୍ର ଦେବା ସତ୍ତ୍ୱେ ତୁମେ ତାଙ୍କ ନିକଟରେ ଉପସ୍ଥିତ ହେଲ ନାହିଁ କିମ୍ବା କୌଣସି ଲିଖିତ ଉତ୍ତର ଦେଲ ନାହିଁ। ଏଥିରୁ ସ୍ପଷ୍ଟ ପ୍ରତିୟମାନ ହେଉଛି କି ତୁମେ ଜାଣିଶୁଣି କାର୍ଯ୍ୟରେ ଯୋଗ ଦେବାକୁ ଚାହୁଁ ନାହିଁ ଏବଂ ଚାକିରି ସର୍ତ୍ତାବଳୀର ସମସ୍ତ ନିୟମ ଭଙ୍ଗ କରିଛ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ତୁମର କର୍ତ୍ତବ୍ୟରୁ ଅନଧିକାର ଅନୁପସ୍ଥିତି ଯୋଗୁଁ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇ ଆସୁଅଛି। ତେଣୁ ତୁମ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ବାଧ୍ୟ ହେବେ।

ନିର୍ବାହୀ ଯନ୍ତ୍ରୀ (ସିଭିଲ୍)

Please connect us : optcl.odisha optcl_odisha energyodisha

# ସେବତୀ ଫୁଲ

**ବ**ର୍ତ୍ତମାନ ହେଉଛି ସେବତୀ ଫୁଲ ଲଗାଇବାର ପ୍ରକୃଷ୍ଟ ସମୟ। ଅବଶ୍ୟ ଜୁଲାଇ ମାସରେ ବି ଲଗାଇପାରିବେ।
**ହଳଦିଆ କିସମ** – ଚନ୍ଦ୍ରମା, କିକୁ, ବିଓରି, ସୁପର ଜାଏଣ୍ଟ, ଇଭିନିଂ ଷ୍ଟାର।
**ଧଳା କିସମ** – ବିଉଟି, ସ୍ନୋ ବଲ୍, ଇନୋସେନ୍ସ, ପ୍ରିମିୟର।
**ଲାଲ୍ କିସମ** – ବ୍ରାଭେ, ରଷ୍ଟିକ୍, ଆଲ୍‌ଫ୍ରେଡ୍, ୱିଲ୍‌ସନ୍।
ଏକ ଏକର ପ୍ରତି ୧୦ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୨୪ କିଗ୍ରା ଯବକ୍ଷାରଜାନ,୨୪ କିଗ୍ରା ଫସ୍‌ଫରସ୍ ଓ ୧୬ କିଗ୍ରା ପଟାସ୍ ସାର)ର ଅଧା ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଏବଂ ପଟାସ୍ ସାର ପ୍ରୟୋଗ କରନ୍ତୁ। ଚେର ହୋଇଥିବା ଗଛ ଖଣ୍ଡ ବା ପୁଆ ବିହନ ଆକାରରେ ଲଗାଯାଇଥାଏ। ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ଲଗାନ୍ତୁ।



# କପା ଚାଷ ସମ୍ପର୍କରେ...



**ଭ**ଲ ବର୍ଷା ହୋଇ ପାଗ ଆସିଲା ପରେ ବିଳମ୍ବ ନ କରି କପା ବୁଣନ୍ତୁ। ଏକର ପ୍ରତି ୫ କିଗ୍ରା ଏମ୍‌ସିୟୁ – ୫ କିମ୍ବା ୭୫୦ ଗ୍ରାମ୍ ସବିତା କିସମ କପା ବିହନ ଆବଶ୍ୟକ ହୋଇଥାଏ। ଶୋଷକ ପୋକ ଦାଉରୁ ରକ୍ଷା ପାଇବା ପାଇଁ ପ୍ରତି କିଗ୍ରା ବିହନରେ ୭ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ଗୁଣ୍ଡ ଅଳ୍ପ ପାଣି ମିଶାଇ ଗୋଳାଇ ଦେବା ଆବଶ୍ୟକ। ଏହାଦ୍ୱାରା ଶୋଷକ ଶ୍ରେଣୀର ପୋକ ୪୫ ଦିନ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବେ।

# ଆଖୁରେ ଜଳ ନିଷ୍କାସନ

**ଆ**ଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ ।
– ଫସଲ ୩–୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ ।
– ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
– ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



# ହରଡ଼ ଚାଷ କରିବେ କିପରି



ଡ. ପରେଶ କୁମାର ପଣ୍ଡା

**ହ**ରଡ଼ ମଞ୍ଜିରେ ୨୨ ପ୍ରତିଶତ ପୁଷ୍ଟିସାର ରହିଛି। ଏହାକୁ ଡାଲି ରୂପେ ଖିଆଯାଏ। ଅନୁର୍ବର ଜମିରେ ଓ ଫସଲର ଫୁଲ ଫୁଟିବାରୁ ଫଳ ବଢ଼ିବା ଅବସ୍ଥାରେ ଜଳସେଚନର ଅଭାବ ଦେଖାଯାଉଥିବାରୁ ଫସଲରୁ ଅମଳ ଅଧିକ ହୋଇ ନ ଥାଏ। –ଦୋରସା, ବାଲିଆ ଦୋରସା ବା ମଟାଳ ଦୋରସା ବା ନାଳି ମାଟି ନିଗିଡ଼ା ହୋଇଥିବା ହରଡ଼ ଚାଷ ପାଇଁ ଆବଶ୍ୟକ। ଆମ ରାଜ୍ୟର ଆର୍ଦ୍ରତାଯୁକ୍ତ ଉଷ୍ମ ଜଳବାୟୁ ଏହି ଚାଷ ପାଇଁ ଉପଯୁକ୍ତ। ତେବେ ସନ୍ତସନ୍ତିଆ ଓ ଅଧିକ ବର୍ଷା ହରଡ଼ ଫସଲ ପାଇଁ କ୍ଷତି କରିଥାଏ।

**ମଧ୍ୟମ କିସମ:** ସାରଦା, ବାହାର, ମାରୁତି, ଲକ୍ଷ୍ମୀ (ସାଢ଼େ ପାଞ୍ଚ ମାସ ଅବଧିର), ଆଇ.ସି.ପି.ଏଲ୍.–୮୭୧୧୯ (ଆଶା), ବି.ଆର୍.ଜି–୨ (ଯାହାର ମଧ୍ୟମ ରୂପେ ଝାଉଁଳା ରୋଗ ଓ ଫଳବିନ୍ଧା ପୋକ ସହଣୀ ଶକ୍ତି ରହିଛି), ଆଇ.ସି.ପି.ଏଲ୍.–୮୭୦୫୧, ଆର–୬୦ (ମୁକ୍ତା–୬) ଓ ଆଇ.ସି.ପି.ଏଲ୍.–୯୬୦୫୩ (ଛଅ ମାସ ବିଶିଷ୍ଟ) ଅନ୍ୟତମ।

**ବିଳମ୍ବ କିସମ:** ଆଇ.ସି.ପି.ଏଲ୍.–୧୩୦୯୨, ଏଲ୍.ଆର୍.ଜି–୪୧ (ଯାହାର ଝାଉଁଳା ରୋଗ ଓ ଫଳବିନ୍ଧା ପୋକ ସହଣୀ ଶକ୍ତି ରହିଛି) (୭ ମାସ), ଆଇ.ସି.ପି.ଏଲ୍.–୭୦୩୫ ଓ ଆଇ.ସି.ପି.ଏଲ୍.–୨୦୦୯୨ (ସାଢ଼େ ସାତ ମାସ ବିଶିଷ୍ଟ)।

**ସଙ୍କର ହରଡ଼:** ଆଇ.ସି.ପି.ଏଚ୍–୨୬୭୧ (୬ ମାସ) ଓ ଆଇ.ସି.ପି.ଏଚ୍–୨୭୪୦ (୭ମାସ)।

ଉପରୋକ୍ତ ହରଡ଼ କିସମଗୁଡ଼ିକ ମଧ୍ୟରେ କେବଳ ଉପାସ–୧୨୦, ପୁଷା ଆଗେତୀ ଓ ପ୍ରଭାତ ଉଭୟ ବର୍ଷା ଦିନେ ଓ ପ୍ରାକ୍ ରବି ଋତୁରେ ଚାଷ ହେଉଥିବାବେଳେ ଅନ୍ୟ ସମସ୍ତ କିସମ ଓ ସଙ୍କର ହରଡ଼ ବର୍ଷା ଦିନେ ଚାଷ କରାଯାଏ। ଆଇ.ସି.ପି.ଏଲ୍.–୮୭୦୯୧, ଆଇ.ସି.ପି.ଏଲ୍.–୧୫୧, ଆଇ.ସି.ପି.ଏଲ୍.–୮୮୦୩୯, ଏମ୍.ଏନ୍–୮, ଆଇ.ସି.ପି.ଏଲ୍.–୨୦୦୯୨, ଆଇ.ସି.ପି.ଏଲ୍.–୧୩୦୯୨, ସାରଦା, ପ୍ରଭାତ, ଟି.ଟି.ବି–୭, ଏ.ଏଲ୍–୧୫, ବାହାର ଓ ମାନକ କିସମର ଗଛ ବୁଦାଳିଆ ହେଉଥିବା ବେଳେ ଅନ୍ୟସମସ୍ତ କିସମ ଓ ସଙ୍କର ହରଡ଼ର ଗଛ ଡେଙ୍ଗା। ସେହିପରି ଆଇ.ସି.ପି.ଏଲ୍.–୭୦୩୫ କିସମର ମଞ୍ଜି ପର୍‌ପଲ୍, ଆଇ.ସି.ପି.ଏଲ୍.–୯୬୦୫୩ ଓ ଆଇ.ସି.ପି.ଏଲ୍.–୧୩୦୯୨ ରଙ୍ଗ ଧଳା, ଉପାସ–୧୨୦ର ମଞ୍ଜି ଈଷତ୍ ଲାଲକୁ ଛାଡ଼ି ଅନ୍ୟସମସ୍ତ କିସମର ମଞ୍ଜି ଧୂଷର ବା ଲହୁଣି ରଙ୍ଗର ହୋଇଥାଏ।

**ବିହନ:** ବର୍ଷାଦିନେ ଏକର ପ୍ରତି ୬–୮ କି.ଗ୍ରା. ଓ ଶୀତଦିନେ ୧୦–୧୨ କି.ଗ୍ରା ବିହନ ଦରକାର। ବିହନ ଫସଲକୁ ପରବର୍ତ୍ତୀ ସମୟରେ ରୋଗ (ଶଢ଼ା, ଚାରା ଶୁଖା ଓ ଝାଉଁଳା) ନିୟନ୍ତ୍ରଣ ଲାଗି ବିଶୋଧନ କରିବା ଜରୁରୀ। ସେଥିନିମନ୍ତେ ୧ କି.ଗ୍ରା. ବିହନ ପ୍ରତି ବୁଣିବା ପୂର୍ବରୁ ୩ ଗ୍ରାମ୍ କ୍ୟାପ୍‌ଟାନ୍/ଥିରାମ୍ ଅଥବା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍‌ରେ ଗୋଳାଇ ବିଶୋଧନ କରନ୍ତୁ। ସାଧାରଣତଃ ବର୍ଷା ଦିନେ (ଜୁନ୍ ୧୫ ମଧ୍ୟରେ) ଏହି ଚାଷ କରାଯାଏ। ମାତ୍ର ସଅଳ କିସମକୁ ଏକକ ଫସଲ ଭାବେ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ବୁଣାଯାଇପାରିବ। ବିହନ ବିଶୋଧନ କରିବାର ଏକ ସପ୍ତାହ ପରେ ଓ ବିହନ ବୁଣିବାର ୨–୩ ଘଣ୍ଟା ପୂର୍ବରୁ କି.ଗ୍ରା. ବିହନ ପ୍ରତି ୨୦ ଗ୍ରାମ୍ କରି ବୀଜାଣୁ କଲ୍‌ଚର୍ ଓ ଫସ୍‌ଫୋକଲ୍‌ଚର୍ ସହିତ ବିହନ କି.ଗ୍ରା. ପ୍ରତି ଉପଚାର କରାଇ ବିହନକୁ ବୁଣନ୍ତୁ।

ବିହନ ବୁଣିବା ପୂର୍ବରୁ ଗଜାଶକ୍ତି ପରୀକ୍ଷା କରିନେବା ଆବଶ୍ୟକ। ତାହା ସର୍ବନିମ୍ନ ୭୫ ପ୍ରତିଶତ ହେବା ଆବଶ୍ୟକ। ହରଡ଼ ଏକ ଗଭୀର ଚେର ବିଶିଷ୍ଟ ଫସଲ ହୋଇଥିବାରୁ ଜମିକୁ ୩–୪ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ ଓ ସମତୁଲ କରିବା ପ୍ରୟୋଜନ। ହରଡ଼ ବିହନକୁ ଧାଡ଼ିରେ ବୁଣିଲେ ପରବର୍ତ୍ତୀ ଅବସ୍ଥାରେ କୋଡ଼ାଖୁସା, ଗାସ ବଛା, ଫସଲ ସଂରକ୍ଷଣ କାର୍ଯ୍ୟ ସହଜରେ କରାଯାଇପାରେ। ବିହନ ବୁଣିବା ପରେ ସିଞ୍ଚନ ଜଳସେଚନ ଦେଲେ ଭଲ ଗଜା ଆସିଥାଏ। ମାତ୍ର ଜମିର ବତରକୁ ଉପଯୋଗ କରି ବିହନ ବୁଣୁଥିଲେ ବିହନକୁ ୫–୬ ଘଣ୍ଟା (ଯେପରିକି ଚୋପା ନ ଫାଟେ) ସଅଳ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ ସେ.ମି., ବିଳମ୍ବ କିସମ ଲାଗି ୬୦ ସେ.ମି. ଓ ପ୍ରାକ୍ ରବି ଫସଲ ସକାଶେ ୩୦ ସେ.ମି. ବ୍ୟବଧାନ ରଖାଯାଏ। ଗଛକୁ ଗଛ ବ୍ୟବଧାନ ୧୫–୨୦ ସେ.ମି. ଓ ଗଭୀରତା ୩–୫ ସେ.ମି. ମଞ୍ଜି ବୁଣା ବା ବୁଣାଯନ୍ତ୍ର ସାହାଯ୍ୟରେ ମଞ୍ଜି ଓ ସାର ବୁଣାଯାଉଛି।





**ଖତ ସାର:** ଖତ ସାର ହିସାବରେ ଏକର ପ୍ରତି ୨୦ କୁଇଣ୍ଟାଲ ଖତ ଦିଆଯାଏ। ୮:୧୬:୮ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫସରସ୍:ପଟାସ୍ ଅର୍ଥାତ୍ ଡି.ଏ.ପି. ୩୫ କି.ଗ୍ରା., ୟୁରିଆ ୪ କି.ଗ୍ରା ଓ ପଟାସ୍ ୧୩ କି.ଗ୍ରା. ସାର ଏକର ପ୍ରତି ମୂଳ ସାର ହିସାବରେ ପ୍ରୟୋଗ କରିବା ଆବଶ୍ୟକ। ଶେଷ ଓଡ଼ଚାଷ ବେଳେ ଏକର ପ୍ରତି ୩୫ କି.ଗ୍ରା. ଡି.ଏ.ପି. ଓ ୧୩ କି.ଗ୍ରା. ପଟାସ୍ ପ୍ରୟୋଗ କରାଯାଇଥାଏ। ବିହନର ଗଜାଶକ୍ତି, ଯବକ୍ଷାରଜାନ ବିବନ୍ଧନ ତଥା ଫସଲ ଅମଳ ବଢ଼ାଇବା ନିମିତ୍ତ ମଞ୍ଜିବୁଣାର ପୂର୍ବ ଅବସ୍ଥାରେ ଏବଂ ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୧୦୦–୨୦୦ କି,ଗ୍ରା. (୨ରୁ ୪ ବସ୍ତା) ଓଜନର ଜିପ୍‌ସମ୍ ଗୁଣ୍ଡକୁ ମୃତ୍ତିକାରେ ପ୍ରୟୋଗ କରିବା ଜରୁରୀ। ୟୁରିଆ ୪ କି.ଗ୍ରା.କୁ ପ୍ରଥମ କୋଡ଼ାଖୁସା ସମୟରେ ପ୍ରୟୋଗ କରାଯାଏ।

**ରୋଗପୋକ ପରିଚାଳନା:** ଗଛ ଉଠିବାର ୨–୩ ସପ୍ତାହ ଓ ୫–୬ ସପ୍ତାହ ବେଳକୁ ଏହିପରି ଦୁଇ ଥର କୋଡ଼ାଖୁସା କରି ଘାସ ବାଛିବା ଆବଶ୍ୟକ। ଫଳରେ ମାଟି ହାଲୁକା ରହି ଗଛ ଭଲ ରହିଥାଏ। ଘାସ ନିୟନ୍ତ୍ରିତ ହୋଇ ରହେ। ନଚେତ୍ ରାସାୟନିକ ତୃଣନାଶକ ଯଥା– ଫ୍ଲୁକ୍ଲୋରାଲିନ୍ ୪୫%– ଇ.ସି.–୮୦୦ ମିଲି. (ବୁଣିବା ପୂର୍ବରୁ), ପେଣ୍ଡିମେଥାଲିନ୍ ୩୦% ଇ.ସି.–୧୦୦୦ ମି.ଲି. (ବୁଣାର ୩ ଦିନ ମଧ୍ୟରେ), କ୍ୱିଜାଲିଫପ୍ ଇଥାଇଲ୍ ୫% ଇ.ସି./ଇମାଜିଥାପିର୍ ୧୦% ଏସ୍.ଏଲ୍.–୪୦୦ ମି.ଲି. (ବୁଣାର ୨–୩ ସପ୍ତାହ ବେଳକୁ) ଏକର ପ୍ରତି ବତର ମାଟିରେ ପ୍ରୟୋଗ କରି ତୃଣକଗୁଡ଼ିକୁ ନିୟନ୍ତ୍ରଣ କରାଯାଏ। ରାସାୟନିକ ବ୍ୟବହାର ଦ୍ୱାରା ମୃତ୍ତିକାର ଗୁଣରେ ପରିବର୍ତ୍ତନ ହୋଇ ନ ଥାଏ। ବର୍ଷାଦିନେ ଫସଲରେ ଜଳସେଚନ କରିବା ଦରକାର ପଡ଼ି ନ ଥାଏ ବରଂ ନିଷ୍କାସନର ବ୍ୟବସ୍ଥା କରିବା ଦରକାର। ହରଡ଼ ଫସଲରେ ଜଳସଙ୍କଟ କାଳ ହେଉଛି ଫୁଲ ଧରିବା ଓ ଛୁଇଁରେ ଦାନା ପୂରଣ ଅବସ୍ଥା। ସେହି ସମୟରେ ଜଳର ଅଭାବ ନ ରହିବା ଆବଶ୍ୟକ। ବିଭିନ୍ନ ଫସଲରେ ସମନ୍ୱିତ ପରିଚାଳନାରେ ଫସଲ ପର୍ଯ୍ୟାୟ ଅବଲମ୍ବନ, ସହନଶୀଳ କିସମର ବ୍ୟବହାର, ବିହନ ବିଶୋଧନ, ମିଶ୍ରିତ ଫସଲ ଚାଷ, ଫସଲ ଚାରିପଟେ ଜଡ଼ା, ମକା ଗଛ ଲଗାଇ ପକ୍ଷୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରିବା, ଯନ୍ତା ଫସଲ ରୂପେ ଗେଣ୍ଡୁ ଫୁଲ ଲଗାଇବା, ଅନ୍ତଃଚାଷ, ଆଲୋକ ଯନ୍ତା ଓ ସଙ୍ଗ ଆକର୍ଷକ ଯନ୍ତାର ବ୍ୟବହାର ଏବଂ ଫସଲରେ ନିମ ଜାତୀୟ ଜୈବ କୀଟନାଶକ ଅଥବା ହାଣ୍ଡି ଖତ ବ୍ୟବହାର କରାଯାଏ। ଆବଶ୍ୟକସ୍ଥଳେ ରାସାୟନିକ ଔଷଧ ବ୍ୟବହାର କରିବା ଆବଶ୍ୟକ।

*– ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

## ଅଧିକ ଅମଳକ୍ଷମ ସଅଳ ହରଡ଼ କିସମ

ଏମ୍.ଏନ.–୮, ଭି. ଏଲ୍. ଅର୍‌ହର୍ –୧ (ସାଢ଼େ ତିନିମାସ ଅବଧି) ; ଆଇ.ସି.ପି.ଏଲ୍–୮୮୦୩୯, ଆଇ.ସି.ପି.ଏଲ୍–୮୭୦୯୧, ଉପାସ–୧୨୦, ପ୍ରଭାତ, ଏ.ଏଲ୍–୧୫ (ଏସବୁର ଅବଧି ୪ ମାସ) ; ଆଇ. ସି.ପି. ଏଲ୍–୧୫୧, ଆଇ. ସି.ପି.ଏଲ୍–୮୧, ପୁଷା ଆଗେତୀ, ମହକ, ମାନକ, ଆଇ.ସି.ପି.ଏଲ୍.–୮୮୦୩୪, ଆଇ.ସି.ପି.ଏଲ୍.–୧୬୧, ବି.ଡି.ଏନ୍.–୧, ଉଜ୍ଜ୍ୱଳା (ପି.ଆର୍.ଜି–୧୭୬) (ଯାହାର ମରୁଡ଼ି ସହଣୀ ଶକ୍ତି ରହିଛି) ଏବଂ ଟି.ଟି.ବି.–୭ (ଏହିସବୁ ସାଢ଼େ ଚାରି ମାସ ଅବଧିର)।

## ବର୍ଷାଦିନ ପାଇଁ ସତର୍କତା

**ବ**ର୍ଷାଋତୁରେ ଗୋ–ମହିଷି ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

- ଚଳିତ ମାସରେ ଗୋ–ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ–ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।



ପ୍ରଥମ ପୃଷ୍ଠାରୁ...

## କଳାଧନ ମାମଲା...

ଗତ ନିର୍ବାଚନରେ ୩୮୦୦ କୋଟି ଟଙ୍କା ଜବତ ହୋଇଛି। ସେହିପରି ସୁଇସ୍ ବ୍ୟାଙ୍କରେ ଠାବ ଜମା ଟଙ୍କାକୁ ଫେରାଇ ଆଣିବା ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହାବାଦ୍ ଟିକସ ଆଦାୟ ନିୟମରେ ସଂଶୋଧନ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟତଃ ବିଭିନ୍ନ ସମୟରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ଠାବ କରାଯାଉଥିବା ଆୟ ବହିର୍ଭୂତ ସମ୍ପତ୍ତି ଉପରେ ଟିକସ ଲାଗୁ କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ଏଥିସହିତ ଟିକସ ଆଦାୟ ନିୟମରେ ସଂଶୋଧନ ଅଣାଯିବା ଆବଶ୍ୟକ। କାରଣ ଆୟ ବହିର୍ଭୂତ ଟଙ୍କା ଉପରେ ଟିକସ ଆଦାୟ ଲାଗୁ କରିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସୁଇଜରଲାଣ୍ଡରେ ଗଚ୍ଛିତ ଥିବା ଟଙ୍କା ଉପରେ ମଧ୍ୟ ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି। ମୁଖ୍ୟତଃ ପୂର୍ବରୁ ସୁଇଜରଲାଣ୍ଡ ଏ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରୁ ନ ଥିଲା। ଦୁଇ ବର୍ଷ ତଳେ ସୁଇଜରଲାଣ୍ଡ ସହିତ ଏକ ବୈଠକ ଅନୁଷ୍ଠିତ ହେବା ପରେ ଏବେ ସେମାନେ ସୂଚନା ଦେଉଛନ୍ତି। ତେବେ ବାହାରେ ଥିବା ସବୁ ଟଙ୍କା ଯେ କଳାଧନ କହିବା ଠିକ୍ ନୁହେଁ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଦିଆଯିବ। ଯଦି ଆକାଉଣ୍ଟଧାରୀ ଜମା ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିଲେ ତେବେ ତା'ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପୂର୍ବରୁ ଏସ୍‌ଆଇଟିର ୭ଟି ବୈଠକ ଅନୁଷ୍ଠିତ ହୋଇସାରିଛି। ଅଦ୍ୟାବଧି ୬ଟି ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ବେଳେ ୨ ମାସ ମଧ୍ୟରେ ସପ୍ତମ ରିପୋର୍ଟ ଦାଖଲ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ପୋଲିସ ଡିଜି ଡା. ଆର୍.ପି. ଶର୍ମା, କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି, କମ୍ପାନୀ ପଞ୍ଜୀକରଣ ଅଧିକାରୀ, ସିବିଆଇ ଅଧିକାରୀ, ଆୟକର ଅଧିକାରୀ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ସୂଚନା ଥାଉ କି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଏସ୍‌ଆଇଟିର ଶେଷ ବୈଠକ ଗତ ବର୍ଷ ଜୁନ ୧୬ରେ ହୋଇଥିଲା। ଉକ୍ତ ବୈଠକରେ କଳାଧନରେ ମାଓବାଦୀମାନେ ସେମାନଙ୍କ ସାମ୍ରାଜ୍ୟକୁ ବିସ୍ତାର କରୁଥିବା ଆଲୋଚନା ହୋଇଥିଲା। ମୁଖ୍ୟତଃ ମାଓବାଦୀ ନେତାଙ୍କଠାରୁ ନାର୍କୋଟିକ୍ସ ଡ୍ରଗ୍‌ସ ଧରାହୋଇଥିବା ବେଳେ ସେମାନଙ୍କର ବହୁ କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ପୂର୍ବ ବୈଠକରେ ନିଷ୍ପତ୍ତି ଅଗ୍ରଗତି ହୋଇଥିବା ଜଷ୍ଟିସ ପଶାୟତ କହିଛନ୍ତି।

## ଅନନ୍ତନାଗରେ ଓଡ଼ିଆ...

ଅଜିତ ହେଉଛନ୍ତି ସାନ। ବଡ଼ପୁଅ ବାଙ୍ଗାଲୋରସ୍ଥିତ ଏକ ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଜାନୁୟାରୀ ୨୭ରେ ସରିଥିବା ଝିଅ ବାହାଘର କାର୍ଯ୍ୟରେ ଅଜିତ ସବୁ ଦାୟିତ୍ୱ ନେଇଥିଲେ। ସୋମବାର ସକାଳେ ଶେଷଥର ପାଇଁ ସେ ଫୋନ୍ କରି ଘରର ଅଭାବ ଅସୁବିଧା ବୁଝିଥିଲେ। ମଙ୍ଗଳବାର ଆତଙ୍କବାଦୀ ଆକ୍ରମଣରେ ପୁଅର ମୃତ୍ୟୁ ହୋଇଥିବା ଘଟଣା ଶୁଣି ପ୍ରଥମେ ବିଶ୍ୱାସ ହୋଇ ନ ଥିଲା। ପୁଅ କାନ୍ଧରେ ମଶାଣିକୁ ଯିବାକୁ ସବୁ ବାପାଙ୍କ ଇଚ୍ଛା ଥାଏ। ଭେଣ୍ଡିଆ ପୁଅର ମୃତଦେହ ଦେଖିବାକୁ ଧୈର୍ଯ୍ୟନାହିଁ ବୋଲି ସେ ଲୁହ ଛଳଛଳ ଆଖିରେ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପରିବାରକୁ ସମବେଦନା ଜଣାଇଛନ୍ତି। ଏପରି କଠିନ ସମୟରେ ପ୍ରଶାସନ ସେମାନଙ୍କ ସହିତ ରହିଛି। ଶ୍ରୀନଗରରୁ ମରଶରୀର ଆସିବାରେ ବିଳମ୍ବ ହେଉଛି। ବୁଧବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବା ସମ୍ଭାବନା ରହିଛି। ଏହାପରେ ଢେଙ୍କାନାଳ ଦେଇ ଶହୀଦ ଗ୍ରାମକୁ ମୃତଦେହ ନିଆଯିବ। ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ଶୋକବ୍ୟକ୍ତ କରିଛନ୍ତି।

### 'ଦେଶ ପାଇଁ ବଞ୍ଚିବା, ଦେଶ ପାଇଁ ମରିବା'

ଶହୀଦ ଅଜିତଙ୍କ ଫେସ୍‌ବୁକ୍ ଟାଇମ୍ ଲାଇନ୍‌ର ଅପ୍‌ଡେଟ୍ ଏବେ ଚର୍ଚ୍ଚାରେ। ନୂତନ କରି କାର୍ଯ୍ୟରେ ଯୋଗଦେବା ପରେ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ 'ଦେଶ୍‌କେ ଲିଏ ଜିନା, ଦେଶ୍‌କେ ଲିଏ ମରନା' (ଦେଶ ପାଇଁ ବଞ୍ଚିବା, ଦେଶ ପାଇଁ ମରିବା)। କେବଳ ଏତିକି ନୁହେଁ, ଏହି ପୋଷ୍ଟରେ କମେଣ୍ଟ ଦେଇ ସାଙ୍ଗସାଥୀମାନେ ତାଙ୍କୁ ଉତ୍ସାହିତ କରିଥିବା ମଧ୍ୟ ଦେଖିବାକୁ ମିଳିଛି। ହେଲେ ବିଧିର ବିଧାନ ଥିଲା ଅଲଗା। ଆତଙ୍କବାଦୀଙ୍କ ଆକ୍ରମଣରେ ସେ ସବୁଦିନ ପାଇଁ ଚାଲିଗଲେ ଅଫେରା ଦୁନିଆକୁ। ଦୁଇଦିନ ତଳେ ହୋଇଥିବା ଏହି ବାର୍ତ୍ତାଳାପକୁ ସାଙ୍ଗସାଥୀମାନେ ଏବେ ଝୁରି ହେଉଛନ୍ତି।

## ବିପଦ ବେଳେ ଆମେ...

ହେବା ଭଳି ଅବସ୍ଥାରେ ନାହାନ୍ତି। ତେବେ ବାତ୍ୟା ଫନୀ ପାଇଁ ପ୍ରସ୍ତୁତ ନ ଥିବା ଶକ୍ତି ବିଭାଗ ରାଜ୍ୟର କଣ୍ଟ୍ରାକ୍ଟରମାନଙ୍କୁ ଡରାଇ ଧମକାଇ କାର୍ଯ୍ୟରେ ନିୟୋଜିତ କରିଛି। ଯେଉଁମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ ସେମାନଙ୍କ ଲାଇସେନ୍ସ ରଦ୍ଦ କରି ଦିଆଯିବ ବୋଲି ଶକ୍ତି ବିଭାଗ ପକ୍ଷରୁ ଚେତାବନୀ ଦିଆଗଲା। ଫଳରେ ବାତ୍ୟା ପରଦିନ ଅର୍ଥାତ୍ ମେ ୪ ତାରିଖରୁ ରାଜ୍ୟର ଲାଇସେନ୍ସ ପ୍ରାପ୍ତ କଣ୍ଟ୍ରାକ୍ଟରମାନେ ବାଧହୋଇ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଗାଁ ଗଣ୍ଡାରୁ ଅଣ କୁଶଳୀ ଲୋକଙ୍କୁ ଆଣି କାର୍ଯ୍ୟରେ ଲଗାଇଛନ୍ତି। ଏଥିଯୋଗୁ ୩ ଜଣ ଶ୍ରମିକଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଶକ୍ତି ବିଭାଗ ପକ୍ଷରୁ ଆବଶ୍ୟକ ସରଞ୍ଜାମ ଠିକ୍ ସମୟରେ ଯୋଗାଇ ଦିଆଯାଉ ନାହିଁ। ଫଳରେ ପୁନରୁଦ୍ଧାର କାର୍ଯ୍ୟରେ ସେତେଟା ଅଗ୍ରଗତି ହୋଇ ପାରୁ ନାହିଁ। ଏହାଛଡା ଅନେକ ସ୍ଥାନରେ ଲୋକମାନେ ଠିକା କର୍ମଚାରୀମାନଙ୍କୁ ମାଡ ମାରିବା ସହ ବିଭିନ୍ନ ସ୍ଥାନରେ ଅଟକ ରଖୁଛନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ ନ ଥିବା କେତେକ କଣ୍ଟ୍ରାକ୍ଟର ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୬୪୦ ଜଣ ଏଚଟି ବିଦ୍ୟୁତ କଣ୍ଟ୍ରାକ୍ଟରଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ ୫୦୦ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆସନ୍ତା ୨୫ ତାରିଖ ମଧ୍ୟରେ ଯଥେଷ୍ଟ କାରଣ ଦର୍ଶାଇ ନ ପାରିଲେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅନ୍ୟପକ୍ଷରେ ୩୩ କେଭି ଉପରକୁ ଥିବା ଏକ୍ସଟ୍ରା ହାଇ ଟେନସନ ଟାୱାର କାର୍ଯ୍ୟ ରାଜ୍ୟର କୌଣସି କଣ୍ଟ୍ରାକ୍ଟରମାନଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟରୁ ବଡ ବଡ କଣ୍ଟ୍ରାକ୍ଟରମାନଙ୍କୁ ଓଡିଶାରେ ଟେଣ୍ଡର ଦିଆଯାଉଛି। ଶକ୍ତି ବିଭାଗ ଜାଣିଶୁଣି ଟେଣ୍ଡର ମୂଲ୍ୟ ବୃଦ୍ଧି କରିବାରୁ ସ୍ଥାନୀୟ କଣ୍ଟ୍ରାକ୍ଟରମାନେ ଇଏଚଟି ଟାୱାର କାମ ପାଉ ନାହାନ୍ତି। ଫଳରେ ରାଜ୍ୟର କଣ୍ଟ୍ରାକ୍ଟରମାନେ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଏ ସମ୍ପର୍କରେ ଅଲ୍ ଓଡିଶା ବିଦ୍ୟୁତ କଣ୍ଟ୍ରାକ୍ଟର ସଂଘ ସାଧାରଣ ସମ୍ପାଦକ ଭଗବାନ ବିଶ୍ୱାଳ କହିଛନ୍ତି ଯେ ରାଜ୍ୟରେ କାମ ମିଳୁ ନ ଥିବାରୁ ୧୦୦ରୁ ଉର୍ଦ୍ଧ୍ୱ କଣ୍ଟ୍ରାକ୍ଟର ଲାଇସେନ୍ସ ହରାଇ ଘରେ ବସିଛନ୍ତି। ଲାଇସେନ୍ସ ପ୍ରଦାନ ନୀତିରେ ପରିବର୍ତ୍ତନ ନ ହେବାରୁ ନୂତନ ଲାଇସେନ୍ସ ମିଳିବା ସମ୍ଭବ ହେଉ ନାହିଁ। ଏ ନେଇ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶକ୍ତି ସଚିବଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟରେ କୌଣସି ବିପତ୍ତି ଆସିଲେ ଆମେ ଆଗେ କାର୍ଯ୍ୟରେ ଯୋଗ ଦେଉଛୁ। ନାଁ ନେଉଛନ୍ତି ଅନ୍ୟ ରାଜ୍ୟର କଣ୍ଟ୍ରାକ୍ଟର। ଟେଣ୍ଡର ମୂଲ୍ୟ ବୃଦ୍ଧି କରାଯାଉଥିବାରୁ ଓଡିଶା କଣ୍ଟ୍ରାକ୍ଟରମାନେ ବଡ ବଡ ଟାୱାର ନିର୍ମାଣ ପାଇଁ ଟେଣ୍ଡର ପକାଇବାକୁ ଯୋଗ୍ୟ ହୋଇପାରୁ ନାହାନ୍ତି। ଜାଣି ଶୁଣି ଏଭଳି କରାଯାଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଉଛି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ଲାଗିଥିବା କର୍ମଚାରୀମାନେ ଠିକ୍ ସମୟରେ ପଇସା ପାଇପାରୁ ନାହାନ୍ତି। ବିଦ୍ୟୁତ୍ ଉପକରଣ ମିଳୁ ନ ଥିବାରୁ କାର୍ଯ୍ୟ ମାନ୍ଦା ହେଉଛି। ପ୍ରବଳ ଗରମରେ କର୍ମଚାରୀମାନେ ଦିନ ରାତି ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ସେସୁ ସିଜିଏମ୍ (ଟେକ୍ନିକାଲ) ସୁକାନ୍ତ ସ୍ୱାଇଁ କହିଛନ୍ତି ଯେ ପୁରୀରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ୮୦ ପ୍ରତିଶତ ହୋଇଗଲାଣି। ଅବଶିଷ୍ଟ କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ ଜାରି ରହିଛି। କଣ୍ଟ୍ରାକ୍ଟରମାନଙ୍କୁ ପଇସା ମିଳିବାରେ ପ୍ରଥମେ ଅସୁବିଧା ହେଉଥିଲା। ଏବେ ଠିକ୍ ହୋଇଯାଇଛି। ନିୟମିତ ପେମେଣ୍ଟ କରାଯିବା ସହ ଆବଶ୍ୟକ ବିଦ୍ୟୁତ୍ ସରଞ୍ଜାମ ଯୋଗାଇ ଦିଆଯାଉଛି। ତେବେ କାହାକୁ ଟେଣ୍ଡର ଦିଆଯାଉଛି ନ ଦିଆଯାଉଛି ସେ ବିଷୟରେ କିଛି କହି ପାରିବେ ନାହିଁ ବୋଲି ସ୍ୱାଇଁ କହିଛନ୍ତି। ତେବେ ଓଡ଼ିଶା କଣ୍ଟ୍ରାକ୍ଟରମାନଙ୍କୁ ମଧ୍ୟ ବିଦ୍ୟୁତ୍ ଭିତ୍ତିଭୂମି କାର୍ଯ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି ।

## ଜେଇଇ ଆଡ୍‌ଭାନ୍ସ ଓଡ଼ିଶା ଟପ୍ପରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ଗତ ୧୪ତାରିଖରେ ପ୍ରକାଶ ପାଇଥିବା ଜେଇଇ ଆଡ୍‌ଭାନ୍ସ ୨୦୧୯ର ଓଡ଼ିଶା ଟପ୍ପରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟଠାରେ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସର୍ବଭାରତୀୟ ସ୍ତରରେ ୧୦୦ତମ ର୍‍ୟାଙ୍କ ମଧ୍ୟରେ ରହିଥିବା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ୪ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଭେଟିଥିଲେ। ୫୧ତମ ର୍‍ୟାଙ୍କରେ ରହିବା ସହ ଖଡ଼ଗପୁର ଜୋନ୍ ତଥା ଓଡ଼ିଶା ଟପ୍ପର ହୋଇଥିବା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ସାୟନ୍ତନ ଧର୍ ଏବଂ ୫୮ତମ ର୍‍ୟାଙ୍କରେ ଥିବା ଶିବାଶିଷ ନାୟକ, ୮୩ତମ ର୍‍ୟାଙ୍କରେ ଥିବା ପ୍ରତୀକ ଚୌଧୁରୀ ଓ ଜ୍ଞାନରଞ୍ଜନ ବେହୁରାଙ୍କୁ ମୁଖ୍ୟମନ୍ତ୍ରୀ ଜେଇଇ ଆଡ୍‌ଭାନ୍ସରେ କୃତିତ୍ୱ ଏବଂ ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହ ଶିକ୍ଷା ଓ ନିଜ ଦକ୍ଷତା ମାଧ୍ୟମରେ ରାଜ୍ୟ ତଥା ଦେଶ ପାଇଁ କିଛି କରିବାର ଜିଜ୍ଞାସା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରମ୍ୟାନ ଡ. ବିଜୟ କୁମାର ସାହୁ, ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଓ ଭୁବନେଶ୍ୱର ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଏ.ବି. ସିଂ ଉପସ୍ଥିତ ଥିଲେ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.70 (↓ 21) | 39,046.34 (↑ 85.55) | 11,691.50 (↑ 19.35) | 33,720.00 (↑ ₹100) | 38,220.00 (↑ ₹130) |



ବଡ଼ ସ୍କ୍ରିନ ଟିଭି, ଏସି, ଫ୍ରିଜ୍ ଉପରେ ୧୨% ଜିଏସ୍‌ଟି ଆଦାୟ ଲାଗି କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାତାମାନେ ଅର୍ଥ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।
– ସୁନୀଲ ନାୟାର, ସୋନୀ ଇଣ୍ଡିଆ ଏମ୍‌ଡି



ମୌସୁମୀ ଆସିବାରେ ଏକ ସପ୍ତାହ ବିଳମ୍ବ କାରଣରୁ ଡାଲି ଜାତୀୟ ଓ କପା ଚାଷ ବୁଣାବୁଣି ବିଳମ୍ବିତ ହୋଇଛି। ତେବେ ଏହାଦ୍ୱାରା ଖରିଫ ଚାଷ କେତେ ପ୍ରଭାବିତ ହେବ ତାହା ଆଗାମୀ ୧୦ ଦିନ ଭିତରେ କହିହେବ।
– ବି.ଭି. ମେହେଟା, ସଲଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ୨୦୨୦ରେ ଆସୁଛି ଫେସ୍‌ବୁକ୍‌ର କ୍ରିପ୍ଟୋକରେନ୍ସି 'ଲିବ୍ରା'

**ନୂଆଦିଲ୍ଲୀ,୧୮-୬:** ସୋସିଆଲ ମିଡିଆ ୱେବସାଇଟ ଫେସ୍‌ବୁକ୍ ୨୦୨୦ରେ ନିଜସ୍ୱ କ୍ରିପ୍ଟୋକରେନ୍ସି 'ଲିବ୍ରା' ଲଞ୍ଚ କରିବାକୁ ଯାଉଛି ବୋଲି ମଙ୍ଗଳବାର ଘୋଷଣା କରିଛି। ସ୍ମାର୍ଟ ଡିଭାଇସ୍ ଜରିଆରେ ଉପଲବ୍ଧ ହେବାକୁ ଥିବା ଏହି ଲୋ କଷ୍ଟ୍ ଗ୍ଲୋବାଲ ପେମେଣ୍ଟ ସିଷ୍ଟମ ତିଆରି କରିବା କମ୍ପାନୀର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ସାରା ବିଶ୍ୱରେ ଏହାର ୨୦୦କୋଟି ୟୁଜର ଏହାକୁ ବ୍ୟବହାର କରିପାରିବେ ବୋଲି କମ୍ପାନୀ କହିଛି। ଲିବ୍ରାକୁ ପ୍ରାୟ ୨୫ ପାର୍ଟନର୍ସର ସମର୍ଥନ ରହିଛି। ଯେଉଁଥିରେ ନନ୍ ପ୍ରଫିଟେବଲ କମ୍ପାନୀ, ଫାଇନାନ୍ସିଆଲ ସର୍ଭିସେସ୍ ଏବଂ ଅନ୍‌ଲାଇନ ଇ-କମର୍ସ କମ୍ପାନୀ ରହିଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ଏକ ରିପୋର୍ଟ ଅନୁଯାୟୀ, ଏଥିରେ ଭିସା, ମାଷ୍ଟରକାର୍ଡ, ପେପଲ୍ ଓ ଉବର ଭଳି କମ୍ପାନୀ ସାମିଲ ହୋଇଛନ୍ତି। ସେମାନେ ଭେଞ୍ଚର କ୍ୟାପିଟାଲିଷ୍ଟ ଏବଂ ଟେଲିକମ୍ କମ୍ପାନୀଙ୍କ ସହିତ ମିଶି କ୍ରିପ୍ଟୋକରେନ୍ସି ଲାଗି ୧ କୋଟି ଡଲାର ନିବେଶ କରିବେ।

### ୨୨ରେ ଅର୍ଥନୀତିଜ୍ଞଙ୍କୁ ଭେଟିବେ ମୋଦି

**ନୂଆଦିଲ୍ଲୀ,୧୮-୬:** ଦେଶର ଅର୍ଥନୀତିର ବିକାଶ ହାର ଓ ନିଯୁକ୍ତି ସୃଷ୍ଟି ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ରେ ଦେଶର ବିଶିଷ୍ଟ ଅର୍ଥନୀତିଜ୍ଞ ଓ ବିଶେଷଜ୍ଞମାନଙ୍କୁ ଭେଟିବେ। ନୀତି ଆୟୋଗ ଦ୍ୱାରା ଆୟୋଜିତ ଏହି ବୈଠକରେ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ, ଶିଳ୍ପପତିମାନେ ଯୋଗଦେବେ। ସୂଚନାଯୋଗ୍ୟ ଯେ, ସିଏସ୍‌ଓର ଡାଟା ଅନୁଯାୟୀ, ଦେଶର ଜିଡିପି ହାର ଚତୁର୍ଥ ତ୍ରୈମାସରେ ହ୍ରାସ ପାଇ ୫.୮% ରହିଛି, ଯାହା କି ଚିନ୍ତାର ବିଷୟ।

### ବଜେଟକୁ ନେଇ ଟୁଇଟରରେ କୁଇଜ୍

**ନୂଆଦିଲ୍ଲୀ,୧୮-୬:** ବଜେଟ ସମ୍ପର୍କରେ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟର କୁଇଜ୍ ସିରିଜ ଆରମ୍ଭ କରାଯାଇଛି। ସ୍ୱାଧୀନ ଭାରତର ପ୍ରଥମ ବଜେଟ କେବେ ଉପସ୍ଥାପନ ହୋଇଥିଲା ବୋଲି ଟୁଇଟର ୟୁଜରଙ୍କୁ ପ୍ରଥମ ପ୍ରଶ୍ନ ପଚାରାଯାଇଛି। ଏହାକୁ ନେଇ ମନ୍ତ୍ରଣାଳୟ ପକ୍ଷରୁ ୟୁଜରଙ୍କୁ ୪ ବିକଳ୍ପ ଦିଆଯାଇଛି।

### ବାହନ ଚାଳକଙ୍କ ଲାଗି ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଉଚ୍ଛେଦ

**ନୂଆଦିଲ୍ଲୀ,୧୮-୬:** ପରିବହନ ବାହନ ଚଳାଇବା ଲାଗି ଆବଶ୍ୟକ ହେଉଥିବା ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସର୍ତ୍ତ ଉଚ୍ଛେଦ କରାଯିବ। କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ଅନଗ୍ରସର ଅଞ୍ଚଳର ଦକ୍ଷ ଚାଳକ ଲାଭାନ୍ୱିତ ହେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସଡକ ସୁରକ୍ଷାକୁ ସୁନିଶ୍ଚିତ କରିବା, ଚାଳକଙ୍କ ଧନ୍ଦାମୂଳକ ତାଲିମ ଏବଂ କଡ଼ା ଦକ୍ଷତା ପରୀକ୍ଷଣ ଉପରେ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି। କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯ର ନିୟମ ୮ ମୁତାବକ ପରିବହନ ବାହାନର ଡ୍ରାଇଭରଙ୍କ ଲାଗି ଅଷ୍ଟମ ପାସ କରିବା ବାଧ୍ୟତାମୂଳକ ରହିଥିଲା।

### ଇଡିଆଇଆଇରେ ବିଜ୍‌ନେସ ଆନାଲିଟିକ୍ସ ପାଠ୍ୟକ୍ରମ

**ଭୁବନେଶ୍ୱର,୧୮-୬:** ଏଣ୍ଟରପ୍ରିନ୍ୟୁରଶିପ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ ଉଦ୍ୟୋଗୀଙ୍କ ଲାଗି ବିଜ୍‌ନେସ ଆନାଲିଟିକ୍ସ ଆଣ୍ଡ ଇନଫରମେଶନ ସିଷ୍ଟମ ଉପରେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ-ବିଜ୍‌ନେସ ଏଣ୍ଟରପ୍ରିନ୍ୟୁରଶିପରେ ଏହା ସ୍ପେଶିଆଲାଇଜେଶନ ଭାବେ ଉପଲବ୍ଧ ହୋଇଛି। ସେହିଭଳି ପ୍ରତିଷ୍ଠାନ ପକ୍ଷରୁ ୨୦୧୯-୨୧ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ସାମାଜିକ ଉଦ୍ୟମିତା ଓ ସାମାଜିକ ସଂସ୍ଥା ପରିଚାଳନା ଭଳି ୨ଟି ସ୍ପେଶିଆଲାଇଜେଶନ ପ୍ରଦାନ କରାଯାଉଛି। ବିଗତ ପାଞ୍ଚ ବର୍ଷରେ ଦେଶରେ ପ୍ରଯୁକ୍ତି କ୍ଷେତ୍ରରେ ଅନେକ ଷ୍ଟାର୍ଟ ଅପ୍ ସ୍ଥାପନ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକେ ସଫଳ ହୋଇ ନାହାନ୍ତି। ଶିକ୍ଷା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ପ୍ରଯୁକ୍ତି ଏବଂ ଖାଦ୍ୟ ପ୍ରଯୁକ୍ତି ଷ୍ଟାର୍ଟଅପ୍ ଗୁଡିକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ରହିଥିବା ଅନ୍ତରକୁ ସମାଧାନ ଜରିଆରେ ଦୂର କରିପାରିଛନ୍ତି ବୋଲି ଇଡିଆଇଆଇର ପିଜି ପାଠ୍ୟକ୍ରମ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସତ୍ୟରଞ୍ଜନ ଆଚାର୍ଯ୍ୟ କହିଛନ୍ତି।

## ଆସିବ ନୂଆ ଯୋଜନା
# ସୁପର ମାର୍କେଟରେ ମିଳିବ ପେଟ୍ରୋଲ

**ନୂଆଦିଲ୍ଲୀ,୧୮-୬**

କେନ୍ଦ୍ରର ମୋଦି ସରକାର ନିଜର ଦ୍ୱିତୀୟ କାର୍ଯ୍ୟକାଳରେ ଦ୍ରୁତଗତିରେ ବଡ଼ ନିଷ୍ପତ୍ତି ନେବା ଆରମ୍ଭ କରିଛନ୍ତି। ଏହିକ୍ରମରେ ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ଭର୍ତ୍ତି କରିବା ଲାଗି ଆଉ ପେଟ୍ରୋଲ ପମ୍ପରେ ଚକ୍କର କାଟିବାକୁ ପଡିବ ନାହିଁ। ଗ୍ରାହକଙ୍କୁ ସୁପର ମାର୍କେଟରେ ହିଁ ତେଲ ମିଳିଯିବ।

ମିଡିଆ ରିପୋର୍ଟ ଅନୁଯାୟୀ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ଏକ କ୍ୟାବିନେଟ ପ୍ରସ୍ତାବ ପ୍ରସ୍ତୁତ କରୁଛନ୍ତି। ଏହା ଲାଗୁ ହେଲେ ପେଟ୍ରୋଲ ଓ ଡିଜେଲର ରିଟେଲ କାରବାର କରିବାକୁ ବଡ଼ ବଡ଼ କମ୍ପାନୀଙ୍କୁ ସୁଯୋଗ ମିଳିଯିବ। ବର୍ତ୍ତମାନ ନିୟମ ଅନୁଯାୟୀ, ତେଲର ଖୁଚୁରା ବ୍ୟବସାୟ କରିବାକୁ ହେଲେ କମ୍ପାନୀଙ୍କ ନିକଟରେ ଘରୋଇ ବଜାରରେ ଢାଞ୍ଚାଗତ ନିବେଶ ଲାଗି ୨୦୦୦ କୋଟି ଟଙ୍କା ରହିଥିବା ଆବଶ୍ୟକ। ସେହିପରି ୩୦ ଲକ୍ଷ ଟନ ତେଲ କିଣିବା ଲାଗି ଆବଶ୍ୟକ ରାଶି ସମାନ ବ୍ୟାଙ୍କ ଗ୍ୟାରେଣ୍ଟି ଦେବାକୁ ହେବ। ତେବେ ସରକାର ଏହି ନିୟମକୁ ଅଧିକ କୋହଳ କରିବାକୁ ଯାଉଛନ୍ତି। ସରକାରୀ ସ୍ତରରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଗଲେ, ଫ୍ୟୁଚର ଗ୍ରୁପ୍, ୱାଲମାର୍ଟ ଭଳି ମଲ୍ଟି ନ୍ୟାଶନାଲ ବ୍ରାଣ୍ଡ କମ୍ପାନୀ ରିଟେଲରେ ପେଟ୍ରୋଲ ଓ ଡିଜେଲ ବିକିବେ। ସୂଚନାଯୋଗ୍ୟ ଯେ, ତେଲର ରିଟେଲ ବିକ୍ରିକୁ ନେଇ ନିୟମରେ ସଂଶୋଧନ କରିବା ଲାଗି ପରାମର୍ଶ ଦେବା ଉଦ୍ଦେଶ୍ୟରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଗତବର୍ଷ ଅକ୍ଟୋବରରେ ଏକ ଏକ୍ସପର୍ଟ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ପୂର୍ବତନ ପେଟ୍ରୋଲିୟମ ସଚିବ ଜି.ସି.ଚତୁର୍ବେଦୀ, ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଶୁତୋଷ ଜିନ୍ଦଲ, ଅର୍ଥନୀତିଜ୍ଞ କିରୀଟ ପାରିଖ ଏବଂ ଏମ.ଏ. ପ୍ରଧାନ ସାମିଲ ହୋଇଛନ୍ତି। ନିୟମ କୋହଳ ହେଲେ ସୌଦି ଆରାମକୋ ଭଳି ବିଶ୍ୱସ୍ତରର ତେଲ କମ୍ପାନୀ ଭାରତରେ ତେଲ ରିଟେଲ କାରବାରେ ପ୍ରବେଶ କରିବାକୁ ସୁଯୋଗ ପାଇବେ। ପୂର୍ବରୁ ଏହା ଭାରତରେ ତେଲର ରିଟେଲ ସେକ୍ଟରରେ ପ୍ରବେଶ କରିବାକୁ ଆଗ୍ରହ ପ୍ରକାଶ କରିସାରିଛି। ବ୍ରିଟେନ ଭଳି ଦେଶରେ ଏଭଳି ପ୍ରୟୋଗ ସଫଳ ହୋଇଛି। ସେଠାରୁ ହିଁ କେନ୍ଦ୍ର ସରକାର ଏହି ଆଇଡିଆ ପାଇଛନ୍ତି। ବ୍ରିଟେନର ପେଟ୍ରୋଲ ରିଟେଲର୍ସ ଆସୋସିଏଶନର ଅନୁମାନ ଅନୁଯାୟୀ, ଏପ୍ରିଲରେ ନିଜ ଦେଶରେ ବିକ୍ରି ହୋଇଥିବା ମୋଟ ପେଟ୍ରୋଲ ମଧ୍ୟରୁ କେବଳ ସୁପର ମାର୍କେଟରେ ହିଁ ୪୯ ପ୍ରତିଶତ ତେଲ ବିକ୍ରି ହୋଇଛି। ସେହିପରି ୪୩ ପ୍ରତିଶତ ଡିଜେଲ ବିକ୍ରି ହୋଇଥିଲା।



## ଜିଏସ୍‌ଟି ଅଧୀନକୁ ଆସିବନି
## ପେଟ୍ରୋଲ, ଡିଜେଲ

**ନୂଆଦିଲ୍ଲୀ,୧୮-୬**

ପେଟ୍ରୋଲିୟମ ଉତ୍ପାଦକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ତେଲ ଓ ବିମାନ କମ୍ପାନୀଙ୍କ ଦୀର୍ଘଦିନର ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ତେଲକୁ ନେଇ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ ନାହିଁ। ପେଟ୍ରୋଲ, ଡିଜେଲ ଓ ଏଟିଏଫ୍ ବା ବିମାନ ଇନ୍ଧନକୁ ଜିଏସ୍‌ଟି ଅଧୀନକୁ ଆଣିଲେ ରାଜ୍ୟ ସରକାରଗୁଡ଼ିକର ଆୟ ହ୍ରାସ ପାଇବ ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାରଗୁଡ଼ିକ ପେଟ୍ରୋଲ, ଡିଜେଲ, ରିଅଲ ଇଷ୍ଟେଟ ଓ ମଦକୁ ଜିଏସ୍‌ଟି ଅଧୀନକୁ ଆଣିବାକୁ ଚାହୁଁନାହାନ୍ତି। ଏଥିରୁ ସେମାନେ ସର୍ବାଧିକ ଆୟ କରିଥାନ୍ତି। ଜିଏସ୍‌ଟି ଅଧୀନକୁ ତେଲ ଆସିଗଲେ ରାଜ୍ୟଗୁଡ଼ିକର କ୍ଷତି ହେବ। ରାଜ୍ୟ ସରକାରଗୁଡ଼ିକ ପେଟ୍ରୋଲ, ଡିଜେଲ,ଏଟିଏଫ୍, ଘର ଉପରେ ଷ୍ଟାମ୍ପ ଡ୍ୟୁଟି ଏବଂ ମଦ ଉପରେ ଏକ୍ସାଇଜ ଡ୍ୟୁଟି ଆଦାୟ କରନ୍ତି। ତେବେ କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି ଯେ, ଉକ୍ତ ୩ ପ୍ରକାର ତେଲକୁ ଜିଏସ୍‌ଟି ଅଧୀନକୁ ଆଣିଲେ ମଧ୍ୟ ଗ୍ରାହକଙ୍କୁ ସେଭଳି ଫାଇଦା ମିଳିବ ନାହିଁ। କାରଣ ତେଲ ଉପରେ ସର୍ବାଧିକ ୨୮% ଟିକସ ସହ ସେସ୍ ମଧ୍ୟ ଲାଗୁ କରାଯିବ। ଏହାଦ୍ୱାରା କେବଳ ତେଲ କମ୍ପାନୀଗୁଡ଼ିକୁ ଫାଇଦା ମିଳିବ। ଦୁଇବର୍ଷ ପୂର୍ବେ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ କେତେକ ସାମଗ୍ରୀ ଉପରେ ଟିକସ ଧାର୍ଯ୍ୟ କରିବାର ଅଧିକାର କେବଳ ରାଜ୍ୟ ସରକାରଙ୍କ ହାତରେ ଅର୍ପଣ କରାଯାଇଥିଲା। ବର୍ତ୍ତମାନ କେନ୍ଦ୍ର ସରକାର ପେଟ୍ରୋଲ ଉପରେ ଲିଟର ପ୍ରତି ୧୯.୪୮ ଟଙ୍କା ଏବଂ ଡିଜେଲ ଉପରେ ଲିଟର ପ୍ରତି ୧୫.୩୩ ଟଙ୍କା ଉତ୍ପାଦ ଟିକସ ଆଦାୟ କରୁଛନ୍ତି। ସେହିପରି ବିଭିନ୍ନ ରାଜ୍ୟରେ ତେଲ ଉପରେ ସ୍ୱତନ୍ତ୍ର ଭ୍ୟାଟ୍ ଆଦାୟ କରାଯାଏ।

## ୟେରୀ ମିନା ହିରୋର କଲମ୍ବିଆ ବ୍ରାଣ୍ଡ ଆମ୍ବାସାଡର

**ନୂଆଦିଲ୍ଲୀ,୧୮-୬**



ୟେରୀ ମିନା

ହିରୋ ମୋଟୋ କର୍ପ ପକ୍ଷରୁ କଲମ୍ବିଆ ବଜାର ଲାଗି ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ୨୪ ବର୍ଷ ବୟସ୍କ ଯୁବ ଫୁଟବଲ ଖେଳାଳି ୟେରୀ ମିନାଙ୍କୁ ନିଯୁକ୍ତ କରାଯାଇଛି। ସେ ଫିଫା ବିଶ୍ୱକପ୍ ରୁଷିଆରେ କଲମ୍ବିଆ ଜାତୀୟ ଫୁଟବଲ ଦଳ ଆଣ୍ଡିସ କ୍ଲବ ପକ୍ଷରୁ ଖେଳୁଥିଲେ। ଏହି ଅବସରରେ କମ୍ପାନୀର ଗ୍ଲୋବାଲ ବିଜନେସ ଷ୍ଟ୍ରାଟେଜି ମୁଖ୍ୟ ରଜତ ଭାର୍ଗଭ କହିଛନ୍ତି ଯେ, ହିରୋ ବର୍ତ୍ତମାନ ବିଶ୍ୱ ସ୍ତରୀୟ ବ୍ରାଣ୍ଡ ଭାବେ ନିଜର ଉପସ୍ଥିତି ଜାହିର କରିପାରିଛି। କଲମ୍ବିଆ ବଜାର କମ୍ପାନୀ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। କାରବାର ବୃଦ୍ଧି ନିମନ୍ତେ ୟେରୀ ମିନାଙ୍କୁ ନିଯୁକ୍ତ କରାଯାଇଥିବା ଭାର୍ଗବ ସୂଚନା ଦେଇଛନ୍ତି। ହିରୋ ମୋଟୋକର୍ପ ସହ ମିଳିତ ହୋଇ ବେଶ ଆନନ୍ଦିତ ବୋଲି ୟେରୀ ମିନା କହିଛନ୍ତି। ବିଶ୍ୱ ବଜାରରେ ନିଜର କାରବାର ବୃଦ୍ଧି ଲାଗି କମ୍ପାନୀ ପ୍ରୟାସ ଜାରି ରଖିଛି। ଭାରତର ପ୍ରଥମ ୨ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ଭାବେ ଏହା ୨୦୧୬ରେ ଲାଟିନ ଆମେରିକାର କାଉକା ପ୍ରଦେଶର ଭିଲା ରିକାଠାରେ ନିର୍ମାଣ ୟୁନିଟ ସ୍ଥାପନା କରିଥିଲା। ଏଠାରେ ୧,୦୦୦ ଲୋକ ନିଯୁକ୍ତି ସୁଯୋଗ ଲାଭ କରିଛନ୍ତି।

## ଫକ୍ସୱାଗନ ଆମିଓ କପ୍‌କୁ ଜାତୀୟ ମାନ୍ୟତା

**ପୁଣେ/ମୁମ୍ବାଇ,୧୮-୬**

ଫକ୍ସୱାଗନ ମୋଟରସ୍ପୋର୍ଟ ଇଣ୍ଡିଆର ପ୍ରିମିୟମ ମୋଟରସ୍ପୋର୍ଟ ଇଭେଣ୍ଟ 'ଆମିଓ କପ୍' ଦେଶର ଜାତୀୟ ଚାମ୍ପିୟନଶିପ ମାନ୍ୟତା ହାସଲ କରିଛି। ଫେଡେରେଶନ ଅଫ୍ ମୋଟରସ୍ପୋର୍ଟ କ୍ଲବ ଅଫ୍ ଇଣ୍ଡିଆ (ଏଫ୍ଏମ୍ଏସ୍‌ସିଆଇ) ପକ୍ଷରୁ ଏହି ମାନ୍ୟତା ମିଳିଛି। କମ୍ପାନୀର ଏହି ସିରିଜ ପୂର୍ବଭଳି ସମାନ ଫର୍ମାଟରେ ଚାଲିବାକୁ ଥିବା ବେଳେ ଜାତୀୟ ମାନ୍ୟତା ହାସଲ କରିଥିବାରୁ ଏହା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଫକ୍ସୱାଗନ ମୋଟରସ୍ପୋର୍ଟ ଇଣ୍ଡିଆ ୨୦୧୦ ଠାରୁ ଏହାର ୱାନ ମେକ୍ ସିରିଜକୁ ସଫଳତାର ସହ ଆୟୋଜନ କରୁଥିବା ବେଳେ ଗତ ୨ ବର୍ଷ ହେବ ଆମିଓ କପ୍ ପରିଚାଳନା କରିଛି। ଏଭଳି ମାନ୍ୟତା ହାସଲ କରି ଅତ୍ୟନ୍ତ ଖୁସି ବୋଲି ଫକ୍ସୱାଗନ ମୋଟର ସ୍ପୋର୍ଟ ଇଣ୍ଡିଆର ମୁଖ୍ୟ ଶିରିସ ଭିସା କହିଛନ୍ତି।



ଏଲ୍‌ଜି ପକ୍ଷରୁ ଏହାର ୱାର୍ଲଡ କପ୍ ଅଫର ଅନ୍ତର୍ଗତ ୱିନ ଏଭ୍ରି ଆୱାର ୱିଥ୍ ଏଲ୍‌ଜିରେ ସୁଦାମ ଚନ୍ଦ୍ର ଦାସ ଏଲ୍‌ଜି ପ୍ଲାଜା ରାଉରକେଲାରୁ ୩୨ ଇଞ୍ଚର ଏଲଇଡି କିଣି କମ୍ପାନୀର ଏଲ୍‌କେ ୭୨ବି ସାଉଣ୍ଡସିଷ୍ଟମ ଜିତିଛନ୍ତି।

## ନୂଆ ହୋଣ୍ଡା ଆମେଜ୍ ବିକ୍ରି ୧ ଲକ୍ଷ ୟୁନିଟ ଟପିଲା

**ଭୁବନେଶ୍ୱର,୧୮-୬**



ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ପ୍ରମୁଖ ଲୋକପ୍ରିୟ ମଡେଲ ଦ୍ୱିତୀୟ ପିଢିର ନୂଆ ଆମେଜ ବିକ୍ରି ୧ ଲକ୍ଷ ୟୁନିଟ ଟପିଛି। ୧୩ ମାସ ମଧ୍ୟରେ କମ୍ପାନୀ ଏହି ବିକ୍ରି ସଫଳତା ହାସଲ କରିଛି। ଏହା ୨୦୧୮ ମେ ମାସରେ ବଜାରକୁ ଆସିଥିଲା। କମ୍ପାନୀ ପକ୍ଷରୁ ଘରୋଇ ବଜାରକୁ ଆସିଥିବା ବିଭିନ୍ନ ମଡେଲ ମଧ୍ୟରେ ଆମେଜ ଦ୍ରୁତ ଭାବେ ୧ ଲକ୍ଷ ୟୁନିଟ ବିକ୍ରି ମାଇଲଷ୍ଟୋନ ହାସଲ କରିଥିବା ହୋଣ୍ଡା କାର୍‌ସ ପକ୍ଷରୁ ସୂଚନା ରହିଛି।

### ଆଣିଲା ସ୍ପେଶାଲ ଏସ୍ ଏଡିଶନ

ଏହି ସଫଳତାକୁ ପାଳନ କରିବା ଲାଗି କମ୍ପାନୀ ହୋଣ୍ଡା ଆମେଜ୍‌ର ସ୍ପେଶାଲ ଏସ୍ ଏଡିଶନ ବଜାରକୁ ଆଣିଛି। ଏହା ଉଭୟ ଡିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟରେ ଉପଲବ୍ଧ ହେବ। ରେଡିଆଣ୍ଟ ରେଡ୍, ଲୁନାର ସିଲଭର, ହ୍ୱାଇଟ ଅର୍କିଡ ପର୍ଲ ରଙ୍ଗରେ ଏହା ଆସୁଛି। ନୂଆ ମଡେଲର ଅନ୍ୟ ବୈଶିଷ୍ଟ୍ୟ ମଧ୍ୟରେ ଷ୍ଟାଇଲିଶ ବ୍ଲାକ ଆଲଏ ହ୍ୱିଲ, ସ୍ପୋର୍ଟି ବ୍ଲାକ ଟ୍ରଙ୍କ ସ୍ପଏଲର, ଏସ୍ ଏଡିଶନ ବ୍ରାଣ୍ଡିଂ, ଷ୍ଟାଇଲିସ ସିଟ୍ କଭର, ଫ୍ରଣ୍ଟ ରୁମ୍ ଲ୍ୟାମ୍ପ, ବ୍ଲାକ ଡୋର ଭିଜର ଏବଂ ଡୋର ଏଜ ଗାର୍ନିସ ସାମିଲ ରହିଛି। ହୋଣ୍ଡା ଉପରେ ଗ୍ରାହକଙ୍କ ବିଶ୍ୱାସ ଏବଂ ନିରନ୍ତର ସହଯୋଗ ଯୋଗୁ ବିକ୍ରି କ୍ଷେତ୍ରରେ ଏଭଳି ସଫଳତା ସହ ନୂଆ ମଡେଲ ଯାନ ବଜାରକୁ ଆଣିଛୁ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ରାଜେଶ ଗୋଏଲ କହିଛନ୍ତି। ମଡେଲଟିର ବଜାର ଦର ୭.୮୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ
## ୧୫ ହଜାର କୋଟି ଦାବି କଲେ ଚାଇନାର ବ୍ୟାଙ୍କ ସମୂହ

**ନୂଆଦିଲ୍ଲୀ,୧୮-୬**



ଋଣରେ ବୁଡି ରହିଥିବା ଅନିଲ ଅମ୍ବାନୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଚାଇନା ଡେଭଲପ୍‌ମେଣ୍ଟ ବ୍ୟାଙ୍କ, ଇଣ୍ଡଷ୍ଟ୍ରିଆଲ ବ୍ୟାଙ୍କ ଅଫ୍ ଚାଇନା ଓ ଏକ୍ସିମ ବ୍ୟାଙ୍କ ଅଫ୍ ଚାଇନା ସମେତ ଏକାଧିକ ଚାଇନାର ଋଣପ୍ରଦାନକାରୀ ଏବେ ଅନିଲ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ଠାରୁ ପ୍ରାୟ ୨.୧ ବିଲିୟନ ଡଲାର( ପ୍ରାୟ ୧୫ ହଜାର କୋଟି ଟଙ୍କା) ବକେୟା ଦାବି କରିଛନ୍ତି। କମ୍ପାନୀ ବିରୋଧରେ ଗତବର୍ଷରୁ ବ୍ୟାଙ୍କରପ୍ସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଆର୍‌କମ୍ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଚାଇନା ଡେଭଲପ୍‌ମେଣ୍ଟ ବ୍ୟାଙ୍କ ୯୮୬୦ କୋଟି ଟଙ୍କା ଆର୍‌କମ୍‌କୁ ଋଣ ଦେଇଥିଲା। ସେହିପରି ଏକ୍ସିମ ବ୍ୟାଙ୍କ ଅଫ୍ ଚାଇନା ୩୩୬୦ କୋଟି ଟଙ୍କା ଏବଂ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନା ୧୫୫୪ କୋଟି ଟଙ୍କା ବକେୟା ଋଣ ବାବଦରେ ଦାବି କରିଛି। ଆର୍‌କମ୍ ପକ୍ଷରୁ ସୋମବାର ଏହାର ଫାଇନାନ୍ସିଆଲ କ୍ରେଡିଟରଙ୍କ ତାଲିକା ଜାରି କରାଯାଇଛି। ତଦନୁଯାୟୀ, କମ୍ପାନୀ ଉପରେ ଏବେ ୫୭,୩୮୨ କୋଟି ଟଙ୍କାର ବକେୟା ରହିଛି। ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଵିଟିଭି କ୍ୟାପିଟ୍ ଅଫ୍ ରସିଆ ମଧ୍ୟ ଏହି ତାଲିକାରେ ରହିଛି। ଏହା ୫୧୧ କୋଟି ଟଙ୍କା ଦାବି କରିଛି। ଏହାବ୍ୟତୀତ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ(ଲଣ୍ଡନ), ଡାଏଚେ ବ୍ୟାଙ୍କ(ହଂକଂ), ଡିବିଏସ୍ ବ୍ୟାଙ୍କ ଏବଂ ଏମିରେଟ୍ସ ଏନ୍‌ବିଡି ବ୍ୟାଙ୍କ ଭଳି ବିଦେଶୀ ଆର୍ଥିକ ସଂସ୍ଥା ଆର୍‌କମ୍ ଉପରେ ନିଜର ବକେୟା ଦାବି କରିଛି।

### ବିଲିୟନେୟାର କ୍ଲବ୍‌ରୁ ବାଦ୍ ପଡ଼ିଲେ

ଧିରୁଭାଇ ଅମ୍ବାନୀ ଗ୍ରୁପ୍‌ର ଚେୟାରମ୍ୟାନ ଅନିଲ ଅମ୍ବାନୀ ବିଲିୟନେୟାର କ୍ଲବ୍‌ରୁ ବାଦ୍ ପଡିଛନ୍ତି। ୨୦୦୮ରେ ସେ ବିଶ୍ୱରେ ୬ଷ୍ଠ ସର୍ବବୃହତ ଧନୀ ବ୍ୟକ୍ତି ଥିଲେ। ଦୀର୍ଘ ୧୧ ବର୍ଷ ଭିତରେ ଅନିଲଙ୍କ ସମ୍ପତ୍ତି ଦ୍ରୁତଗତିରେ ହ୍ରାସ ପାଇଚାଲିଛି। ସୋମବାର ବଜାର ବନ୍ଦ ହେବା ପରେ ଅନିଲ ଧିରୁଭାଇ ଅମ୍ବାନୀ ଗ୍ରୁପ୍‌ର ୬ କମ୍ପାନୀଙ୍କ ମୋଟ ବଜାର ପୁଞ୍ଜୀକରଣ ୬୧୯୬ କୋଟି ଟଙ୍କା ଥିଲା, ଯାହା ୪ ମାସ ପୂର୍ବେ ୮ ହଜାର କୋଟି ଟଙ୍କା ଥିଲା। ଫଳରେ ଅଧ୍ୟକ୍ଷ ଅନିଲଙ୍କ ସମ୍ପତ୍ତି ୧ ବିଲିୟନ ଡଲାର ହ୍ରାସ ପାଇଛି।

## ଜେଟ୍‌ର ଅବଶିଷ୍ଟ ୨ ନିର୍ଦ୍ଦେଶକଙ୍କ ଇସ୍ତଫା
### ଶେୟାର ୪୧% ହ୍ରାସ

**ନୂଆଦିଲ୍ଲୀ,୧୮-୬**

ଜେଟ୍ ଏୟାରୱେଜ୍‌ର ଅବଶିଷ୍ଟ ୨ ଜଣ ନିର୍ଦ୍ଦେଶକ ଅଶୋକ ଚାୱଲା ଓ ଶରଦ ଶର୍ମା କମ୍ପାନୀ ବୋର୍ଡରୁ ଇସ୍ତଫା ଦେଇଛନ୍ତି। ଇତିମଧ୍ୟରେ ମଙ୍ଗଳବାର ଷ୍ଟକ୍ ଏକ୍ସଚେଞ୍ଜରେ କମ୍ପାନୀ ଶେୟାର ୪୦.୭୦ ପ୍ରତିଶତ ହ୍ରାସ ପାଇ ୪୦.୫୦ ଟଙ୍କାରେ ବନ୍ଦ ହୋଇଛି। ଉଭୟ ଅଶୋକ ଓ ଶରଦ କମ୍ପାନୀରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଥିଲେ ବୋଲି ମଙ୍ଗଳବାର ଜେଟ୍ ଏୟାରୱେଜ୍ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦିଆଯାଇଛି। ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ ନିର୍ଦ୍ଦେଶକ୍ରମେ ଆସନ୍ତା ୨୮ରୁ ଜେଟ୍ ଶେୟାର କାରବାର ବନ୍ଦ ରହିବ। ଏହି କାରଣରୁ ନିବେଶକ ଏହି ଶେୟାର ବିକ୍ରି କରିବାକୁ ଶ୍ରେୟସ୍କର ମନେ କରୁଛନ୍ତି। ସୂଚନାଥାଉ କି, ଜେଟ୍‌ର ପୁନରୁଦ୍ଧାର ସମ୍ଭବ ନ ହେବାରୁ ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ ସମୂହ ମାମଲାର ସମାଧାନ ପାଇଁ ଏନ୍‌ସିଏଲ୍‌ଟିର ଦ୍ୱାରସ୍ଥ ହୋଇଛନ୍ତି। ବୁଧବାର ଏହାର ଶୁଣାଣି ହେବ।

## ଆଇଟି ରିଟର୍ନରେ ଏଲ୍‌ଟିସିଜି ଉଲ୍ଲେଖ ହେଲା ସରଳ

**ନୂଆଦିଲ୍ଲୀ,୧୮-୬**

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଆକଳନ ବର୍ଷ ୨୦୧୯-୨୦ ଲାଗି ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବା ବେଳେ ଇକ୍ୱିଟି ଆଧାରିତ ନିବେଶରୁ ପ୍ରାପ୍ତ ଲଙ୍ଗ ଟର୍ମ କ୍ୟାପିଟାଲ ଗେନ୍ସ(ଏଲ୍‌ଟିସିଜି)ର ତଥ୍ୟ ଦେବା ନିୟମକୁ ଆହୁରି ସରଳ କରିଛନ୍ତି। ଚଳିତ ମାସ ୧୪ରୁ ଏହା ଲାଗୁ ହୋଇଛି। ଏଣିକି ସମ୍ପୂର୍ଣ୍ଣ ଇକ୍ୱିଟି ରାଶି ନିବେଶ ଉପରେ ଏଲ୍‌ଟିସିଜି ତଥ୍ୟ ଦେବାକୁ ପଡିବ। ପୂର୍ବରୁ ଭିନ୍ନ ଭିନ୍ନ ଭିନ୍ନ ଇକ୍ୱିଟି ନିବେଶ ଉପରେ ଏଲ୍‌ଟିସିଜି ତଥ୍ୟ ଦେବାକୁ ପଡୁଥିଲା। ୨୦୧୮-୧୯ରେ ଇକ୍ୱିଟି ନିବେଶ ଉପରେ ୧ ଲକ୍ଷ ଟଙ୍କାରୁ ଅଧିକ ଏଲ୍‌ଟିସିଜି ହାସଲ ହୋଇଥିଲେ ଏହାଦ୍ୱାରା ଆଇଟିଆର୍ ଦାଖଲ କରିବା ସହଜ ହୋଇଯିବ। ଉଲ୍ଲେଖ କରାଯାଇପାରେ ଯେ, କେନ୍ଦ୍ର ସରକାର ୨୦୧୮ରେ ଫାଇନାନ୍ସ ବିଲ୍ ଜରିଆରେ ତାଲିକାଭୁକ୍ତ ଶେୟାର ଓ ଇକ୍ୱିଟି ଆଧାରିତ ମ୍ୟୁଚୁଆଲ ଫଣ୍ଡସରୁ ଏଲ୍‌ଟିସିଜି ଆଦାୟ କରିବାକୁ ଆରମ୍ଭ କରିଥିଲେ। ଗତବର୍ଷ ଠାରୁ ଶେୟାର ଓ ଇକ୍ୱିଟି ଆଧାରିତ ମ୍ୟୁଚୁଆଲ ଫଣ୍ଡରେ ୧୨ ମାସରୁ ଅଧିକ ସମୟ ଧରି ନିବେଶ କରିବା କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଅଧିକ ଏଲ୍‌ଟିସିଜି ମିଳୁଥିଲେ, ଏହା ଉପରେ ୧୦% ଟିକସ(ସରଚାର୍ଜ ଓ ସେସ୍ ଛାଡି) ଦେବାକୁ ହେବ।

# ବିଜୟ ସହ ଶୀର୍ଷରେ ଇଂଲଣ୍ଡ

ମାଞ୍ଚେଷ୍ଟର, ୧୮।୬(ପି.ଟି.)

ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ମଙ୍ଗଳବାର ଖେଳାଯାଇଥିବା ବିଶ୍ୱକପ୍‌ର ୨୪ତମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ବୃହତ୍ ୧୫୦ ରନରେ ପରାସ୍ତ କରିଛି। ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୩୯୭ ରନ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୮ ଉଇକେଟ ହରାଇ ୨୪୭ ରନରେ ସୀମିତ ରହି ଆତ୍ମସମର୍ପଣ କରିଛି। ଏଥିସହ ଇଂଲଣ୍ଡ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ହାସଲ କରି ଉନ୍ନତ ରନରେଟ୍ ଆଧାରରେ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ଅନ୍ୟପଟେ ଆଫଗାନିସ୍ତାନ ୫ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ନିମ୍ନରେ ରହିଛି।

୩୯୮ରନ ବିଜୟ ଲକ୍ଷ୍ୟର ପିଛା କରି ଆଫଗାନିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ତେବେ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଲଢ଼େଇ କରିଥିଲେ। ଦଳ ତରଫରୁ ହସମାତୁଲ୍ଲା ଶାହିଦି ୭୬, ରହମତ ଶାହ ୪୬, ଅସଘର ଆଫଗାନ ୪୪, ଅଧିନାୟକ ଗୁଲବଦିନ ନାଇବ ୩୭, ନାଜିବୁଲ୍ଲା ଜଦ୍ରାନ ୧୫ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜୋଫ୍ରା ଆର୍ଚର ଓ ଆଦିଲ ରସିଦ ୩ଟି ଲେଖାଏ, ମାର୍କ ଉଡ୍ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଆଫଗାନିସ୍ତାନ ଦୁର୍ବଳ ବୋଲିଂର ଭରପୂର ଫାଇଦା ଉଠାଇ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ବଡ଼ ସ୍କୋର ହାସଲ କରିଥିଲା। ଅଧିନାୟକ ଇଅନ୍ ମୋର୍ଗାନଙ୍କ ବ୍ୟାଟିଂ ଐତିହାସିକ ଥିଲା। ମାତ୍ର ୭୧ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ସର୍ବାଧିକ ରେକର୍ଡ ୧୭ ଛକା ସହ ୧୪୮ ରନର ବୃହତ୍ ଶତକୀୟ ପାଳି ଖେଳି ଘରୋଇ ଦର୍ଶକଙ୍କ ଜବରଦସ୍ତ ମନୋରଞ୍ଜନ କରିଥିଲେ। ମୋର୍ଗାନଙ୍କ ପାଇଁ ଏହା କ୍ୟାରିୟରର ଶ୍ରେଷ୍ଠ ଶତକ ତଥା ଇନିଂସ ସାବ୍ୟସ୍ତ ହୋଇଛି। ଏଥି ସହିତ ବିଶ୍ୱକପ୍ ଇତିହାସରେ ସେ ଚତୁର୍ଥ ଦ୍ରୁତତମ ଶତକ ଅର୍ଜନ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ୧୩ତମ ଦିନିକିଆ ଶତକ। ତେବେ ଇଂଲଣ୍ଡର ଆରମ୍ଭ ସେତେଟା ଭଲ ନ ଥିଲା। ପାଖାପାଖି ୧୦ ଓଭରରେ ୪୪ ରନ କରି ଇଂଲଣ୍ଡ ଓପନର ଜେମ୍ସ ଭିନ୍ସଙ୍କୁ ହରାଇ ପ୍ରଥମ ଉଇକେଟ ହରାଇଥିଲା। ଭିନ୍ସ ଦଲତ ଜଦ୍ରାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ଜନି ବେୟାରଷ୍ଟୋ ଓ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଜୋ ରୁଟ୍ ୧୨୧ ବଲରୁ ୧୨୦ ରନ ସଂଗ୍ରହ କରିଥିଲେ। ୯୯ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ମାରି ବେୟାରଷ୍ଟୋ ୯୦ ରନ କରି ଗୁଲବଦିନ ନାଇବଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ତୃତୀୟ ଉଇକେଟ ଯୋଡିରେ ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ଅଧିନାୟକ ମୋର୍ଗାନ ଓ ରୁଟ୍ ୧୦୨ଟି ବଲରୁ ରେକର୍ଡ ୧୮୯ ରନ ସଂଗ୍ରହ କରିଥିଲେ। ୮୨ଟି ବଲର ସମ୍ମୁଖୀନ ହୋଇ ରୁଟ୍ ୫ ଚୌକା ଓ ୧ ଛକା ସହ ୮୮ ରନ କରି ନାଇବଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଧୂଆଁଧାର ପାଳି ଖେଳି ମୋର୍ଗାନ ନାଇବଙ୍କ ତୃତୀୟ ଶିକାର ହୋଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ଓ ବେନ୍ ଷ୍ଟୋକ୍ସ ୨ ରନ ଲେଖାଏ କରିଥିବା ବେଳେ ଜଦ୍ରାନଙ୍କ ଦ୍ୱାର ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଶେଷରେ ମୋଇନ ଅଲି ଉଗ୍ର ରୂପ ଦେଖିବାକୁ ମିଳିଥିଲା। ସେ ମାତ୍ର ୯ଟି ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୪ଟି ଛକା ମାରି ୩୧ ରନ କରି ଅପରାଜିତ ରହିବା ସହ ଦଳର ସ୍କୋରକୁ ଚାରିଶହ ନିକଟରେ ପହଞ୍ଚାଇଥିଲେ। ଇନିଂସରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ମୋଟ ଉପରେ ୨୫ଟି ଛକା ମାରିଥିଲେ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ୫୦ ଓଭରରେ ୩୯୭/୬, (ମୋର୍ଗାନ- ୧୪୮, ବେୟାରଷ୍ଟୋ- ୯୦, ରୁଟ୍- ୮୮, ଭିନ୍ସ- ୨୬, ଜଦ୍ରାନ- ୩/୮୫, ନାଇବ- ୩/୬୮)।
- ଆଫଗାନିସ୍ତାନ ୫୦ ଓଭରରେ ୨୪୭/୮

(ସାହିଦି-୭୬, ରହମତ- ୪୬, ଅସଘର- ୪୪, ନାଇବ- ୩୭, ଆର୍ଚର- ୩/୫୨, ରସିଦ- ୩/୬୬, ଉଡ- ୨/୪୦ )।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଇଅନ୍ ମୋର୍ଗାନ।

### ରଶିଦ ସବୁଠୁ ମହଙ୍ଗା

ବୋଲିଂରେ ତାରକା ସ୍ପିନର ରଶିଦ୍ ଖାଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଆଫଗାନିସ୍ତାନର ଏହି ଟି୨୦ ସୁପରଷ୍ଟାର ମାତ୍ର ୯ ଓଭର ବୋଲିଂ କରି କୌଣସି ଉଇକେଟ ହାସଲ କରି ନ ଥିଲେ। ତେବେ ସେ ୧୧୦ ରନ ବ୍ୟୟ କରିଥିଲେ। ବିଶ୍ୱକପ୍ ଇତିହାସରେ ଏହା ସବୁଠାରୁ ଖରାପ୍ ବୋଲିଂ ସାବ୍ୟସ୍ତ ହୋଇଛି। ତାଙ୍କ ବଲରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ୧୧ଟି ଛକା ମାରିଛନ୍ତି। ରସିଦଙ୍କୁ ମୋର୍ଗାନ ନିର୍ଦ୍ଧୁମ ପ୍ରହାର କରିଥିଲେ। ରସିଦ ପୂର୍ବରୁ କୌଣସି ମ୍ୟାଚ୍‌ରେ ଦୁଇଟିରୁ ଅଧିକ ଛକା ଦେଇ ନ ଥିବା ବେଳେ ଏଥର କିନ୍ତୁ କଥା ଅଲଗା ହୋଇଥିଲା। ଏହା ପୂର୍ବରୁ ନ୍ୟୁଜିଲାଣ୍ଡର ମାର୍ଟିନ ସ୍ନେଡ୍ଡେନ ୧୯୮୩ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ୧୨ ଓଭର ବୋଲିଂ କରି କୌଣସି ଉଇକେଟ ହାସଲ ନ କରି ୧୦୫ ରନ ବ୍ୟୟ କରି ସବୁଠାରୁ ଖରାପ୍ ବୋଲିଂ କରିଥିଲେ। ସେତେବେଳେ ୬୦ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ରସିଦ ଏବେ ମାର୍ଟିନଙ୍କୁ ପଛରେ ପକାଇ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି। ଆଫଗାନିସ୍ତାନ ତରଫରୁ ନାଇବ ଓ ଜଦ୍ରାନ ୩ଟି ଲେଖାଏ ଉଇକେଟ ନେଇଥିଲେ।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଇଂଲଣ୍ଡ | ୫ | ୪ | ୧ | ୦ | ୦ | ୮ | +୧.୮୦୨ |
| ଅଷ୍ଟ୍ରେଲିଆ | ୫ | ୪ | ୧ | ୦ | ୦ | ୮ | +୦.୮୧୨ |
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ବାଂଲାଦେଶ | ୫ | ୨ | ୨ | ୦ | ୧ | ୫ | +୧.୩୩୯ |
| ଶ୍ରୀଲଙ୍କା | ୫ | ୧ | ୨ | ୦ | ୨ | ୪ | -୧.୭୭୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୫ | ୧ | ୩ | ୦ | ୧ | ୩ | -୦.୨୦୮ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |

# ‘ରାହୁଲଙ୍କ ସହ ତାଳମେଳ ରଖିବା ମୋ ପାଇଁ ଏକ ଚ୍ୟାଲେଞ୍ଜ’

ସାଉଥାମ୍ପଟନ,୧୮।୬(ପିଟି)

ରୋହିତ ଶର୍ମା ଓ ଶିଖର ଧାୱନ ବର୍ତ୍ତମାନ ଦିନିକିଆ କ୍ରିକେଟର ସଫଳତମ ଓପନିଂ ଯୋଡ଼ି। ଉଭୟଙ୍କ ମଧ୍ୟରେ ଥିବା ଉତ୍ତମ ବୁଝାମଣା ଏହାର କାରଣ। ଲୋକେଶ ରାହୁଲଙ୍କ ସହ ତାଳମେଳ ରଖି ଖେଳିବା ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି ଭାରତୀୟ ଦଳର ଉପଅଧିନାୟକ ରୋହିତ କହିଛନ୍ତି। ଧାୱନଙ୍କ ବାମ ବୃଦ୍ଧାଙ୍ଗୁଳିରେ ଆଘାତ ଲାଗିଛି। ଏଣୁ ତାଙ୍କ ବଦଳରେ ରାହୁଲଙ୍କ ସହ ରୋହିତଙ୍କୁ ଓପନିଂ ଭାର ସମ୍ଭାଳିବାକୁ ପଡୁଛି। ଏପରି କି ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରାହୁଲଙ୍କୁ ଷ୍ଟ୍ରାଇକ ନେବାକୁ ଅନୁମତି ଦେଇଥିଲେ ସିନିୟର ଓପନର। ମୋ ଭଳି ରାହୁଲ ମଧ୍ୟ ପାଳି ଆରମ୍ଭ କରିବାକୁ ଚାହାନ୍ତି। ସେ ପ୍ରଥମ ଥର ବିଶ୍ୱକପ୍‌ରେ ଓପନିଂ କରିବାକୁ ସୁଯୋଗ ପାଇଥିବାରୁ ମୁଁ ତାଙ୍କ ଉପରୁ ଚାପ ହଟାଇବା ଲାଗି ଏପରି କରିଥିଲି ବୋଲି ରୋହିତ କହିଛନ୍ତି। ଉଲ୍ଲେଖଥାଉ କି, ପାକିସ୍ତାନ ବିପକ୍ଷରେ ରୋହିତ-ରାହୁଲ ପ୍ରଥମ ଉଇକେଟ ପାଇଁ ୧୩୬ ରନ୍‌ର କରିଥିଲେ। ଏହି ଭାଗୀଦାରି ବେଳେ ପାକିସ୍ତାନ ଫିଲ୍ଡରଙ୍କୁ ଦୁଇ ଥର ରନ୍‌ଆଉଟ୍ ସୁଯୋଗ ଦେଇଥିଲା। ଏଣୁ ଚାମ୍ପିୟନ ଓପନର ବୁଝାମଣା ଚ୍ୟାଲେଞ୍ଜକୁ ଶୀଘ୍ର ଅତିକ୍ରମ କରିବାକୁ ଚାହୁଁଛନ୍ତି। ଆମ ମଧ୍ୟରେ ବୁଝାମଣା ଥିଲେ କଲ ନ କରି ମଧ୍ୟ ହିଁ ସିଙ୍ଗଲକୁ ଦୁଇ ରନ୍‌ରେ ପରିବର୍ତ୍ତନ କରିପାରିବୁ। ଏହା ଛୋଟିଆ କଥା। ହେଲେ ବହୁତ ଗୁରୁତ୍ୱପୂର୍ଣ୍ଣ। ବୁଝାମଣା ନ ରହିଲେ ଆମେ କୌଣସି ସମୟରେ ରନ୍ ଆଉଟ୍ ହୋଇପାରିବୁ।



ଲୋକେଶ ରାହୁଲ

# ନୀରବତା ଭାଙ୍ଗିଲେ ସୋଏବ ମଲିକ

ଲଣ୍ଡନ, ୧୮।୬

ଚଳିତ ବିଶ୍ୱକପ୍‌ରେ ଭାରତ ବିପକ୍ଷ ହାଇଭୋଲଟେଜ ମ୍ୟାଚ୍‌ରେ ପରାସ୍ତ ହେବାପରେ ପାକିସ୍ତାନ କ୍ରିକେଟରଙ୍କୁ ଏବେ ନିଜ ଦେଶରୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏପରିକି କେତେକ ପ୍ରଶଂସକ ସୋସିଆଲ ମିଡିଆରେ ଖରାପ ଭାଷା ପ୍ରୟୋଗ କରି ଖେଳାଳିଙ୍କୁ ଗାଳି କରିଥିବାର ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନର ବିଭିନ୍ନ ଗଣମାଧ୍ୟମ ମଧ୍ୟ ଖେଳାଳିଙ୍କୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଖେଳାଳିଙ୍କ ଫିଟ୍‌ନେସ ସମସ୍ୟା, ମ୍ୟାଚ୍ ପୂର୍ବଦିନ ପାର୍ଟି କରିବା ଆଦି ବିଷୟକୁ ନେଇ ଖେଳାଳିଙ୍କୁ ଗଣମାଧରେ ପ୍ରବଳ ଭର୍ତ୍ସନା କରାଯାଉଛି। ଭାରତ ବିପକ୍ଷ ମ୍ୟାଚ୍ ପୂର୍ବଦିନ ଦଳର ବରିଷ୍ଠ ଖେଳାଳି ସୋଏବ ମଲିକ ଓ ତାଙ୍କ ସ୍ତ୍ରୀ ସାନିଆ ମିର୍ଜାଙ୍କ ସମେତ କିଛି ସାଥୀ କ୍ରିକେଟର୍ ଶିଶା ବାର୍‌ରେ ପାର୍ଟି କରିବା ସହ ହୁକ୍କା ନେଇଥିବାର କିଛି ପାକିସ୍ତାନ ଗଣମାଧ୍ୟମ ଦାବି କରିଛନ୍ତି। ଯାହାକୁ ନେଇ ଶେଷରେ ଭେଟେରାନ ସୋଏବ ନିଜର ନୀରବତା ଭାଙ୍ଗିଛନ୍ତି। ସୋଏବ କହିଛନ୍ତି ଯେ, ବାର୍‌ରେ ପାର୍ଟି କରୁଥିବାର ଯେଉଁ ଭିଡିଓ ସୋସିଆଲ ମିଡିଆରେ ଘୂରିବୁଲୁଛି ଏହା ଜୁନ୍ ୧୫ ପରିବର୍ତ୍ତେ ଜୁନ୍ ୧୩ ତାରିଖର। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାକିସ୍ତାନ କ୍ରିକେଟର ସେବା କରିବା ପରେ ଦୁଃଖ ଲାଗୁଛି କି ମୋ ବ୍ୟକ୍ତିଗତ ଜୀବନ ବିଷୟରେ ମୋତେ ସ୍ପଷ୍ଟୀକରଣ ଦେବାକୁ ପଡୁଛି। ସେହିଭଳି କେବେ ଆମର କୋର୍ଟ ଦ୍ୱାରା ପାକିସ୍ତାନ ଗଣମାଧ୍ୟମକୁ ପ୍ରତିବନ୍ଧକ ଲଗାଯିବ ବୋଲି ସୋଏବ ପ୍ରଶ୍ନ କରିଛନ୍ତି। ସାନିଆ ମିର୍ଜାଙ୍କୁ ଏହା ମଧ୍ୟକୁ ନ ଟାଣିବା ପାଇଁ ଏହି ଭେଟେରାନ ଅଲ୍‌ରାଉଣ୍ଡର ପାକିସ୍ତାନ ଗଣମାଧ୍ୟମ ଓ ପ୍ରଶଂସକଙ୍କୁ ବିନୀତ ଅନୁରୋଧ କରିଛନ୍ତି। ‘ଆମମାନଙ୍କ ପରିବାରକୁ ସମ୍ମାନ ଜଣାନ୍ତୁ ଏବଂ ସେମାନଙ୍କୁ ଅଯଥା ଏହି ଚର୍ଚ୍ଚାକୁ ଟାଣିବା ଉଚିତ୍ ନୁହେଁ। ଏପରି କରିବା ଭଲ ନୁହେଁ’ ବୋଲି ମଲିକ ଟୁଇଟର୍‌ରେ ଉଲ୍ଲେଖ କରିଛନ୍ତି।



ସ୍ତ୍ରୀ ସାନିଆ ମିର୍ଜାଙ୍କ ସହ ସୋଏବ ମଲିକ।

## ଆଇସିସି ମହିଳା ବିଶ୍ୱକପ୍ ୨୦୨୧ ନ୍ୟୁଜିଲାଣ୍ଡରେ

**ଖ୍ରିଷ୍ଟଚର୍ଚ୍ଚ, ୧୮।୬ (ପି.ଟି.):** ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୧ ଜାନୁୟାରୀ ୩୦ରୁ ନ୍ୟୁଜିଲାଣ୍ଡରେ ଆରମ୍ଭ ହେବ। ସେମିଫାଇନାଲ ଏବଂ ଫାଇନାଲ ଏଥିରେ ମୋଟ ୩୧ ମ୍ୟାଚ ଖେଳାଯିବ। ନ୍ୟୁଜିଲାଣ୍ଡ ପୂର୍ବରୁ ଏକାକୀ ଅବା ମିଳିତ ଭାବେ ହେଉ ଏଭଳି ଇଭେଣ୍ଟ ଚତୁର୍ଥ ଥର ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଏହି ଦେଶ ୧୯୯୨ ଏବଂ ୨୦୧୫ରେ ପୁରୁଷ ବିଶ୍ୱ କପ୍ ଏବଂ ୨୦୦୦ରେ ମହିଳା ଇଭେଣ୍ଟ ସଫଳତାର ସହିତ ଆୟୋଜନ କରିସାରିଛି। ୫୦ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟ ଜାନୁୟାରୀ ୩୦ରୁ ଫେବୃୟାରୀ ୨୦ ପର୍ଯ୍ୟନ୍ତ ହେବ। ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ ଏକ ବିବୃତିରେ ଏହା ପ୍ରକାଶ କରାଯାଇଛି। ୨୦୨୧ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ହେଉଛି ଇଭେଣ୍ଟର ଦ୍ୱାଦଶ ସଂସ୍କରଣ। ଏଥିପାଇଁ ଆୟୋଜକ ହିସାବରେ ନ୍ୟୁଜିଲାଣ୍ଡ ଆପେ ଯୋଗ୍ୟତା ଅର୍ଜନ କରିଛି। ଏହିସମ୍ମାନଜନକ ଇଭେଣ୍ଟ ଲାଗି ଆଇସିସି ମହିଳା ଚାମ୍ପିୟନଶିପ୍ ଷ୍ଟାଣ୍ଡିଂର ଶ୍ରେଷ୍ଠ ୪ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଅବଶିଷ୍ଟ ୩ ଦଳକୁ କ୍ୱାଲିଫାୟର ଇଭେଣ୍ଟ ଜରିଆରେ ଯୋଗ୍ୟତା ହାସଲ ଅର୍ଜନ କରିବାକୁ ପଡ଼ିବ। କ୍ୱାଲିଫାୟର ଇଭେଣ୍ଟରେ ୨୦୧୯ରେ ଆଫ୍ରିକା, ଆମେରିକା, ଏସିଆ, ଇଷ୍ଟ ଏସିଆ ପ୍ୟାସିଫିକ୍ ଏବଂ ୟୁରୋପରେ ହେବାକୁଥିବା ଆଞ୍ଚଳିକ ଟୁର୍ନାମେଣ୍ଟର ବିଜେତା ବ୍ୟତୀତ ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଭାଗ ନେବେ। ବର୍ତ୍ତମାନ ପଏଣ୍ଟ ଟେବୁଲର ଶ୍ରେଷ୍ଠ ୪ ସ୍ଥାନରେ ରହିଥିବା ଦଳ ହେଲେ ଅଷ୍ଟ୍ରେଲିଆ (୨୨ପଏଣ୍ଟ), ଗତଥରର ଚାମ୍ପିୟନ ଇଂଲଣ୍ଡ(୨୨), ଭାରତ (୧୬) ଏବଂ ଦକ୍ଷିଣ ଆଫ୍ରିକା(୧୬)।

# ଗୋଟିଏ ଇନିଂସରେ ସର୍ବାଧିକ ଛକା

ଚଳିତ ଆଇସିସି ବିଶ୍ୱକପ୍‌ରେ ମଙ୍ଗଳବାର ଆଫଗାନିସ୍ତାନ ବିପକ୍ଷ ଏକ ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ଇଅନ୍ ମୋର୍ଗାନ ଏକାକୀ ୧୭ ଛକା ମାରିଛନ୍ତି। ଏଥିସହ ଦିନିକିଆ କ୍ରିକେଟର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ ଭାବେ ମୋର୍ଗାନ ବିଶ୍ୱ ରେକର୍ଡ କୀର୍ତ୍ତିମାନକୁ ନିଜ ନାମରେ ସ୍ଥାପନ କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଥିବା ୫ ବ୍ୟାଟ୍ସମ୍ୟାନଙ୍କ ଉପରେ ସଂକ୍ଷିପ୍ତ ବିବରଣୀ...

### ୧- ଇଅନ୍ ମୋର୍ଗାନ (୧୭ ଛକା)

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ମଙ୍ଗଳବାର ବିଶ୍ୱକପ୍ ଆୟୋଜକ ଦେଶ ଇଂଲଣ୍ଡ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବାମହାତୀ ବ୍ୟାଟ୍ସମ୍ୟାନ ଇଅନ ମେର୍ଗାନ ୧୭ ଛକା ମାରି ବିଶ୍ୱ ରେକର୍ଡ କରିଛନ୍ତି। ଅଧିନାୟକତ୍ୱ ଇନିଂସ ଖେଳି ମୋର୍ଗାନ ମାତ୍ର ୭୧ ବଲରୁ ୧୪୮ ରନ କରିବା ସହ ଦଳୀୟ ସ୍କୋରକୁ ୬ ଉଇକେଟ୍‌ରେ ୩୯୭ ରନରେ ପହଞ୍ଚାଇଥିଲେ। ଏହାମଧ୍ୟ ଏକଦିବସୀୟ କ୍ରିକେଟରେ ମୋର୍ଗାନଙ୍କ ଶ୍ରେଷ୍ଠ ଇନିଂସ। ଏଥିପୂର୍ବରୁ ଦିନିକିଆରେ ତାଙ୍କ ଶ୍ରେଷ୍ଠ ସ୍କୋର ୧୨୪* ରନ ରହିଥିଲା।

### ୨- ରୋହିତ୍ ଶର୍ମା (୧୬ ଛକା)

ମୋର୍ଗାନଙ୍କ ପୂର୍ବରୁ ଷ୍ଟାର୍ ଭାରତୀୟ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା ଏହି ରେକର୍ଡର ଅଧିକାରୀ ହୋଇଥିଲେ। ୨୦୧୩ରେ ବାଙ୍ଗାଲୋରରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ୭ମ ଏକଦିବସୀୟ ମ୍ୟାଚ୍‌ରେ ରୋହିତ୍ ଦ୍ୱିଶତକ ହାସଲ କରିବା ଅବସରରେ ୧୬ ଛକା ମାରିଥିଲେ। ଏହି ମ୍ୟାଚ୍‌ରେ ରୋହିତ୍ ୧୫୮ ବଲରୁ ୨୦୯ ରନର ଏକ ବିଧ୍ୱଂସୀ ଇନିଂସ ଖେଳିଥିଲେ। ଯେଉଁଥିରେ ୧୬ ଛକା ଓ ୧୨ ଚୌକା ସାମିଲ ରହିଥିଲା। ଦିନିକିଆ କ୍ରିକେଟ୍‌ରେ ରୋହିତ୍ ହାସଲ କରିଥିବା ୩ଟି ଦ୍ୱିଶତକ ମଧ୍ୟରୁ ଏହା ପ୍ରଥମ ଥିଲା। ଏହି ମ୍ୟାଚରେ ଭାରତ ୩୮୩/୬ ସ୍କୋର କରିଥିବାବେଳେ ଅଷ୍ଟ୍ରେଲିଆ ୫୭ ରନରେ ପରାସ୍ତ ହୋଇଥିଲା। ଅବଶ୍ୟ ରୋହିତ୍‌ଙ୍କ ପରେ ଏବି ଡି ଭିଲର୍ସ (୨୦୧୫ରେ) ଓ କ୍ରିସ ଗେଲ୍ (୨୦୧୫ରେ) ଦିନିକିଆରେ ଗୋଟିଏ ଇନିଂସରେ ୧୬ ଛକା ମାରି ରୋହିତ୍‌ଙ୍କ ସମକକ୍ଷ ହୋଇଥିଲେ।

### ୩- କ୍ରିସ୍ ଗେଲ୍ (୧୬ ଛକା)

ଆଇସିସି ବିଶ୍ୱକପ୍‌ର ୨୦୧୫ ସଂସ୍କରଣରେ ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିଲେ। ଦିନିକିଆ କ୍ରିକେଟ୍‌ରେ ମୋଟ୍ ଉପରେ ଏହା ୫ମ ଏବଂ ବିଶ୍ୱକପ୍‌ରେ ପ୍ରଥମ ଦ୍ୱିଶତକ ରହିଥିଲା। ଏହି ମ୍ୟାଚ୍‌ରେ ଗେଲ୍ ନିଜର ପ୍ରଥମ ଶତକ ଲାଗି ୧୦୫ ବଲ୍ ଖେଳିଥିବାବେଳେ ପରବର୍ତ୍ତୀ ଶତକ ଲାଗି ମାତ୍ର ୩୩ ବଲର ସହାୟତା ନେଇଥିଲେ। ଦିନିକିଆ କ୍ରିକେଟରେ ଏହା ମଧ୍ୟ ଦ୍ରୁତତମ ଦ୍ୱିଶତକ ହେବାର କୀର୍ତ୍ତିମାନ କରିଛି। ଏହି ଇନିଂସ ଅବସରରେ ଗେଲ୍ ୧୬ ଛକା ଓ ୧୦ ଚୌକା ମାରିଥିଲେ। ପୂର୍ବରୁ ଦ୍ରୁତତମ ଦ୍ୱିଶତକ ରେକର୍ଡ ବୀରେନ୍ଦ୍ର ସେହ୍ୱାଗ (୨୦୦ ରନ୍, ୧୪୦ ବଲ)ଙ୍କ ନାମରେ ରହିଥିଲା।

### ୪- ଏବି ଡି ଭିଲର୍ସ (୧୬ ଛକା)

ପ୍ରାକ୍ତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଏବି ଡି ଭିଲର୍ସ ୨୦୧୫ରେ ମଧ୍ୟ ଏକ ଦିନିକିଆ ମ୍ୟାଚ୍‌ରେ ୧୬ ଛକା ମାରିବାର କୀର୍ତ୍ତିମାନ କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ମ୍ୟାଚ୍‌ରେ ଡି ଭିଲର୍ସ ମାତ୍ର ୪୪ ବଲରୁ ୧୪୯ ରନର ଅବିଶ୍ୱସନୀୟ ଇନିଂସ ଖେଳିଥିଲେ। ଏହି କ୍ରମରେ ସେ ଅର୍ଦ୍ଧଶତକ ହାସଲ ପାଇଁ ୧୬ ବଲ୍ ଓ ଶତକ ହାସଲ ପାଇଁ ମାତ୍ର ୩୧ ବଲର ସହାୟତା ନେଇଥିଲେ। ଏହି ଇନିଂସ ସହ ଡି ଭିଲର୍ସଙ୍କ ନାମରେ ଏକଦିବସୀୟ କ୍ରିକେଟରେ ଦ୍ରୁତତମ ଶତକ ଲିପିବଦ୍ଧ ହୋଇଥିଲା। ଏବି ଏହି ଇନିଂସରେ ୧୬ ଛକା ଲଗାଇଥିଲେ।

### ୫- ଶେନ୍ ୱାଟ୍‌ସନ (୧୫ ଛକା)

ଏକଦିବସୀୟ କ୍ରିକେଟରେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଥିବା ଟପ୍-୫ ବ୍ୟାଟ୍ସମ୍ୟାନ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛନ୍ତି ଅଷ୍ଟ୍ରେଲିଆର ଶେନ୍ ୱାଟ୍‌ସନ। ୨୦୧୧ରେ ଢାକାରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ୨୨୯ ରନର ଟାର୍ଗେଟ୍ ଅଷ୍ଟ୍ରେଲିଆ ସମ୍ମୁଖରେ ରଖିଥିଲା। ଜବାବରେ ୨୬ ଓଭରରେ ମାତ୍ର ଗୋଟିଏ ଉଇକେଟ୍ ହରାଇ ସହଜ ବିଜୟ ଲାଭ କରିଥିଲା। ଓପନିଂ ଆସିଥିବା ୱାଟସନ ୯୬ ବଲରୁ ଅପରାଜିତ ୧୮୫ ରନର ଦ୍ରୁତ ଇନିଂସ ଖେଳି ଅଷ୍ଟ୍ରେଲିଆକୁ ଏକପାଖିଆ ବିଜୟୀ କରାଇଥିଲେ। ଏହି ଇନିଂସ ମଧ୍ୟରେ ସେ ୧୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ରିକି ପଣ୍ଟିଂ ୩୭ ରନ କରି ୱାଟ୍‌ସନଙ୍କ ସାଥ୍ ଦେଇଥିବାବେଳେ ବ୍ରାଡ୍ ହାଡିନ (୮ ରନ) ଆଉଟ୍ ହୋଇଥିଲେ।















ବିଶ୍ୱକପର୍ ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକରେ ଖରାପ ପ୍ରଦର୍ଶନ କଲେ ଆମକୁ ସ୍ୱଦେଶରେ ଖେଳପ୍ରେମୀଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିବ ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



ବାଂଲାଦେଶ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ମିଡଲ ଓଭରରେ ଦଳର ବିପର୍ଯ୍ୟୟକୁ ଏଡାଇବାକୁ ଯାଇ ମୁଁ ଧିମା ହାରରେ ରନ ସଂଗ୍ରହ କରିଥିଲି ।
–ସାଇ ହୋପ୍, ୱେଷ୍ଟଇଣ୍ଡିଜ ଉଇକେଟକିପର ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ୬ ରନ୍‌ରେ ଅଲ୍‌ଆଉଟ୍

**ନୂଆଦିଲ୍ଲୀ, ୧୮।୬ (ପି.ଟି.):** ଅନ୍ତର୍ଜାତୀୟ ମହିଳା ଟି୨୦ରେ ସର୍ବନିମ୍ନ ସ୍କୋର କରିଛି ମାଲି। କାଗାଲି ସିଟିରେ ଚାଲିଥିବା କ୍ୱିବୁକା ମହିଳା ଟୁର୍ନାମେଣ୍ଟରେ ରୁଆଣ୍ଡା ବିପକ୍ଷ ମ୍ୟାଚରେ ଏହି ଅଲୋଡା ରେକର୍ଡ ପ୍ରତିଷ୍ଠା ହୋଇଛି। ରୁଆଣ୍ଡା ଦଳ ମାତ୍ର ୪ ବଲ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚରେ ମାଲି ମାତ୍ର ୯ ଓଭର ଖେଳିପାରିଥିଲା। ଦଳର ଓପନର ମାରିମା ସାମାକେ ଏକ ରନ କରିଥିବା ବେଳେ ଅବଶିଷ୍ଟ ୫ ଅତିରିକ୍ତ ରନ ଥିଲା। ପୂର୍ବରୁ ସର୍ବନିମ୍ନ ସ୍କୋର ରେକର୍ଡ ଚାଇନା ନାମରେ ରହିଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟାଙ୍କକ୍‌ଠାରେ ୟୁଏଇ ବିପକ୍ଷ ଏକ ମହିଳା ଟି୨୦ ମ୍ୟାଚରେ ଚାଇନା ମୋଟ ୧୪ ରନ ସଂଗ୍ରହ କରିଥିଲା।

### ବିଦେଶରେ ଟି୨୦ ଖେଳିବେ ଯୁବରାଜ

**ନୂଆଦିଲ୍ଲୀ, ୧୮।୬ (ପି.ଟି.):** ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଯୁବରାଜ ସିଂ ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବାକୁ ଆଗ୍ରହୀ। ଏଥିଲାଗି ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଲିଖିତ ଅନୁମତି ଭିକ୍ଷା କରିଛନ୍ତି। ଗତ ସପ୍ତାହରେ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରର ପରିସମାପ୍ତି ଘଟାଇଥିବା ଯୁବରାଜ ବିଦେଶରେ ଲିଗ୍ ଖେଳି ସେଥିରୁ ମଜା ନେବାକୁ ଚାହାନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ, ଭାରତୀୟ ଏହି ଅଲରାଉଣ୍ଡର ଆଇପିଏଲରୁ ମଧ ଅବସର ନେଇସାରିଛନ୍ତି।

### ପ୍ରମୋଦ ଇରିଶ ପାରାବ୍ୟାଡ୍‌ମିଣ୍ଟନରେ ଭାଗନେବେ

**କଟକ ଅଫିସ,୧୮।୬:** ଆୟର୍ଲାଣ୍ଡର ଡବଲିନ ଠାରେ ଜୁନ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଇରିଶ ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ବିଶ୍ୱରୁ ୨୧୬ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଥିବାବେଳେ ଭାରତରୁ ଭାଗ ନେବେ ୨୧୬ଜଣ। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ପ୍ରତିଯୋଗିତାରେ ଭାଗନେବେ ପ୍ରମୋଦ ଭଗତ। ଗତ କାନାଡ଼ା ଅନ୍ତର୍ଜାତୀୟ ପାରାବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ପ୍ରମୋଦ ସିଙ୍ଗିଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ଓ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ।

### ଆନ୍ତଃ ରାଜ୍ୟ ଆଥଲେଟ୍ ମିଟ୍ ଲକ୍ଷ୍ନୌରେ

**ନୂଆଦିଲ୍ଲୀ, ୧୮।୬ (ପି.ଟି.):** ଅଗଷ୍ଟ ୨୭ରୁ ୩୦ ପର୍ଯ୍ୟନ୍ତ ଜାତୀୟ ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଏହା ଘୋଷଣା କରାଯାଇଛି। ଏହି ଇଭେଣ୍ଟ ଜୁଲାଇ ୧୪ରୁ ୧୭ ପର୍ଯ୍ୟନ୍ତ କୋଲକାତାରେ ହୋଇଥାନ୍ତା। ମାତ୍ର କୌଣସି କାରଣରୁ ପଶ୍ଚିମବଙ୍ଗ ଆଥଲେଟିକ୍ସ ଆସୋସିଏଶନ ଆୟୋଜନ ନେଇ ଅକ୍ଷମତା ପ୍ରକାଶ କରିଥିଲା। ଘଟଣାକ୍ରମେ ଉତ୍ତର ପ୍ରଦେଶ ଏହି ଚାମ୍ପିୟନଶିପ୍‌ର ଆୟୋଜନ ଲାଗି ନିଷ୍ପତ୍ତି ନେଇଥିଲା।

# ସେମିଫାଇନାଲରେ ଭାରତ

**ହିରୋଶିମା,୧୮।୬(ପିଟି)**

ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ସିରିଜ୍ ଫାଇନାଲ୍ସ ଟୁର୍ନାମେଣ୍ଟରେ ଭାରତୀୟ ଦଳ ବୃହତ୍ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ଗୁର୍‌ଜୀତ କୌରଙ୍କ ୪ ଗୋଲ ବଳରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୧୧–୦ ବ୍ୟବଧାନରେ ଫିଜିକୁ ହରାଇ ଦେଇଛି।

**ଏଫ୍‌ଆଇଏଚ୍ ମହିଳା ହକି ସିରିଜ ଫାଇନାଲ୍ସ**

ଗୁର୍‌ଜୀତଙ୍କ ୪ ଗୋଲ ମଧ୍ୟରେ ଏକ ହ୍ୟାଟ୍ରିକ (୧୫ତମ, ୧୯ତମ ଓ ୨୧ତମ ମିନିଟ୍) ସାମିଲ ରହିଛି। ଅନ୍ୟମାନଙ୍କ ମଧ୍ୟରେ ମୋନିକା ଡବଲ୍ସ ଗୋଲ ଦେଇଥିବାବେଳେ ଲାଲରେମ୍‌ସିଆମି, ଅଧିନାୟିକା ରାଣୀ ରାମ୍‌ପାଲ, ବନ୍ଦନା କାଟାରିଆ, ଲିଲିମା ମିଞ୍ଜ ଓ ନବନୀତ କୌର ଗୋଟିଏ କରି ଗୋଲ ସ୍କୋର କରିଥିଲେ। ବିଶ୍ୱର ୯ମ ମାନ୍ୟତାପ୍ରାପ୍ତ ଭାରତ ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିମ୍ନ ର୍‍ୟାଙ୍କଧାରୀ ଦଳ ଫିଜି ଉପରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ୬୦ ମିନିଟ ବିଶିଷ୍ଟ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ଦଳର ସ୍କୋରିଂ ଅଞ୍ଚଳରେ ୭୪ ଥର ପ୍ରବେଶ କରିଥିଲା। ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟ୍‌ରେ ଲାଲରେମ୍‌ସିଆମିଙ୍କ ଫିଲ୍ଡ ଗୋଲ ଜରିଆରେ ଦଳର ସ୍କୋରିଂ ଖାତା ଖୋଲିଥିଲେ। ଅଧିନାୟିକା ରାଣୀ ଦଳ ପାଇଁ ଦ୍ୱିତୀୟ ସଫଳତା ଆଣି ଦେଇଥିଲେ। ୧୦ମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ସେ ଗୋଲରେ ପରିଣତ କରିଥିଲେ। ଏହାର ପରବର୍ତ୍ତୀ ମିନିଟ୍‌ରେ ମୋନିକା (୧୧ତମ ମିନିଟ୍) ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୩–୦ ବୃଦ୍ଧି କରାଇଥିଲେ। ଫରୱାର୍ଡ ବନ୍ଦନା କାଟାରିୟା (୧୨ତମ) ଫିଲ୍ଡ ଗୋଲ ଦେଇଥିବାବେଳେ ଗୁର୍‌ଜୀତ (୧୪ତମ) ପେନାଲ୍ଟି କର୍ନର ଜରିଆରେ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୫–୦ ଗୋଲର ଅଗ୍ରଣୀ ହାସଲ କରି ନେଇଥିଲା। ଏହାପରେ ୧୯, ୨୧ ଓ ୨୨ତମ ମିନିଟ୍‌ରେ କ୍ରମାଗତ ୩ ଗୋଲ ଦେଇ ଗୁର୍‌ଜୀତ ବ୍ୟକ୍ତିଗତ ହ୍ୟାଟ୍ରିକ ପୂରଣ କରିଥିଲେ। ତୃତୀୟ କ୍ୱାର୍ଟର ତଥା ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମିଡ୍‌ଫିଲ୍ଡର ମୋନିକା (୩୩ତମ) ଦଳ ଲାଗି ୯ମ ଗୋଲ ଦେଇଥିଲେ। ଏହି ଧାରାରେ ୫୧ତମ ମିନିଟ୍‌ରେ ଗୋଲ ଦେଇ ଓଡ଼ିଆ ଖେଳାଳି ଲିଲିମା ନିଜକୁ ସାମିଲ ହୋଇଥିଲେ। ଏହାର ୬ମ ମିନିଟ୍ ପରେ ନବନୀତ ମ୍ୟାଚ୍‌ର ଅନ୍ତିମ ଗୋଲ ଦେଇଥିଲେ। ଭାରତୀୟ ଦଳ ଶନିବାର ତା'ର ସେମିଫାଇନାଲ ମ୍ୟାଚ୍ ଖେଳିବ।



ଭାରତ ପକ୍ଷରୁ ସର୍ବାଧିକ ୪ଟି ଗୋଲ୍ ଦେଇଥିବା ଗୁର୍‌ଜିତ୍ କୌର୍ (ବାମ)।

### ଏପିଏଲ୍ ଆୟୋଜନକୁ ଅଗ୍ରାହ୍ୟ କଲା ବିସିସିଆଇ

**ନୂଆଦିଲ୍ଲୀ, ୧୮।୬ (ପି.ଟି.):** ଭାରତରେ ଏହାର ଟି୨୦ ଲିଗ୍ (ଏପିଏଲ) ଆୟୋଜନ କରିବା ସୁଯୋଗ ଦେବା ଲାଗି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) କରିଥିବା ଅନୁରୋଧକୁ ବିସିସିଆଇ ଅଗ୍ରାହ୍ୟ କରିଦେଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି ଆଫଗାନିସ୍ତାନ କ୍ରିକେଟର ବିକାଶ କ୍ଷେତ୍ରରେ ସମସ୍ତ ପ୍ରକାର ସହଯୋଗ ପାଇଁ ବଦ୍ଧ ପରିକର। ଆମର ଯେହେତୁ ନିଜସ୍ୱ ଲିଗ୍ (ଆଇପିଏଲ) ରହିଛି। ଏସିବି ଭାରତରେ ଏହାର ଲିଗ୍ ଆୟୋଜନ ପାଇଁ ଅନୁରୋଧ କରିବା ଯଥାର୍ଥ ନୁହେଁ। ମୁମ୍ବାଇଠାରେ ଏସିବି ଅଫିସିଆଲମାନେ ବିସିସିଆଇ ସିଇଓ ରାହୁଲ ଜୋହରି ଏବଂ ଜିଏମ୍ କ୍ରିକେଟ ଅପରେଶନ୍ସ ସବା କରିମ୍‌ଙ୍କୁ ସେମାନଙ୍କ ଅନୁରୋଧ ଜଣାଇଥିଲେ। ଏସିବି ସିଇଓ ଆହୁରି ମଧ୍ୟ ଅସାଦୁଲ୍ଲା ଖାଁ ଡେରାଡୁନ୍ ଏବଂ ଗ୍ରେଟର ନଏଡା ପରେ ତୃତୀୟ ହୋମ୍ ଗ୍ରାଉଣ୍ଡ ପାଇଁ ନିବେଦନ କରିଥିଲେ। ବିସିସିଆଇ କହିଥିଲା ଏଥିରେ କୌଣସି ସମସ୍ୟା ନାହିଁ। ଭାରତରେ ଲକ୍ଷ୍ନୌକୁ ସେମାନେ ତୃତୀୟ ହୋମ୍ ଗ୍ରାଉଣ୍ଡ ରୂପେ ବ୍ୟବହାର କରିପାରିବେ।

## ଅରୁଣାଚଳପ୍ରଦେଶ–ଝାଡ଼ଖଣ୍ଡ ଫାଇନାଲରେ



ଅରୁଣାଚଳ ପ୍ରଦେଶ ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍।

**କଟକ ଅଫିସ,୧୮।୬**

ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶେନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପର ଫାଇନାଲ ଝାଡ଼ଖଣ୍ଡ ଓ ଅରୁଣାଚଳପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତା ୨୦ରେ ଏହି ଦୁଇ ଦଳ ଫାଇନାଲରେ ସାମ୍ନାସାମ୍ନି ହେବେ। ମଙ୍ଗଳବାର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ଝାଡ଼ଖଣ୍ଡ ବିହାରକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ୩–୩ ଗୋଲରେ ନିର୍ଦ୍ଧାରିତ ସମୟର ମ୍ୟାଚ୍ ଡ୍ର ହେବା ପରେ ଟାଇବ୍ରେକର ପଦ୍ଧତିରେ ଝାଡ଼ଖଣ୍ଡ ୪–୩ ଗୋଲରେ ବିହାରକୁ ପରାସ୍ତ କରିଛି। ଦ୍ୱିତୀୟ ସେମିଫାଇନାଲରେ ଅରୁଣାଚଳ ପ୍ରଦେଶ ୪–୦ ଗୋଲରେ ଗୁଜରାଟକୁ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଛି ।

## ପ୍ରତିଶୋଧ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା

**ବର୍ମିଂହାମ, ୧୮।୬ (ପି.ଟି.)**

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ବୁଧବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ଗତଥରର ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ନ୍ୟୁଜିଲାଣ୍ଡ ଅପେକ୍ଷା ଦକ୍ଷିଣ ଆଫ୍ରିକା ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ଦ୍ରୁତ ବୋଲର ଲୁନ୍‌ଗି ଏନ୍‌ଗିଡି ଦଳକୁ ଫେରିଥିବାରୁ ଦକ୍ଷିଣ ଆଫ୍ରିକା ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଗତ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଫଳରେ ଏଥର ଏହାର ପ୍ରତିଶୋଧ ନେବାକୁ ଫାଫ୍ ଡୁପ୍ଲେସିଙ୍କ ଦଳ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ବିଜୟୀ ହୋଇ ୨ ପଏଣ୍ଟ ହାସଲ କରିବା ସହ ୪ ନ୍ୟୁଜିଲାଣ୍ଡ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ହାସଲ କରିବାକୁ ଚେଷ୍ଟା କରିବ। ଏଥର ଦକ୍ଷିଣ ଆଫ୍ରିକା କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜୟ ବରଣ କରିବା ସହ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଚତୁର୍ଥ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ତେବେ ପଞ୍ଚମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ହରାଇ ପ୍ରଥମ ବିଜୟ ହାସଲ କରିଥିଲା। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୪ଟି ମ୍ୟାଚ୍ ଖେଳି ୩ଟିରେ ବିଜୟୀ ହୋଇଥିଲାତେବେ ଗୋଟିଏ ମ୍ୟାଚ୍ ବିନା ଫଳାଫଳ ସହ ଶେଷ ହୋଇଥିଲା। ଏପର୍ଯ୍ୟନ୍ତ ପରାଜୟ ବରଣ କରି ନ ଥିବା ଦକ୍ଷିଣ ଆଫ୍ରିକା ଆଉ ଏକ ବିଜୟ ସହ ଆଗକୁ ବଢ଼ିବାକୁ ପ୍ରୟାସ କରିବ।

ଇଞ୍ଜୁରି କାରଣରୁ ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଓ ଅନରିଚ ନୋର୍ଜ ଦଳରୁ ବାଦ ପଡିବା ପରେ ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗ ଦୁର୍ବଳ ହୋଇ ପଡିଛି। ଏନ୍‌ଗିଡି ପୂରା ଫିଟ୍ ହେବା ପରେ ଦକ୍ଷିଣ ଆଫ୍ରିକା ବିଜୟର ସ୍ୱାଦ ଚାଖିଥିଲା ଓ ଅଧିନାୟକ ଡୁପ୍ଲେସିଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏନ୍‌ଗିଡି ଦଳକୁ ଫେରିବା ପରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଏବେ ସବୁ ମ୍ୟାଚ୍‌କୁ ଜିତିବା ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି ବୋଲି ଆଫଗାନିସ୍ତାନ ମ୍ୟାଚ୍ ଜିତିବା ପରେ ଡୁପ୍ଲେସି କହିଛନ୍ତି। ସେମିଫାଇନାଲ ଆଶା ବଜାୟ ରଖିବାକୁ ହେଲେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ପ୍ରଭାବୀ ପ୍ରଦର୍ଶନ କରିବାକୁ ହେବ। ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ଉପରେ ସବୁ କିଛି ନିର୍ଭର କରୁଛି। ଏଜବାଷ୍ଟାନର ଏହି ଉଇକେଟରେ ସେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ଗତ ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ୪୦ ବର୍ଷୀୟ ତାହିର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦକ୍ଷିଣ ଆଫ୍ରିକା ବ୍ୟାଟିଂରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ବେଳେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ହାସିମ ଅମଲା ଓ କ୍ୱିଣ୍ଟନ ଡି କକ୍ ଭଲ ପ୍ରଦର୍ଶନ କରିଛନ୍ତି ଓ ଏହା ଦଳ ପାଇଁ ଏକ ଶୁଭ ଲକ୍ଷଣ। ଟେଷ୍ଟ ବୋଲ୍ଟଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡର କ୍ୱାଲିଟି ବୋଲିଂକୁ ସମ୍ମୁଖୀନ ହେବା ପାଇଁ ଦକ୍ଷିଣ ଆଫ୍ରିକା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ବ୍ୟାଟିଂରେ ବେଶ୍ ଶକ୍ତିଶାଳୀ ମନେହେଉଛି। ଅଧିନାୟକ କେନ୍ ୱିଲିୟମସନ ଦମ୍‌ଦାର ବ୍ୟାଟିଂ କରି ଦଳକୁ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ବିଜୟୀ କରାଇଥିଲେ। ସେହିପରି ଅଭିଜ୍ଞ ରସ ଟେଲର ମଧ ବିପୁଳ ସଂଖ୍ୟାରେ ରନ୍ ସଂଗ୍ରହ କରିଛନ୍ତି। ଦୁଇ ଓପନର କଲିନ ମୁନରୋ ଓ ମାର୍ଟିନ ଗୁପ୍ଟିଲ ଭଲ ଆରମ୍ଭକରିବେବୋଲିଆଶାକରାଯାଉଛି।



ନେଟ୍ସରେ ବୋଲିଂ କରୁଛନ୍ତି ଲୁନ୍‌ଗି ଏନ୍‌ଗିଡି।

**ଆଜିର ମ୍ୟାଚ୍**
**ନ୍ୟୁଜିଲାଣ୍ଡ**
ବନାମ
**ଦକ୍ଷିଣ ଆଫ୍ରିକା**
ସ୍ଥାନ ବର୍ମିଂହାମ୍
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ

**ଜ୍ୟାକ କାଲିସ୍**

ଦକ୍ଷିଣ ଆଫ୍ରିକା ଖେଳାଳିମାନଙ୍କୁ ଏବେ ଶ୍ରେଷ୍ଠ ପ୍ରଦର୍ଶନ କରିବାର ସମୟ ଉପନୀତ ହୋଇଛି। ୫ଟି ବିଶ୍ୱକପ୍‌ରେ ମୁଁ ଅଂଶଗ୍ରହଣ କରିଛି। ଦଳର ଜୁନିୟରଠାରୁ ସିନିୟର ଖେଳାଳିଙ୍କ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବାକୁ ପଡିବ ବୋଲି ଭଲ ଭାବେ ଜାଣିଛି। ଅଧିନାୟକଙ୍କ ସମେତ ଦଳର ସିନିୟର ଖେଳାଳିଙ୍କୁ ଅବଶ୍ୟ ଅଧିକ ଦାୟିତ୍ୱର ସହ ଖେଳିବା ସହ ଅନ୍ୟମାନଙ୍କୁ ଦିଗ୍‌ଦର୍ଶନ ଦେବାକୁ ପଡିବ ବୋଲି ଜାଣିଛି। ଅନ୍ତିମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିବା ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ଏବେ ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଶ୍ରୀଲଙ୍କାକୁ ହରାଇବା ଅପରିହାର୍ଯ୍ୟ ହୋଇ ପଡିଛି। ଅର୍ଥାତ ସେମିଫାଇନାଲରେ ପହଞ୍ଚିବାକୁ ହେଲେ ଦକ୍ଷିଣ ଆଫ୍ରିକାକୁ ଏବେ ତା'ର ବାକିଥିବା ସବୁ ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। କେବଳ ସେତିକ ନୁହଁ ନେଟ ରନ୍‌ରେଟ୍‌ରେ ମଧ ବୃଦ୍ଧି କରିବାକୁ ପଡିବ। ଏବେ କ'ଣ କରିବାକୁ ହେବ ତାହା ଦକ୍ଷିଣ ଆଫ୍ରିକା ଖେଳାଳିମାନେ ବେଶ୍ ଭଲ ଭାବେ ଜାଣିଥିବେ। ନିଜ ହାତରେ ନଜର ଭାଗ୍ୟ ରହିଛି ବୋଲି ଖେଳାଳିମାନେ ହୃଦୟଙ୍ଗମ କରିଥିବେ। ଫାଫ୍ ଡୁପ୍ଲେସି, କ୍ୱିଣ୍ଟନ ଡକକ୍, ହାସିମ ଅମଲା, କାଗିସୋ ରାବାଡ଼ା ଓ ଇମ୍ରାନ ତାହିରଙ୍କୁ ଏବେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଛଡ଼ା ଅନ୍ୟ କିଛି ରାସ୍ତା ନାହିଁ। ଜିତିବା ପାଇଁ ବା ଭଲ ପ୍ରଦର୍ଶନ କରିବା ପାଇଁ ଯେ ଅଧିକ ଚେଷ୍ଟା କରିବାକୁ ହେବ କିମ୍ବା ଗତାନୁଗତିକ ଧାରାଠାରୁ ଖେଳରେ ଅଧିକ ମନୋନିବେଶ କରିବାକୁ ହେବା ନେଇ କୌଣସି ପ୍ରଶ୍ନ ଉଠାଉ ନାହିଁ। କାରଣ ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳିମାନେ ସବୁ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସବୁକିଛି କରିଥାନ୍ତି। ଅତୀତରେ ଯେଉଁମାନେ ଭଲ ଖେଳିଛନ୍ତି ସେମାନେ ଏହାକୁ ଦୋହରାଇବାର ଆବଶ୍ୟକତାର ରହିଛି ବୋଲି ଆଶା କରୁଛି।

ଉଭୟ ପଡିଆ ଭିତରେ ଓ ବାହାରେ ହାସିମ ଅମଲାଙ୍କର ଏବେ ଖରାପ ସମୟ ଚାଲିଛି। ତେବେ ଆଗମୀ ମ୍ୟାଚ୍‌ଗୁଡ଼ିକରେ ସେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ ବୋଲି ଆଶା କରୁଛି। ଯଦିଓ ତାଙ୍କ କ୍ୟାରିୟର ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗତ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରିଥିଲେ। ତାଙ୍କ ପାଖରେ ଏବେ ବି କ୍ରିକେଟ ବାକି ରହିଛି ଓ ସେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟିତ ହେବେ ବୋଲି ଆଶା କରୁଛି।

ବିଶ୍ୱକପ୍ ଇତିହାସରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ରହିଛି। ୨୦୧୧ରେ ନ୍ୟୁଜିଲାଣ୍ଡଠାରୁ ଦକ୍ଷିଣ ଆଫ୍ରିକା କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲା। ସେହିପରି ୨୦୧୫ରେ ମଧ୍ୟ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ବଡ଼ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସବୁବେଳେ ଭଲ ପ୍ରଦର୍ଶନ କରିଥାଏ। ଦକ୍ଷିଣ ଆଫ୍ରିକାକୁ ହରାଇଲେ ନ୍ୟୁଜିଲାଣ୍ଡର ଗୋଟିଏ ଗୁଳିରେ ଦୁଇଟି ଶିକାର କରିବ। ଏହାହେଲେ ସେମିଫାଇନାଲରେ ପହଞ୍ଚିବା ପାଇଁ ନ୍ୟୁଜିଲାଣ୍ଡକୁ ଆଉ ଅଧିକ ଗୋଟିଏ ମାତ୍ର ବିଜୟର ଆବଶ୍ୟକତା ପଡିବ। କେବଳ ସେତିକି ନୁହଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡ କ୍ରମାଗତ ୩ଟି ବିଶ୍ୱକପ୍‌ରେ ପରାସ୍ତ କରି ବିରଳ ହ୍ୟାଟ୍ରିକ ଅର୍ଜନ କରିବ।

ଡୁପ୍ଲେସି ତଥା ଦକ୍ଷିଣ ଆଫ୍ରକା ପାଇଁ ଏବେ ଏନ୍‌ଗିଡି ଓ କ୍ରିସ୍ ମୋରିସ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ଏନ୍‌ଗିଡି ଏବେ ଫିଟ୍ ଘୋଷିତ ହୋଇଛନ୍ତି ଓ ସେ ଏହି ମ୍ୟାଚ୍‌ରେ ଖେଳିବା ନିଶ୍ଚିତ ମନେ ହେଉଛି। ସେ ସଅଳ ଉଇକେଟ ହାସଲ କରି ପ୍ରତିପକ୍ଷ ଦଳକୁ ପ୍ରାରମ୍ଭିକ ଝଟ୍‌କା ଦେଇଥାନ୍ତି। ସେହିପରି ମୋରିସ ବ୍ୟାଟ୍ ଓ ବଲ୍‌ରେ କମାଲ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ଶ୍ରେଷ୍ଠ ଦଳଗୁଡକ ମଧ୍ୟରୁ ଅନ୍ୟତମ ସାବ୍ୟସ୍ତ ହୋଇଛି। କେନ୍ ୱିଲିୟମସନ ମଧ୍ୟ ଦଳକୁ ଉଚ୍ଚକୋଟୀର ନେତୃତ୍ୱ ପ୍ରଦାନ କରିଛନ୍ତି। ନ୍ୟୁଜିଲାଣ୍ଡ ଦଳରେ ପ୍ରାୟ ସବୁ ଖେଳାଳି ମ୍ୟାଚ୍ ୱିନର ମନେ ହୁଅନ୍ତି। ବର୍ଷା ଏହି ମ୍ୟାଚ୍‌ରେ ବାଧା ସୃଷ୍ଟି କରିବ ନାହିଁ ବୋଲି ଆଶା କରୁଛି।

*(ଗେମ୍‌ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)*




## ପୂର୍ବତନ ୟୁଫା ମୁଖ୍ୟ ପ୍ଲାଟିନି ଗିରଫ

**ପ୍ୟାରିସ,୧୮।୬(ପିଟି)**

ପୂର୍ବତନ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ ମୁଖ୍ୟ ମାଇକେଲ ପ୍ଲାଟିନିଙ୍କୁ ଫ୍ରାନ୍ସ ପୋଲିସ ମଙ୍ଗଳବାର ଗିରଫ କରିବା ସହ କାତାରକୁ ଫିଫା ବିଶ୍ୱକପ୍ ଆୟୋଜନ ଅଧିକାର ପ୍ରଦାନ ପ୍ରସଙ୍ଗରେ ପଚରାଉଚରା କରିଛି। ପୂର୍ବତନ ଫ୍ରାନ୍ସ ଅଧିନାୟକଙ୍କୁ ପୋଲିସ ପ୍ୟାରିସର ନାନଟେରେଠାରୁ ପଚରାଉଚରା କରି ଆସୁଛି। ଏ ନେଇ ଫ୍ରେଞ୍ଚ ତଦନ୍ତକାରୀ ୱେବସାଇଟ୍ ତଥା ଲେ ମୋଣ୍ଡେ ଖବରକାଗଜ ପକ୍ଷରୁ ସୂଚନା ଦିଆଯାଇଛି। ପ୍ଲାଟିନି ୨୦୦୭ରେ ୟୁଫା ସଭାପତି ପଦରେ ନିର୍ବାଚିତ ହୋଇଥିଲେ। ୨୦୧୫ ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦରେ ଥିଲେ। ଏହାପରେ ତାଙ୍କୁ ଫିଫା ଏଥିକ୍ସ କମିଟି ୬ ବର୍ଷ ପାଇଁ ବାସନ୍ଦ କରିଥିଲା। ପରେ ବାସନ୍ଦାଦେଶ ସମୟ ୪ ବର୍ଷକୁ କମାଇ ଦିଆଯାଇଥିଲା। କିନ୍ତୁ ତଦନ୍ତକାରୀ ସଂସ୍ଥା କ୍ରୀଡ଼ାରେ ଦୁର୍ନୀତି ହଟାଇବା ଅଭିଯାନ ଜାରି ରଖିଛି। ୬୩ ବର୍ଷୀୟ ପ୍ରଶାସକଙ୍କୁ ଆଣ୍ଟି କରପ୍‌ଶନ କାର୍ଯ୍ୟାଳୟକୁ ନିଆଯାଇଛି। ଲାଞ୍ଚ ନେଇ ୨୦୨୨ ଫିଫା ବିଶ୍ୱକପ୍ ଆୟୋଜନ ଅଧିକାର କାତାରକୁ ପ୍ରଦାନ କରିଥିବା ପ୍ଲାଟିନିଙ୍କ ବିରୋଧରେ ଅଭିଯୋଗ ହୋଇଛି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜୁନ୍ ୧୯/୨୦୧୯ Bhubaneswar, Wednesday, June 19/2019

COMMERCIAL SPACE FOR SALE
CITY HEART,LAXMISAGAR,CUTTACK ROAD
21000 Sq/ft Available for Office, Banking, Hotel, Hospital and Institutions with Ample Parking Space
Please Contact: 8339929752
9338790505 , 9437311016

### ବେଣାପଞ୍ଜରୀ ଗାଁରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

# ୧୦ରୁ ଊର୍ଦ୍ଧ୍ୱ ବୋମାମାଡ଼, ୩ ଆହତ

ଜଟଣୀ,୧୮।୬(ଡି.ଏନ.ଏ.)

ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗାଁରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ଘଟି ୧୦ରୁ ଅଧିକ ବୋମାମାଡ ହୋଇଛି। ଏଥିରେ ଉଭୟଗୋଷ୍ଠୀର ୩ ଜଣ ଆହତ ହୋଇଛନ୍ତି। ଆହତମାନେ ଜଟଣୀ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ପୂର୍ବ ବିବାଦକୁ ନେଇ ଏପରି ଘଟିଥିବା ପୋଲିସ କହିଛି। ବେଣାପଞ୍ଜରୀ ଗାଁରୁ ତରାବୋଇ ଲେବଲକ୍ରସିଂ ପର୍ଯ୍ୟନ୍ତ ଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଏହି ବୋମାମାଡ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟଗୋଷ୍ଠୀ ପରସ୍ପର ଉପରେ ଆକ୍ରମଣ ଓ ବୋମାମାଡ଼ କରିବା ପାଇଁ ଛକାପଞ୍ଝା ଚାଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚିବା ପରେ ବି ବୋମାମାଡ ବନ୍ଦ ହୋଇ ନ ଥିଲା। ଗୋଟିଏ ଗୋଷ୍ଠୀର ସଫିଉଦ୍ଦିନ ଖାନ୍ ଓ ଅନ୍ୟ ଗୋଷ୍ଠୀର ସଲାମ୍ ଖାନ୍ ଓ ବବ୍ଲୁ ଖାନ୍ ଆହତ ହୋଇଛନ୍ତି। ଦୁଇଗୋଷ୍ଠୀ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ମୁତୟନ ରହିବା ସହ ତୀକ୍ଷ୍ଣ ନଜର ରଖିଛି।

ADMISSION GUIDANCE FOR 2019-20
NIIS INSTITUTE OF INFORMATION SCIENCE & MANAGEMENT
Permitted by Govt. of Odisha & Affiliated to Utkal University
BBA
BCA
B.Sc. (ITM)
B.Sc. (Biotech)
B.Sc. (Comp.Sc.)
B.A.(Hons) (Economics, English ,Pol. Sc., Psychology & Sociology)
B.Sc.(Hons) (Physics, Chemistry, Maths, Zoology, Botany)
B.Com.(Hons) (Accounting & Management)
SPECIAL FEATURES
❖ Expert & Experienced Faculty members
❖ Flexible Fees Structure & Employebility Training
❖ E-Library with DELNET
❖ Scholarship for SC & ST Students
❖ Separate Furnished Hostel both Boys & Girls
For more details: SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : MBA, MCA, M.Com.(F&C), MPMIR, MSW & M.Sc. (Comp.Sc.)

# ୧୫ ଘରୋଇ ହସ୍ପିଟାଲରେ ଅଗ୍ନି ନିରାପତ୍ତା ଯାଞ୍ଚ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

- ସବୁଠି ବ୍ୟତିକ୍ରମ, ନାହିଁ ଆବଶ୍ୟକ ବ୍ୟବସ୍ଥା
- ସଚେତନ କଲେ, ପ୍ରଶିକ୍ଷଣ ଦେଲେ ଅଧିକାରୀ
- ଦିଆଯିବ ନୋଟିସ, ପରେ ହେବ କାର୍ଯ୍ୟାନୁଷ୍ଠାନ



କୋଚିଂ ସେଣ୍ଟର ପରେ ଏବେ ଘରୋଇ ହସ୍ପିଟାଲ ଉପରେ ଅଗ୍ନିଶମ ବିଭାଗର ନଜର। ମଙ୍ଗଳବାର ବିଭାଗ ପକ୍ଷରୁ ରାଜଧାନୀରେ ଥିବା ୧୫ଟି ବଡ଼ ହସ୍ପିଟାଲରେ ଚଢ଼ାଉ କରାଯାଇ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଥିଲା। ଏହି ଚଢ଼ାଉରେ ଅଗ୍ନିଶମ ବିଭାଗର ୧୫ ଟିମ୍ ସାମିଲ ଥିଲାବେଳେ ୫ଜଣ ସିନିୟର ଅଫିସରଙ୍କ ନେତୃତ୍ୱରେ ହସ୍ପିଟାଲ ପରିସର, ୱାର୍ଡ, କ୍ୟାବିନ, ଓଟି ଆଦି ଯାଞ୍ଚ ହୋଇଥିଲା। ତେବେ ସବୁଠି ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଅଗ୍ନି ନିରାପତ୍ତା ନିୟମକୁ ଉଲ୍ଲଂଘନ କରାଯାଇଥିବାବେଳେ ବ୍ୟାପକ ଅବ୍ୟବସ୍ଥା ନଜରକୁ ଆସିଥିଲା। ବିଶେଷ କରି ହସ୍ପିଟାଲ ଚାରିପଟେ ଫାୟାର ଗାଡ଼ି ବୁଲି ପାରିବା ଭଳି ରାସ୍ତା ରଖିବାକୁ ନିୟମ ରହିଥିବାବେଳେ ଏକାଧିକ ହସ୍ପିଟାଲରେ ଏହି ସୁବିଧା ନାହିଁ। ସେହିଭଳି କେତେକ ହସ୍ପିଟାଲ ଛାତରେ ୨୦ ହଜାର ଲିଟର ପାଣି ରଖିବାର ବ୍ୟବସ୍ଥା ନ ଥିଲା। ଏକାଧିକ ସ୍ଥାନରେ ଅଦରକାରୀ କାଠ, ପ୍ଲାଷ୍ଟିକ ଓ କାଗଜ ଆଦି ଦହନଶୀଳ ସାମଗ୍ରୀ ଜମା ହୋଇ ରହିଥିଲା। ନିଆଁ ଲିଭାଇବା ପାଇଁ ହାତଗଣତି ଯନ୍ତ୍ରପାତି ଥିଲେ ମଧ୍ୟ ତାହା ଠିକ୍ ଭାବେ କାମ କରୁ ନ ଥିଲା। ଏପରିକି ଫାୟାର ଏକ୍ଷ୍ଟିଂଗୁଇସରର ବ୍ୟବହାର ମଧ୍ୟ କର୍ମଚାରୀମାନଙ୍କୁ ଜଣା ନ ଥିଲା। ଅନେକ ହସ୍ପିଟାଲ ବ୍ୟାଟେରୀ ରୁମ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ ରହିଥିବାବେଳେ ନିଆଁ ଲାଗିଲେ ବାହାରକୁ ତୁରନ୍ତ ଯିବାକୁ ଜରୁରୀ ଦ୍ୱାର ରଖାଯାଇନାହିଁ। ବହୁ ହସ୍ପିଟାଲରେ ସ୍ପ୍ରିଙ୍କ୍‌ଲର ଏବଂ ଆଲାର୍ମ ବ୍ୟବସ୍ଥା ପୂରା ଖରାପ। ଏପରିସ୍ଥିତିରେ ନିଆଁ ଲାଗିଲେ ତାହା ଖୁବ୍ କମ୍ ସମୟ ଭିତରେ ହସ୍ପିଟାଲକୁ ଧ୍ୱଂସ କରିବା ସହ ବହୁ ଜୀବନ ନେବା ଆଶଙ୍କା ରହିଛି। ଏ ପରିସ୍ଥିତି ଦେଖି ଅଗ୍ନିଶମ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିବା ସହ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ନିଆଁ ଲାଗିଲେ କିପରି ତତ୍‌କ୍ଷଣାତ୍ ଲିଭାଯାଇପାରିବ ସେଥିପାଇଁ ଏକ୍ଷ୍ଟିଂଗୁଇସର ବ୍ୟବହାର ଓ ଅନ୍ୟ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଅଗ୍ନିଶମ ଡିଜି ବି.କେ. ଶର୍ମା କହିଛନ୍ତି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ହସ୍ପିଟାଲଗୁଡ଼ିକୁ ନୋଟିସ ଦିଆଯିବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ତେବେ ଅଗ୍ନିଶମ ବିଭାଗର ଏଭଳି କାର୍ଯ୍ୟକୁ ଅନେକେ ପ୍ରହସନ ବୋଲି କହିଛନ୍ତି। ବିଗତ ଦିନରେ ସମ୍ ହସ୍ପିଟାଲ ଭଳି ବଡ଼ ବଡ଼ ଅଗ୍ନିକାଣ୍ଡ ଘଟିଛି। ଘଟଣା ପରେ ବିଭାଗ ପକ୍ଷରୁ କିଛିଦିନ ଏଭଳି ତତ୍ପରତା ପ୍ରକାଶ ପାଇଛି। ହେଲେ ସମୟକ୍ରମେ ପୁଣି ବିଭାଗୀୟ ଅଧିକାରୀମାନେ ଶୋଇଯାଇଥିବା ନଜିର ରହିଛି। ନିକଟରେ ଗୁଜରାଟ ସୁରଟ କୋଚିଂ ସେଣ୍ଟର ଅଗ୍ନିକାଣ୍ଡ ପରଠାରୁ ଓଡ଼ିଶାରେ ଏଭଳି ଚଢ଼ାଉ ଓ ନୋଟିସ ଦିଆଚାଲିଛି। ହେଲେ କୌଣସି ସ୍ଥାନରେ ପଦକ୍ଷେପ ନିଆଯାଉ ନ ଥିବାରୁ ପରବର୍ତ୍ତୀ ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟୁଛି। ତେଣୁ ଚଢ଼ାଉ ଓ ପଦକ୍ଷେପକୁ ନିୟମିତ କରିବା ଜରୁରୀ ହୋଇପଡ଼ିଛି।

### ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ

# ପ୍ରାଣୀସମ୍ପଦର ବିକାଶ କ୍ଷେତ୍ରରେ ସରକାର ଅଙ୍ଗୀକାରବଦ୍ଧ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

- ଚାଷକାର୍ଯ୍ୟ, ଜୈବିକ ଖତ ନିମନ୍ତେ ଚାଷୀ ପ୍ରାଣୀ ପାଳନ କରେ
- ୧୬ ବର୍ଷରେ ଚାଷୀ ପରିବାରର ମାସିକ ଆୟ ୬୬୬୯ ଟଙ୍କା ବୃଦ୍ଧି
- ରାଜ୍ୟରେ କାର୍ଯ୍ୟ କରୁଛି ୩୨୩୯ ପ୍ରାଣୀସମ୍ପଦ ସହାୟତା କେନ୍ଦ୍ର

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅଧୀନରେ ଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କ ସମ୍ମିଳନୀ ମଙ୍ଗଳବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ସରକାର ସବୁବେଳେ କୃଷି ଓ କୃଷକଙ୍କର ଉନ୍ନତି ପ୍ରତି ଗୁରୁତ୍ୱାରୋପ କରି ଆସୁଥିବା ବେଳେ ପ୍ରାଣୀସମ୍ପଦର ବିକାଶ କ୍ଷେତ୍ରରେ ମଧ୍ୟ ଅଙ୍ଗୀକାରବଦ୍ଧ। ଯେହେତୁ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ପ୍ରାଣୀ ପାଳନ ଓ ଏହାର ଉନ୍ନତି ଗୁରୁତ୍ୱପୂର୍ଣ୍ଣ। ଚାଷକାର୍ଯ୍ୟ ଓ ଜୈବିକ ଖତ ନିମନ୍ତେ ଚାଷୀଟିଏ ପ୍ରାଣୀ ପାଳନ ଉପରେ ନିର୍ଭର କରୁଥିବା ବେଳେ ଚାଷରୁ ନିର୍ଗତ ବର୍ଜ୍ୟ ଉକ୍ତ କାମରେ ଲାଗିଥାଏ। 'କାଳିଆ' ଭଳି ଜନକଲ୍ୟାଣକାରୀ ଯୋଜନା ପ୍ରାଣୀ ପାଳକଙ୍କୁ ଜୀବିକା ପ୍ରଦାନ କରିବା ସହ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିଛି। ଛେଳି ଓ କୁକୁଡ଼ା ପାଳନ କରି ଗ୍ରାମାଞ୍ଚଳର ଭୂମିହୀନ ପରିବାର ନିଜର ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

୨୦୦୨-୦୩ ମସିହାରେ ଗୋଟିଏ ଚାଷୀ ପରିବାର ହାରାହାରି ମାସିକ ୧୦୬୨ଟଙ୍କା ଆୟ କରୁଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୭୭୩୧ଟଙ୍କାରେ ପହଞ୍ଚିଛି। ୧୬ ବର୍ଷରେ ଚାଷୀ ପରିବାରର ମାସିକ ଆୟ ୬୬୬୯ଟଙ୍କା ବୃଦ୍ଧି ପାଇଛି। ଏହି ହାରାହାରି ବୃଦ୍ଧି ଜାତୀୟ ହାରଠାରୁ ମଧ୍ୟ ଅଧିକ। ରାଜ୍ୟରେ ପ୍ରାଣୀ ପାଳନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ସରକାର ନୀତିନିୟମ ପ୍ରଣୟନ କରିଦେବେ, କିନ୍ତୁ ତା'ର କାର୍ଯ୍ୟକାରିତା ଅଧିକାରୀମାନଙ୍କ ଉପରେ ନ୍ୟସ୍ତ। ତେଣୁ ମନ୍ତ୍ରୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିସ୍ୱାର୍ଥପର ଭାବେ କଠୋର ପରିଶ୍ରମ କରିବାକୁ ଆହ୍ୱାନ ଜଣାଇଥିଲେ। ଏହାଦ୍ୱାରା ପ୍ରାଣୀ ପାଳକଟିଏ ତା'ର ରୋଜଗାର ବୃଦ୍ଧି କରିପାରିବ ଓ ରାଜ୍ୟର ବିକାଶରେ ସହାୟକ ହେବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାଗୀୟ ଶାସନ ସଚିବ ବିଶାଳ ଗଗନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ୧୯ତମ ପଶୁପକ୍ଷୀ ଗଣନା ଅନୁଯାୟୀ, ଆମ ରାଜ୍ୟରେ ୧,୧୬,୨୧,୨୭୨ ଗୋରୁଗାଈ, ୭,୨୬,୩୦୬ ମଇଁଷି, ୬୫,୧୩,୦୮୭ ଛେଳି, ୧୫,୮୧,୧୨୯ ମେଣ୍ଢା, ୨,୮୦,୩୧୬ ଘୁଷୁରି ଓ ୧,୯୮,୯୦,୫୩୮ କୁକୁଡ଼ା ଜାତୀୟ ପକ୍ଷୀ ଅଛନ୍ତି। ଉତ୍ପାଦନକୁ ବିଚାରକୁ ନେଲେ ରାଜ୍ୟରେ ୨୦୧୮-୧୯ ବର୍ଷରେ ୨୩୦୯ ହଜାର ମେଟ୍ରିକ୍ ଟନ୍ ଦୁଗ୍ଧ, ୧୯୫ ହଜାର ମେଟ୍ରିକ୍ ଟନ୍ ମାଂସ ଏବଂ ୨୩୩୬ ନିୟୁତ ଅଣ୍ଡା ଉତ୍ପାଦନ ହୋଇଥିଲା। ପ୍ରାଣୀ ପାଳକଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ରାଜ୍ୟରେ ୫୦୮ ପ୍ରାଣୀ ଚିକିତ୍ସାଳୟ, ୩୧୪ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ଓ ୩୨୩୯ ପ୍ରାଣୀସମ୍ପଦ ସହାୟତା କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଶାସନ ସଚିବ ଗଗନ ପ୍ରକାଶ କରିଥିଲେ।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. *Terms & conditions apply. +As per cumulative dispatch numbers as on September, 2018. This benefit is available for a limited period only. Taxes as applicable will be levied. **For more information contact your nearest Hero dealership.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଢା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟର ପ୍ରକୃତି ହେଲା ଅନ୍ୟ ବିଷୟରେ ଠିକ୍ କଥା କହିବ, ନିଜ ବେଳକୁ ଭୁଲ୍ କାମ କରୁଥିବା।
-ଏଜ୍‌ଗାର୍ଡ ଭାରେସେସ୍



## ସଂକ୍ଷେପରେ

### ରାସ୍ତା କାମ ଚାଲିଛି, ପିଚୁ ଉଠିଲାଣି

**ଖୋର୍ଦ୍ଧା ଅଫିସ,୧୮।୬:** ପିତାପଲ୍ଲୀଠାରୁ କୁମାରବସ୍ତ ଦେଇ ଗୁରୁଜଙ୍ଗ ୪କିମି ରାସ୍ତା ନିର୍ମାଣ ଚାଲିଛି। ତେବେ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ। ରାସ୍ତା ଉପରୁ ଏବେଠାରୁ ପିଚୁ ଉଠିଲାଣି। ଏଣୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦା ପିଚୁ କାର୍ଯ୍ୟ ନେଇ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କରୁଥିଲେହେଁ ଭଲ କାର୍ଯ୍ୟ କରାଯାଉ ନାହିଁ। ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେହେଁ ସୁଫଳ ମିଳିନାହିଁ। ଏହି ରାସ୍ତା ପାଇଁ ୧୨ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।

### ସ୍ୱପ୍ନେଶ୍ୱର ବାଳାଶ୍ରମ ପରିସରରେ ଚାରାରୋପଣ



**ସାଲେପୁର,୧୮।୬(ଡି.ଏନ.ଏ.):** ସାଲେପୁର ବ୍ଲକ ଅନ୍ତର୍ଗତ ଦ୍ୱୀପାଞ୍ଚଳର ରଟିଲୋ ପଞ୍ଚାୟତରେ ଥିବା ସ୍ୱପ୍ନେଶ୍ୱର ବାଳାଶ୍ରମ ପରିସରରେ ଚାରାରୋପଣ କରାଯାଇଛି। ବାଳାଶ୍ରମ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଓ ଅନ୍ତେବାସୀମାନେ ମିଳିତ ହୋଇ ଏହି ଚାରାରୋପଣ କରିଥିଲେ। ବାଳାଶ୍ରମ ପରିସରକୁ ସବୁଜ ସୁନ୍ଦର କରିବାପାଇଁ ଉଦ୍ୟମ ଆରମ୍ଭ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

### ପାଞ୍ଚଗାଁ ରଜ ମହୋତ୍ସବ ଉଦ୍‌ଯାପିତ

**ତିଗିରିଆ,୧୮।୬(ଡି.ଏନ.ଏ.):** ତିଗିରିଆ ବ୍ଲକ ସଦର ମହକୁମା ପାଞ୍ଚଗାଁ ବଣିଆସାହିସ୍ଥିତ ଜଗନ୍ନାଥ ଯୁଥ କ୍ଲବ ପକ୍ଷରୁ ଆୟୋଜିତ ପାଞ୍ଚଗାଁ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ସଭାରେ ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ମଞ୍ଚାସୀନ ଅତିଥିଙ୍କ ସାର ଗର୍ଭକ ଆଲୋଚନା ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ରଘୁନାଥ ଦାଶ, ମୁଖ୍ୟବକ୍ତା ଡ. ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ସଞ୍ଜୟ କୁମାର ମଲ୍ଲିକ, ବରୁଣ କୁମାର ବେହେରା, ସୁଜିତ ବାରିକ ଏବଂ ସମ୍ପାଦକ ଅର୍ଜୁନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ସଭାପତି ବାଳକୃଷ୍ଣ ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଚଳିତ ବର୍ଷ ଆୟୋଜକ ଅନୁଷ୍ଠାନ ପକ୍ଷରୁ ମୁଖ୍ୟବକ୍ତା ଡ. ମହାନ୍ତି ଏବଂ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠର ଦଶମ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶସ୍ମିତା ବେହେରା ଓ ଇତିସ୍ମିତା ମଲ୍ଲିକଙ୍କୁ ଅକ୍ଷୟ ମଲ୍ଲିକ ଶିକ୍ଷାଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଲୋକ ପଣ୍ଡାଙ୍କ ସଂଯୋଜନାରେ ଧୁମ୍ ଡ୍ରାନ୍ସ ଗ୍ରୁପକୁ ନେଇ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ନିଖିଳ ଉତ୍କଳ ବୈଦିକ ପରିଷଦ ବୈଠକ

**ଭୁବନେଶ୍ୱର, ୧୮।୬(ବ୍ୟୁରୋ):** ନିଖିଳ ଉତ୍କଳ ବୈଦିକ ପରିଷଦ ପକ୍ଷରୁ ମଙ୍ଗଳବାର ମେଣ୍ଢାଶାଳ ସ୍ଥିତ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପରିଷଦର ୧୦ମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଭିନ୍ନ ଅଞ୍ଚଳରୁ ବିଦ୍ୱାନ ବ୍ରାହ୍ମଣଙ୍କ ସମାଗମ ହୋଇଥିଲା। ଏହି ସଭାରେ ପ୍ରାୟ ୮୦ରୁ ଅଧିକ ବ୍ରାହ୍ମଣ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ବ୍ରାହ୍ମଣମାନଙ୍କ ମୌଳିକ ସମସ୍ୟା ଆଲୋଚନା କରାଯାଇଥିଲା ଏବଂ ତାହାର ସମାଧାନ କିପରି କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଭଞ୍ଜନ ମହାପାତ୍ର ଓ ବିଭୁ ପ୍ରସାଦ ଶତପଥୀଙ୍କ ପୌରୋହିତ୍ୟରେ ଓ ପ୍ରଭାକର ଭାଇନାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆଗକୁ ବଢିଥିଲା।

■ ଭୁବନେଶ୍ୱର ରେଳ ଷ୍ଟେଶନରେ ନିଶାଦିଆ ଲୁଟେରାଙ୍କ ଉତ୍ପାତ

# ୪ ଯାତ୍ରୀଙ୍କଠାରୁ ୩୦ ହଜାର ଲୁଟି ନେଲେ

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ମାଷ୍ଟର କ୍ୟାଣ୍ଟିନ ରେଲୱେ ଷ୍ଟେଶନରେ ମାତିଛନ୍ତି ନିଶାଦିଆ ଲୁଟେରା। ଜିଆରପି ଏବଂ ନିକଟ ଥାନା ପୋଲିସର ସମନ୍ୱୟ ଅଭାବ ଯୋଗୁ ଏହାର ଫାଇଦା ନେଉଛନ୍ତି ଲୁଟେରାମାନେ ନେଉଛନ୍ତି। ସେମାନେ ଭଦ୍ରଲୋକଙ୍କ ପୋଷାକ ପିନ୍ଧି ଷ୍ଟେଶନକୁ ଆସୁଥିବା ଯାତ୍ରୀଙ୍କୁ ନିଶା ଦେଇ ସର୍ବସ୍ୱ ଲୁଟି ନେଉଛନ୍ତି। ଏଭଳି ଘଟଣା ସୋମବାର ରାତିରେ ଘଟିଛି। ୪ଜଣ ଯାତ୍ରୀଙ୍କୁ ନିଶା ଦେଇ ୩୦ ହଜାର ଟଙ୍କା ଓ ମୋବାଇଲ୍ ଲୁଟପାଟ କରିଛନ୍ତି। ଲୁଟର ଶିକାର ହୋଇଥିବା ଯାତ୍ରୀ ହେଲେ ଢେଙ୍କାନାଳ କାଇପୁର ଗ୍ରାମର ଜଗନ ମଲିକ, ସଞ୍ଜୟ ସାହୁ, ରଞ୍ଜିତ ମଲିକ ଓ ମୟୂରଭଞ୍ଜର ରମେଶ ବେଉରା। ସକାଳୁ ସମସ୍ତ ଚେତାଶୂନ୍ୟ ଅବସ୍ଥାରେ ରାଜ ମହଲ ଓଭରବ୍ରିଜ୍ କଡରେ ପଡିଥିବାବେଳେ ପିସିଆର ଭ୍ୟାନ୍ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେମାଙ୍କର ଚେତା ଫେରିବା ପରେ ପରିବାର ଲୋକଙ୍କୁ ଡକାଯାଇ ହସ୍ତାନ୍ତର କରାଯାଇଛି।



ଲୁଟ୍‌ର ଶିକାର ହୋଇଥିବା ରେଳଯାତ୍ରୀ।

ପୋଲିସ ସୂଚନା ଅନୁଯାୟୀ, ଲୁଟର ଶିକାର ହୋଇଥିବା ୪ ଜଣ ଯାତ୍ରୀ ଚେନ୍ନାଇରେ ଶ୍ରମିକ ଭାବେ କାମ କରନ୍ତି। ସେମାନେ ପ୍ରଶାନ୍ତି ଏକ୍ସପ୍ରେକ୍ସରେ ଭୁବନେଶ୍ୱର ଫେରୁଥିଲେ। ସୋମବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚି ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ସହ ପରିଚିତ ହୋଇଥିଲେ। ସେ ମଧ ଢେଙ୍କାନାଳ ଯିବେ ବୋଲି କହିଥିଲେ। ଯିବା ପୂର୍ବରୁ ଚାଲ ଟିକେ ଥଣ୍ଡା ପିଇଦେବା କହି ନିକଟ ଦୋକାନରୁ ଥଣ୍ଡା କିଣି ସେମାନଙ୍କୁ ପିଇବାକୁ ଦେଇଥିଲେ। ୪ ଜଣ ଯୁବକ ଥଣ୍ଡା ପିଇବା ପରେ ଚେତାଶୂନ୍ୟ ହୋଇଯାଇଥିଲେ। ପରେ ଲୁଟେରା ସେମାନଙ୍କୁ ଏକ ଅଟୋରେ ବସାଇ ଲୁଟପାଟ କରିବା ପରେ ରାଜମହଲ ଓଭରବ୍ରିଜ୍ ତଳେ ଥିବା ଅନ୍ଧାରୁଆ ସ୍ଥାନରେ ଫିଙ୍ଗି ଚାଲି ଯାଇଥିଲେ। ସକାଳୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

ଲୁଟର ଶିକାର ହେଉଥିବା ଯାତ୍ରୀ ଏ ନେଇ କ୍ୟାପିଟାଲ କି ଜିଆରପି ଥାନାରେ କୌଣସି ଅଭିଯୋଗ କରୁନାହାନ୍ତି। ଫଳରେ ପୋଲିସି ହାତବାନ୍ଧି ବସୁଛି। ଲୁଟର ଶିକାର ହୋଇଥିବା ପରିବାର ପୋଲିସ ଚକ୍କରରେ ପଡି ବାରମ୍ବାର ଭୁବନେଶ୍ୱର ଆସି କେସ୍ କଥା ବୁଝିବାକୁ ସମୟ ନ ଥିବା କହି ଅଭିଯୋଗ ନ କରି ଚାଲି ଯାଉଛନ୍ତି। ଫଳରେ ଲୁଟେରାମାନେ ଷ୍ଟେଶନ ଏବଂ ବସ୍ ଷ୍ଟାଣ୍ଡକୁ ଲୁଟର ସ୍ୱର୍ଗ ମାନି ନେଇଛନ୍ତି। ଏହି ର୍‌ୟାକେଟ ପଛରେ ଅଟୋ ଡ୍ରାଇଭର ଏବଂ ମେଡିସିନ୍ ଦୋକାନୀ ସାମିଲ ରହିଛନ୍ତି। ପୋଲିସ ଏସବୁ ଜାଣିଥିଲେ ମଧ କଣ ପାଇଁ ଚୁପ ରହୁଛି ସେନେଇ ଅନେକଙ୍କୁ ଚକିତ କରିଛି।

## ମକ୍‌ଡ୍ରିଲ ପାଇଁ ପ୍ରସ୍ତୁତି ବୈଠକ

**ତିଗିରିଆ,୧୮।୬(ଡି.ଏନ.ଏ.)**

ବୁଧବାର ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯିବ। ଏହି ଅବସରରେ ସମସ୍ତ ବିପର୍ଯ୍ୟୟ ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସାମଲ ଏବଂ ମୁଖ୍ୟ କିରାଣି ଗୋକୁଳାନନ୍ଦ ବେହେରାଙ୍କ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବ୍ଲକର ଗଦାଧରପୁର, ହାତମାଳ ଓ ବଉଳାଙ୍ଗ ଏହିପରି ୩ଟି ବାତ୍ୟା ବନ୍ୟା ବହୁମୁଖୀ ବିପର୍ଯ୍ୟୟ ଆଶ୍ରୟସ୍ଥଳର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ତିଗିରିଆ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ଉଦ୍ଧାର, ସୁରକ୍ଷା, ଥଇଥାନ ଏବଂ ସ୍ୱାସ୍ଥ୍ୟଗତ ଅବନତିରେ ଆଶୁ ପ୍ରତିକାର ଆଦି ଦିଗରେ ମକ୍‌ଡ୍ରିଲ କରାଯିବ। ପ୍ରତି ବିପର୍ଯ୍ୟୟ କେନ୍ଦ୍ରରେ ୨ଜଣ ଲେଖାଏ ବ୍ଲକ କର୍ମଚାରୀ, ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟକ୍ରମ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ଆଶ୍ରୟସ୍ଥଳ ସଭାପତି ଓ ସମ୍ପାଦକମାନେ ମକ୍‌ଡ୍ରିଲ ସମୟରେ ଉପସ୍ଥିତ ରହିବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ମକ୍‌ଡ୍ରିଲରେ କିଭଳିଭାବେ ଆଶ୍ରୟସ୍ଥଳ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହିତ ସ୍କୁଲ ପିଲା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବଗୋଷ୍ଠୀ, ସ୍କାଉଟ୍‌ଗାଇଡ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବେ ସେନେଇ ଆଲୋଚନା କରାଯାଇଥିଲା।

## ଅଙ୍ଗନୱାଡି କେନ୍ଦ୍ରରୁ ଛତୁଆ ପ୍ୟାକେଟ ନେଉଥିବା ଯୁବକ ଅଟକ

**ସାଲେପୁର,୧୮।୬(ଡି.ଏନ.ଏ.)**

ସାଲେପୁର ବ୍ଲକ ନଈଗୁଆଁ ପଞ୍ଚାୟତରେ ଥିବା ୧ନଂ ଅଙ୍ଗନୱାଡି କେନ୍ଦ୍ରରୁ ସୋମବାର ରାତିରେ ଜଣେ ଯୁବକ ପିଲାଙ୍କ ଛତୁଆ ପ୍ୟାକେଟ୍ ଓ ବାଦାମ ପକୋଡ଼ା ପ୍ୟାକେଟ୍ ନେଇ ପଳାଉଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଛନ୍ତି। ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ସିଡିପିଓ ସୁଷମା ମହାପାତ୍ର କହିଛନ୍ତି, ଘଟଣା ସମ୍ପର୍କରେ ଆମ ପକ୍ଷରୁ ତଦନ୍ତ ଚାଲିଛି। ଖବର ଲେଖାହେବାବେଳକୁ ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳି ନ ଥିଲା।

# ତୁଳସୀ ମହୋତ୍ସବ ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ ଅତିଥିଙ୍କଠାରୁ ପୁରସ୍କାର ନେଉଛନ୍ତି।

**ବାଙ୍କୀ,୧୮।୬(ବି.ପ୍ର)**

ସ୍ଥାନୀୟ ତୁଳସୀପୁର ଗ୍ରାମରେ ରଜ ଉପଲକ୍ଷେ ଆୟୋଜିତ ହୋଇଥିବା ତୁଳସୀ ମହୋତ୍ସବ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ତୁଳସୀପୁର ବିକାଶ ପ୍ରତିଷ୍ଠାନ ସୌଜନ୍ୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନ ସଭାପତି ଭଜକିଶୋର ରାଉତ ଅଧ୍ୟକ୍ଷତା କରିଥିଲେ। ସାମାଜିକକର୍ମୀ ନାରାୟଣ ଜେନା ସଭା ସଞ୍ଚାଳନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରବକ୍ତା ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଜଗନ୍ନାଥ ସଂସ୍କୃତି ଗବେଷକ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, କବି ଭୀମସେନ ନାୟକ, ବୁଣାକାର ସଂଘ ସମ୍ପାଦକ ରାଜକିଶୋର ରାଉତ, ସମିତିସଭ୍ୟ ଦାମୋଦର ସାହୁ, ଶିକ୍ଷାବିତ୍ ମାଗୁଣୀ ସାହୁ, ଉଦୟନାଥ ସ୍ୱାଇଁ, ପଣ୍ଡିତ ବିରେଣ ନାୟକ ଓ ସାମାଜିକ କର୍ମୀ ଅମ୍ବିକା ଦେବତା ପ୍ରମୁଖ ଯୋଗଦେଇ ତୁଳସୀ ମହୋତ୍ସବ ଏକ ଚେତନା ଓ ଆଞ୍ଚଳିକ କଳା, ସାହିତ୍ୟ, ସଂସ୍କୃତି ପରମ୍ପରାକୁ ରଜ ପର୍ବ ସହିତ ବଞ୍ଚାଇବାର ଏକ ଶ୍ରେଷ୍ଠ ପ୍ରୟାସ ବୋଲି ପ୍ରକାଶ କରିଥିଲେ। ପରେ ବିଭିନ୍ନ ଦିବସର ୨୦ରୁ ଊର୍ଦ୍ଧ୍ୱ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟରେ ସମାଜ ସଂସ୍କାର ଧର୍ମ ନାଟକ ପେଟେଣ୍ଟ ମେଡିସିନ୍ ଓ ପାରମ୍ପରିକ ଘୋଡା ନାଚ ରଜ ପ୍ରେମୀଙ୍କ ମନ କିଣିଥିଲା। ଚଳିତ ବର୍ଷ ମଞ୍ଚରେ ରଜରାଣୀ ଭାବେ ସୁଶ୍ରୀ ଅନୁରାଧା ପାଲ୍ ବିଜୟ ମକୁଟ ପିନ୍ଧିଥିଲା ବେଳେ ତୁଳସୀ କନ୍ୟାଭାବେ ବରିଷ୍ଠ ବିଭାଗରେ ପ୍ରାଚୀ ପ୍ରିୟଦର୍ଶିନୀ ପାଲ୍ ଓ କନିଷ୍ଠ ବିଭାଗରେ ବନ୍ଦିତା ପଟ୍ଟନାୟକ ବିଜୟ ମକୁଟ ପିନ୍ଧିଥିଲେ। ଅମ୍ବିକା ଦେବତାଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କାର ୩ ବିଜୟିନୀ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ଉଲ୍ଲାସ ପୃଷ୍ଟି, ଶଙ୍କର ପ୍ରଧାନ, ଚରଣ ବାରିକ ପ୍ରମୁଖଙ୍କ ସହିତ ପ୍ରତିଷ୍ଠାନର ଯୁବ ଓ ବରିଷ୍ଠ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ପ୍ରଦ୍ୟୁମ୍ନ ପ୍ରଧାନ ଧନ୍ୟବା ଦେଇଥିଲେ।

### ପଲିଥିନ, ପ୍ଲାଷ୍ଟିକ ରୋକିବାକୁ ବିଏମ୍‌ସିର ପଦକ୍ଷେପ

**ଭୁବନେଶ୍ୱର,୧୮।୬(ବ୍ୟୁରୋ):** ବାରମ୍ବାର ବାରଣ ସତ୍ତ୍ୱେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରିଙ୍କୁ କଡା ଚେତାବନୀ। ବର୍ତ୍ତମାନ ଏହି ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରକାରୀଙ୍କୁ ଧରିବାକୁ ଭୁବନେଶ୍ୱର ମହାନଗର ନିଗମର ଜୋନାଲ ଡେପୁଟି କମିଶନରମାନଙ୍କ ଅଧୀନରେ ଗଠିତ ହେବ ସ୍ୱତନ୍ତ୍ର ସ୍କ୍ୱାଡ। ଏଥିପାଇଁ ସମସ୍ତ ଜୋନାଲ୍ ଡେପୁଟି କମିଶନରମାନଙ୍କୁ ସହାୟତା ଦେବା ଲାଗି ଦୁଇଟି ଲେଖାଏ ସ୍କ୍ୱାଡ ତାଙ୍କୁ ସହାୟତା କରିବେ। ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନ୍ ଧରିବାକୁ ବ୍ୟବସ୍ଥା କରାଯଉଛି। ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ବୁଧବାରଏହି ସ୍କ୍ୱାଡ ପୋଲିସ ସହଯୋଗରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରିବେ। ମହାନଗର ନିଗମର ୩ ଟି ଜୋନ ବୁଧବାରଠାରୁ ଏହି ଚେଷ୍ଟା ଆରମ୍ଭ କରିବାକୁ କୁହାଯାଇଛି। ବିଶେଷକରି ମାଛ, ମାଂସ, ଖାଇବା ଦୋକାନ ଇତ୍ୟାଦିକୁ ଯାଇ ଏହି ସ୍କ୍ୱାଡ ବିଭିନ୍ନ ବ୍ୟାନ୍ ସାମଗ୍ରୀର ତନଖି କରିବେ। ଉକ୍ତ ଅଭିଯାନ ମାଧ୍ୟମରେ ବିଭିନ୍ନ ମଲ, ଦୋକାନ, ବଜାର, କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ୪୦,୦୦୦ ଟଙ୍କା ଜରିମାନା ଆଦାୟ କରାଯିବା ସାଙ୍ଗକୁ ପ୍ରାୟ ୨ କୁଇଣ୍ଟାଲ ପଲିଥିନ ଜବତ କରାଯାଇଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ଦିଗରେ ଜନସଚେତନତା ପାଇଁ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନର ସମ୍ପାଦକ, ସଭାପତିଙ୍କୁ ଆସନ୍ତା ସପ୍ତାହରେ ବିଏମ୍‌ସିକୁ ଡାକି ଟ୍ରେନିଂ ଦେବାର କାର୍ଯ୍ୟକ୍ରମ କରାଯାଇଛି।

## ୧୯୯୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ ଅନ୍ୟମାନେ।

**ବାଙ୍କୀ,୧୮।୬(ବି.ପ୍ର.)**

ବାଙ୍କୀ ବ୍ଲକ ସରଣ୍ଡାଗଡ଼ ଅଧୀନ ବନ୍ଦାଳ ଉତ୍ତର କୂଳାଟ ବିଦ୍ୟାପୀଠ ପରିସରରେ ୧୯୯୧ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଘ ସଭାପତି ଜୟନ୍ତ ବେଉରାଙ୍କ ସଭାପତିତ୍ୱରେ ଉତ୍ସବ ସଞ୍ଚାଳିତ ହୋଇଥିଲା। ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପରିଡା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ କୃଷ୍ଣଚନ୍ଦ୍ର ଖଟୁଆ, ପବିତ୍ର ମୋହନ ପ୍ରଧାନ, ପଦ୍ମଚରଣ ସ୍ୱାଇଁ, ଭିକାରୀ ସାମଲ ପ୍ରମୁଖ ଯୋଗଦେଇ କର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଶିକ୍ଷକ ହେମନ୍ତ ବେହେରା, ଧର୍ମକାନ୍ତ ଦାସ, ବିଜୟ ପାଣି, ସଦାନନ୍ଦ ବେଉରା, ପବନୀ ବାରିକ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଉଦୟ ନାୟକ, ବିଜୟ ଆଚାର୍ଯ୍ୟ, ବଟକୃଷ୍ଣ ନାୟକ, ସୁଦର୍ଶନ ପାଲ, ପ୍ରକାଶ ସାହୁ, ବିରଞ୍ଚି ପାଢୀ, ମନମୋହନ ପାଲ, ରତୀକାନ୍ତ ନାୟକ, ଯଶୋଦା ବେହେରା, କବିତା ରାଉତ, ରାକ୍ଷୀ ସେଠୀ, ଝିଲ୍ଲୀ ବେହେରା ଓ ଶୁଶାନ୍ତ ମହାରଣା ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ।

## ସାଲେପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ବିଧାୟକ ଓ ଅନ୍ୟମାନେ।

**ସାଲେପୁର,୧୮।୬(ଡି.ଏନ.ଏ.)**

ସାଲେପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ୍ ସମ୍ମିଳନୀ କକ୍ଷରେ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ବେହେରା ଯୋଗଦେଇ ଏହା ସମ୍ବର୍ଦ୍ଧନା ସଭା ନୁହେଁ, ସଂକଳ୍ପ ସଭା ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ଲକ୍ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ ଦାଶ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଅତିରିକ୍ତ ତହସିଲଦାର ସମୀର ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଡିଓ କିଶୋର କୁମାର ପଣ୍ଡା ବିଧାୟକ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ୍‌ର ସମସ୍ତ କର୍ମଚାରୀ ମଧ ବିଧାୟକ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟଙ୍କ ସହ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଦ୍ୱୀପାଞ୍ଚଳ ବିଜେଡି ନେତା ଚିତ୍ତରଞ୍ଜନ ପୁହାଣ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ପିକୋଳ ସରପଞ୍ଚ ରଣଜିତ୍ ଦାସ, ଯୁବନେତା ସଞ୍ଜୟ କୁମାର ବେହୁରା, ରାଜେଶ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ସାଲେପୁର ତହସିଲ ପରିସରରେ ଆଇନ୍ ସହାୟତା କେନ୍ଦ୍ରକୁ ବିଧାୟକ ବେହେରା ଉଦ୍‌ଘାଟନ କରିଥିଲେ।

■ ବାଲିଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟ, ଗୀତର ମଜାନେଲେ ଦର୍ଶକ

**ନେମାଳ,୧୮।୬(ଡି.ଏନ.ଏ.)**

ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟବୋର୍ଡ ଓ ନେମାଳ ପ୍ରେସ୍ କ୍ଲବ ମିଳିତ ଆନୁକୂଲ୍ୟରେ ନେମାଳ ଚିତ୍ରୋତ୍ପଳା ନଦୀ ଗର୍ଭରେ ଚାଲିଥିବା ବାଲିଯାତ୍ରା ମହୋତ୍ସବର ୨ୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ବହୁ ଜନ ସମାଗମ ହୋଇଥିଲା। ଦର୍ଶକ ମହାପୁରୁଷଙ୍କୁ ଦର୍ଶନ କରିବା ସହ ବାଲିଯାତ୍ରାରେ ପାରମ୍ପରିକ ନୃତ୍ୟ, ଗୀତ, ରଜ ଦୋଳି ଓ ଫାଷ୍ଟଫୁଡ୍‌ର ଭରପୁର ମଜା ନେଇଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ପାରମ୍ପରିକ ନୃତ୍ୟ ଗୀତ, ସମଗ୍ର ବାଲିଯାତ୍ରା ପଡ଼ିଆକୁ ଉତ୍ସବ ମୁଖର କରିଥିଲା। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଦୋଳିର ମଜା ନେଇଥିଲେ। ପଡିଆରେ ବାଲୁକା ଶିଳ୍ପୀଙ୍କ କଳାକୃତି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଓର୍‌ମାସ୍ ପକ୍ଷରୁ ବହୁ ଷ୍ଟଲ ଖୋଲାଯାଇଥିବାବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନେକ ବ୍ୟବସାୟ ଆସି ପସରା ମେଲାଇଛନ୍ତି। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା ଓ ନୃତ୍ୟ ଗୀତର ଆସର ଦର୍ଶକଙ୍କୁ ବାନ୍ଧି ରଖିଥିଲା। କେବଳ ଏତିକି ନୁହେଁ ମୀନା ବଜାର ସାଙ୍ଗକୁ ହରେକମାଲ ଦୋକାନରେ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କଟକ ବାଲିଯାତ୍ରା ପରି ଏଠାରେ ଠୁଙ୍କାପୁରୀ, ଦୋଷା, ଚାଓମିନ୍ ସାଙ୍ଗକୁ ଗୁପଚୁପ ପାଖରେ ଦର୍ଶକଙ୍କ ଭିଡ ଦେଖାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ଦର୍ଶନ କରି ପ୍ରଭୁଙ୍କ ପ୍ରସିଦ୍ଧ ଦୋପାଗୀ ଉଖୁଡା ପାଇ ଆନନ୍ଦିତ ହୋଇଥିଲେ। ସୋମବାର ଏହି ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବାଲିଯାତ୍ରା ମହୋତ୍ସବ କମିଟି ଅଧ୍ୟକ୍ଷ ବିନୟ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବାବା ବ୍ରହ୍ମାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଅତିରିକ୍ତ ଜିଲାପଳ ସୁକାନ୍ତ ପ୍ରଧାନ, ବିଶିଷ୍ଟ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ ଜେନା, ସମ୍ମାନିତ ଅତିଥି ତହସିଲଦାର ଜିତେନ୍ଦ୍ର ପାତ୍ର, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ପ୍ରଧାନ, ପ୍ରସନ୍ନ ବେଉରା ଓ ପ୍ରସନ୍ନ ପଡିହାରୀ ପ୍ରମୁଖ ଯୋଗ ଦେଇଥିଲେ।



ନୃତ୍ୟ ସଙ୍ଗୀତ ପରିବେଷଣ କରୁଥିବା କଳାକାରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।




ବାଲିଯାତ୍ରା ପଡ଼ିଆରେ ଲାଗିଥିବା ବିଭିନ୍ନ ଦୋଳି ନିକଟରେ ଲୋକଙ୍କ ଭିଡ଼।



ମନୁଷ୍ୟର ପ୍ରକୃତି ହେଲା ଅନ୍ୟ ବିଷୟରେ ଠିକ୍ କଥା କହିବ, ନିଜ ବେଳକୁ ଭୁଲ୍ କାମ କରୁଥିବା।
-ଏଜ୍‌ଗାର୍ଡ ଭାରେସେସ୍



## ସଂକ୍ଷେପରେ



### କୋଣାର୍କ ନାଟ୍ୟମଣ୍ଡପରେ ରଜ ଉତ୍ସବ

**କୋଣାର୍କ, ୧୮।୬(ଡି.ଏନ୍.ଏ.):** ସ୍ୱର୍ଗତ ଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ରଜ ଉତ୍ସବ ମହା ସମାରୋହରେ ଆୟୋଜିତ ହୋଇଯାଇଛି। ଏଥିରେ ନୃତ୍ୟାନୁଷ୍ଠାନର ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷ ଡି. ମାଲେଶ୍ୱର ରାଉ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ଗୁରୁ ପ୍ରଧାନଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ, ଅଖିଳ ଭାରତ ପୁରାତତ୍ତ୍ୱ ସେବା କର୍ମଚାରୀ ଓ ଶ୍ରମିକ ସଂଘର ରାଷ୍ଟ୍ରୀୟ ସଭାପତି ସୁବାସ ନାୟକ ଓ କୋଣାର୍କ ହୋଟେଲ ଆସୋସିଏଶନର ସଭାପତି ବାଦଲ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଦିବଂଗତ ଗୁରୁ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଘଣ୍ଟ, ମର୍ଦ୍ଦଳ ଓ ଶଙ୍ଖ ଧ୍ୱନିର ତାଳେ ତାଳେ ଉତ୍ସବର ଉଦ୍‌ଘାଟନ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। କୋଣାର୍କ ନାଟ୍ୟମଣ୍ଡପର କଳାକାରମାନେ ଚଉରାବନ୍ଦନା, ସ୍ଥାୟୀ, ଓଡ଼ିଶା, ଆମ ଓଡ଼ିଶା, ନବଦୁର୍ଗା, ଯାତ୍ରା ବାରମାସୀ, ସୁନ୍ଦରୀ ଓଡ଼ିଶା, ରଜ ଗୀତ, ସମ୍ବଲପୁରୀ ନୃତ୍ୟ, ଜାଇଫୁଲରେ ଓ ତାଳ ଖାଇ ନୃତ୍ୟ ପରିବେଷଣ କରି ରଜ ମଉଜରେ ସମବେତ ଦର୍ଶକଙ୍କୁ ଉଲ୍ଲସିତ କରିଥିଲେ।

### ବାଇକ୍‌କୁ ପିଟିଲା ଟ୍ରାକ୍ଟର: ବାଇକ ଚାଳକ ଗୁରୁତର

**ବ୍ରହ୍ମଗିରି, ୧୮।୬(ଡି.ଏନ୍.ଏ.):** ପୁରୀ ସାତପଡା ରାଜରାସ୍ତାର ହାତିଆ ମଶାଣି ଛକଠାରେ ମଙ୍ଗଳବାର ଏକ ଟ୍ରାକ୍ଟର ବାଇକକୁ ଧକ୍କା ଦେଇଛି। ଏଥିରେ ବାଇକ ଚାଳକ ଗୁରୁତର ହେବାରୁ ତାଙ୍କୁ ପୁରୀ ସଦର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦେକୁଦୀ ଗ୍ରାମର ଜମ୍ବେଶ୍ୱର ବେହେରା ଓଆର୧୩ଏ-୭୩୩୬ ନମ୍ବର ବାଇକ ଯୋଗେ ବାଲି ହରଚଣ୍ଡୀପୀଠରୁ ବ୍ରହ୍ମଗିରି ଆସୁଥିବା ସମୟରେ ଅପରପାର୍ଶ୍ୱରୁ ଓଡି୧୩ବି-୭୭୬୪ ଟ୍ରାକ୍ଟର ଦୃତ ଗତିରେ ଯାଇ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଜମ୍ବେଶ୍ୱରଙ୍କର ଗୋଡ ଭାଙ୍ଗି ଗୁରୁତର ହୋଇଥିବା ଜଣାପଡିଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି। ଏ ନେଇ ଜମ୍ବେଶ୍ୱରଙ୍କ ପୁତୁରା ସରୋଜ ବେହେରା ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

### ଦ୍ୱାରକାନାଥ ଦାସ ସ୍ମୃତି ସମ୍ମାନ ପ୍ରଦାନ

**ପୁରୀ ଅଫିସ, ୧୮।୬:** ଆଇନଜୀବୀ ତଥା ସାମାଜିକ କର୍ମୀ ଦ୍ୱାରକାନାଥ ଦାସଙ୍କ ତ୍ରିଂଶ ଶ୍ରାଦ୍ଧବାର୍ଷିକୀ ସଭା ସୋମବାର ନାରୀସେବା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ରାଧାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ପାତ୍ର ମୁଖ୍ୟବକ୍ତା, ବିଶ୍ୱନାଥ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ଦ୍ୱାରକାନାଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଡ. ପ୍ରସନ୍ନ କୁମାର ମହାପାତ୍ର, ସେବା କ୍ଷେତ୍ରରେ ସ୍ୱର୍ଣ୍ଣଲତା ନାୟକ, ସାହିତ୍ୟ କ୍ଷେତ୍ରରେ ଡ. ଶ୍ରୀନିବାସ ଆଚାର୍ଯ୍ୟ, କଳା କ୍ଷେତ୍ରରେ କୃଷ୍ଣ କୁମାର ଦାସ, ଆଇନ କ୍ଷେତ୍ରରେ ଜୟଦେବ ମିଶ୍ର ସମ୍ମାନିତ ହୋଇଥିଲେ। ରମାଦେବୀଙ୍କ ଦ୍ୱାରା ଲିଖିତ କବିତା ସଙ୍କଳନ ଅଭୀପ୍ସିତା ଉନ୍ମୋଚିତ ହୋଇଥିଲା। କବି ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ଅଞ୍ଜନ କୁମାର ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଡ. ପୂର୍ଣ୍ଣେନ୍ଦୁ ଦାସ, ଇଂ. ଅମର ଦାସ, ବିପିନ ବିହାରୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରୀଡ଼ା ଭିତ୍ତିଭୂମି ବିକାଶକୁ ପ୍ରାଥମିକତା

■ ମୋବାଇଲ ଛାଡ଼, ଖେଳ ପ୍ରତି ଦୃଷ୍ଟି ଦିଅ
■ ୩୧୪ ବ୍ଲକ, ଏନ୍‌ଏସିରେ ହେବ ମିନି ଷ୍ଟାଡିୟମ
■ ଜାଗା ଆଖଡ଼ାର ପୁନରୁଦ୍ଧାର କରାଯିବ
■ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକ୍ଷମ ଦାବି

**ପୁରୀ ଅଫିସ,୧୮।୬**

ଓଡ଼ିଶାରେ କ୍ରୀଡ଼ାର ବିକାଶ ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହକି ୱାର୍ଲ୍ଡ କପ୍‌ର ସଫଳତା ପରେ ବିଶ୍ୱରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବାତ୍ୟା ଫନୀରେ ପୁରୀ ଜିଲା କ୍ରୀଡ଼ା ଛାତ୍ରାବାସ ନଷ୍ଟ ହୋଇଛି। ଏହାର ପୁନରୁଦ୍ଧାର ଲାଗି ଏଷ୍ଟିମେଟ ସରିଛି। ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ। ବାତ୍ୟା ପରେ ଓଡ଼ିଶାର ସମସ୍ତ ଜିଲା ସ୍ତରରେ ଥିବା ଷ୍ଟାଡିୟମ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହୋଇଛି। ପୁରୀ ଜିଲାରେ କ୍ରୀଡ଼ାର ବିକାଶକୁ ପ୍ରାଥମିକତା ଦିଆଯିବ। ଏଥିସହ ପାରମ୍ପରିକ କ୍ରୀଡ଼ାର ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖେଳୁଥିବା ଖେଳାଳିଙ୍କୁ ସରକାରୀ ପ୍ରୋତ୍ସାହନ ଏବଂ ନିଯୁକ୍ତି ସୁଯୋଗ ନିମନ୍ତେ ବ୍ୟବସ୍ଥା କରାଯିବ। ରାଜ୍ୟର ୩୧୪ ବ୍ଲକ ଏବଂ ଏନ୍‌ଏନସିରେ ମିନି ଷ୍ଟାଡିୟମ ନିର୍ମାଣ ଲାଗି ସରକାରଙ୍କ ପକ୍ଷରୁ ୨୦ ଏବଂ ସ୍ଥାନୀୟ ବିଧାୟକ ଓ ସାଂସଦ ପାଣ୍ଠିରୁ ୫ଲକ୍ଷ ଏଭଳି ମୋଟ ୨୫ଲକ୍ଷ ଟଙ୍କାର ପ୍ରସ୍ତାବ ରହିଛି। ପୁରୀ ସହରର ଜାଗା ଆଖଡ଼ା ହେଉଛି ଶ୍ରୀକ୍ଷେତ୍ରର ଅନନ୍ୟ ସଂସ୍କୃତି। ଏଠାକାର ପାରମ୍ପରିକ କଳା ଓ



ଆଲୋଚନାଚକ୍ରରେ ଉପସ୍ଥିତ କ୍ରୀଡ଼ାମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନେ।

କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପୁରୀ ସ୍ପୋର୍ଟସ୍ ଆଇକନ୍ ପକ୍ଷରୁ ମଙ୍ଗଳବାର କ୍ରୀଡ଼ାର ବିକାଶ ଶୀର୍ଷକ ଏକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଏହା କହିଛନ୍ତି। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା କହିଲେ, କ୍ରୀଡ଼ାରେ ସଫଳତା ଲାଗି ନିଷ୍ଠା ଓ ଏକାଗ୍ରତା ଆବଶ୍ୟକ। ଏଥିଲାଗି ମା'ବାପା, ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାଙ୍କ ହାତରେ ମୋବାଇଲ ଫୋନ୍ ଦେବା ପରିବର୍ତ୍ତେ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟରେ କ୍ରୀଡ଼ା ଭିତ୍ତିଭୂମି ସଜାଡିବା ଲାଗି ରାଜ୍ୟର ଦକ୍ଷତା ସମ୍ପନ୍ନ କ୍ରୀଡ଼ା ଶିକ୍ଷକ (ପିଇଟି)ଙ୍କୁ ପ୍ରଶିକ୍ଷଣ ଦିଆଯିବ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର ଯୋଗଦେଇ କହିଲେ ଯେ, ପୁରୀ ସହର ହେଉଛି କ୍ରୀଡ଼ାର ଅନ୍ତୁଡ଼ିଶାଳ। ମାତ୍ର ଏଠାରେ କ୍ରୀଡ଼ା ଭିତ୍ତିଭୂମି ନାହିଁ। ଦୀର୍ଘବର୍ଷ ଧରି ଜିଲା କ୍ରୀଡ଼ା ସଂସଦ ସ୍ଥାଣୁ ପାଲଟିଛି। ସଦସ୍ୟ ଗ୍ରହଣ କରାଯାଉନାହିଁ। ଦୀର୍ଘ ବର୍ଷ ଧରି ଏହାର ନିର୍ବାଚନ ଅନୁଷ୍ଠିତ ହୋଇନାହିଁ। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଯିବା ଲାଗି ସେ ଦାବି କରିଥିଲେ। ଏଥିସହ ଜାଗା ଆଖଡ଼ାର ପୁନରୁଦ୍ଧାର ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା କ୍ରୀଡ଼ାଧିକାରୀ ଚନ୍ଦନ ସାହୁ କହିଥିଲେ, ବାତ୍ୟାରେ କ୍ରୀଡ଼ା ଛାତ୍ରାବାସ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ପୁନରୁଦ୍ଧାର ଲାଗି ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଖୁବ୍‌ଶୀଘ୍ର ଏହାର ମରାମତି କାମ ଆରମ୍ଭ ହେବ। ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଇନଡୋର ହଲ୍ ଆସନ୍ତା ଡିସେମ୍ବର ସୁଦ୍ଧା ହସ୍ତାନ୍ତରିତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଉଟଡୋର ନିର୍ମାଣ କାର୍ଯ୍ୟ ମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ାବିତ୍ ଶକ୍ତି ପ୍ରସାଦ ମିଶ୍ର, ଡ. ନୀଳମାଧବ ନନ୍ଦ, ଭଗବାନ ମହାସୁଆର, ଖବରଦାତା ଜଗନ୍ନାଥ ବସ୍ତିଆ, କୋଚ ପ୍ରଦୀପ ସାହୁ ଏବଂ ଶୁଭେନ୍ଦୁ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ସବ୍ୟସାଚୀ ରଥ ପରିଚାଳନା କରିଥିଲେ। ଏଥିରେ ବହୁ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

■ନାବାଳିକା ଗର୍ଭବତୀ ହେବା ପରେ ଯୁବକ ଫେରାର

# ନ୍ୟାୟ ପାଇଁ ପୋଲିସ କମିଶନରଙ୍କ ଦ୍ୱାରସ୍ଥ

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ଜଣେ ୧୭ ବର୍ଷର ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ ଯୁବକ। ବିବାହ କରିବାକୁ କହି ନିଜ ଘରକୁ ନେଇଯାଇଥିଲେ। ହେଲେ ଘର ଲୋକେ ତଡ଼ି ଦେବାରୁ ଉଭୟେ ୫ମାସ ହେବ ବାହାରେ ଘର ଭଡ଼ା ନେଇ ଏକାଠି ରହୁଥିଲେ। ହେଲେ ନାବଳିକା ଜଣକ ବର୍ତ୍ତମାନ ୭ ମାସର ଗର୍ଭବତୀ ଥିବାବେଳେ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ଥାନା ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶେଷରେ ପୀଡିତା ନାବାଳିକା ଜଣକ ପରିବାର ଲୋକଙ୍କ ସହ ନ୍ୟାୟ ପାଇଁ ମଙ୍ଗଳବାର ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ମୁତାବକ, ନାବାଳିକାଙ୍କ ଘର ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରେ। ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିବା ବିକ୍ରମ ବେହେରା ଉକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବାକୁ କହିଥିଲେ। ହେଲେ ନାବାଳିକାଙ୍କ ପରିବାର ଲୋକେ ରାଜି ନ ହେବାରୁ ବିକ୍ରମ ଗତ ନଭେମ୍ବରରେ ତାଙ୍କୁ ଭୁବନେଶ୍ୱରର ଏୟାରଫିଲ୍ଡ ଥାନାଞ୍ଚଳରେ ଥିବା ନିଜ ଘରକୁ ନେଇଯାଇଥିଲେ। କିଛିଦିନ ପରେ ବିକ୍ରମଙ୍କ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ। ପରେ ବିକ୍ରମ ଉକ୍ତ ନାବାଳିକାଙ୍କ ସହ ପୁରୀରେ ଘରଭଡା ନେଇ ରହିଲେ। ପ୍ରାୟ ୧୫ ଦିନ ସାଙ୍ଗରେ ରହିବା ପରେ ବିକ୍ରମ ଅଫିସ କାର୍ଯ୍ୟରେ ଘରୁ ବାହାରି ଆଉ ଫେରି ନ ଥିଲେ। ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ଥିବାରୁ ନାବାଳିକା ଜଣକ ତାଙ୍କ ମା'ଙ୍କୁ ସବୁକଥା ଜଣାଇ ବିକ୍ରମଙ୍କ ଘରେ ପହଞ୍ଚିଥିଲେ। ହେଲେ ବିକ୍ରମଙ୍କ ପରିବାର ଲୋକେ ମାଡ଼ ଧମକ ଦେଇ ତଡ଼ିଦେଇଥିଲେ। ନାବାଳିକା ଜଣକ ଏକାଧିକ ଥାନାକୁ ଯାଇଥିଲେ ମଧ୍ୟ କେହି ଅଭିଯୋଗ ରଖି ନ ଥିଲେ। ଶେଷରେ ଏୟାରଫିଲ୍ଡ ଥାନା ପୋଲିସ ଗତ ମାର୍ଚ୍ଚ ୨୯ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଜଣକ ଖୁଲମ୍‌ଖୁଲା ବୁଲିବା ସହ ନିଜ ଘରକୁ ମଝିରେ ମଝିରେ ଯିବାଆସିବା କରୁଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରୁନି। ଅନ୍ୟପକ୍ଷରେ ନାବାଳିକ ଜଣକ ଗର୍ଭବତୀ ହେବା ପରେ ପରିବାର ଲୋକେ ମଧ୍ୟ ଅଣଦେଖା କରୁଛନ୍ତି। ତେଣୁ ସମାଜରେ ବଞ୍ଚିବା ପାଇଁ ତାଙ୍କୁ ଏକ ପରିଚୟ ପ୍ରଦାନ କରାଯାଉ। ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେ ଗଣମାଧ୍ୟମ ନିକଟରେ ନିବେଦନ କରିଛନ୍ତି। ଏ ନେଇ ଡିସିପି ଅନୁପ ସାହୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ।

# ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**କୋଣାର୍କ, ୧୮।୬(ଡି.ଏନ୍.ଏ.)**

କୋଣାର୍କଥାନା ଅଧୀନ ଅଚ୍ୟୁତପୁର ପଞ୍ଚାୟତ ଖରାଗାଁ ଗ୍ରାମର ୧୨ନଂ ଓ ୧୩ନଂ ୱାର୍ଡର ବାତ୍ୟା କ୍ଷତିଗ୍ରସ୍ତ ଜନସାଧାରଣ ନ୍ୟାୟ ପାଇଁ ମଙ୍ଗଳବାର ପୁରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ପ୍ରଳୟଙ୍କରୀ ବାତ୍ୟା ଫନୀରେ ବାସହରା ହୋଇଥିବା ହିତାଧିକାରୀମାନେ ଦେଢମାସ ପରେ ମଧ୍ୟ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଦୁଇ ୱାର୍ଡ ବାସିନ୍ଦା ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ସ୍ୱଚ୍ଛଭାରତ ମିଶନରେ ଘରୋଇ ସୌଚାଳୟ ନିର୍ମାଣ କରିଥିବା ହିତାଧିକାରୀଧମାନେ ବିଲ୍ ପାଇ ନ ଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଖରାଗାଁ ଗ୍ରାମର ଅମରେଶ୍ୱର ବେହେରା, ପବିତ୍ର ଓଝା, ନବଘନ ମଲ୍ଲିକ, ଲକ୍ଷ୍ମୀଧର ସାମନ୍ତରାୟ, ସନା ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି ।

### ସଂସଦୀୟ କ୍ଷେତ୍ରର ସମୀକ୍ଷା ବୈଠକ

**ନିମାପଡ଼ା,୧୮।୬(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କଲ୍ୟାଣମଣ୍ଡପରେ ଭାଜପା ପକ୍ଷରୁ ମଙ୍ଗଳବାର ଜଗତ୍‌ସିଂହପୁର ଲୋକ ସଭା ସଂସଦୀୟ କ୍ଷେତ୍ରର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦୀୟ କ୍ଷେତ୍ରର ସହପ୍ରଭାରୀ ସୁକାନ୍ତ ବିଶ୍ୱାଳ ଅଧକ୍ଷତା କରିଥିଲେ। ଜଗତ୍‌ସିଂହପୁର ଲୋକ ସଭା ଆସନର ପରାଜିତ ଭାଜପା ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଛବି ମଲ୍ଲିକ, କାକଟପୁର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ରବି ମଲ୍ଲିକ, ନିମାପଡ଼ା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ପ୍ରଭାତୀ ପରିଡା, ପ୍ରବକ୍ତା ନ୍ୟାୟବ୍ରତ ରାଉତ, ରାଜ୍ୟ ସମୀକ୍ଷକ ସମୀର ମହାନ୍ତି, ଭାଜପା ପୁରୀ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଭଗବାନ ମିଶ୍ର, ପଦାଧିକାରୀ, ମଣ୍ଡଳ ସଭାପତିମାନେ ଯୋଗଦେଇଥିଲେ। ଦଳୀୟ ପ୍ରାର୍ଥୀଙ୍କ ପରାଜୟ କାରଣ ସମ୍ପର୍କରେ ସମୀକ୍ଷା କରାଯିବା ସହ ଜୁଲାଇ ୬ରୁ ଆରମ୍ଭ ହେଉଥିବା ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ।

■ଜିମ୍ନାଷ୍ଟିକ ଶିବିର ଉଦ୍‌ଯାପିତ

# ନିଷ୍ଠା, ଏକାଗ୍ରତା ଦ୍ୱାରା ମିଳେ ସଫଳତା





ଶିବିରରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ।

**ପୁରୀ ଅଫିସ,୧୮।୬**

ଝାଡ଼େଶ୍ୱରୀ କ୍ଲବ ଆନୁକୂଲ୍ୟରେ ଗତ ଏକମାସ ଧରି କ୍ଲବ ପରିସରରେ ଚାଲିଥିବା ଗ୍ରୀଷ୍ମକାଳୀନ ଜିମ୍ନାଷ୍ଟିକ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇ ନିଷ୍ଠା ଓ ଏକାଗ୍ରତା ଦ୍ୱାରା ସଫଳତା ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ପ୍ରଶାସକ କୃଷ୍ଣଚନ୍ଦ୍ର ପଣ୍ଡା, ଓଡ଼ିଶା ସଫ୍ଟବଲ ସଂଘ ସଭାପତି ପ୍ରେମାନନ୍ଦ ବେହେରା, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଓଡ଼ିଶା ଖୋଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିମ୍ନାଷ୍ଟିକ କୋଚ୍ ଆର୍. ମୋହନ, କାଶୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିବିରର ସମସ୍ତ ୬୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ଲବ ସମ୍ପାଦକ ପାର୍ଥସାରଥି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିମ୍ନାଷ୍ଟିକ କୋଚ୍ ସଞ୍ଜୟ ମିଶ୍ର ଓ ଫିଟ୍‌ନେସ କୋଚ୍ ଜିତେନ୍ଦ୍ରନାଥ ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସୁନାଚେନ, ମୋବାଇଲ ଲୁଟ୍: ୨ଗିରଫ

**ପୁରୀ ଅଫିସ,୧୮।୬**

ଭକ୍ତଙ୍କଠାରୁ ସୁନାଚେନ ଓ ମୋବାଇଲ ଫୋନ୍ ଲୁଟ ଘଟଣାରେ ପୋଲିସ ମଙ୍ଗଳବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଶିଲ ଶର୍ମା ଏବଂ ସିଦ୍ଧମହାବୀର ଅଞ୍ଚଳର ରଞ୍ଜନ କୁମାର ବେହେରା। ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ରାଜେଶ ଶର୍ମା ଓ ତାଙ୍କର ଦୁଇଜଣ ବନ୍ଧୁ ସୋମବାର ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରୁଥିଲେ। ଏହି ସମୟରେ ରାଜେଶଙ୍କ ପକେଟରୁ ମୋବାଇଲ ଫୋନ୍ ଝାମ୍ପି ନେଇଥିଲେ ରଞ୍ଜନ। ସେଠାରେ ଉପସ୍ଥିତ ଥିବା ସାଦା ପୋଷାକଧାରୀ ପୋଲିସ ତାଙ୍କୁ କାବୁ କରି ଥାନାରେ ଜିମା ଦେଇଥିଲେ। ସେହିପରି ସିଂହଦ୍ୱାର ପାଖ ବ୍ୟାରିକେଡରେ ବୀରପ୍ରତାପପୁର ଗ୍ରାମର ଜଣେ ଯୁବକଙ୍କଠାରୁ ସୁନାଚେନ୍ ଲୁଟ ଘଟଣାରେ ସୁଶିଲଙ୍କୁ ଗିରଫ କରାଯାଇଛି।





ସାକ୍ଷୀଗୋପାଳଠାରେ ବାତ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ମଙ୍ଗଳବାର ସତ୍ୟବାଦୀ ବିଧାୟକ ଏବଂ ଅନ୍ୟମାନେ ଋଣ ପ୍ରଦାନ କରୁଛନ୍ତି।

### ସରିଲା ନାମଯଜ୍ଞ

**ପୁରୀ ଅଫିସ,୧୮।୬**

କାଶ୍ୟପ ଗୋତ୍ରୀ ତନ୍ତିକୂଳ ନଶହ ଘର ସମିତି ପକ୍ଷରୁ ପୋଲିସ ଲାଇନ ନିକଟ କଡ଼ାକିଆ ତନ୍ତୀମଠରେ ତିନିଦିନ ବ୍ୟାପୀ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ନାମ ସଂକୀର୍ତ୍ତନ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶତାଧିକ ତନ୍ତୀ ଯୋଗଦେଇଥିଲେ। ସୁରେନ୍ଦ୍ର ନାଥ ଭୂୟାଁ, ନାରାୟଣ ପ୍ରସାଦ ଦାସ, ରବି ଜେନା, ଗଙ୍ଗାଧର ଗିରି, ନନ୍ଦକିଶୋର ସାହୁ, ହରେକୃଷ୍ଣ ଘଡେଇ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ସତ୍ୟବାଦୀରେ କଳା ପଲସର ଆତଙ୍କ

# ଲୁଟର ଶିକାର ହେଲେ ମହିଳା

**ସାକ୍ଷୀଗୋପାଳ, ୧୮।୬(ଡି.ଏନ୍.ଏ)**

ଦିନ ଦ୍ୱିପ୍ରହରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ କଳା ପଲସରରେ ଆସି ଲୁଟେରାମାନେ ଆତଙ୍କ ଚଳାଇଛନ୍ତି। ମଙ୍ଗଳବାର ପିପିଲି ଦନାପଡା ଗ୍ରାମରୁ ଏକ ବାଇକ୍ ପଛରେ ବସି ପୁରୀ ଯାଉଥିବା ଚାରୁବାଳା ମହାନ୍ତି ଲୁଟର ଶିକାର ହୋଇଛନ୍ତି। ଏକ କଳା ରଙ୍ଗର ପଲସର ବାଇକରେ ଦୃତଗତିରେ ଆସି ଦୁଇଜଣ ଯୁବକ ମହିଳା ଜଣଙ୍କ କାନ୍ଧରେ ପକାଇଥିବା ଭ୍ୟାନିଟି ବ୍ୟାଗଟିକୁ ଟାଣି ନେଇଥିଲେ। ଫଳରେ ମହିଳା ଜଣକ ବାଇକରୁ ତଳକୁ ଖସିପଡି ଆହତ ହୋଇଥିଲେ। ତାଙ୍କୁ



ସାକ୍ଷୀଗୋପାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଭ୍ୟାନିଟି ବ୍ୟାଗର ଫିତା ଛିଡିଯାଇ ମହିଳାଙ୍କ ହାତରେ ରହିଯାଇଥିବାବେଳେ ଲୁଟେରାମାନେ ବ୍ୟାଗଟିକୁ ଝାମ୍ପି ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ବ୍ୟାଗରେ ରହିଥିବା ୧୫ଶହ ଟଙ୍କା, ମୋବାଇଲ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିବା ମହିଳା କହିଛନ୍ତି।

■ସ୍କୁଲ ଘର ଜବରଦଖଲ ଘଟଣା

# ୪୮ ଦିନ ପରେ ବ୍ଲକ ଶିକ୍ଷାଧିକାରୀଙ୍କ ଚେତା ପଶିଲା

**ଗୋପ, ୧୮।୬(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ଫନୀରେ ଗୋପ ବ୍ଲକର ଅନେକ ପରିବାର ସମ୍ପୂର୍ଣ୍ଣ ବାସହରା ହୋଇପଡ଼ିଛନ୍ତି। ଏହିଭଳି ଗୋଟିଏ ପରିବାର ୪୮ ଦିନ ଧରି ଗଣେଶ୍ୱରପୁର ଗ୍ରାମପଞ୍ଚାୟତର ବେଣୀପୁର ପ୍ରାଥମିକ ବିଦ୍ୟାଳୟରେ ଜୋର ଜବରଦସ୍ତି ରହୁଛନ୍ତି। ଏହି ପରିବାରକୁ ବିଦ୍ୟାଳୟରୁ ବାହାର କରିବା ଲାଗି ଅନେକ ଚେଷ୍ଟା କରାଯାଇଥିଲେ ମଧ୍ୟ ସେମାନେ ଛାଡୁ ନ ଥିଲେ। ଶେଷରେ ବ୍ଲକ ଶିକ୍ଷାଧିକାରୀ ମଙ୍ଗଳବାର ଗୋପ ପୋଲିସର ସହାୟତା ନେଇଥିଲେ। ପୋଲିସ ଅପରାହ୍ନରେ ସ୍କୁଲରେ ପହଞ୍ଚି ଉକ୍ତ ପରିବାରକୁ ବୁଝାଶୁଝା କରିଥିବା ଜଣାପଡ଼ିଛି। ବେଣୀପୁର ଗ୍ରାମର ଏହି ପରିବାର ବାତ୍ୟାରେ ନିଜର ଗୃହ ହରାଇବା କାରଣରୁ ସ୍କୁଲରେ ଆସି ଆଶ୍ରୟ ନେଇଥିଲେ। ଏହି ସ୍କୁଲରେ ଆଶ୍ରୟ ନେଇଥିବା ଅନ୍ୟ ଲୋକମାନେ ପଳାଇ ଯାଇଥିଲେ ମଧ୍ୟ ଏହି ବ୍ୟକ୍ତିଜଣଙ୍କ ପିଲା ପରିବାର ସହ ସ୍କୁଲ ଘର ଛାଡ଼ି ନ ଥିଲେ। ପରେ ଗ୍ରାମବାସୀଙ୍କ ସହ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏହି ବ୍ୟକ୍ତିଙ୍କୁ ବୁଝାଇଥିଲେ ମଧ୍ୟ କୌଣସି ଫଳ ବାହାରି ନ ଥିଲା। ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଜନୈକ ବ୍ୟକ୍ତିଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେ କୌଣସି କଥା ଶୁଣି ନ ଥିଲେ। ଶେଷରେ ବ୍ଲକ ଶିକ୍ଷାଧିକାରୀ ମିଶ୍ର ବାଧ୍ୟ ହୋଇ ପୋଲିସର ସହାୟତା ନେଇଥିଲେ।

# ବାତ୍ୟା କ୍ଷୟକ୍ଷତିର ନିରପେକ୍ଷ ତଦନ୍ତ ଦାବି

**ବ୍ରହ୍ମଗିରି, ୧୮।୬(ଡି.ଏନ୍.ଏ.)**

ବାତ୍ୟାରେ ଭାଙ୍ଗିଥିବା ଘର ଗୁଡ଼ିକର ଠିକ୍ ଭାବେ ଆକଳନ କରି ରିପୋର୍ଟ ପ୍ରସ୍ତୁତ ଦାବିରେ ମଙ୍ଗଳବାର ବ୍ରହ୍ମଗିରି ବ୍ଲକର ଜନ ପ୍ରତିନିଧିମାନେ ତହସିଲ କାର୍ଯ୍ୟାଳୟ ଘେରିଥିଲେ। ଜନପ୍ରତିନିଧିମାନେ ଘରଭଙ୍ଗା ତଦନ୍ତ ତାଲିକା ସାର୍ବଜନୀନ କରିବା ପାଇଁ ଦାବି କରିଥିଲେ।

ଫନୀରେ ବ୍ରହ୍ମଗିରି ଅଞ୍ଚଳ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଥିବାବେଳେ ହଜାର ହଜାର ଲୋକଙ୍କର ଘର ମାଟିରେ ମିଶିଯାଇଛି। ପ୍ରଶାସନ କ୍ଷୟକ୍ଷତିର ତଦନ୍ତ ଆରମ୍ଭ କରିଥିଲେ ବି କେତେଜଣ ଦଲାଲଙ୍କ ଯୋଗୁ ଏହା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଥିଲା। ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବାନେଇ ଅଭିଯୋଗ ମଧ୍ୟ ଆସିଥିଲା। ଏହି ତଦନ୍ତ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ଗୋଟିଏ ପଞ୍ଚାୟତକୁ ଯାଞ୍ଚ କରି ପ୍ରକୃତ ହିତାଧିକାରୀ ବାଦ୍ ପଡିଛନ୍ତି ନା ନାହିଁ ଜଣା ପଡିବା ପରେ ଅନ୍ୟ ପଞ୍ଚାୟତ ଯାଞ୍ଚ କରାଯିବ। ଏହି ଯାଞ୍ଚ ଦଳରେ ତହସିଲଦାର, ରାଜସ୍ୱ ନୀରିକ୍ଷକ, ପଞ୍ଚାୟତ ଜନପ୍ରତିନିଧି ମାନେ ଯୋଗ ଦେବେ ବୋଲି ଜଣାପଡିଛି। ସେହିପରି ଅଖିଳଭାରତ ନଡିଆ ଚାଷୀ ସଂଗଠନ, ଓଡିଶା କୃଷକ ସଭା ଓ ଜୀବନ ଜିବିକା ପରିବେଶ ସୁରକ୍ଷା ସମିତି ନେତୃତ୍ୱରେ ବ୍ରହ୍ମଗିରି ରେବଣାନୂଆଗାଁ ହର୍ଟିକଲ୍‌ଚର କାର୍ଯ୍ୟାଳୟଠାରେ ପହଞ୍ଚି ଆମ୍ବ, ନଡିଆ, କାଜୁ, ପଣସ, ସମେତ ବାତ୍ୟାରେ ଉଜୁଡିଥିବା ଫସଲର ସହାୟତା ପାଇବା ନିମନ୍ତେ ଫର୍ମ ପ୍ରଦାନ କରିଥିଲେ। କ୍ଷତି ହୋଇଥିବା ନଡିଆଗଛ ପ୍ରତି ୬ ହଜାର, ଆମ୍ବ, କାଜୁ ହେକ୍ଟର ପିଛା ୧ ଲକ୍ଷ, ପନିପରିବା କ୍ଷତି ପାଇଁ ଏକର ପ୍ରତି ୫୦ ହଜାର ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଚାଷୀ ମାନଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ଦେବାକୁ ଦାବି ପତ୍ର ପ୍ରଦାନ କରିଥିଲେ। ନଡିଆ ଚାଷୀ ସଂଗଠନର ସମ୍ପାଦକ ତପନ କୁମାର ଉପାଧ୍ୟାୟ, ଓଡିଶା କୃଷକ ସଭାର ସମ୍ପାଦକ ଭୀମସେନ ସ୍ୱାଇଁ, ଜୀବନ ଜୀବିକା ପରିବେଶ ସୁରକ୍ଷା ସମିତିର ପ୍ରତାପ ଚିନରା ପ୍ରମୁଖ ଉପସ୍ଥିତ ଥିଲେ।



ନିରପେକ୍ଷ ତଦନ୍ତ ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଜନପ୍ରତିନିଧି।